ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୫/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 25/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 63 | ମୂଲ୍ୟ₹୭/-

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

## ପରମ ପୂଜ୍ୟ
## ସ୍ୱର୍ଗତ ଶ୍ରୀ ଦୁଃଶାସନ ସାହୁ
### ଚେୟାରମ୍ୟାନ୍, ଦ ୱାର୍ଲ୍ଡ ଗ୍ରୁପ୍



(୪ ଫେବୃଆରୀ ୧୯୩୫ - ୧୫ ଜାନୁଆରୀ ୨୦୨୬)

ଓଁ ଶାନ୍ତି

ଗଭୀର ଦୁଃଖ ସହିତ ଏହା ଜଣାଇବାକୁ ଚାହୁଁଛୁ ଯେ ଯୋଡ଼ା, କେନ୍ଦୁଝରର ଜଣେ ପ୍ରମୁଖ ସାମାଜିକ ବ୍ୟକ୍ତିତ୍ୱ,
**ଶ୍ରୀ ଦୁଃଶାସନ ସାହୁ ଆମ ଗହଣରେ ଆଉ ନାହାନ୍ତି ।**
ତା୧୫.୦୧.୨୦୨୬ରିଖ ରେ, ସେ ପରଲୋକ ପ୍ରାପ୍ତ କରି ସ୍ୱର୍ଗଧାମକୁ ଗମନ କରିଛନ୍ତି ।

*"ଆପଣ ନିଜ ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ଦ୍ୱାରା ଯେଉଁ ପ୍ରେମ ଓ କରୁଣାର ଶିକ୍ଷା ଦେଇଥିଲେ,
ସେଗୁଡ଼ିକ ସଦା ଆମ ହୃଦୟରେ ସଜୀବ ରହିବ । ଆପଣ ଆମକୁ ଜୀବନର ଭଲ ଦିଗଗୁଡ଼ିକ ଦେଖିବାକୁ
ଶିଖାଇଥିଲେ ଓ ଆମକୁ ଆହୁରି ଭଲ ମଣିଷ ହେବାକୁ ପ୍ରେରିତ କରିଥିଲେ ।
ଆପଣଙ୍କ ସ୍ମିତ ହସ ସଦା ଆମ ଉପରେ ଆଲୋକିତ ରହୁ.."*

**ଶୋକାକୁଳ ପରିବାରବର୍ଗ, ଆତ୍ମୀୟସ୍ୱଜନ, ଏବଂ ଶୁଭେଚ୍ଛୁବୃନ୍ଦ ।**



ରୁଷୀୟ ସୈନ୍ୟଙ୍କ ରାତିଅଧିଆ ଆକ୍ରମଣରେ କିଭ୍‌ରେ ଜଳିଯାଇଥିବା ଏକ ଟ୍ରକ୍ ସମ୍ମୁଖରେ ଜଣେ ୟୁକ୍ରେନୀୟ ଅଗ୍ନିଶମ କର୍ମଚାରୀ। (ଫଟୋ: ରଏଟର୍ସ)

# ବଜେଟ ଅଧିବେଶନ: ୨୭ରେ କେନ୍ଦ୍ରର ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ,୨୪।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ପୂର୍ବରୁ ଆସନ୍ତା ୨୭ରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି। ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାକୁ ମିଳିତ ଭାବେ ସମ୍ବୋଧିତ କରିବା ସହ ବଜେଟ ଅଧିବେଶନ ଆରମ୍ଭ ହେବ। ସଂସଦୀୟ ଇତିହାସରେ ପ୍ରଥମ ଥର ପାଇଁ ରବିବାର ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯିବ। ଏହା ହେବ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ କ୍ରମାଗତ ନବମ ବଜେଟ ଉପସ୍ଥାପନ।

ସରକାରୀ ସୂତ୍ରରୁ ଜଣାପଡ଼ିଛି, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ଉକ୍ତ ବୈଠକ ପାର୍ଲାମେଣ୍ଟ ହାଉସ୍ ଆନେକ୍ସର ମୁଖ୍ୟ କମିଟି ରୁମ୍‌ରେ ଅନୁଷ୍ଠିତ ହେବ। ବଜେଟ ଅଧିବେଶନ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୯ରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ।

କେନ୍ଦ୍ର ସରକାର ଉପା ଅମଳର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆଇଜିଏ) ପରିବର୍ତ୍ତେ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) ଆକ୍ଟ ଆଣିଥିବାରୁ କଂଗ୍ରେସ ଏହା ବିରୋଧରେ ଦେଶବ୍ୟାପୀ ଅଭିଯାନ ଚଳାଇଥିବାବେଳେ ଏହି ଅଧିବେଶନ ଆରମ୍ଭ ହେବାକୁ ଯାଉଛି।

ସୂତ୍ରରୁ ଜଣାପଡ଼ିଛି, ଫେବୃଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ହେବ। ଜାନୁଆରୀ ୨୮ ଓ ଫେବୃଆରୀ ୧ରେ ଶୂନ୍ୟକାଳ ରହିବ ନାହିଁ। ଲୋକ ସଭାରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ସିକ୍ୟୁରିଟିଜ୍ ମାର୍କେଟ୍ସ କୋଡ୍ ଓ ସମ୍ବିଧାନର ୧୨୯ତମ ସଂଶୋଧନ ବିଧେୟକ ସମେତ ୯ଟି ବିଲ୍ ପଡ଼ିରହିଛି। ଉକ୍ତ ବିଧେୟକଗୁଡ଼ିକୁ ସଂସଦର ସ୍ଥାୟୀ କିମ୍ବା ଚୟନ କମିଟି ଦ୍ୱାରା ବର୍ତ୍ତମାନ ଯାଞ୍ଚ କରାଯାଉଛି।

# ଭାରତରେ ୱାଣ୍ଟେଡ୍: ବିଦେଶରେ ଅଛନ୍ତି ୭୧ ପଳାତକ

ନୂଆଦିଲ୍ଲୀ,୨୪।୧

ଭାରତରେ ୱାଣ୍ଟେଡ୍ ଥିବା ୭୦ରୁ ଅଧିକ ପଳାତକ ୨୦୨୪-୨୫ରେ ବିଦେଶରେ ରହିଥିବା ନେଇ ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଅବଧି ମଧ୍ୟରେ ଅନ୍ୟ ଦେଶଗୁଡ଼ିକ ଦ୍ୱାରା ୱାଣ୍ଟେଡ୍ ଥିବା ୨୦୩ ଫ୍ୟୁଜିଟିଭ୍ ଭାରତରେ ରହିଥିଲେ। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ବାର୍ଷିକ ରିପୋର୍ଟ ଅନୁସାରେ ଭାରତରେ ୱାଣ୍ଟେଡ୍ ଥିବା ମୋଟ ୭୧ ପଳାତକ ୨୦୨୪-୨୫ରେ ବିଦେଶରେ ଅବସ୍ଥାନ କରୁଥିଲେ, ଯାହାକି ବିଗତ ୧ ଦଶନ୍ଧିରେ ସର୍ବାଧିକ। ଆଲୋଚ୍ୟ ବର୍ଷରେ ୨୭ ୱାଣ୍ଟେଡ୍ ପଳାତକଙ୍କୁ ପ୍ରତ୍ୟର୍ପିତ କରି ଭାରତକୁ ଅଣାଯାଇଥିଲା। ଇଣ୍ଟରପୋଲ୍‌ର ନୋଡାଲ ପଏଣ୍ଟ ନ୍ୟାଶନାଲ ସେଣ୍ଟ୍ରାଲ ବ୍ୟୁରୋ (ଏନ୍‌ସିବି) ଭୂମିକା ନେଉଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର କାର୍ଯ୍ୟ ପଦ୍ଧତି ସମ୍ପର୍କରେ ମଧ୍ୟ ବିସ୍ତୃତ ବିବରଣୀ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୪ ଏପ୍ରିଲରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ୭୪ଟି ଲେଟର୍ସ ରୋଗାଟୋରି (ଏଲ୍‌ଆର୍) ବିଦେଶକୁ ପଠାଯାଇଥିଲା। ସେଥିରୁ ୫୪ଟି ସିବିଆଇ ମାମଲା ହୋଇଥିବାବେଳେ ୨୦ଟି ରାଜ୍ୟ ଆଇନ ପ୍ରବର୍ତ୍ତନକାରୀ ଓ ଅନ୍ୟ କେନ୍ଦ୍ରୀୟ ଏଜେନ୍ସି ସମ୍ପର୍କିତ ମାମଲା।

## ରୁଷିଆର ରାତିଅଧିଆ ଏୟାର ଷ୍ଟ୍ରାଇକ୍

# ତ୍ରିପାକ୍ଷିକ ଆଲୋଚନା ନିଷ୍ଫଳ

କିଭ୍,୨୪।୧(ରଏଟର୍ସ)

୨୦୨୨ ଫେବୃଆରୀରୁ ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମାସକ ପରେ ପଞ୍ଚମ ବର୍ଷରେ ପହଞ୍ଚିବାକୁ ଥିବାବେଳେ ସଂଘର୍ଷର ଅବସାନ ଘଟାଇବା ପାଇଁ ଆମେରିକା ଚାପରେ ଉଭୟ ପକ୍ଷ ଆଲୋଚନା ଟେବୁଲକୁ ଆସିଥିଲେ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିରେ ଶୁକ୍ରବାର ଓ ଶନିବାର ରୁଷୀୟ ଏବଂ ୟୁକ୍ରେନୀୟ କୂଟନୀତିଜ୍ଞମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କିନ୍ତୁ ଆଲୋଚନା ଜାରି ରହିଥିବାବେଳେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷୀୟ ସୈନ୍ୟ ପୁଣି ଆକ୍ରମଣ କରିଛନ୍ତି। ଏହି ଏୟାର ଷ୍ଟ୍ରାଇକ୍‌ରେ ଅନ୍ୟୂନ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଦ୍ୱିତୀୟ ବଡ଼ ସହର ଖାର୍‌କିଭ୍‌ରେ ମଧ୍ୟ ଡ୍ରୋନ୍ ଆକ୍ରମଣରେ ୨୭ ଜଣ ଆହତ ହୋଇଥିବା ସେଠାକାର ରିଜିଓନାଲ ହେଡ୍ ଓଲେହ ସିନିଏହୁବୋଭ୍ ସୂଚନା ଦେଇଛନ୍ତି। ରୁଷିଆ ପକ୍ଷରୁ କରାଯାଇଥିବା ଏହି ଆକ୍ରମଣର ପ୍ରତ୍ୟକ୍ଷ ପ୍ରଭାବ ଆବୁଧାବିରେ ଚାଲିଥିବା ତ୍ରିପାକ୍ଷିକ ଆଲୋଚନା ଉପରେ ପଡ଼ିଛି। ଆମେରିକା, ରୁଷିଆ କିମ୍ବା ୟୁକ୍ରେନ୍ ପକ୍ଷରୁ କୌଣସି ଚୁକ୍ତି ସମ୍ପର୍କରେ ଘୋଷଣା କରାଯାଇନାହିଁ। ତେବେ ଉଭୟ ମସ୍କୋ ଓ କିଭ୍ ପରବର୍ତ୍ତୀ ଆଲୋଚନା ପାଇଁ ଆଗ୍ରହୀ ଥିବା କହିଛନ୍ତି।

ଆବୁଧାବିରେ ଆମେରିକା ମଧ୍ୟସ୍ଥତାରେ ଶନିବାର ଅନୁଷ୍ଠିତ ବୈଠକରୁ କୌଣସି ସୁଫଳ ମିଳିନାହିଁ। ୟୁକ୍ରେନୀୟମାନେ ଶୀତରେ ଥରୁଥିବାବେଳେ ରୁଷିଆର ରାତିଅଧିଆ ଆକ୍ରମଣକୁ ଏହାର କାରଣ ବୋଲି ମନେକରାଯାଉଛି। ରୁଷିଆ ପକ୍ଷରୁ ଶୁକ୍ରବାର ରାତିରେ ଘନଘନ ଏୟାର ଷ୍ଟ୍ରାଇକ୍ ଓ ଡ୍ରୋନ୍ ମାଡ଼ କରାଯାଇଥିଲା। ଏଥିଯୋଗୁ କିଭ୍ ସମେତ କେତେକ ଅଞ୍ଚଳର ଶକ୍ତି ପ୍ରକଳ୍ପ କ୍ଷତିଗ୍ରସ୍ତ ହେବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ବୈଠକ ଶେଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି Xରେ କହିଛନ୍ତି, ଆଲୋଚନାର ମୁଖ୍ୟ ବିନ୍ଦୁ ଯୁଦ୍ଧ ବନ୍ଦ ପାଇଁ ସମ୍ଭାବ୍ୟ ମାପଦଣ୍ଡ ସ୍ଥିର କରିବା ଥିଲା। ଆସନ୍ତା ସପ୍ତାହରେ ପରବର୍ତ୍ତୀ ବୈଠକ ହୋଇପାରେ। ୟୁଏଇ ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି, ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ସାମ୍ନାସାମ୍ନି ଆଲୋଚନା ହୋଇଥିଲା, ଯାହାକି ଗତ ୪ ବର୍ଷରେ ବିରଳ। ତେବେ ୱାଶିଂଟନ୍‌ର ଶାନ୍ତି ପ୍ରସ୍ତାବ ଉପରେ ସକାରାତ୍ମକ ପରିଣାମ ଆସିପାରେ। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା କୌଣସି ନିଷ୍କର୍ଷ ବାହାରି ନ ପାରିବା ପଛରେ ପୁଟିନ୍‌ଙ୍କ 'ବର୍ବରତା'କୁ ଦାୟୀ କରିଛନ୍ତି। ଶାନ୍ତି ଆଲୋଚନା ଚାଲିଥିବାବେଳେ ପୁଟିନ୍‌ଙ୍କ ମିଶାଇଲ୍ ଆମ ଲୋକଙ୍କୁ ମାରୁଛି ବୋଲି ସେ ସମାଲୋଚନା କରିଛନ୍ତି।



ଆବୁଧାବିର ଅଲ୍-ଶାନ୍ତି ପ୍ୟାଲେସ୍‌ରେ ଶନିବାର ତ୍ରିପାକ୍ଷିକ ଆଲୋଚନା ବେଳେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍‌ଙ୍କ ସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଜ୍ୱାଇଁ ଜାରେଡ୍ କୁଶନେର।

# ୯ ହଜାରରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ରଦ୍ଦ

## ଆମେରିକାରେ ହିମଝଡ଼, ତୁଷାରପାତ

ଡଲାସ୍,୨୪।୧

ଆମେରିକାରେ ୨୫ ଓ ୨୬ ତାରିଖରେ ଏକ ବଡ଼ଧରଣର ହିମଝଡ଼ ହେବାକୁ ଥିବାବେଳେ ଏଥିଯୋଗୁ ଦେଶବ୍ୟାପୀ ୯,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ରଦ୍ଦ କରାଯାଇଛି। ନ୍ୟୁମେକ୍ସିକୋରୁ ନ୍ୟୁ ଇଂଲଣ୍ଡ ପର୍ଯ୍ୟନ୍ତ ପ୍ରାୟ ୧୪୦ ନିୟୁତ ଲୋକ ହିମଝଡ଼ ଯୋଗୁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ନ୍ୟାଶନାଲ ୱେଦର ସର୍ଭିସ୍ ପକ୍ଷରୁ ଟେକ୍ସାସ୍‌ରୁ ନର୍ଥ କାରୋଲିନା ପର୍ଯ୍ୟନ୍ତ ବିପୁଳ ହିମପାତ ହେବା ନେଇ ସତର୍କତା ଜାରି କରାଯାଇଛି। ଏଭଳି ସ୍ଥିତିରେ ରବିବାର ଓ ସୋମବାର ଏୟାର ଇଣ୍ଡିଆ ନ୍ୟୁୟର୍କରୁ ନେୱାର୍କ ଯାଏ ଏହାର ସମସ୍ତ ବିମାନ ଉଡ଼ାଣକୁ ବାତିଲ କରିଦେଇଛି। ଯାତ୍ରୀ ଓ କ୍ରିଉଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ଏୟାର ଇଣ୍ଡିଆ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଏନେଇ +୯୧ ୧୧୬୯୩୨୯୩୩୩ ଏବଂ ୧୧୬୯୩୨୯୯୯୯ ଜାରି କରାଯାଇଛି।

# ନେତାଜୀ ବଞ୍ଚିଥିଲେ ଏସ୍‌ଆଇଆର୍ ନୋଟିସ ପାଇଥାନ୍ତେ: ମମତା

କୋଲକାତା,୨୪।୧

ଆଜିର ଦିନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯଦି ବଞ୍ଚିଥାଆନ୍ତେ ତେବେ ନିର୍ବାଚନ କମିଶନ (ଇସି) ତାଙ୍କୁ ଛାଡ଼ି ନ ଥାଆନ୍ତେ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଶୁଣାଣି ପାଇଁ ହାଜର ହେବାକୁ ଇସି ନେତାଜୀଙ୍କୁ ମଧ୍ୟ ନୋଟିସ ପଠାଇଥାନ୍ତେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି।

କୋଲକାତାରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମମତା କହିଛନ୍ତି, ଏସ୍‌ଆଇଆର୍ ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନେ ଅତ୍ୟଧିକ କାର୍ଯ୍ୟଚାପ ଓ ଦୁଶ୍ଚିନ୍ତା ଯୋଗୁ ଆତ୍ମହତ୍ୟା କରୁଛନ୍ତି। ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ ହେବା ଦିନଠୁ ଅଦ୍ୟାବଧି ୧୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହି ଅସ୍ୱାଭାବିକ ମୃତ୍ୟୁ ପାଇଁ ଇସି ଏବଂ ଭାଜପା ନେତୃତ୍ୱାଧୀନ କେନ୍ଦ୍ରସରକାର ଉତ୍ତରଦାୟୀ ହେବା ଉଚିତ।

ଏତେ ଘଟଣା ଘଟିଯିବା ପରେ ଆମକୁ ଭାରତୀୟ ନାଗରିକତ୍ୱର ପ୍ରମାଣ ଦେବାକୁ ପଡୁଛି। ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଉଛି ଏବଂ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ନେତାଜୀ ବଞ୍ଚିଥିଲେ ତାଙ୍କୁ ମଧ୍ୟ ଇସି ଏସ୍‌ଆଇଆର୍ ଶୁଣାଣି ପାଇଁ ନୋଟିସ ପଠାଇଥାନ୍ତେ।

## ଆମେରିକାରେ ଭାରତୀୟଙ୍କ କାଣ୍ଡ

# ସ୍ତ୍ରୀ, ୩ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା

ନ୍ୟୁୟର୍କ,୨୪।୧

ଆମେରିକାର ଜର୍ଜିଆରେ ଜଣେ ଭାରତୀୟ ବଂଶୋଦ୍ଭବଙ୍କ ପାରିବାରିକ ବିବାଦର କରୁଣ ପରିଣତି ଦେଖିବାକୁ ମିଳିଛି। ୫୧ ବର୍ଷୀୟ ବିଜୟ କୁମାର ଅଟଲାଣ୍ଟାର ଲରେନ୍ସଭ୍ୟାଲି ସିଟିସ୍ଥିତ ନିଜ ବାସଭବନରେ ତାଙ୍କ ସ୍ତ୍ରୀ ଓ ୩ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଗ୍ୱିନେଟ୍ଟ କାଉଣ୍ଟି ପୋଲିସ ତାଙ୍କୁ ଗିରଫ କରିଥିବା ଏକ ସୋସିଆଲ ମିଡିଆ ପୋଷ୍ଟରେ ସୂଚନା ଦେଇଛି।

ମୃତକମାନେ ହେଲେ ବିଜୟଙ୍କ ସ୍ତ୍ରୀ ମୀମୁ ଡୋଗ୍ରା(୪୩ ବର୍ଷୀୟା ଭାରତୀୟ ନାଗରିକ), ସମ୍ପର୍କୀୟ ଗୌରବ କୁମାର(୩୩), ନିଧି ଚନ୍ଦେର(୩୭) ଓ ହରିଶ ଚନ୍ଦେର(୩୮)। ଅଟଲାଣ୍ଟାସ୍ଥିତ ଭାରତୀୟ କନ୍‌ସ୍ୟୁଲେଟ ଜେନେରାଲ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରି ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି Xରେ ସୂଚନା ଦେଇଛନ୍ତି।



ବିଜୟ କୁମାରଙ୍କ ସହ ସ୍ତ୍ରୀ ମୀମୁ ଡୋଗ୍ରା

ଶୁକ୍ରବାର ସ୍ଥାନୀୟ ସମୟ ରାତି ପ୍ରାୟ ୨ଟା ୩୦ରେ ପୋଲିସ ନିକଟକୁ ଫୋନ୍ କଲ୍ ଯାଇଥିଲା। ଅଫିସରମାନେ ସେଠାରେ ପହଞ୍ଚି ୪ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ସମସ୍ତଙ୍କ ଦେହରେ ଗୁଳିମାଡ଼ର କ୍ଷତ ରହିଥିଲା। ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବିଜୟ ସ୍ତ୍ରୀ ଓ ଅନ୍ୟ ୩ ସମ୍ପର୍କୀୟଙ୍କୁ ଗୁଳି କରିଥିବା ପୋଲିସ କହିଛି। ଗୁଳିମାଡ଼ ବେଳେ ୩ ପିଲା ସେଠାରେ ଉପସ୍ଥିତ ଥିଲେ। ତେବେ ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଲୁଚିଯାଇଥିଲେ। ଜଣେ ପିଲା ୯୧୧ ନମ୍ବରକୁ କଲ୍ କରିବାରେ ସକ୍ଷମ ହୋଇଥିଲେ। ସେ ଘଟଣା ସମ୍ପର୍କରେ ପୋଲିସକୁ ସବୁକଥା ଜଣାଇଥିଲେ। ୭ରୁ ୧୦ ବର୍ଷ ବୟସର ଏହି ୩ ପିଲାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ କେଉଁ କାରଣରୁ ଯୁକ୍ତିତର୍କ ହୋଇଥିଲା ଏବଂ ସମ୍ପର୍କୀୟମାନେ ସେମାନଙ୍କ ଘରକୁ କାହିଁକି ଆସିଥିଲେ ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ଫାସିବାଦୀ ହତ୍ୟାକାରୀ ୟୁନୁସ୍‌ଙ୍କୁ ହଟାଅ: ହାସିନା



ନୂଆଦିଲ୍ଲୀ,୨୪।୧(ପି.ଟି.)

ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଜଣେ ଫାସିବାଦୀ ହତ୍ୟାକାରୀ। ସେ କ୍ଷମତାରେ ଥିବା ପର୍ଯ୍ୟନ୍ତ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ନାହିଁ। ତେଣୁ ୟୁନୁସ ସରକାରଙ୍କୁ ତୁରନ୍ତ ହଟାଇବାକୁ ବାଂଲାଦେଶବାସୀଙ୍କୁ ଶୁକ୍ରବାର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଆହ୍ୱାନ ଦେଇଛନ୍ତି। ୧୭ ମାସ ତଳେ ବାଂଲାଦେଶରୁ ପଳାୟନ କରି ଭାରତରେ ଶରଣ ନେଇଥିବା ଆୱାମି ଲିଗ୍ ନେତ୍ରୀ ହାସିନା ପ୍ରଥମ ଥର ପାଇଁ ସେଠାକାର ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି, ଗତବର୍ଷ ଯାହାକିଛି ଘଟିଲା, ଜାତିସଂଘ ସେସବୁର ନିରପେକ୍ଷ ତଦନ୍ତ କରାଇବା ଉଚିତ। ଏଥିସହ ସମ୍ବିଧାନର ପୁନଃ ଅବସ୍ଥାପନ ଓ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ପାଇଁ ଦେଶବାସୀ ଏକଜୁଟ୍ ହୁଅନ୍ତୁ ବୋଲି ହାସିନା କହିଛନ୍ତି। ଫେବୃଆରୀ ୧୨ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପୂର୍ବରୁ ରେକର୍ଡ କରାଯାଇଥିବା ତାଙ୍କର ଏକ ଅଡିଓ କ୍ଲିପ୍‌କୁ ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଜାରି କରାଯାଇଛି। ପ୍ରକାଶ ଯେ, ଆୱାମି ଲିଗ୍‌କୁ ଦେଶରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରାଯାଇଛି।

## ଫୁରସତ୍

# ୪୦ କୋଟିକୁ ନା

ମୁମ୍ବାଇ

ଗତ କିଛି ବର୍ଷ ଧରି ଅଭିନେତା ଶାହରୁଖ ଖାନ୍‌ଙ୍କଠାରୁ ଅଜୟ ଦେବଗନଙ୍କ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବଲିଉଡ୍ ସେଲିବ୍ରିଟି ଟଙ୍କା ନେଇ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିଛନ୍ତି। ଏଥିପାଇଁ ସେମାନେ ଟ୍ରୋଲିଂର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଅଭିନେତା ସୁନୀଲ ଶେଟ୍ଟୀ ଟିକେ ନିଆରା। ସେ ମୋଟା ଅଙ୍କର ପ୍ରସ୍ତାବ ପାଇବା ପରେ ମଧ୍ୟ ଏପରି ବିଜ୍ଞାପନ କରିବାକୁ ମନା କରିଦେଇଛନ୍ତି।

ସୁନୀଲ ଥରେ ଏକ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିବା ପାଇଁ ୪୦ କୋଟି ଟଙ୍କାର ପ୍ରସ୍ତାବ ପାଇଥିଲେ, କିନ୍ତୁ ତାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର କାରଣ ସମ୍ପର୍କରେ ସେ କହିଥିଲେ, ମୁଁ ମୋ ସ୍ୱାସ୍ଥ୍ୟ ପାଇଁ ସବୁକିଛି। ମୋ ଶରୀର ମୋତେ ଫିଲ୍ମ ଶିଳ୍ପରେ କ୍ୟାରିୟର କରିବାକୁ ସୁଯୋଗ ଦେଇଥିଲା। ଯଦି ଏହାକୁ ମୋର ପୂଜାସ୍ଥଳ ଭାବରେ ଗ୍ରହଣ ନ କରେ, ତେବେ ମୁଁ ନିଜକୁ ଅନ୍ୟାୟ କରିବି। ମୁଁ ସିନେମା କିମ୍ବା ବକ୍ସ ଅଫିସ ଦୃଷ୍ଟିରୁ ଏତେ ଲୋକପ୍ରିୟ ନ ହୋଇପାରେ, କିନ୍ତୁ ଆଜି ମଧ୍ୟ ୧୭ ରୁ ୨୦ ବର୍ଷ ବୟସର ପିଲାମାନେ ମୋତେ ସମ୍ମାନ ଦିଅନ୍ତି। ଏକଥା ସତ।



ସୁନୀଲ ଶେଟ୍ଟୀ

# ଗ୍ରୀନ୍‌ଲାଣ୍ଡ: ଜମି ନୁହେଁ, ଘର କିଣିହେବ

ଏମିତି ଏକ ସ୍ଥାନ, ଯେଉଁଠି ଏକ ଅଜବ ନିୟମ ରହିଛି। ଉକ୍ତ ସ୍ଥାନରେ ଯେକୌଣସି ବ୍ୟକ୍ତି ଘର କିଣିପାରିବେ, କିନ୍ତୁ ଜମି କିଣିବାକୁ କାହାକୁ ଅନୁମତି ନାହିଁ। ଏପରି ସ୍ଥାନ ହେଉଛି ଗ୍ରୀନ୍‌ଲାଣ୍ଡ। ଏଠାରେ ଜମି କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ ବରଂ ସମଗ୍ର ସମ୍ପ୍ରଦାୟର। ତେଣୁ ସମସ୍ତ ଜମି ସରକାର ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ। ଏହି କାରଣରୁ ଗ୍ରୀନ୍‌ଲାଣ୍ଡରେ ବ୍ୟକ୍ତିଗତ ଜମି ମାଲିକାନା ପ୍ରଦାନ କରାଯାଏ ନାହିଁ। ଯଦି କେହି ଘର ତିଆରି କରିବାକୁ କିମ୍ବା କିଣିବା ପରେ ସେଥିରେ ରହିବାକୁ ଚାହାନ୍ତି, ତେବେ ତାଙ୍କୁ ଜମି ବ୍ୟବହାର ପାଇଁ ଅନୁମତି ନେବାକୁ ପଡ଼ିବ। ଏହାକୁ ସାଇଟ୍ ଆବଣ୍ଟନ କୁହାଯାଏ। ଏହି ଅନୁମତି ପୌରପାଳିକା ଦ୍ୱାରା ପ୍ରଦାନ କରାଯାଏ। ଘର ନିର୍ମାଣ, ପାର୍କିଂ କିମ୍ବା ଡଙ୍ଗା ଚଳାଇବା ସମେତ ସବୁକିଛି ପାଇଁ ଆବେଦନ ଆବଶ୍ୟକ।



ଗ୍ରୀନ୍‌ଲାଣ୍ଡରେ ସମ୍ପତ୍ତି କିଣିବା ପାଇଁ ନିୟମ ମଧ୍ୟ କଠୋର। କେବଳ ଗ୍ରୀନ୍‌ଲାଣ୍ଡ, ଡେନ୍‌ମାର୍କ କିମ୍ବା ଫାରୋ ଦ୍ୱୀପର ନାଗରିକମାନେ ସିଧାସଳଖ ଏଠାରେ ଘର କିଣିପାରିବେ। ବିଦେଶୀମାନେ ଆବେଦନ କରିପାରିବେ, ଯଦି ସେମାନେ ଏଠାରେ ଅତି କମ୍‌ରେ ୨ ବର୍ଷ ରହିଥିବେ ଏବଂ ଟିକସ ଦେଇଥିବେ। ରାଜଧାନୀ ନୁକ୍ ଭଳି ସହରରେ ଘର ପାଇବା ପାଇଁ ୧୦ରୁ ୧୨ ବର୍ଷ ଅପେକ୍ଷା କରିବାକୁ ପଡ଼ିବ।

# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୫/୨୦୨୬ | Bhubaneswar, Sunday, January 25/2026 | ପୃଷ୍ଠା-୧


# ଜୀବନ ବଞ୍ଚାଇବାକୁ ବାଘକୁ ମାରିଦେଲେ



ଶୁଭ୍ରାଂଶୁ ଶେଖର ଭୋଳଙ୍କ ସହ ସଂଘର୍ଷରେ ମୃତ୍ୟୁ ଘଟିଥିବା କଲରାପତରିଆ ବାଘ।

ଜଙ୍ଗଲ ନଷ୍ଟ ହେଉଥିବାରୁ ବଣୁଆ ଜୀବଜନ୍ତୁ ଜନବସତି ମୁହାଁ ହେଉଛନ୍ତି । ବିଭିନ୍ନ ସମୟରେ ମଣିଷ ସହ ସେମାନଙ୍କ ଲଢ଼େଇ ହେଉଥିବା ଖବର ଶୁଣିବାକୁ ମିଳେ। ଅନେକ ସମୟରେ ହିଂସ୍ରଜନ୍ତୁଙ୍କ ଆକ୍ରମଣରେ ମଣିଷର ଜୀବନ ଯାଉଥିବାବେଳେ କଟକ ଜିଲା ନରସିଂହପୁରଠାରେ ଭିନ୍ନ ଏକ ଘଟଣା ଦେଖିବାକୁ ମିଳିଛି । ଅନନ୍ତ ପ୍ରସାଦ ଗ୍ରାମ ନିକଟରେ ନିଜ ଫାର୍ମ ହାଉସରେ ଶୁକ୍ରବାର ବିଳମ୍ବିତ ରାତିରେ ଶୋଇଥିବାବେଳେ ଶୁଭ୍ରାଂଶୁ ଶେଖର ଭୋଳ ଏକ କଲରାପତରିଆ ବାଘର ଅତର୍କିତ ଆକ୍ରମଣର ଶିକାର ହୋଇଥିଲେ । ନିଜ ଜୀବନ ବଞ୍ଚାଇବାକୁ ଯାଇ ଶୁଭ୍ରାଂଶୁଙ୍କ ଛୁରିମାଡ଼ରେ କଲରାପତରିଆର ମୃତ୍ୟୁ ଘଟିଥିବାବେଳେ ସେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏବେ ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

## କଲରାପତରିଆ-ମଣିଷ ଲଢ଼େଇ

## ଗୁରୁତର ଶୁଭ୍ରାଂଶୁ ଏସ୍‌ସିବିରେ ଭର୍ତ୍ତି

ବଡ଼ମ୍ବା/ କଟକ, ୨୪।୧ (ମାୟାଧର ମଲ୍ଲିକ/ ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ପଶ୍ଚିମ ବନାଞ୍ଚଳର ଅନନ୍ତପ୍ରସାଦ ଗ୍ରାମର ଶୁଭ୍ରାଂଶୁ(୨୬)ଙ୍କ ଏକ ଫାର୍ମ ହାଉସ ରହିଛି। ସେ ରାତିରେ ସେଠାରେ ଶୁଅନ୍ତି। ଏପରି କି ତାଙ୍କର ୨ଟି ପୋଷା କୁକୁର ଫାର୍ମ ହାଉସ ପରିସରରେ ମଧ୍ୟ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ☞ପୃଷ୍ଠା–୨



ଶୁଭ୍ରାଂଶୁ ଶେଖର ଭୋଳ

# ବାଂଲାଦେଶ ସ୍ଥାନରେ ଖେଳିବ ସ୍କଟ୍‌ଲାଣ୍ଡ

## ଆଇସିସି ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ, ୨୪।୧(ପି.ଟି.)

ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ୍ ୨୦୨୬ରେ ବାଂଲାଦେଶ ସ୍ଥାନରେ ସ୍କଟ୍‌ଲାଣ୍ଡ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶନିବାର ଏ ବିଷୟରେ ସ୍ପଷ୍ଟ କରିଦିଆଯାଇଛି। ଆସନ୍ତା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ମୁସ୍ତାଫିଜୁର ରହମନଙ୍କୁ ବାଦ୍ ଦେବା ପରେ ସୁରକ୍ଷାଜନିତ କାରଣ ଦର୍ଶାଇ ବାଂଲାଦେଶ ଟୁର୍ନାମେଣ୍ଟ ଖେଳିବା ପାଇଁ ଭାରତ ଗସ୍ତ କରିବାକୁ ମନା କରିଦେଇଥିଲା। ଏହାର ମ୍ୟାଚ୍‌ଗୁଡ଼ିକ ଲାଗି ବିକଳ୍ପ ଭେନ୍ୟୁର ବ୍ୟବସ୍ଥା କରିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଆଇସିସିକୁ ଅନୁରୋଧ କରିଥିଲା। ମାତ୍ର ବିଶ୍ୱକପ୍ ଆଉ ଅଳ୍ପଦିନ ରହିଥିବାରୁ ଏହା ସମ୍ଭବ ନୁହେଁ ବୋଲି ଆଇସିସି ପକ୍ଷରୁ ସୂଚାଇ ଦିଆଯାଇଥିଲ। ଭାରତ ଆସି ଟୁର୍ନାମେଣ୍ଟରେ ଭାଗ ନେବ କି ନା ୨୪ ଘଣ୍ଟା ମଧ୍ୟରେ ତାହାର ଜବାବ ସ୍ପଷ୍ଟ କରିବା ଲାଗି ଆଇସିସି ବାଂଲାଦେଶକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ବାଂଲାଦେଶ କ୍ରିକେଟ ବୋର୍ଡ ତରଫରୁ କୌଣସି ଜବାବ ନ ମିଳି ନ ଥିଲା। ଶୁକ୍ରବାର ଚେୟାରମ୍ୟାନ୍ ଜୟ ଶାହାଙ୍କ ସମେତ ଆଇସିସିର ସିନିୟର ଅଫିସିଆଲମାନେ ଏକ ବୈଠକରେ ଉପନୀତ ହୋଇ ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦେଇ ସ୍କଟ୍‌ଲାଣ୍ଡକୁ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଇସିସିର ଏହି ନିଷ୍ପତ୍ତି ଶୁକ୍ରବାର ସନ୍ଧ୍ୟାରେ ବିସିବିକୁ ଅବଗତ କରାଯାଇଛି। ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ | ବିଭାଜନକାରୀ ଆଇନ







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହିନ୍ଦୁ ସମ୍ମିଳନୀ ଓ ତ୍ରିବେଣୀ ବୁଡ଼, ସ୍ଥାନ: ନହରକଣ୍ଟା–ହରିଦାସପୁର କୁଆଖାଇ ନଦୀ ପଠା ପଡ଼ିଆ, ସମୟ: ପ୍ରାତଃ ୫ ଟା ୩୦, ସମ୍ମିଳନୀ (ସକାଳ ୮ ଟା ୩୦)।
- ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୂର୍ଯ୍ୟପୂଜା, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଇଛାଦେଇପାଟଣାସ୍ଥିତ ମୁକ୍ତେଶର ମହାଦେବ ମନ୍ଦିର ପରିସର, ସମୟ: ସକାଳ ୯ ଟା।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିନି ମାରାଥନ୍, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୭ଟା।
- କୁପାରୀ ମଣ୍ଡଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: କୁପାରୀ ଶୂନ୍ୟମଣ୍ଡପ, ସମୟ: ସକାଳ ୯ଟା ୧୫।
- ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ସ୍ଥାନ: ଓଟି ରୋଡ୍, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: ଭଗବାନପୁର ମହାପାତ୍ର ଫାର୍ମ ହାଉସ୍, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ହୋଟେଲ ଫାଣ୍ଟାସି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶତବାର୍ଷିକୀ ମହାସମାରୋହ–୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ବିଞ୍ଝ ସରକାରୀ ଉଚ୍ଚ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ଓ ମାଘ ସପ୍ତମୀ ମହୋତ୍ସବ ଉପଲକ୍ଷେ ନାମ ବିସର୍ଜନ ଓ ପ୍ରସାଦ ସେବନ, ସ୍ଥାନ: ବାଖରାବାଦ, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବଡ଼ି ବିଲ୍ଡିଂ ପ୍ରତିଯୋଗିତା, ସ୍ଥାନ: ଜଳେଶ୍ୱର ହାଇସ୍କୁଲ ନିକଟ, ସମୟ: ଅପରାହ୍ନ ୪ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ରେମୁଣା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡ଼ିଆ, ହାତୀଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା–୨୦୨୬ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଆଧ୍ୟାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: କୁଶଡ଼ିହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବସ୍ତା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଜାତୀୟ ମତଦାତା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜିଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସାତଭଉଣୀ ଖେଳପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାବାମଣି ଶିକ୍ଷକ ସ୍ୱୟଂସହାୟକ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ହୋଟେଲ ରୟାଲ ପ୍ୟାଲେସ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ ବିଜୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ, ବିଦେଇପୁର, ପାଢ଼ୀସାହି, ବାଲିନଗରଯାଦବ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ସେମିଫାଇନାଲ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: କେ ୩ ହୋଟେଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଯଶୋଟିକିରି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ହିମସାରମନା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀର ଉଦ୍‌ଯାପନୀ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶିକ୍ଷାବିତ୍‌ଙ୍କ ସ୍ମୃତିସଭା, ସ୍ଥାନ: ତମ୍ଭାଖଣ୍ଡି, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଭଣ୍ଡାରିପୋଖରୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ରାଧାକୃଷ୍ଣ ମନ୍ଦିରରେ ଦଧିନଉତି ସ୍ଥାପନା ଏବଂ ପୂଜା, ସ୍ଥାନ : ସରଳା, ହାଟଡ଼ିହୀ, ସମୟ : ସକାଳ ୬ ଟା।
- ମା' ତାରିଣୀ ମନ୍ଦିରରେ ବାର୍ଷିକ ଉତ୍ସବ, ସ୍ଥାନ : ମରିଗାଁ, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ମିନି ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ : ସକାଳ ୭ ଟା।
- ଭୋଟର ସଚେତନତା ପଦଯାତ୍ରା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଢେଙ୍କିକୋଟ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା।
- ଜାତୀୟ ଭୋଟର ଡେ ଉତ୍ସବ, ସ୍ଥାନ: ଦରବାର ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ଉପଲକ୍ଷେ ପ୍ରବଚନ ଏବଂ ନାମ ସଙ୍କୀର୍ତ୍ତନ, ସ୍ଥାନ: ରାଧାନଗରପାଟଣା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମାଘ ସପ୍ତମୀ ପୂଜା ଓ ଉତ୍ସବ, ସ୍ଥାନ: ତାରିଣୀ ପୀଠ ମୋରଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ଅପରାହ୍ନ ୨ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଘଟୋତ୍ତଳନ ଓ ନାମ ଆରମ୍ଭ, ସ୍ଥାନ: ଆରପଟା ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ଗୋଷାଣୀନୂଆଗାଁ ଥାନା ଛକ, ସମୟ: ସକାଳ ୯ଟା।

## ଗଞ୍ଜାମ

- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ହରିହର ଭେଟଯାତ୍ରା, ସ୍ଥାନ: ଖଲ୍ଲିକୋଟ ବ୍ଲକ ଚିଲିକା ନିକଟ ଗୁପ୍ତେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୧ଟା।
- ଶାରଦା ସଙ୍ଗୀତାୟନର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା,ସଙ୍ଗମ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଶ୍ରୀବିରଞ୍ଚିନାରାୟଣଙ୍କ ରଥଯାତ୍ରା,ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ସ୍ୱାଧୀନତା ଦିବସ ଉପଲକ୍ଷେ ମିନି ମାରାଥନ୍, ସ୍ଥାନ: ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧରମପୁର, ବାଲିଗୁଡ଼ା,ସମୟ : ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବାଲିଗୁଡ଼ା ରାମେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ବାରୁଣୀ ବୁଡ଼, ସ୍ଥାନ: ବ୍ରାହ୍ମଣୀ ନଦୀପଠା ବଡନାଗେନା, ସମୟ: ସକାଳ ୮ଟା।
- ହିନ୍ଦୋଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଜନତା କଲେଜ ଖେଳପଡିଆ, ସାତମାଇଲ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଜାତୀୟ ଭୋଟର ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ସକାଳ ୭ଟା।
- ମତଦାତା ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ବ୍ଲକ୍ ସଭାଗୃହ, ସମୟ: ସକାଳ ୯ଟା।
- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଅନୁଗୋଳ ସଭାଗୃହ, ସମୟ: ସକାଳ ୯ଟା।
- ଅନୁଗୋଳ ଡିଷ୍ଟ୍ରିକ୍ଟ ରୁରାଲ ଫୁଟ୍‌ବଲ ଲିଗ୍–୨୦୨୬, ସ୍ଥାନ: ଅନୁଗୋଳ ପିଟିସି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ତତ୍ତ୍ୱାଶ୍ରମର ମାଘ ସପ୍ତମୀ ପାଳନ ଓ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: ଉଦୟବଟ ଧାମ, ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।
- କିଟ ଅନୁଷ୍ଠାନ ପକ୍ଷରୁ ମିନି ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର ଛକ ମଧୁବନ, ପାରାଦୀପ, ସମୟ: ସକାଳ ୭ଟା।
- କାନମାସ୍ ଅନୁଷ୍ଠାନର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ମୁନିଗୋସାଇଁ ମଠ ପରିସର, ତେନ୍ତୁଳିପଦା, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ– ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ସାର୍ବଜନିନ ଗଙ୍ଗା ପୂଜା, ମକର ମେଳା ଓ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଧା, ସୁନିତି, ମହାକାଳପଡା, ସମୟ: ସକାଳ ୯ଟା ।
- ଅବଦୁଲ କରିମ ଖାଁ ମୋମେରିଅଲ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା ।
- ଶ୍ରୀ କୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀ ନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଓ ସତସଙ୍ଗ କେନ୍ଦ୍ରର ପ୍ରତିଷ୍ଠା ସ୍ମୃତି ମହୋତ୍ସବ, ସ୍ଥାନ: ସତସଙ୍ଗ କେନ୍ଦ୍ର, ଭବାନୀପୁର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୬ତମ ଜୟନ୍ତୀ ପାଳନ, ସ୍ଥାନ: ଅଭିମନ୍ୟୁ ଜୟନ୍ତୀ ମଣ୍ଡପ, ବାଲିଆ, ସମୟ: ପୂର୍ବାହ୍ନ ୧୧ଟା୩୦।
- ନବଜ୍ୟୋତି ନାଟ୍ୟ ସଂସଦର ପ୍ରସ୍ତୁତି ବୈଠକ, ସ୍ଥାନ: ତାରିଣୀ ପୀଠ, ବାଲିବିଲ, ସମୟ: ଅପରାହ୍ନ ୪ଟା।
- ରଥଯାତ୍ରା ପାଇଁ ଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମଣ୍ଡପ, ବାଲିବିଲ, ବରୀ, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ସର୍ବଭାରତୀୟ ୨୩ବର୍ଷରୁ କମ କର୍ନେଲ ସିକେ ନାଇଡୁ ଓଡ଼ିଶା ଓ ହରିୟାଣା ମଧ୍ୟରେ କ୍ରିକେଟ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା ।
- ଭାରତୀ ସମାଜର ବୈଠକ, ସ୍ଥାନ : ସମ୍ବଲପୁର ଡେରା, ସମୟ : ସକାଳ ୯ଟା ।
- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା ।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ।
- ଏନ୍‌ବିଟି ଓ ସେତୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଜିଲା ଲେଖକ ପରିଷଦର ସାଧାରଣ ସଭା, ସ୍ଥାନ: ଅବସରପ୍ରାପ୍ତ ସୈନିକ ସଂଘ, ଲାଲଟିକ୍ରା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମୁକ୍ତ କଳା ଉତ୍ସବ, ସ୍ଥାନ: ସେକ୍ଟର–୫ ଅରବିନ୍ଦ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜେଏମ୍‌ଓ ପରୀକ୍ଷା ୨୦୨୫, ସ୍ଥାନ: ସେକ୍ଟର–୧୯ ଜ୍ଞାନଜ୍ୟୋତି ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼

- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁମ୍ଭାରୀ, ବରପାଲି, ସମୟ: ସକାଳ ୮ଟା ।
- ବେଦ ପ୍ରବଚନ, ସ୍ଥାନ: ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ସୁଭଦ୍ରା ମେଳା, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ମହାନଦୀ ଆଳତି ଘାଟର ଚତୁର୍ଥ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ମହାନଦୀ ଆଳତି ଘାଟ (ଚନ୍ଦ୍ରଚୂଡ ମନ୍ଦିର ବୌଦ୍ଧ), ସମୟ: ସକାଳ ୫ଟା।
- ବାଇଶିତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ତିଳେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଅସୁରଗଡ ଲୋକ ମହୋତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣମେରୁ ପଡିଆ, ମନମୁଣ୍ଡା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ସମାରୋହ, ସ୍ଥାନ: ଜିଲା ପରିଷଦର ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ, ମଠସାହି ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ବଡ ଗୋପାଳଜୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ମହାନଦୀ ରାଜା ଘାଟ, ସମୟ:ସକାଳ ୮ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତମ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ରାଜ୍ୟସ୍ତରୀୟ ଅଭିଜିତ ପୂଜାରୀ ସୃତି କମିଟି କାର୍ଯ୍ୟାଳୟ, ନୂଆ ବଜାର ବିନିକା, ସମୟ: ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନକି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଓଏସ୍‌ଏବି ମାଷ୍ଟର ରେଙ୍କିଙ୍ଗ ବ୍ୟାଡମିଣ୍ଟନ ଚାମ୍ପିୟନଶିପ–୨୦୨୬ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ଇନଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୧ଟା।
- ରାଧାକୃଷ୍ଣଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଭଗବତୀ ପ୍ଲଟ, ସମୟ: ଅପରାହ୍ନ ୧ଟା ୨୦।

## ନୂଆପଡ଼ା

- ୧୬ତମ ଚତୁର୍ବେଦ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ସକାଳ ୭ଟା।
- ୧୯ତମ ନ୍ୟୁ ଇୟର କପ୍ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମସ୍ଥାନରେ ଉଚ୍ଚସ୍ଥ ମଙ୍ଗଳ ରାଜଯୋଗ ମଧ୍ୟସ୍ଥ ଯୋଗୁ ଆପଣଙ୍କୁ ମର୍ଯ୍ୟାଦାଜନକ ସ୍ଥିତିରେ ଆସୀନ କରାଇପାରେ। ହସଖୁସିରେ ପାରିବାରିକ ଜୀବନ କଟାଇବେ। ଅର୍ଥନୈତିକ ଅଭିବୃଦ୍ଧି , କଥନଶୈଳୀର ଲାଳିତ୍ୟ, ଲୋକପ୍ରିୟତା ଦ୍ୱାରା ସାମାଜିକ ଜୀବନ ଉନ୍ନତ ରହିବ। ଈର୍ଷାପରାୟଣ ଆତ୍ମୀୟ ସ୍ୱଜନମାନେ ଦୂରେଇଯିବେ।

**ବୃଷ** ଶୁକ୍ରଙ୍କ ପ୍ରଭାବରେ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ଥିତିରେ ବ୍ୟତିକ୍ରମ ଦେଖାଦେବ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଯଥାସମ୍ଭବ ଚେଷ୍ଟା କରିପାରନ୍ତି। ଘରେ ଦ୍ରବ୍ୟ ନଷ୍ଟ ହେବାର ସୂଚନା ରହିଛି। ନିଜ ପରିସରରେ ଘଟିଯାଉଥିବା ସମ୍ପର୍କବିହୀନ ବ୍ୟକ୍ତିମାନଙ୍କ ଘଟଣାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମିଥୁନ** ଧନାଧିପ ଶନିଙ୍କ ସହ ରହିଥିବାରୁ ଧନହାନି ଘଟିପାରେ। ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଆନୁଷ୍ଠାନିକ କ୍ଷେତ୍ରର କାମକୁ ସମ୍ପନ୍ନ କରିବେ। ପାରିବାରିକ ଓ ଲୋକ ସମ୍ପର୍କ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଶିଳ୍ପ, ବ୍ୟବସାୟ, ଜମିଜମା କିମ୍ବା ନିର୍ମାଣାଦି କାମରେ ସଫଳତା ପାଇବେ।

**କର୍କଟ** ଆଜି ଯେକୌଣସି କାମ ଆରମ୍ଭ କରନ୍ତୁନା କାହିଁକି ଚନ୍ଦ୍ରଙ୍କ ଶୁଭ ସଂସ୍ଥିତିରୁ ସଫଳତା ପାଇବେ। ସାମାଜିକ ସ୍ତରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ କିମ୍ବା ନିର୍ମାଣାଧୀନ କାମ ସ୍ଥଗିତ ରହିଯାଇପାରେ। ପାରସ୍ପରିକ ବୁଝାମଣା ଅଭାବରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି।

**ସିଂହ** ରାଶ୍ୟାଧିପତି ଶତ୍ରୁ କ୍ଷେତ୍ରସ୍ଥ ହୋଇ ଷଷ୍ଠଭାବରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ସମ୍ପର୍କୀୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଅଧ୍ୟାପନାରେ ଉନ୍ନତି କରିବେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ।

**କନ୍ୟା** ଦଶମ ଭାବରେ ବୃହସ୍ପତି ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆମଦାନୀ କାରବାର, ପରିବହନ, କଚେରି ମାମଲା ବିଶୃଙ୍ଖଳିତ ରହିପାରେ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** ଆଜି କୌଣସି ବୟସ୍କ ବ୍ୟକ୍ତିଙ୍କ ପ୍ରେରଣା ସ୍ଥଗିତ କାର୍ଯ୍ୟ ସକାଶେ ଅନୁପ୍ରେରିତ କରିବ। ଦୀର୍ଘଦିନରୁ ଅଟକି ରହିଥିବା କଚେରି ମାମଲା ମନ୍ଥର ହେତୁ ଅନୁଶୋଚନା କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ସ୍ଥଗିତ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ମନ ବଳାଇପାରନ୍ତି।

**ବିଛା** ଆଜି ଭାଗ୍ୟାଧିପ ଚନ୍ଦ୍ର କୋଣଭାବସ୍ଥ ହେତୁ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ପାରିବାରିକ ସ୍ତରରେ ଦୁଶ୍ଚିନ୍ତା ପରିହାର କଲେ ଉପକୃତ ହେବେ। ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଲଘୁ କ୍ରୋଧଜନିତ ପରିସ୍ଥିତିକୁ ବିଗାଡ଼ି ଦେଇପାରନ୍ତି।

**ଧନୁ** ଅଷ୍ଟମାଧିପତି ପରିବାର ସ୍ଥାନରେ ରହିଥିବାରୁ ପାରିବାରିକ ସମସ୍ୟାରେ ନୟାନ୍ତ ହେବେ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚର ଏକାଧିକ ଦିଗ ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ମକର** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି ଆପଣଙ୍କ କୌଣସି କାମ ଅଟକି ରହିବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜ କାମ ହାସଲ କରିପାରିବେ। ସାଂସ୍କୃତିକ କାମରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ କୌଣସି କାମ ଅଟକି ରହିବ ନାହିଁ।

**କୁମ୍ଭ** ମୁଖଭାବରେ ଶନି ଓ ଚନ୍ଦ୍ରଙ୍କ ସ୍ଥିତିରୁ ପ୍ରତ୍ୟେକ ପରିସ୍ଥିତିରେ ଖାପ ଖାଇଯିବେ। ପାରସ୍ପରିକ ସହଯୋଗ କାରଣରୁ ପାରିବାରିକ କ୍ଷେତ୍ର ଭଲ ରହିବ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ଅର୍ଥାଭାବ ଦୂରେଇବାରେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଆପଣଙ୍କ ଗମ୍ଭୀର ସ୍ୱଭାବ ପାରିବାରିକ ସମ୍ପର୍କରେ ବ୍ୟତିକ୍ରମ ସୃଷ୍ଟି କରିବ।

**ମୀନ** ଲାଭ ଭାବରେ ଏକାଧିକ ଗ୍ରହ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବେ। ତରବରିଆ କାମ ହେତୁ ସମସ୍ୟାର ସମ୍ମୁଖୀନ ହେବେ। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ ଆପଣଙ୍କ ପ୍ରତିଷ୍ଠା ନ୍ୟୂନ ହେବ ନାହିଁ। ଅଧ୍ୟୟନ, ଲେଖାପଢ଼ା, ଆନୁଷ୍ଠାନିକ କାମ ଓ ଆଲୋଚନାରେ ନିର୍ଯ୍ୟାସ ସ୍ତରକୁ ଉପନୀତ ହୋଇପାରିବେ ନାହିଁ।

ଆଜି ଜାନୁଆରୀ ୨୫, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, ମାଘ ଶୁକ୍ଳପକ୍ଷର ତିଳ ସପ୍ତମୀ ରବିବାର। ଚନ୍ଦ୍ରଭାଗା ସ୍ନାନ ଓ ଯାତ୍ରା, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବ୍ରହ୍ମଲୀନ ଦିବସ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ସାରଳା ଦାସଙ୍କ ଶ୍ରାଦ୍ଧ ଦିବସ। ରାଶିନକ୍ଷତ୍ର– ଦିବା ଘ.୦୧।୩୫ମି. ପର୍ଯ୍ୟନ୍ତ ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୪୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୭ ଗତେ ଘ.୦୫।୩୦ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟିଖଟାଏ ଲାଭ ପାଏ,**
**ତା'ର ଅର୍ଦ୍ଧେକ ଯେ ନୀତି ଧାଏଁ।**
**ଘରେ ବସି କହେ ବାତ୍,**
**ତା' ଘରେ ହା ଭାତ୍।**

ଯିଏ ନିଜେ ଖଟି ଅନ୍ୟକୁ କାମରେ ଲଗାଏ ବା ଖଟାଏ ସିଏ ତା'ର ପରିଶ୍ରମର ଫଳ ନିଶ୍ଚିତ ରୂପେ ପାଇଥାଏ। ନୀତି ଧାଁଧପଡ଼ କରୁଥିବା ବ୍ୟକ୍ତି ଅଧା ବା କିଛି ଲାଭ ପାଇଥାଏ। ପରନ୍ତୁ ଯିଏ ଘରେ ବସି ରହି କେବଳ ବଡ଼ ବଡ଼ କଥା କହିଥାଏ, ତା'ଦ୍ୱାରା କିଛି ବି ହୋଇପାରି ନ ଥାଏ। ଏପରି ନିକମା ପ୍ରକୃତିର ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗ କରିବା ସହ ଖାଇବାକୁ ପାଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଖିଅର ନୋହିବ ବାପ ପୁଅରେ**
**ଖିଅର ହୋଇବ ବାପ ପୁଅରେ।**

ରବିଙ୍କ ପୁଅ ଶନି ହୋଇଥିବା କାରଣରୁ ରବିବାର ଓ ଶନିବାର ବାପ ପୁଅ ଉଭୟଙ୍କ ଖିଅର ହେବାରେ ବାରଣ ରହିଥାଏ। ଠିକ୍ ସେହିପରି ଭାବେ ସୋମବାର ଏବଂ ବୁଧବାର ବାପ ପୁଅ ଉଭୟଙ୍କ ଖିଅର ହେବାରେ କୌଣସି ଆପତ୍ତି ନ ଥାଏ କାରଣ ସେମାନଙ୍କର ପୁଅ ହେଉଛନ୍ତି ବୁଧ। ଆଗକାଳରେ ଏପରି ବାର ଅନୁସାରେ ଖିଅର ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଜୀବନ ବଞ୍ଚାଇବାକୁ ...

ଶୁଭ୍ରାଂଶୁ ଫାର୍ମ ହାଉସରେ ଶୋଇଥିବାବେଳେ କୁକୁର ଜୋରରେ ଭୁକିଥିଲା। ଶୁଭ୍ରାଂଶୁ କବାଟ ଫିଟାଇ ବାହାରକୁ ଆସିବା ସମୟରେ ହଠାତ୍ ଏକ କଲରାପତରିଆ ବାଘ ତାଙ୍କ ଉପରକୁ ଲମ୍ଫ ମାରିଥିଲା। ଫଳରେ ସେ ଜୀବନ ବିକଳରେ ଘର ଭିତରକୁ ପଶିଯାଇଥିଲେ। ହେଲେ କଲରାପତରିଆ ମଧ୍ୟ ଘର ଭିତରକୁ ପଶି ଶୁଭ୍ରାଂଶଙ୍କୁ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବାକୁ ଶୁଭ୍ରାଂଶୁ ପାଖରେ ଥିବା ଛୁରିଓ ଅନ୍ୟାନ୍ୟ ଜିନିଷରେ କଲରାପତରିଆକୁ ଆକ୍ରମଣ କରିଥିଲେ। ଏଥିରେ ବାଘର ମୃତ୍ୟୁ ଘଟିଥିବାବେଳେ ଶୁଭ୍ରାଂଶୁ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକଙ୍କୁ ଏବିଷୟରେ ପ୍ରାୟ ୧ଟା ୩୦ ସମୟରେ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଶୁଭ୍ରାଂଶୁଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା।

ଶୁଭ୍ରାଂଶୁ ଏସ୍‌ସିବିର ଟ୍ରମା କାଜୁଆଲିଟିରେ ଭର୍ତ୍ତି ହୋଇଛନ୍ତି। ଶୁଭ୍ରାଂଶୁଙ୍କ ମୁଣ୍ଡ, ଦୁଇ ହାତ, ଗୋଡ଼ ଆଦିରେ ଆଘାତ ଲାଗିଥିବାବେଳେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ମେଡିକାଲର ସର୍ଜରି ବିଭାଗକୁ ପଠାଯାଇଛି। ଅନ୍ୟପଟେ ଶୁଭ୍ରାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଥିବା ନେଇ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି। ଶୁଭ୍ରାଂଶୁଙ୍କ ମା' ପ୍ରତିମା ଭୋଳ କହିଛନ୍ତି, ନରସିଂହପୁର ଅଞ୍ଚଳରେ ହାତୀ ଆସିବା ଆମେ ଦେଖିଛୁ। ହେଲେ ପ୍ରଥମ କରି ଏଭଳି ବାଘ ଘଟଣା ସାମ୍ନାକୁ ଆସିଛି। ବାଘ ଆକ୍ରମଣରେ ପୁଅର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ନିଜ ଜୀବନ ବଞ୍ଚାଇବାକୁ ବାଘ ସହ ପୁଅର ଲଢ଼େଇ ସମୟରେ ବାଘର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ବନ ବିଭାଗ ଖବର ପାଇ ଏହା ଉପରେ ଅଧିକ ତଦନ୍ତ ଜାରି ରଖିଥିବା ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ପଶ୍ଚିମାଞ୍ଚଳ ରେଞ୍ଜର ପ୍ରଦୀପ କୁମାର ନାୟକଙ୍କୁ ପଚରାଯିବାରେ ମୃତ ବାଘକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ସହିତ ତଦନ୍ତ ଜାରି ରହିଛି। ଆହତ ଶୁଭ୍ରାଂଶୁଙ୍କୁ ଚିକିତ୍ସା ପାଇଁ କଟକ ପଠାଇ ଦିଆଯାଇଥିବା କହିଥିଲେ।

## ବାଂଲାଦେଶ ସ୍ଥାନରେ ...

ସୂଚନାଯୋଗ୍ୟ, ବିସିବି ତରଫରୁ ଆଇସିସିକୁ ସଫେଇ ଦିଆଯାଇଥିଲା ଯେ ଆଇସିସି ତରଫରୁ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ସୁରକ୍ଷାଜନିତ କାରଣରୁ ଭାରତ ଗସ୍ତ ନ କରିବା ଲାଗି ବାଂଲାଦେଶ କ୍ରୀଡ଼ା ମନ୍ତ୍ରଣାଳୟ ଉପଦେଷ୍ଟା ଅସିଫ୍ ନଜରୁଲ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ବ୍ୟାପାରରେ ସ୍କଟ୍‌ଲାଣ୍ଡ କହିଛି, ଫେବୃଆରୀ ୭ରୁ ଆରମ୍ଭ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ସେମାନଙ୍କୁ ଏପର୍ଯ୍ୟନ୍ତ ବିଧିବଦ୍ଧ ଚିଠି ମିଳିନାହିଁ। ଚିଠି ହସ୍ତଗତ ହେବାମାତ୍ରେ ସେମାନେ ସେମାନଙ୍କ ପ୍ରତିକ୍ରିୟା ରଖିବେ। ସୂଚନାଯୋଗ୍ୟ, ସ୍କଟ୍‌ଲାଣ୍ଡ ୬ଷ୍ଠ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛି। ବାଂଲାଦେଶ ସ୍ଥାନରେ ଖେଳିବାକୁ ଥିବା ଏହି ଦଳ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ଲିଗ୍ ମ୍ୟାଚ୍ ଖେଳିବ। ଦଳ କୋଲ୍‌କାତାରେ ୱେଷ୍ଟଇଣ୍ଡିଜ(ଫେବୃଆରୀ ୭),ଇଟାଲୀ(ଫେବୃଆରୀ ୯) ଏବଂ ଇଂଲଣ୍ଡ (ଫେବୃଆରୀ ୧୪)କୁ ଭେଟିବାକୁ ଥିବା ବେଳେ ଫେବୃଆରୀ ୧୭ରେ ମୁମ୍ବାଇଠାରେ ନେପାଳ ବିପକ୍ଷରେ ଖେଳିବ।

## ପାକିସ୍ତାନ ଅଂଶଗ୍ରହଣ ନେଇ ନିଷ୍ପତ୍ତି ନେବେ ସରକାର: ପିସିବି

ଲାହୋର, ୨୪।୧(ପି.ଟି.): ଟି୨୦ କ୍ରିକେଟ ବିଶ୍ୱକପ୍‌ରୁ ବାଂଲାଦେଶ ବହିଷ୍କାର ହେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏହାର ପ୍ରତିକ୍ରିୟା ପ୍ରକାଶ କରିଛି। ଏହାର ଚେୟାରମ୍ୟାନ ମହସିନ୍ ନକ୍‌ଭି କହିଛନ୍ତି, ସେମାନଙ୍କ ଜାତୀୟ ଦଳ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ କି ନା ସେ ସମ୍ପର୍କରେ ପାକିସ୍ତାନ ସରକାର ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ୍ ବର୍ତ୍ତମାନ ବିଦେଶ ଗସ୍ତରେ ଅଛନ୍ତି। ସେ ଫେରିବା ମାତ୍ରେ ଏହି ବିଷୟ ତାଙ୍କ ନିକଟରେ ଉପସ୍ଥାପନ କରାଯିବ। ସୂଚନାଯୋଗ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସହ ହୋଇଥିବା ଚୁକ୍ତିନାମା ଅନୁସାରେ ପାକିସ୍ତାନ ଏହାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବ। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ହେଉଛି ଏକମାତ୍ର ସଦସ୍ୟ ରାଷ୍ଟ୍ର, ଯିଏକି ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବା ଲାଗି ବିସିବିର ଦାବିକୁ ସମର୍ଥନ କରୁଛି। ଅନ୍ୟ ୧୪ଟି ଦେଶ କିନ୍ତୁ ଏହାର ବିରୋଧରେ ଭୋଟ ଦେଇଛନ୍ତି।

# ନଦୀଜଳ ପ୍ରଦୂଷଣ କରୁଛି ନାଲ୍କୋ

- ପାଉଁଶପାଣି ନନ୍ଦିରା ନାଳ ଦେଇ ମିଶୁଛି ବ୍ରାହ୍ମଣୀରେ
- ଲୋକଙ୍କ ଦେହରେ ବଢ଼ୁଛି ଚର୍ମରୋଗ, ମରୁଛନ୍ତି ଗୋରୁ
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବଦ୍ରଷ୍ଟା

ଅନୁଗୋଳ,୨୪।୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍କୋକୁ ନେଇ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ଅଭିଯୋଗ ବଢ଼ିବାରେ ଲାଗଛି। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ହେଉଥିବା ଦାବି ପ୍ରତି ନାଲ୍କୋ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାବେଳେ ବାୟୁ ପରି ଅନୁଗୋଳରେ ଜଳ ପ୍ରଦୂଷଣ ମଧ୍ୟ ନାଲ୍କୋ ବଢ଼ାଇ ଚାଲିଛି। କାରଖାନାରୁ ବାହାରୁଥିବା ପାଉଁଶମିଶା ପାଣି ଆଶ୍‌ପଣ୍ଡକୁ ଯିବାବେଳେ ଅନେକ ସମୟରେ ଲିକେଜ୍ ହୋଇ ନନ୍ଦିରା ନାଳ ଦେଇ ବ୍ରାହ୍ମଣୀରେ ମିଶୁଥିବାରୁ ଉଭୟ ନାଳ ଓ ନଦୀ ପାଣି ପ୍ରଦୂଷିତ ହେଉଥିବା ବଗଚର ଗ୍ରାମର ରାମଚନ୍ଦ୍ର ନାଏକ, ଲିଙ୍ଗରାକଟା ଗାଁର ଦିଲୀପ ନାଏକ ଅଭିଯୋଗ କରିଛନ୍ତି। ଏହି ପାଉଁଶ ମିଶା ନଦୀ ଓ ନାଳ ପାଣି ବ୍ୟବହାର କରୁଥିବା ଅନେକ ଲୋକ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ବିଭିନ୍ନ ସମୟରେ ଗୃହପାଳିତ ପ୍ରାଣୀ ପ୍ରଦୂଷିତ ପାଣି ପିଇ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ଏ ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍କୋର ନିଜସ୍ୱ ବିଦ୍ୟୁତ୍ କାରଖାନା (ସିପିପି)ରୁ ବାହାରୁଥିବା ପାଉଁଶ ଓ କେମିକାଲ ମିଶା ବିଷାକ୍ତ ବର୍ଜ୍ୟ ପାଣିକୁ ପାଇପ୍ ଯୋଗେ ଆଶ୍‌ପଣ୍ଡକୁ ପଠାଯାଉଛି। ହେଲେ ଅନେକ ସମୟରେ ଏହି ପାଇପ୍‌ରୁ ପାଉଁଶମିଶା ପାଣି ଗୋତମରା, ଲିଙ୍ଗରାକଟା, ଦାସନାଳୀ ଗାଁ ନିକଟରେ ଲିକେଜ୍ ହୋଇ ନନ୍ଦିରା ନାଳରେ ମିଶୁଛି। ଫଳରେ ନନ୍ଦିରା ପାଣି ବିଷାକ୍ତ ହେଉଛି। ଏହି ବିଷାକ୍ତ ନାଳ ପାଣି ବୁଢ଼ାପଙ୍କ, ବଗଚର, କମଳାଙ୍ଗ ନିକଟ ବ୍ରାହ୍ମଣୀ ନଦୀରେ ମିଶିବା ପରେ ନଦୀ ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ସେହିପରି ନନ୍ଦିରା ପାଣିକୁ ଲୋକେ ଗାଁ ପୋଖରୀରେ ପୂରାଉ ଥିବାରୁ ଉକ୍ତ ଜଳଉତ୍ସଗୁଡ଼ିକ ମଧ୍ୟ ପ୍ରଦୂଷିତ ହେଉଛି। ଏହି ନଦୀ, ନାଳ ଓ ପୋଖରୀ ପାଣିକୁ ଲୋକମାନେ ବ୍ୟବହାର କରି ନାନା ପ୍ରକାର ଚର୍ମରୋଗ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପାଣି ପିଇବା ଦ୍ୱାରା ଗୋରୁଙ୍କ ଠାରେ ବଜବଜିଆ ରୋଗର ଲକ୍ଷଣ ଦେଖିବାକୁ ମିଳୁଛି। ଚିକିତ୍ସା ଅଭାବରୁ ଏହି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହେଉଛି। ଗୋତମରା ଗ୍ରାମର ସୁବାସ ନାୟକ କହିଛନ୍ତି, ନାଲ୍କୋ କାରଖାନା ପ୍ରତିଷ୍ଠା ପରେ ଅଞ୍ଚଳରୁ ବେକାରି ହଟିବ, ବିକାଶ ହେବ ଓ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ବୋଲି ଭାବିଥିଲୁ। ହେଲେ ସେମିତି କିଛି ହେଉନାହିଁ। ଲୋକଙ୍କ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦିଆଯାଉଥିଲେ ବି କାର୍ଯ୍ୟକାରୀ କରାଯାଉନାହିଁ। ବିଶୁଦ୍ଧ ପିଇବା ପାଣି ଲୋକଙ୍କୁ ମିଳୁନାହିଁ। ବଗଚର ଗ୍ରାମର ରାମଚନ୍ଦ୍ର କହିଛନ୍ତି, ନଦୀ, ନାଳର ପାଉଁଶ ମିଶା ଦୂଷିତ ପାଣି ବ୍ୟବହାର ଯୋଗୁ ଲୋକଙ୍କ ଦେହ କୁଣ୍ଡେଇ ହୋଇ ଫୁଲି ଯାଉଛି। ନନ୍ଦିରା ନାଳରେ ଗାଧୋଇ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଲିଙ୍ଗରାକଟା ଗାଁର ଦିଲୀପ କହିଛନ୍ତି, ନାଲ୍କୋର ପାଉଁଶ ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ବିଭିନ୍ନ ସ୍ଥାନରେ ଏହା ଲିକ୍ ହୋଇ ନନ୍ଦିରା ନାଳରେ ମିଶୁଛି। ଏହି ପାଣି ପିଇ ଗୋରୁଙ୍କ ଜୀବନ ଚାଲିଯାଉଛି। ଏ ନେଇ ଅଭିଯୋଗ କଲେ ବି ପ୍ରତିକାର କରାଯାଉ ନାହିଁ।

ନନ୍ଦିରା ପାଣି ବ୍ରାହ୍ମଣୀ ନଦୀରେ ମିଶିବା ଫଳରେ ନଦୀ ପ୍ରଦୂଷିତ ହେଉଛି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ କାର୍ଯ୍ୟାଳୟ ମୁଖ୍ୟ ରମେଶ ଚନ୍ଦ୍ର ଏକାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଜଳ ପ୍ରଦୂଷଣ ରୋକିବାକୁ ନାଲ୍କୋ ପକ୍ଷରୁ କେଉଁ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇଛି ବୋଲି ପଚରାଯାଇଥିଲେ ହେଁ ନାଲ୍କୋ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।


ନାଲ୍କୋରୁ ଛଡ଼ାଯାଇଥିବା ପାଉଁଶମିଶା ପାଣି ଲିକେଜ ହୋଇ ନନ୍ଦିରା ନାଳରେ ପଡୁଛି।

## ଟୁରିଷ୍ଟ ବସ୍-ହାଇୱା ଧକ୍କା, ୪ ଆହତ

ବୋଲଗଡ଼/କଳାପଥର,୨୪।୧(ଦେବବ୍ରତ ହୋତା/ଗଙ୍ଗାଧର ସାହୁ): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନ ଅଧୀନ ଗେଡିଆପଲ୍ଲୀ-ଗୋବିନ୍ଦପୁର ରାସ୍ତାରେ ଶନିବାର ଟୁରିଷ୍ଟ ବସ୍ ଏବଂ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବସ୍ ଡ୍ରାଇଭରଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଳାପଥର ମେଡିକାଲକୁ ପଠାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ହାଇୱା ଜବତ କରି ତଦନ୍ତ ଚଳାଇଛି।




# ଆଗୁଆ ହୋଇପାରେ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର,୨୪।୧(ସୁନିତ୍ ମିଶ୍ର)

ରାଜ୍ୟରେ ହେବାକୁ ଥିବା ଜନଗଣନା ପାଇଁ ପଞ୍ଚାୟତ ନିର୍ବାଚନ ଆଗୁଆ ହୋଇପାରେ। ନିର୍ଦ୍ଧାରିତ ସମୟର ୨/୩ ମାସ ପୂର୍ବରୁ ଏହି ନିର୍ବାଚନ ହେବା ସମ୍ଭାବନା ରହିଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ସୂଚନା ଦେଇଛନ୍ତି। ଏକ କାର୍ଯ୍ୟକ୍ରମ ଅବସରରେ ମନମୋହନ ତାଙ୍କ ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଟାସ୍କ ଦେଇ କହିଛନ୍ତି, ୬ମାସ ଭିତରେ ନିଜର ସବୁ ଅଧୁରା କାମ ଶେଷକର। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସବୁ ବ୍ଲକ୍, ପଞ୍ଚାୟତ, ଜିଲା ପରିଷଦ ଜୋନ୍, ୱାର୍ଡସ୍ତରରେ ଦଳକୁ ଜିତିବାକୁ ହେବ ବୋଲି ସେ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ଆଗକୁ ଦଳର ମିଶ୍ରଣ ପର୍ବ ପଞ୍ଚାୟତସ୍ତରରେ ଅନୁଷ୍ଠିତ ହେବ। ଯେଉଁମାନେ ପଞ୍ଚାୟତ ସ୍ତରରେ ମିଶିବେ ସେମାନଙ୍କୁ ଦଳ ଗ୍ରାମ ପଞ୍ଚାୟତରେ ମିଶ୍ରଣ ପର୍ବ କରି ସ୍ୱାଗତକରିବ। ବିଧାନସଭା ସ୍ତରରେ ମିଶିବାକୁ ଥିବା ନେତାମାନଙ୍କ ପାଇଁ ସେହି ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ସେହିପରି ଜିଲାସ୍ତର ପାଇଁ ଜିଲାରେ ଓ ରାଜ୍ୟସ୍ତର ଲାଗି ରାଜ୍ୟ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ଚାଲିବ। ପଞ୍ଚାୟତରୁ ଆରମ୍ଭକରି ଭୁବନେଶ୍ୱର ପର୍ଯ୍ୟନ୍ତ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ପଞ୍ଚାୟତ ଭୋଟକୁ ଆଉ ୬ ମାସ ରହିଲା। ଏଣିକି ଦିନରାତି ଏକକରି ପରିଶ୍ରମ କରିବା। ସରପଞ୍ଚ ଓ ପଞ୍ଚାୟତ ସମିତି ମେମ୍ବର ଯେଉଁ କାମ ସାରିନାହାନ୍ତି, ସେମାନେ ୬ମାସ ଭିତରେ କରିଦିଅନ୍ତୁ ବୋଲି ମନମୋହନ କହିଛନ୍ତି।


ମନମୋହନ ସାମଲ

ପଞ୍ଚାୟତ ନିର୍ବାଚନ ୨୦୨୭ ଜାନୁଆରୀ-ଫେବୃଆରୀରେ ହେବା ନେଇ କିଛିଦିନ ତଳେ ରାଜ୍ୟ ନିର୍ବାଚନ କମିଶନରଙ୍କ ଇଙ୍ଗିତ ଏବଂ ମନମୋହନଙ୍କ ପ୍ରତିକ୍ରିୟାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି। ଦୀର୍ଘଦିନ ହେଲା ଭାଜପା ସରକାର ରାଜ୍ୟରେ ପଞ୍ଚାୟତ ଭୋଟ କରିବ ନାହିଁ ବୋଲି ବିରୋଧୀ ଯେଉଁ ଡିଣ୍ଡିମ ପିଟୁଥିଲେ, ତାହା ଏବେ ମିଛ ପ୍ରମାଣିତ ହେବାକୁ ଯାଉଛି। ଅନେକ ବିଜେଡି ନେତା ଭିନ୍ନ ଭିନ୍ନ ସ୍ଥାନରେ ପ୍ରତିକ୍ରିୟା ଦେଇ କହିଆସୁଥିଲେ ଯେ, ଭାଜପା କେବେ ହେଲେ ପଞ୍ଚାୟତ ଭୋଟ କରିବ ନାହିଁ। ଯଦି ସେମାନେ ପଞ୍ଚାୟତ ଭୋଟ କରନ୍ତି, ତେବେ ସେମାନେ ଜିତିପାରିବେ ନାହିଁ। ଏଭଳି ସ୍ଥିତିରେ ମନମୋହନ ଆଗୁଆ ଭୋଟ ହେବ ବୋଲି ପ୍ରତିକ୍ରିୟା ଦେବା ପରେ ବିଜେଡି କ'ଣ କହୁଛି ଜାଣିବାକୁ ଚାହିଁଥିଲୁ।

ଏନେଇ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ରାଜ୍ୟରେ ପଞ୍ଚାୟତ ଭୋଟ ହେବ ନା ନାହିଁ ସେ କଥା ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଦେଖିବା ପରେ ନିର୍ବାଚନ କମିଶନର ଘୋଷଣା କରିଥାନ୍ତି। ଶାସକ ଦଳ ନିଜ ରାଜ୍ୟ କାର୍ଯ୍ୟାଳୟରେ ବସି ଏଭଳି ତଥ୍ୟ ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛି। ଏହାଦ୍ୱାରା ସରକାର ଗଣତାନ୍ତ୍ରିକ ପଦ୍ଧତିର ଧଜିଆ ଉଡ଼େଇ ଦେଇଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ ସାମ୍ନାକୁ ଆସି ସ୍ପଷ୍ଟ ସୂଚନା ଦିଅନ୍ତୁ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ପଞ୍ଚାୟତ ଭୋଟ ହେବା ସମ୍ପର୍କିତ ଘୋଷଣା ଏକ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ହୋଇଥାଏ। ଜଣେ ଦଳର ସଭାପତି ଏହି ଘୋଷଣାକରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ତୃଣମୂଳସ୍ତରରେ ଭାଜପା ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବାବେଳେ ଏଭଳି ଅସମ୍ବିଧାନିକ ଘୋଷଣାକରି ଦଳର ଭୋଟ ବଢ଼ାଇବା ପାଇଁ ଶାସକ ଦଳର ଏହା ଏକ ଅପଚେଷ୍ଟା। ଅନେକ ସମୟରେ ଭାଜପା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସେମାନେ ଆଗୁଆ ପଞ୍ଚାୟତ ଭୋଟ ହେବ କହି ଯେଉଁ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି, ଆଗାମୀ ଦିନରେ କଂଗ୍ରେସ ତା'ର ଜବାବ ଦେବ ବୋଲି କାଡାମ କହିଛନ୍ତି।

ଆଗୁଆ ପଞ୍ଚାୟତ ଭୋଟ ସମ୍ପର୍କିତ ଏହି ଘୋଷଣା ବିଜେଡି ଓ କଂଗ୍ରେସକୁ ପରୋକ୍ଷ ଟାର୍ଗେଟ ବୋଲି କୁହାଯାଇପାରେ। ଏଭଳି ଏକ ଘୋଷଣା ଜରିଆରେ ତୃଣମୂଳସ୍ତରରୁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ଶାସକ ଦଳରେ ମିଶାଇବାକୁ ଏହା ଏକ ରାଜନୈତିକ ଗୋଟିଚାଳନା ବୋଲି ଚର୍ଚ୍ଚା ଜୋର୍ ଧରିଛି।

## ନିଶାସକ୍ତ ଅବସ୍ଥାରେ ଗଡ଼ିଲେ ୨ ଛାତ୍ର

ଫୁଲବାଣୀ, ୨୪।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟକୁ ବିବାଦ ପିଛା ଛାଡୁନି। ଛାତ୍ରାବାସରେ ରହି ପଢୁଥିବା ଛାତ୍ରୀମାନେ ଗର୍ଭବତୀ ହେବା ଘଟଣାକୁ ନେଇ ପୂର୍ବରୁ କେତୋଟି ବିଦ୍ୟାଳୟ ଚର୍ଚ୍ଚାକୁ ଆସିଥିବାବେଳେ ଏବେ ଟିକାବାଲିର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଏକ ବିଦ୍ୟାଳୟ ଚର୍ଚ୍ଚାକୁ ଆସିଛି। ଶୁକ୍ରବାର ସରସ୍ୱତୀ ପୂଜା ଦିନ ଏହି ବିଦ୍ୟାଳୟର ୨ଜଣ ଛାତ୍ର ବଜାରକୁ ଆସି ମଦ ପିଇ ନିଶାସକ୍ତ ହୋଇ ପଡିରହିବା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଟିକାବାଲି ବ୍ଲକ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମଶ୍ରେଣୀରେ ପଢୁଥିବା ଏହି ଦୁଇ ଛାତ୍ର ସ୍କୁଲ ୟୁନିଫର୍ମ ପିନ୍ଧି ଛାତ୍ରାବାସରୁ ସରସ୍ୱତୀ ପୂଜାରେ ଯୋଗଦେବାକୁ ଆସିଥିଲେ। ପରେ ସେମାନେ ସେପରି ସ୍କୁଲ ୟୁନିଫର୍ମ ପିନ୍ଧି ବଜାରକୁ ଯାଇ ମଦ୍ୟପାନ କରିଥିଲେ। ଉଭୟେ ନିଶାସକ୍ତ ଅବସ୍ଥାରେ ଆଉ ଛାତ୍ରାବାସକୁ ଫେରି ନ ପାରି ଟିକାବାଲି ପୋଷ୍ଟ ଅଫିସ ନିକଟରେ ଥିବା ବିଏସ୍ଏନ୍ଏଲ ଟାୱାର ତଳେ ଅଚେତ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ଏବଂ କିଛି ବୁଦ୍ଧିଜୀବୀ ଏହି ଦୁଇ ଛାତ୍ରଙ୍କୁ ଦେଖି ପ୍ରଧାନଶିକ୍ଷକ କାମରାଜ କହଁରଙ୍କୁ ଖବର ଦେଇଥିଲେ। ପରେ ଦୁଇ ଛାତ୍ରଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ସେମାନେ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡିଥିଲା। ଶୁକ୍ରବାର ପୂଜା ଥିଲା। ଏହାର ସୁଯୋଗ ନେଇ ଦୁଇ ଛାତ୍ର ବାହାରକୁ ଯାଇ ଏଭଳି କାମ କରିଛନ୍ତି। ଆମେ ସେମାନଙ୍କ ଅଭିଭାବକଙ୍କୁ ଖବର ଦେବାରୁ ସେମାନେ ଆସି ପିଲାଙ୍କୁ ଘରକୁ ନେଇଛନ୍ତି। ପିଲାମାନେ ଶୃଙ୍ଖଳାରେ ରହିବା ପାଇଁ ଆମେ ଚେଷ୍ଟା କରୁଛୁ। ବିଦ୍ୟାଳୟଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ହେବା ପରେ ଆମେ କଠୋର ପଦକ୍ଷେପ ନେଇପାରୁନୁ। ଏହାର ଫାଇଦା ନେଇ କିଛି ଅମାନିଆ ପିଲା ଏଭଳି ବିଶୃଙ୍ଖଳିତ ହେଉଛନ୍ତି ବୋଲି ପ୍ରଧାନ ଶିକ୍ଷକ କହଁର କହିଛନ୍ତି।

# ୨୧.୧ କି.ମି. ଦୌଡ଼ି ପଦକ ଜିତିଲେ ଝାରସୁଗୁଡ଼ା ଏସ୍‌ପି

ରାଉରକେଲା,୨୪।୧(ସଙ୍ଗୀତା ଦାଶ)

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ସ୍ଥାପନା ଦିବସ ପାଳନ ଅବସରରେ ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍‌ପି) ପକ୍ଷରୁ ଶନିବାର ଆୟୋଜିତ ହାଫ୍ ମାରାଥନ୍‌ରେ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସାମିଲ ହୋଇଥିଲେ। ସେ ୨୧.୧ କି.ମି. ଦୂରତା ଦୌଡ଼କୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିବାରୁ ତାଙ୍କୁ ଆର୍ଏସ୍‌ପି ପକ୍ଷରୁ ପଦକ ପ୍ରଦାନ କରାଯାଇଥିଲା। ଏହି ମାରାଥନ୍‌ରେ ବିଭିନ୍ନ ରାଜ୍ୟର ୧୨୫୧ ଜାତୀୟ ଦୌଡାଳିଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ କରିବା ସହ ଅଂଶଗ୍ରହଣ କରିଥିଲେ। ଉକ୍ତ ଦୌଡ଼ ପ୍ରତିଯୋଗିତା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍‌ରୁ ପ୍ରାତଃ ୫ଟା ୩୦ରେ ଆରମ୍ଭ ହୋଇ ସହରର ବିଭିନ୍ନ ଛକ ଅତିକ୍ରମ କରିବା ପରେ ପୁନଃ ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା। ଏହି ବୃହତ୍ତମ ଗଣଦୌଡରେ ସୁନ୍ଦରଗଡ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ସାମିଲ ହୋଇ ସୁରକ୍ଷିତ ସ୍ୱାସ୍ଥ୍ୟ ପାଇଁ ନିୟମିତ ଦୌଡ଼ର ଉପକାରିତା ବିଷୟରେ ବାର୍ତ୍ତା ପ୍ରଦାନ ଦେଇଥିଲେ।

ରାଉରକେଲା ହାଫ୍ ମାରାଥନ


ପଦକ ସହ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର।

## ନବଗ୍ରହ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟଙ୍କୁ ଆକ୍ରମଣ ଅଭିଯୋଗ

ତିହିଡ଼ି,୨୪।୧(ସଞ୍ଜିତ ବଳ):ତିହିଡ଼ି ଥାନା ଅଧୀନ କୋହ୍ଲ ବଜାରସ୍ଥିତ ନବଗ୍ରହ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ ପ୍ରଭାତ କୁମାର ରାଉଳଙ୍କୁ କେତେଜଣ ପୂଜକ ଶନିବାର ପୂର୍ବାହ୍ନରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତିହିଡ଼ି ଗ୍ରାମର ପ୍ରଭାତ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭/୨୬) ରୁଜୁ କରିଛି। ପୋଲିସ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିବା ସହ ନୋଟିସ ଦେଇ ତାଙ୍କୁ ଛାଡ଼ିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଗତବର୍ଷ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ହେବା ପରେ କେତେକ ପୂଜକ ଏହାକୁ ବିରୋଧ କରିଆସୁଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ ତଥା ଖବରଦାତା ପ୍ରଭାତ ମନ୍ଦିରକୁ ଭୋଗ କରିବାକୁ ଯାଇଥିବା ବେଳେ ଆକ୍ରମଣକାରୀ ପୂଜକମାନେ ତାଙ୍କୁ କାହିଁକି ଆସିଛ ବୋଲି ପଚାରିବା ସହ ଗାଳିଗୁଲଜ କରିଥିଲେ। ପ୍ରଭାତ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହ ବିଭିନ୍ନ ମାରଣାସ୍ତ୍ରରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ପ୍ରଭାତଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।






❝ ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ୍ୟ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡ଼ିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢ଼ାଇ ବଢ଼ାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ

ମାଘସପ୍ତମୀ, ଚନ୍ଦ୍ରଭାଗାତୀର୍ଥେ ସ୍ନାନ



# ବିଭାଜନକାରୀ ଆଇନ



ଆକାର ପଟେଲ

ଚଳିତ ସପ୍ତାହରେ ଗୁଜରାଟ ଭଳି ରାଜସ୍ଥାନ ଏକ ପୃଥକୀକରଣ ବା ବିଭାଜନକାରୀ ଆଇନ ପାସ୍ କରିବାକୁ ଯାଉଛି। ଅଧିକାଂଶ ଭାରତୀୟ ଏହାର ଅସ୍ତିତ୍ୱ ବିଷୟରେ ଜାଣିପାରିବେ ନାହିଁ, କାରଣ ଗଣମାଧ୍ୟମ ଏହାକୁ ରିପୋର୍ଟ କରିବାର ସମ୍ଭାବନା କମ୍। ଆସନ୍ତୁ ଦେଖିବା ଏହା କ'ଣ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଗରିବ ଲୋକଙ୍କୁ ଯେଉଁଠି ଏକାଠି ରହିବାକୁ ବାଧ୍ୟ କରାଯାଏ ତାହାକୁ ଆମେ ବସ୍ତି ବୋଲି କହୁ। ଏକ ଜାତିଗତ ଗୋଷ୍ଠୀକୁ ଜୋରଜବରଦସ୍ତ ସହର ସମୀପବର୍ତ୍ତୀ ଏକ ଅନୁନ୍ନତ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଏ। ବସ୍ତି ଲୋକଙ୍କର ଅନ୍ୟତ୍ର ଯିବାର କୌଣସି ବାଟ ନାହିଁ। ଜାତିଗତ ଗୋଷ୍ଠୀର ଲୋକଙ୍କ ପାଖରେ ସାଧନ ଥିଲେ ମଧ୍ୟ ସେମାନଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ବର୍ଣ୍ଣବୈଷମ୍ୟ ଅର୍ଥ ପୃଥକତା ଏବଂ ଏହି ନୀତି ଦକ୍ଷିଣ ଆଫ୍ରିକାର କଳା ଆଫ୍ରିକୀୟଙ୍କୁ ଅଲଗା କରି ସ୍ୱତନ୍ତ୍ର ଅଞ୍ଚଳରେ ଗୋଷ୍ଠୀଗତ ଭାବେ ରହିବା ପାଇଁ ବାଧ୍ୟ କରେ। ଯେତେବେଳେ ୧୯୬୦ ଦଶକରେ ଆମେରିକାରେ କଳା-ଗୋରା ପୃଥକୀକରଣ ଆଇନଗତ ଭାବରେ ଶେଷ ହୋଇଥିଲା, ସେତେବେଳେ ସରକାର ଜାତିଗୁଡ଼ିକୁ ଏକାଠି କରିବା ପାଇଁ ଫେୟାର ହାଉସିଂ ଆକ୍ଟ ଭଳି ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ସମ୍ପତ୍ତିର କିଣାବିକାରେ ଥିବା ଜାତିଗତ ଭେଦଭାବକୁ ରୋକିଥିଲା। ସମଗ୍ର ଗୁଜରାଟରେ, ସବୁ ପ୍ରମୁଖ ସହର ଏବଂ ଅନେକ ଛୋଟବଡ଼ ସହରରେ ଭାଜପା ସରକାର ଏହାର ବିପରୀତ କାର୍ଯ୍ୟ କରିଛି। ଗୁଜରାଟ ପ୍ରୋହିବିଶନ ଅଫ୍ ଟ୍ରାନ୍ସଫର ଅଫ୍ ଇମୋଭେବଲ ପ୍ରପର୍ଟି ଆଣ୍ଡ୍ ପ୍ରୋଭିଜନ ଫର୍ ପ୍ରୋଟେକ୍ସନ ଅଫ୍ ଟେନାଣ୍ଟସ୍ ଫ୍ରମ୍ ଏଭିକ୍ସନ ଆଇନ ମାଧ୍ୟମରେ ମୁସଲମାନମାନଙ୍କୁ ଜାଣିଶୁଣି ସହର ନିକଟବର୍ତ୍ତୀ ଅଞ୍ଚଳରେ ରହିବାକୁ ବାଧ୍ୟ କରାଯାଇଛି। ଏହି ଆଇନ ଅନୁଯାୟୀ ସହରଗୁଡ଼ିକର ନିର୍ଦ୍ଦିଷ୍ଟ ଭାଗରେ ଥିବା ନାଗରିକଙ୍କୁ ସେମାନଙ୍କର ସମ୍ପତ୍ତି ବିକ୍ରୟ କରିବା କିମ୍ବା ଭଡ଼ାଟିଆ ପରିବର୍ତ୍ତନ କରିବା ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ଆବେଦନପତ୍ରରେ କ୍ରେତା ଏବଂ ବିକ୍ରେତାଙ୍କ ନାମ ତାଲିକାଭୁକ୍ତ କରାଯିବା ଉଚିତ ଏବଂ ଜୋରଜବରଦସ୍ତ ବିକ୍ରୟ କରାଯାଇ ନାହିଁ ଓ ବଜାର ମୂଲ୍ୟରେ ହୋଇଛି ବୋଲି ଏକ ଶପଥପାଠ ଦେବା ଆବଶ୍ୟକ।

ଏହି ଆଇନ ୨୦୦୯ରେ ପ୍ରଥମେ କଂଗ୍ରେସ ଦ୍ୱାରା ଗୃହୀତ ହୋଇଥିଲା ଏବଂ ମୋଦି ସରକାର ଆଇନରେ ସଂଶୋଧନ କରି କଲେକ୍ଟରଙ୍କୁ ତଦନ୍ତ ଏବଂ ଆଇନ ଅନୁଯାୟୀ ସମ୍ପତ୍ତି ଦଖଲ କରିବା ପାଇଁ ଅତିରିକ୍ତ କ୍ଷମତା ଦେଇଥିଲେ। ଜୁଲାଇ ୨୦୧୯ରେ ଆଉ ଏକ ପରିବର୍ତ୍ତନ କରାଯାଇଥିଲା। ପୂର୍ବରୁ ସମ୍ପତ୍ତି ବିକ୍ରେତାଙ୍କୁ ସେମାନଙ୍କର ସମ୍ପତ୍ତି ହସ୍ତାନ୍ତର ପାଇଁ ଅନୁମତି ଲାଗି ଆବେଦନ କରିବାକୁ ଏବଂ ସତ୍ୟପାଠରେ ସେମାନଙ୍କ ସମ୍ମତି ପଞ୍ଜୀକୃତ କରିବାକୁ ପଡୁଥିଲା। ବର୍ତ୍ତମାନ ବିକ୍ରୟ ସ୍ୱଷ୍ଟ ସମ୍ମତିରେ ହେଉଥିଲେ ଏବଂ ମାଲିକଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରାଯାଉଥିଲେ ମଧ୍ୟ ତାହା ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ। ଯଦି ଜିଲାପାଳ ଜନସଂଖ୍ୟାଗତ ସନ୍ତୁଳନରେ କୌଣସି ବିଭ୍ରାଟ କିମ୍ବା ସମ୍ପ୍ରଦାୟର ବ୍ୟକ୍ତିଙ୍କ ବେଆଇନ ଗୋଷ୍ଠୀକରଣ କିମ୍ବା ଧ୍ରୁବୀକରଣର ସମ୍ଭାବନା ଥିବା ଅନୁଭବ କରନ୍ତି, ତେବେ ହସ୍ତାନ୍ତର ହୋଇଥିଲେ ମଧ୍ୟ ସେ ସମ୍ପତ୍ତିର ବିକ୍ରୟ ବନ୍ଦ କରିପାରିବେ। ଏହି ଆଧାରରେ ମୂଲ୍ୟାଙ୍କନ କରିବା ପରେ କଲେକ୍ଟର ସମ୍ପତ୍ତିର ଆଇନଗତ ହସ୍ତାନ୍ତର ପାଇଁ ଆବେଦନକୁ ରଦ୍ଦ ବି କରିପାରିବେ। ବିନା ସ୍ୱୀକୃତିରେ ସମ୍ପତ୍ତି ହସ୍ତାନ୍ତର ପାଇଁ ଜେଲଦଣ୍ଡକୁ ୬ ବର୍ଷ ବୃଦ୍ଧି କରାଯାଇଛି (ଆଇନ ପ୍ରଥମେ ଲାଗୁହେବା ସମୟରେ ଦଣ୍ଡ ୬ ମାସ ଥିଲା)। ଏହି ଆଇନ ବର୍ତ୍ତମାନ ରାଜ୍ୟ ସରକାରଙ୍କୁ ସହର ନିକଟରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳ ଜନସଂଖ୍ୟା ଉପରେ ନଜର ରଖିବା ପାଇଁ ଏକ 'ନିରୀକ୍ଷଣ ଏବଂ ପରାମର୍ଶଦାତା କମିଟି' ଗଠନ କରିବାକୁ ଅନୁମତି ଦେଇଥିଲା। ବିକ୍ରୟକୁ ଅନୁମତି ଦିଆଯାଇପାରିବ କି ନାହିଁ ସେ ବିଷୟରେ ଏହି କମିଟି ଜିଲାପାଳଙ୍କୁ ପରାମର୍ଶ ଦେବ। ଏହି ଆଇନ ବର୍ତ୍ତମାନ ଗୁଜରାଟର ତିନୋଟି ବୃହତ୍ତମ ସହର ଅହମଦାବାଦ, ଭଦୋଦରା ଓ ସୁରଟର ବଡ଼ ଅଂଶ ଏବଂ ଭରୁଚ, କପାଡ଼ଭଞ୍ଜ, ଆନନ୍ଦ ଏବଂ ଗୋଧ୍ରାରେ ବଳବତ୍ତର ରହିଛି। ଅବଶ୍ୟ ବିଦେଶୀମାନେ ଗୁଜରାଟରେ ସମ୍ପତ୍ତି ଲିଜ୍ ଏବଂ କିଣିପାରିବେ, ଯାହା ଭାରତୀୟ ମୁସଲମାନ କରିପାରିବେ ନାହିଁ। ଗତ ସପ୍ତାହରେ ରାଜସ୍ଥାନ କ୍ୟାବିନେଟ ଗୁଜରାଟ ଭଳି ସମାନ କାର୍ଯ୍ୟ କରୁଥିବା ଏକ ଆଇନକୁ ମଞ୍ଜୁରୀ ଦେଇଛି। ଆଇନ ମନ୍ତ୍ରୀ ଯୋଗରାମ ପଟେଲ କହିଛନ୍ତି ଯେ, ଅବୈଧଭାବେ ଗୋଷ୍ଠୀକରି ରହିଥିବା ପଡ଼ୋଶୀଙ୍କୁ ଟାର୍ଗେଟ୍ କରାଯିବ। ସରକାରଙ୍କ ଅନୁମତି ବିନା ଏହି ଅଞ୍ଚଳଗୁଡ଼ିକରେ ସ୍ଥାବର ସମ୍ପତ୍ତିର ହସ୍ତାନ୍ତର ଅବୈଧ ହେବ।

ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେଉଥିବା ଅନ୍ୟ ଆଇନ ପରି ଏହାର ମଧ୍ୟ ଏକ ନାମ ଦିଆଯାଇଛି: ରାଜସ୍ଥାନ ପ୍ରୋହିବିଶନ ଅଫ୍ ଟ୍ରାନ୍ସଫର ଅଫ୍ ଇମୋଭେବଲ ପ୍ରପର୍ଟି ଆଣ୍ଡ୍ ପ୍ରୋଭିଜନ ଫର୍ ପ୍ରୋଟେକ୍ସନ ଅଫ୍ ଟେନାଣ୍ଟସ୍ ଫ୍ରମ୍ ଏଭିକ୍ସନ ଫ୍ରମ୍ ଦି ପ୍ରେମିସେସ୍ ଇନ୍ ଡିଷ୍ଟର୍ବ ଏରିୟାଜ୍ ବିଲ୍ ୨୦୨୬। ଏହାର ପ୍ରଭାବ ନିଶ୍ଚିତ ଭାବରେ ଗୁଜରାଟ ଭଳି ହେବ। ରାଜସ୍ଥାନ ଆଇନରେ ଥିବା ପ୍ରାବଧାନର ଉଲ୍ଲଂଘନ ଜାମିନଯୋଗ୍ୟ ନୁହେଁ; ଏହା ବିଚାରଯୋଗ୍ୟ ଓ ୫ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ତଥା ଜରିମାନା ସହିତ ଦଣ୍ଡନୀୟ। ରାଜ୍ୟରେ ଆଇନ ପାସ୍‌କୁ କଂଗ୍ରେସ ବିରୋଧ କରେ କିନ୍ତୁ ତାହା ପାଖରେ ଆବଶ୍ୟକ ସଂଖ୍ୟକ ବିଧାୟକ ନ ଥିବାରୁ ଏହାକୁ ବନ୍ଦ କରିପାରିବ ନାହିଁ। ଏହାର ରାଜ୍ୟ ମୁଖ୍ୟ କହିଛନ୍ତି, ଭାଜପା ଗୁଜରାଟ ମଡେଲକୁ ଅନୁସରଣ କରି କ୍ଷମତାରେ ରହିବାକୁ ଚାହେଁ। ଏହା ସତ୍ୟ। ଭାରତ ଅନେକ ଆଇନ ମାଧ୍ୟମରେ ସମ୍ବିଧାନର ଧର୍ମନିରପେକ୍ଷତାର ଅଧୋଗତି ଘଟାଇଛି, ଯାହା ବିରୋଧରେ କୌଣସି ପ୍ରତିରୋଧ ହୋଇନାହିଁ। ନ୍ୟାୟାଳୟଗୁଡ଼ିକ ମଧ୍ୟ ଏଗୁଡ଼ିକୁ ଅଣଦେଖା କରିଛନ୍ତି, ବିରୋଧୀ ଦଳ ପ୍ରତିବାଦ କରିବାରେ ବହୁତ ଦୁର୍ବଳ ଏବଂ ଗଣମାଧ୍ୟମ ମଧ୍ୟ ଏଥିରେ ସାମିଲ। ଗୋମାଂସ ରଖିବାର ଅପରାଧୀକରଣ ୨୦୧୫ରେ ମହାରାଷ୍ଟ୍ର ଏବଂ ହରିୟାଣାରୁ ଆରମ୍ଭ ହୋଇଥିଲା। ଆନ୍ତଃଧର୍ମ ବିବାହର ଅପରାଧୀକରଣ ୨୦୧୮ରେ ଉତ୍ତରାଖଣ୍ଡରୁ ଆରମ୍ଭ ହେବାସହ ମୁସ୍‌ଲିମ ଛାଡ଼ପତ୍ରର ଅପରାଧୀକରଣ ୨୦୧୯ରେ ହୋଇଥିଲା, ଯେପରି ନାଗରିକତା ସଂଶୋଧନ ଆଇନରୁ ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କୁ ବାଦ୍ ଦିଆଯାଇଥିଲା। ଏବେ ରାଜସ୍ଥାନ ଆଇନ ଏହି ଧାରାକୁ ଆଗକୁ ବଢ଼ାଉଛି। ପର୍ଯ୍ୟାୟକ୍ରମେ ଆଇନ ପରେ ଆଇନ ଗଢ଼ି ଆମେ ସଂଖ୍ୟାବହୁଳ ଦେଶ ନୂତନ ଭାରତରେ ପ୍ରବେଶ କରିଛୁ, ଯାହା ଧର୍ମନିରପେକ୍ଷତାର ଆବରଣକୁ ହଟାଇବା ପାଇଁ ଚେଷ୍ଟା କରୁଛି।

Email:aakar.patel@gmail.com

# ନଜର ଲାଗିଗଲା କି



ରଞ୍ଜନ କୁମାର ଦାସ

ନିକଟରେ ଓଡ଼ିଶା ବିଧାନସଭାରେ ସଭ୍ୟମାନଙ୍କର ମାସିକ ଦରମା, ଭତ୍ତା ଓ ପେନ୍‌ସନ୍ ଆଦି ବୃଦ୍ଧି କରି ଏକ ବିଲ୍ ସର୍ବସମ୍ମତି କ୍ରମେ ପାସ୍ ହୋଇଗଲା। ବିଧାୟକମାନେ ଜନମତ ନିର୍ବିଶେଷରେ ତା' ସପକ୍ଷରେ ନାନାଦି ଯୁକ୍ତି ଉପସ୍ଥାପନ କରି ତାକୁ ଯଥାର୍ଥ ବୋଲି ମଧ୍ୟ କହିଲେ। ମାତ୍ର ଦିନ କେଇଟା ନ ଯାଉଣୁ ତାଙ୍କ ଭିତରୁ କେତେଜଣଙ୍କର ବିବେକ ହଠାତ୍ ଜାଗ୍ରତ ହୋଇଉଠିଲା ଓ ଲୋକଲଜ୍ଜା ତଥା ସମାଲୋଚନା ଭୟରେ ସେମାନେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି କହିଲେ। ଇତ୍ୟବସରରେ ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ମଧ୍ୟ ହେଲା। କେହି ପଚାରିଲେ ନାହିଁ ଯେ ଯେଉଁ ବିଧାନସଭାର ୭୦ଭାଗ ବିଧାୟକ କୋଟିପତି ସେମାନେ କ'ଣ ଏତେ ଅଭାବରେ ଥିଲେ ଯେ ଅତିଥି ଅଭ୍ୟାଗତଙ୍କୁ ଚା' ଟିକେ ଦେଇ ପାରୁ ନ ଥିଲେ ଓ ସେଥିପାଇଁ ନିଜ ଦରମା ତାଙ୍କୁ ନିଜେ ବଢ଼ାଇବାକୁ ପଡ଼ିଲା ଭଳି ସ୍ଥିତି ଆସିଲା ? କେହି କେହି ମଧ୍ୟ କହିଲେ ଯେଉଁମାନଙ୍କର ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଯେ ସେମାନେ ପରିବାର ଚଳେଇବାକୁ ଅସମର୍ଥ, ସେମାନେ ନିଜ ପରିବାରର ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ନ ଦେଇ, ନିଜ ଚାଷବାସ, ବଣିଜ ଉପରେ ଧ୍ୟାନ ନ ଦେଇ ନିଜ ପାଇଁ ଚାକିରିଟିଏ ନ ଖୋଜି କାହିଁକି ସେମାନେ ହାତରୁ ଖାଇ ସେବା ନାମକ ଘୋଡ଼ା ପଛରେ ଧାଆଁନ୍ତି? କିଏ ତାଙ୍କୁ ବାଧ୍ୟକରେ ଏଥିପାଇଁ? ସେମାନେ ସମସ୍ତେ ତ ସମସ୍ୱରରେ କୁହନ୍ତି ଯେ ସେବା ତାଙ୍କ ଜୀବନର ମୂଳମନ୍ତ୍ର। ତେବେ ସେଇ ସେବା ପାଇଁ ଯାହାର ଜୀବନ ସମର୍ପିତ ସେମାନେ ପୁଣି ସେଥିପାଇଁ ଦରମା କାହିଁକି ଖୋଜନ୍ତି ଓ ତାକୁ ବଢ଼ାଇବା ପ୍ରୟାସରେ କାହିଁକି ଏମିତି ଲୋକହସା ହୁଅନ୍ତି? ବାସ୍ତବରେ ଆଗରୁ ଦରମା ଓ ଅନ୍ୟାନ୍ୟ ସୁବିଧା ସବୁ ତାଙ୍କର ଚିରାଚରିତ ଭାବେ ମଝିରେ ମଝିରେ ବଢୁଥିଲା। କେହି କିଛି କହୁ ନ ଥିଲେ। ମାତ୍ର ଏଥର ଏକାଥରକେ ଏତେ ବଢ଼ିଗଲା ଯେ ଆଖିଦୃଷ୍ଟିଆ ହୋଇଗଲା ଓ କିଛି ଲୋକଙ୍କ ଖରାପ ନଜର ଲାଗିଗଲା ତା' ଉପରେ।

ଓଡ଼ିଶାରେ ଯେତେବେଳେ ବିଧାୟକଙ୍କ ଦରମା ବୃଦ୍ଧି ହେଲା କେତେକ ଖବରକାଗଜରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟର ବିଧାୟକମାନଙ୍କ ଦରମାର ଏକ ତୁଳନାତ୍ମକ ସାରଣୀ ପ୍ରକାଶ ପାଇଥିଲା। ଏଥିରେ କେଉଁ ରାଜ୍ୟର ବିଧାୟକଙ୍କ ଦରମା ଲକ୍ଷେ ଥିଲା କାହାର ଥିଲା ତିନି ଲକ୍ଷରୁ ଊର୍ଦ୍ଧ୍ୱ। ତେବେ ପ୍ରଶ୍ନ ଉଠୁଛି ଅରୁଣାଚଳ, ମେଘାଳୟର ବିଧାୟକମାନେ ଯେଉଁ କାମ କରନ୍ତି ଏଠି ଓଡ଼ିଶାର ବିଧାୟକମାନେ ମଧ୍ୟ ସେଇ କାମ କରନ୍ତି। ଯଦି ମହଙ୍ଗା ସହ ଏହାକୁ ଜଡ଼ିତ କରାଯାଏ ସବୁ ରାଜ୍ୟର ବିଧାୟକ ମହଙ୍ଗା ଦ୍ୱାରା ସମାନଭାବେ ଜଡ଼ିତ। ତେବେ ତାଙ୍କ ଦରମାରେ ପୁଣି ତାରତମ୍ୟ କାହିଁକି? ସରକାରୀ କର୍ମଚାରୀମାନେ ଦରମା ନିଅନ୍ତି, କାମ କରନ୍ତି। ବିଧାୟକ ଯଦି କାମ କରିବା ପାଇଁ ଦରମା ନେଉଛନ୍ତି ତେବେ ସେମାନେ ମଧ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି ସମାନ କାମ ପାଇଁ ''ସମାନ ଦରମା ନୀତି'' ଦ୍ୱାରା ପରିଚାଳିତ ହେବା କଥା। ମାତ୍ର ତାହା ହେଲାନାହିଁ। ତା'ଛଡ଼ା ସେମାନେ ନିଜ ଦରମା ନିଜେ ଧାର୍ଯ୍ୟ କରନ୍ତି। ଏହା ''କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ କ୍ଲଜ୍'' ଦ୍ୱାରା ପରିଚାଳିତ ହେବା ଉଚିତ ନା ନାହିଁ ସେ କଥା ବୁଦ୍ଧିଜୀବୀମାନେ ଚିନ୍ତା କରିବା କଥା। ସାଧାରଣତଃ ଜଜ୍‌ମାନେ ନିଜ ସମ୍ପର୍କୀୟ ବା ନିଜ ବିଷୟରେ କେସ୍ ଉଠିଲେ ତା'ର ଶୁଣାଣିରୁ ନିଜକୁ ଦୂରେଇ ରଖନ୍ତି। ପରୀକ୍ଷା ବେଳେ ଯେଉଁ ପରୀକ୍ଷା ନିୟନ୍ତ୍ରକଙ୍କ ପିଲା ପରୀକ୍ଷା ଦେଇଥାନ୍ତି ସେମାନେ ଏକ ଘୋଷଣାନାମା ନେଇ ନିଜକୁ ଦୂରେଇ ରଖନ୍ତି।



ମାତ୍ର ଏ କ୍ଷେତ୍ରରେ ନିଜ ଦରମା ନିଜେ ବୃଦ୍ଧି କରିବାଟା ନ୍ୟାୟସଙ୍ଗତ ହେଲା ନାହିଁ ବୋଲି ଲୋକେ ଅନୁଭବ କଲେ। ଏ ସମସ୍ୟାର ଦୂରୀକରଣ ପାଇଁ ଯଦି କେନ୍ଦ୍ର ସରକାର ଚାହାନ୍ତି ଯେମିତି ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରତି ଦଶବର୍ଷରେ ଥରେ ବେତନ କମିଶନ ବସୁଛି ସେମିତି ଲୋକପ୍ରତିନିଧିମାନଙ୍କ ଦରମା ସଂଶୋଧନ ପାଇଁ ଏକ କମିଶନ ବସାଇ ପାରିବେ ବା ସେହି ବେତନ କମିଶନ ଯେଉଁ ଫିଟ୍‌ମେଣ୍ଟ ଫ୍ୟାକ୍ଟର ସରକାରୀ କର୍ମଚାରୀମାନଙ୍କ ପାଇଁ ଧାର୍ଯ୍ୟ କରନ୍ତି ତାହା ହିଁ ଲୋକ ପ୍ରତିନିଧିମାନଙ୍କ ପାଇଁ ଲାଗୁ କଲେ କାହାର ଅସୁବିଧା ହୁଅନ୍ତା ନାହିଁ। ଏହା ଦ୍ୱାରା ସବୁ ରାଜ୍ୟର ବିଧାୟକ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ମ୍ୟୁନିସିପାଲିଟିର କାଉନସିଲର ସମସ୍ତଙ୍କ ପାଇଁ ଏକୀକୃତ ଦରମା ବ୍ୟବସ୍ଥା ଲାଗୁ କରାଯାଇ ପାରନ୍ତା। ବର୍ତ୍ତମାନ ସ୍ଥିତିରେ ଗୋଟିଏ ରାଜ୍ୟର ବିଧାୟକ ଉଚ୍ଚବେତନଧାରୀ ହେଲା ବେଳେ ଅନ୍ୟ ରାଜ୍ୟର ବିଧାୟକ ସ୍ୱଳ୍ପ ବେତନଧାରୀ ହେଉଛନ୍ତି। ପରସ୍ପରକୁ ଭେଟିଲାବେଳେ ଅଳ୍ପ ଦରମା ପାଉଥିବା ରାଜ୍ୟର ବିଧାୟକମାନଙ୍କୁ ନିଶ୍ଚୟ ହୀନମନ୍ୟତାର ଅନୁଭବ ଆସୁଥିବ। କେବଳ ବିଧାୟକ ନୁହେଁ ଅନ୍ୟ ସ୍ତରର ଲୋକପ୍ରତିନିଧିମାନେ ମଧ୍ୟ ସମାନ ଭାବେ ଏହି ନିୟମ ଦ୍ୱାରା ପରିଚାଳିତ ହୋଇପାରନ୍ତେ, ତେବେ ଆନ୍ତଃରାଜ୍ୟ ଦରମାରେ ତାରତମ୍ୟ ରୁହନ୍ତା ନାହିଁ।

ଏତଦ୍‌ବ୍ୟତୀତ ସାଧାରଣ ଲୋକଙ୍କ ମନରେ ସବୁବେଳେ ଗୋଟେ କ୍ଷୋଭ ଥାଏ, ତାହା ହେଲା ବେତନ କମିଶନ ବସିଲେ ଖାଲି ସରକାରୀ କର୍ମଚାରୀଙ୍କ ଦରମା ବଢ଼େ। ତେବେ ମହଙ୍ଗା କ'ଣ ସାଧାରଣ ଲୋକଙ୍କୁ ସମାନ ପୀଡ଼ା ଦିଏ ନାହିଁ? ଶ୍ରମିକମାନଙ୍କ ଦରମା, ବେସରକାରୀ ସଂଘରେ କାମ କରୁଥିବା ଲୋକଙ୍କ ଦରମା ସେତେବେଳେ ବଢ଼ି ନ ଥାଏ। ସରକାରୀ କର୍ମଚାରୀଙ୍କ ଦରମା ବଢ଼ିଲା ମାତ୍ରେ ସବୁ ଜିନିଷର ବଜାର ରେଟ୍ ବଢ଼ିଯାଏ। ମାତ୍ର ଏଇ ବେସରକାରୀ କର୍ମଚାରୀ, ଅଣସଂଗଠିତ କର୍ମଚାରୀ, ଶ୍ରମିକଙ୍କ ଦରମା ବଢ଼ି ନ ଥିବାରୁ ସେମାନେ ମହଙ୍ଗାର ମାଡ଼ ଦୁଇଗୁଣା ଭୋଗିଥାନ୍ତି। ଏହିସବୁ କାରଣ ଯୋଗୁ ଆଗରୁ ସରକାରୀ କର୍ମଚାରୀମାନଙ୍କ ଉପରେ ଜନତାଙ୍କର ଯେଉଁ ରୋଷ ଥିଲା, ଏଥର ତାହା ବିଧାୟକମାନଙ୍କ ଆଡ଼କୁ ମାଡ଼ିଗଲା। ଲୋକେ ଭାବିଲେ ଏମାନଙ୍କ ହାତରେ ସରକାର ବା ସରକାରୀ କଳ ଅଛି ବୋଲି ସିନା ସେମାନେ ନିଜ ଦରମାକୁ ଯେମିତି ଚାହୁଁଛନ୍ତି ସେମିତି ଓ ଯେତେ ଚାହୁଁଛନ୍ତି ସେତେ ବଢ଼ାଇ ଦେଉଛନ୍ତି। ତେଣୁ ସେମାନେ ତାଙ୍କ ଅସନ୍ତୋଷକୁ ଆଉ ଚାପି ନ ରଖି ବ୍ୟକ୍ତ କରିଦେଲେ। ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ଭଳି ଜନପ୍ରତିନିଧି ଯେଉଁମାନେ ପ୍ରକୃତରେ ଗରିବ ସେମାନେ ଏଥିରେ ଘିଅ ଢାଳି ତାଙ୍କ ଅସନ୍ତୋଷ ବ୍ୟକ୍ତ କଲେ।

ଯାହାହେଉ ଜନଆକ୍ରୋଶ ତୀବ୍ର ହେବା ଆଗରୁ କିଛି ବିଧାୟକ ନିଜ ତରଫରୁ ନିବେଦନ କଲେଣି ଯେ ଆମେ ଯାକୁ ଗ୍ରହଣ କରିବୁ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଚାପଯୋଗୁ ହେଉ ବା ଲୋକଙ୍କ ରୋଷକୁ ସାମ୍ନା ନ କରିପାରିବାର ଭୟରେ ହେଉ, କେହି କେହି ମଧ୍ୟ କହିଲେଣି ଆମେ ରେଡକ୍ରସ୍‌କୁ ବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବର୍ଦ୍ଧିତ ଦରମା ଦାନ କରିଦେବୁ। କଥା ହେଉଛି ନବ କାହିଁକି ପୁଣି ଦବ କାହିଁକି ? ମୂଳରୁ ନେବୁ ନାହିଁ ବୋଲି କହିଥିଲେ ହୋଇ ନ ଥାନ୍ତା ? ଏ କଥାଟି ଠିକ୍ ନିଆଁ ଗିଳି ଅଙ୍ଗାର ହଗିଲା ଭଳି କଥା। ଯାହା ହଜମ କରିହେବ ନାହିଁ ସେଭଳି ଖାଦ୍ୟକୁ ଲୋଭାତୁର ହୋଇ ଖାଇଦେବାଟା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ।

ମୋ-୯୪୩୭୨୮୬୫୧୨

# ଭୂଗର୍ଭ ଫଙ୍ଗାଇ ବିଶ୍ଳେଷିକା

ଜଳବାୟୁ ପରିବର୍ତ୍ତନଜନିତ ବିପଦକୁ ବିଶ୍ୱବାସୀ ଭଲ ଭାବେ ଅନୁଭବ କଲେଣି। ସେଥିରୁ ରକ୍ଷା ପାଇବା ପାଇଁ ସଚେତନ ମଣିଷ ପଦକ୍ଷେପ ମଧ୍ୟ ନେଉଛି। ପ୍ରକୃତିକୁ ବିଗାଡ଼ି ଦେଉଥିବାରୁ ତା'ର କୁପ୍ରଭାବ ପ୍ରାଣୀ ଓ ଉଦ୍ଭିଦଜଗତ ଉପରେ ପଡୁଛି। ଏହାସତ୍ତ୍ୱେ ପ୍ରକୃତି ନିଜକୁ ରକ୍ଷା କରିବା ସହ ପୃଥିବୀକୁ ବଞ୍ଚାଇ ରଖିବାର ଏକ ନୀରବ ଯାତ୍ରା ଜାରି ରଖିଛି। ଭୂପୃଷ୍ଠ ଉପରେ ଗବେଷଣା ଭଳି ଭୂଗର୍ଭସ୍ଥ ରହସ୍ୟ ଜାଣିବା ପାଇଁ ବୈଜ୍ଞାନିକ ଅନୁଧ୍ୟାନ ଅନବରତ ଚାଲିଛି। ବିଶ୍ୱବ୍ୟାପୀ ଜଙ୍ଗଲ, ଘାସଭୂମି ଓ ଚାଷଜମି ତଳେ ବିଶାଳ ଫଙ୍ଗାଲ ଜାଲ (ମାଇକୋରାଇଜାଲ ନେଟ୍‌ୱର୍କ) ବା ଶିଉଳି ସମ୍ବନ୍ଧୀୟ ଜାଲ ରହିଛି। ଉଦ୍ଭିଦ ମୂଳ ସହିତ ପୁଷ୍ଟିକର ବିନିମୟ କରି ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ନିୟନ୍ତ୍ରକ ଭାବେ ଏହି ଜାଲ କାମ କରେ। ପ୍ରତିବର୍ଷ ଏହା ୧୩.୧୨ ବିଲିୟନ ଟନ୍ ଅଙ୍ଗାରକାମ୍ଳ ଶୋଷଣ କରିଥାଏ, ସମଗ୍ର ଜୀବାଶ୍ମ ଇନ୍ଧନରୁ ନିର୍ଗତ ମୋଟ ନିର୍ଗମନର ପ୍ରାୟ ଏକ ତୃତୀୟାଂଶ ବୋଲି କୁହାଯାଉଛି। ବର୍ତ୍ତମାନ ଯାଏ ଏହି ଛତୁଭଳି ଫଙ୍ଗାଲ ଜାଲକୁ ପୃଥିବୀର ଏକ ଗୁରୁତ୍ୱପୂର୍ଣ୍ଣ ସଞ୍ଚାଳନ ତନ୍ତ୍ର ଭାବରେ ନୁହେଁ, କେବଳ ଉଦ୍ଭିଦର ସହାୟକ ସାଥୀ ଭାବରେ ଦେଖାଯାଉଥିଲା। ଆମେରିକୀୟ ଜୀବବିଜ୍ଞାନୀ ଟୋବି କିଏର୍ସ ଏହା ଉପରେ ଗବେଷଣା କରି ଲୁକ୍କାୟିତ ଫଙ୍ଗାଲ ନେଟ୍‌ୱର୍କ ଉପରେ ଦେଇଥିବା ତଥ୍ୟ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ସେଥିପାଇଁ ସେ ପରିବେଶ ନୋବେଲ ଭାବେ ଜଣାଶୁଣା ଟାୟଲର ପ୍ରାଇଜ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଆଚିଭ୍‌ମେଣ୍ଟ୍ସ ପାଇଛନ୍ତି। ଟୋବି କହିଛନ୍ତି, 'ମାଟି ପାଇଁ ଡାର୍ଟବ୍ୟାଗ୍ ଭଳି ଶବ୍ଦ ବ୍ୟବହାର ହୋଇଥାଏ, ଯାହା ଫଙ୍ଗସ୍‌ଗୁଡ଼ିକର ଗୁଣାବଳୀ ଓ ସଂଖ୍ୟାବୃଦ୍ଧି ସୂଚାଇଥାଏ।' ଗତବର୍ଷ ଆରମ୍ଭ ହୋଇଥିବା ବିଶ୍ୱବ୍ୟାପୀ ଅଣ୍ଡରଗ୍ରାଉଣ୍ଡ୍ ଆଟ୍‌ଲାସ ମାଧ୍ୟମରେ ସେ ମାଇକୋରାଇଜାଲ ଫଙ୍ଗାଇର ବିତରଣ ମ୍ୟାପ୍ କରିଛନ୍ତି। ଏହା ଭୂଗର୍ଭସ୍ଥିତ ଜୈବ ବିବିଧତାକୁ ଆଲୋକିତ କରିଛି। ଉଦ୍ଭିଦଗୁଡ଼ିକ ଅଧିକ କାର୍ବନ୍‌କୁ ଭିତରକୁ ପଠାନ୍ତି, ଯେଉଁଠାରେ ମାଇକୋରାଇଜାଲ ଫଙ୍ଗାଇ ଅଙ୍ଗାରକାମ୍ଳକୁ ଶୋଷଣ କରନ୍ତି। କଥାରେ ଅଛି 'ଉଭା ଯେତେ ପୋତା ସେତେ'। ଅର୍ଥାତ୍ ବାୟୁମଣ୍ଡଳରେ ଉଭା ହେଉଥିବା ଅଙ୍ଗାରକାମ୍ଳ ସମପରିମାଣରେ ଭୂଗର୍ଭରେ ଥିବାକୁ ସୂଚାଇଥାଏ। ଏଭଳି ଏକ ବିଷୟ ଉପରେ ଟୋବିଙ୍କ ଗଭୀର ଅନ୍ୱେଷଣ ତାଙ୍କୁ ବିଜ୍ଞାନଜଗତରେ ଚର୍ଚ୍ଚିତ କରିଛି।

ବ୍ୟକ୍ତିତ୍ୱ



ଟୋବି କିଏର୍ସ

ଟୋବି ଆମେରିକୀୟ ବିବର୍ତ୍ତନଶୀଳ ଜୀବବିଜ୍ଞାନୀ। ୪୯ ବର୍ଷୀୟା ଏହି ଗବେଷିକା ବର୍ତ୍ତମାନ ଭ୍ରିଜେ ୟୁନିଭର୍ସିଟି ଆମ୍‌ଷ୍ଟରଡାମ୍‌ରେ ୟୁନିଭର୍ସିଟି ରିସର୍ଚ୍ଚ ଚେୟାର ତଥା ପ୍ରଫେସର ଭାବେ କାର୍ଯ୍ୟରତ। ସେ ମାଇକୋରାଇଜାଲ ନେଟ୍‌ୱର୍କରେ ଉଦ୍ଭିଦ, ଶିଉଳି ଏବଂ ସୂକ୍ଷ୍ମ ବୀଜାଣୁଗୁଡ଼ିକ ମଧ୍ୟରେ ହେଉଥିବା ଆଦାନପ୍ରଦାନ ଓ ବିନିମୟକୁ ଆର୍ଥିକ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିବାରେ ପ୍ରଥମ ପ୍ରୟାସ କରିଥିଲେ। ସେ ସୋସାଇଟି ଫର୍ ଦ ପ୍ରୋଟେକ୍ସନ ଅଫ୍ ଅଣ୍ଡରଗ୍ରାଉଣ୍ଡ୍ ନେଟ୍‌ୱର୍କ (ଏସ୍‌ପିୟୁଏନ୍)ର ସହ-ପ୍ରତିଷ୍ଠାତା। ଟୋବି ୨୦୨୩ ସ୍ପିନୋଜା ପୁରସ୍କାର ଓ ମ୍ୟାକ୍‌ଆର୍ଥର ଫାଉଣ୍ଡେଶନ ଫେଲୋଶିପ୍ ମଧ୍ୟ ପାଇଛନ୍ତି। ତେବେ ଟାୟଲର ପ୍ରାଇଜ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଆଚିଭ୍‌ମେଣ୍ଟ୍ସ ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ବ୍ୟାପ୍ତ କରିଛି। ତାଙ୍କ ପ୍ରାରମ୍ଭିକ ଜୀବନ ଓ ଶିକ୍ଷାକୁ ଦେଖିଲେ ସେ ୧୯୯୨ରେ ଭର୍ମଣ୍ଟସ୍ଥିତ ଦ ମାଉଣ୍ଟେନ୍ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୯୯ରେ ବୋଇଡିନ୍ କଲେଜରୁ ସ୍ନାତକ କରିଥିଲେ। ୧୯୯୭ରେ ସେ ସ୍ମିଥ୍‌ସୋନିଆନ୍ ଟ୍ରପିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଛାତ୍ରୀ ଭାବେ ବକ୍ତବ୍ୟ ରଖି ବରିଷ୍ଠ ବୈଜ୍ଞାନିକଙ୍କ ନଜରକୁ ଆସିଥିଲେ। ସେ ୟୁସି ଡେଭିସ୍‌ରୁ ପିଏଚ୍.ଡି. କରିଥିଲେ ଓ ୨୦୦୫ରେ 'ଇଭାଲ୍ୟୁଶନ ଅଫ୍ କୋଅପରେଶନ ଇନ୍ ଦ ଲେଗୁମେ-ରିଜୋମିୟମ୍ ସିମ୍ବିଓସିସ୍' ଶୀର୍ଷକରେ ସନ୍ଦର୍ଭ ଲେଖିଥିଲେ ଏବଂ ସେତେବେଳେ ତାଙ୍କ ଗାଇଡ୍ ଥିଲେ ରବର୍ଟ ଫର୍ଡ ଡେନିସନ୍। ଏହି ଡିଗ୍ରୀ ପରେ ସେ ପାନାମା ଓ ଜାପାନରେ ଗବେଷଣା କରିଥିଲେ। ପରବର୍ତ୍ତୀ ସମୟରେ ସେ ଭ୍ରିଜେ ୟୁନିଭର୍ସିଟି ଆମ୍‌ଷ୍ଟରଡାମ୍‌ରେ ପ୍ରଫେସର ହୋଇଥିଲେ। ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ସିନିୟର ରିସର୍ଚ୍ଚ ଆସୋସିଏଟ୍ ମଧ୍ୟ ଥିଲେ। ଟୋବି ମାଇକୋରାଇଜାଲ ନେଟ୍‌ୱର୍କ ଉପରେ ନିଜ ସନ୍ଦର୍ଭରେ ଦୃଷ୍ଟି ନିବଦ୍ଧ କରି ପ୍ରସିଦ୍ଧି ଅର୍ଜନ କରିଛନ୍ତି। ତାଙ୍କ ଅନୁଧ୍ୟାନ ଅନୁଯାୟୀ ମାଟିରେ ଥିବା ଛତୁଗୁଡ଼ିକ ଏକ ମୁକ୍ତ ବଜାର ବ୍ୟବସ୍ଥାରେ ଆର୍ଥିକ ଏଜେଣ୍ଟ ଭଳି ବ୍ୟବହାର କରନ୍ତି, ଯେଉଁ ଉଦ୍ଭିଦ ଅଧିକ ଚିନି ଯୋଗାଇ ଦେଇପାରେ ତାହାକୁ ଅଧିକ ଫଙ୍ଗାଇ ଫସ୍‌ଫରସ୍ ଯୋଗାଇ ଦିଅନ୍ତି। ଏହି ହାଇପୋଥେସିସ୍ ଆଧାରରେ ଟୋବି ଛତୁଗୁଡ଼ିକୁ 'ପରୋପକାରୀ' ଭାବେ ବିକଶିତ କରିବାରେ ଆଗ୍ରହୀ, ଯଦ୍ଦ୍ୱାରା ଉଦ୍ଭିଦ ବଢ଼ିବାରେ ଅଧିକ ସହାୟକ ହେବ ଓ ସାର ବ୍ୟବହାର କମିବ। ସେ ଏଭଳି ପୁଷ୍ଟିକର ବିନିମୟକୁ ବର୍ଣ୍ଣନା କରିବା ପାଇଁ କ୍ୱାଣ୍ଟମ୍ ଡଟ୍ସ (ଟିଭି ପରଦାରେ ଝିଲ୍‌ମିଲ୍ ହେଉଥିବା ଆଲୋକ ଭଳି) ବ୍ୟବହାର କରି ଅଣୁଗୁଡ଼ିକୁ ଟ୍ୟାଗ୍ କରିବାରେ ପ୍ରଥମ ପ୍ରୟାସ କରିଛନ୍ତି, ଯଦ୍ଦ୍ୱାରା ସେମାନେ ପ୍ରତିଦୀପ୍ତ ହୋଇ ସହଜରେ ପୃଥକ୍ ହୋଇପାରନ୍ତି। ପାଠିକାପାଠକଙ୍କୁ ଜଣାଇ ଦିଆଯାଇପାରେ ଯେ, ଟୋବିଙ୍କୁ ଯେତେବେଳେ ୧୯ ବର୍ଷ ବୟସ ସେ ଫଙ୍ଗାଇ ଉପରେ ଅଧ୍ୟୟନ ଆରମ୍ଭ କରିଥିଲେ। ପାନାମାର ଘନବର୍ଷଣ ବନାଞ୍ଚଳରେ ଏକ ବୈଜ୍ଞାନିକ ଅଭିଯାନରେ ସେ ଯାଇଥିଲେ। ସେଠାରେ ବିଶାଳ ଗଛଗୁଡ଼ିକ ତଳେ କ'ଣ ଘଟୁଛି ତାହା ଅନୁଧ୍ୟାନ କରିଥିଲେ। ୨୦୧୧ରେ ସାଇନ୍ସ ଜର୍ନାଲରେ ତାଙ୍କର ଏକ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଥିଲା। ସେଥିରେ ସେ ମାଇକୋରାଇଜାଲ ଫଙ୍ଗାଇକୁ ଏକ ଜୈବିକ ବଜାରରେ ସିଆଣିଆ ବ୍ୟବସାୟୀ ବୋଲି ଅଭିହିତ କରିଥିଲେ। ସେମାନେ ଯୋଗାଣ ଓ ଚାହିଦା ଅନୁଯାୟୀ ନିଷ୍ପତ୍ତି ନିଅନ୍ତି ବୋଲି ସେ ଦର୍ଶାଇଥିଲେ। କେଶତନ୍ତୁ ପତଳା ଫିଲାମେଣ୍ଟ ମାଧ୍ୟମରେ ଫଙ୍ଗାଇ ଉଦ୍ଭିଦକୁ ଫସ୍‌ଫରସ୍ ଓ ନାଇଟ୍ରୋଜେନ ଯୋଗାଏ। ଏହା ବିନିମୟରେ ଅଙ୍ଗାରକାମ୍ଳରୁ ପ୍ରାପ୍ତ ଶର୍କରା ଓ ଚର୍ବି ଅଂଶ ନେଇଯାଏ। ଲାବରେଟାରି ପରୀକ୍ଷଣରେ ଟୋବିଙ୍କ ଟିମ୍ ଦର୍ଶାଇଛି ଯେ, ଫଙ୍ଗାଇ ଅଞ୍ଚଳରୁ ପ୍ରଚୁର ଫସ୍‌ଫରସ୍ ଅଭାବୀ ଅଞ୍ଚଳକୁ ସ୍ଥାନାନ୍ତର କରେ ଓ ଏହି ଅସନ୍ତୁଳନକୁ ବ୍ୟବହାର କରି ଅଧିକ କାର୍ବନ ପାଇଥାଏ। ଭୂଗର୍ଭସ୍ଥ ସନ୍ତୁଳନ ସମ୍ପର୍କରେ ଟୋବିଙ୍କ ଏହି ଅନୁଧ୍ୟାନଭିତ୍ତିକ ତଥ୍ୟ ଯୁବ ଗବେଷକମାନଙ୍କୁ ଅଧିକ ଅନୁଧ୍ୟାନ କରିବା ଲାଗି ପ୍ରେରଣା ଯୋଗାଇବ।

ଟୋବିଙ୍କ ସଂସାର ବୋଇଲେ କବି କ୍ରାଲାନ୍ କେଲ୍‌ଡେରଙ୍କୁ ସେ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇ ସନ୍ତାନ ଅଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ତାମିଲନାଡୁର କୋଏମ୍ବାଟୁରରେ ଜଳସଙ୍କଟ ଦୂର କରିବାରେ ମଣିକନ୍ଦନ ଆର୍‌ଙ୍କ ପଦକ୍ଷେପ ପ୍ରଶଂସନୀୟ। ସେଠାରେ ଥିବା ହ୍ରଦ ଓ ଅନ୍ୟ ଜଳଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇବା ସହ ଅତ୍ୟଧିକ ପ୍ରଦୂଷଣ ଯୋଗୁ ଜଳ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିଲା। ଏହାର ସମାଧାନ ପାଇଁ ମଣିକନ୍ଦନ ହ୍ରଦ, ପୋଖରୀ ଓ କେନାଲର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ସ୍କୁଲ୍‌ରେ ପଢୁଥିବା ସମୟରେ ଅଧାରୁ ପାଠ ଛାଡ଼ି ଏହି କାର୍ଯ୍ୟରେ ଲାଗିଥିଲେ ଏବଂ ଏବେସୁଦ୍ଧା ସେ କୋଏମ୍ବାଟୁର ସମେତ ସାରା ଭାରତରେ ୧୫ଟି ଜଳାଶୟର ପୁନରୁଦ୍ଧାର କରି ମୋଟ୍‌ରେ ୨୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିଛନ୍ତି। ଏଥିପାଇଁ ସେ ଆରମ୍ଭ କରିଛନ୍ତି 'କୋଭାଇ କୁଲାଙ୍ଗାଲ ଆମାଇପୁ' ନାମକ ଏକ ନାଗରିକ ଅଭିଯାନ। ଏଥିରେ ସେ ୩୩,୦୦୦ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିସାରିଲେଣି। ମଣିକନ୍ଦନ କୋଏମ୍ବାଟୁର୍‌ରେ ୨୦କି.ମି. କେନାଲକୁ ପ୍ରଦୂଷଣମୁକ୍ତ କରିବା ସହ କେନାଲ ଓ ହ୍ରଦ କଡ଼ରେ ସେ ୫୦ହଜାର ଗଛ ଲଗାଇଛନ୍ତି। ହ୍ରଦ, କେନାଲ ଓ ଅନ୍ୟସବୁ ଜଳଉତ୍ସ କିଭଳି ପୁନର୍ବାର ପ୍ରଦୂଷିତ ନ ହେବ ସେଥିପାଇଁ ସମସ୍ତ ସ୍ୱେଚ୍ଛାସେବୀ ଧ୍ୟାନ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଜାନୁଆରୀ ୧୯୭୭

- ପୂର୍ବତନ ଉପପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଜନତା ପାର୍ଟିର ୨୭ ଜଣିଆ ଜାତୀୟ କମିଟି ଗଠିତ।
- କଂଗ୍ରେସ ସଭାପତି ଶ୍ରୀ ଦେବକାନ୍ତ ବରୁଆ, ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର ନୂଆ ସଭାପତି ରୂପେ ଶ୍ରୀ କାନ୍ତିଲାଲ ଘିଆଙ୍କୁ ନିଯୁକ୍ତ କରିଛନ୍ତି।
- ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ୱାଇଏସ୍ ପରମାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | 5 |
| 9 | 5 | | 4 | | 7 | | | |
| 1 | 2 | | | | | | 4 | 7 |
| | | | | 6 | 8 | | | 2 |
| 4 | | | 3 | | | | | 9 |
| | | | | | | | | |
| | 7 | 8 | | | | | | |
| 2 | | | 8 | | 1 | | 7 | 4 |
| | | | 2 | | 6 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 3 | 8 | 4 | 2 | 7 | 9 |
| 8 | 7 | 9 | 6 | 2 | 5 | 3 | 1 | 4 |
| 4 | 3 | 2 | 1 | 7 | 9 | 5 | 8 | 6 |
| 1 | 8 | 7 | 2 | 4 | 6 | 9 | 3 | 5 |
| 6 | 5 | 3 | 9 | 1 | 7 | 4 | 2 | 8 |
| 2 | 9 | 4 | 8 | 5 | 3 | 7 | 6 | 1 |
| 3 | 2 | 6 | 5 | 9 | 1 | 8 | 4 | 7 |
| 9 | 4 | 8 | 7 | 6 | 2 | 1 | 5 | 3 |
| 7 | 1 | 5 | 4 | 3 | 8 | 6 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଷ୍ପତ୍ତି ନେବାରେ ସମିତି ସଭ୍ୟ ଅଲୋଡ଼ା

ମହାଶୟ,

ଓଡ଼ିଶାରେ ନିର୍ବାଚିତ ସମିତି ସଭ୍ୟା/ସଭ୍ୟ କ୍ଷମତାଶୂନ୍ୟ ବୋଲି ମନେହେଉଛି। ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ନିଷ୍ପତ୍ତିରେ ସବୁ କିଛି ଚାଲୁଥିବାରୁ ସାଧାରଣ ସଭ୍ୟ ଜଣକ ନିଜକୁ ଅସହାୟ ମନେକରୁଛନ୍ତି। ସରପଞ୍ଚଙ୍କ ପାଖରେ ଚେକ୍ ସାଇନ୍ କରିବା କ୍ଷମତା ଅଛି, ଜିଲା ପରିଷଦଙ୍କ ପାଖରେ ବଡ଼ ପାଣ୍ଠି ଅଛି, କିନ୍ତୁ ସମିତି ସଭ୍ୟଙ୍କ ପାଖରେ କେବଳ 'ଅନୁରୋଧ' କରିବା ଛଡ଼ା କିଛି କ୍ଷମତା ନାହିଁ। ୯,୫୦୦ ଟଙ୍କା ଭତ୍ତା ଦେଇ ସରକାର ସମିତି ସଭ୍ୟଙ୍କ ସେବାକୁ ଯେମିତି କିଣି ନେଇଛନ୍ତି। ଯଦି ପାଣ୍ଠି ବିନିଯୋଗରେ ସେମାନଙ୍କ ଭୂମିକା ଶୂନ୍ୟ ରହିବ, ତେବେ ଏହି ପଦବୀ ପାଇଁ ନିର୍ବାଚନର ଆବଶ୍ୟକତା କ'ଣ ? ପଞ୍ଚାୟତିରାଜ ବ୍ୟବସ୍ଥାରେ ଏହି ମଧ୍ୟବର୍ତ୍ତୀ ସ୍ତରକୁ ଦୁର୍ବଳ କରିବା ଗଣତନ୍ତ୍ର ପାଇଁ ବିପଦ। ସରକାର ତୁରନ୍ତ ସମିତି ବୈଠକକୁ ବାଧ୍ୟତାମୂଳକ କରିବା ସହ ସମିତି ସଭ୍ୟମାନଙ୍କୁ ସ୍ୱତନ୍ତ୍ର ପାଣ୍ଠିରୁ କିଛି ନିଶ୍ଚିତ ଅଂଶ ପ୍ରଦାନ କରିବା ଆବଶ୍ୟକ। ନଚେତ୍, 'ସମିତି ସଭ୍ୟ' କେବଳ ଏକ ନାମମାତ୍ର ଅଳଙ୍କାର ହୋଇ ରହିଯିବେ।

**– ସମରେନ୍ଦ୍ର ଦୀକ୍ଷିତ, କାକଟପୁର, ପୁରୀ**

## ଚିରନ୍ତନୀ

ବିଶ୍ୱର ତପତ ଶ୍ୱାସ
ଜାଳଇ ଅନଳ,
ଜାଗଇ ବିରାଟ ତୃଷା
ଭୁବନେ କେବଳ ।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଇଶାନ
ପରିବାରବର୍ଗ


ରୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୋଜଗାର ମେଳାରେ ୬୧ ହଜାର ନିଯୁକ୍ତିପତ୍ର ବଣ୍ଟନ

## ଓଡ଼ିଶାରୁ ନିଯୁକ୍ତି ପାଇଲେ ୩୪୯

ଭୁବନେଶ୍ୱର,୨୪।୧(ସୁଚିସ୍ମିତା ସାହୁ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶବ୍ୟାପୀ ଆୟୋଜିତ ରୋଜଗାର ମେଳା କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ସମ୍ବୋଧିତକରିବା ସହ ୬୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ସି ଏସ୍ ଆ ଇ ଆ ର୍ - ଆ ଇ ଏ ମ୍ ଏ ମ୍ ଟି ପରିସରରେ ରାଜ୍ୟସ୍ତରୀୟ ରୋଜଗାର ମେଳା କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩୪୯ ଜଣ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ନବନିଯୁକ୍ତଙ୍କୁ କହିଛନ୍ତି, ଉକ୍ତ ମେଳାରେ ଓଡ଼ିଶାର ଅନେକ ଯୁବତୀଯୁବକ ନିଜର ସ୍ୱପ୍ନ ସାକାର କରିବାର ସୁଯୋଗ ପାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଦେଶର ଯୁବପିଢ଼ିଙ୍କୁ ରୋଜଗାରକ୍ଷମ ଏବଂ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପ୍ରଦାନ କରାଯାଉଛି। ନବନିଯୁକ୍ତମାନେ ଦେଶ ପ୍ରଗତିର ମେରୁଦଣ୍ଡ ଭାବେ କାର୍ଯ୍ୟ କରନ୍ତୁ। ସେମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ସହିତ ଦେଶର ପ୍ରଗତିରେ ସହଯୋଗ କରିବାକୁ କହିଛନ୍ତି। ନବନିଯୁକ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଏଫ୍‌ସିଆଇରେ ଜଣେ, ହେଲ୍‌ଥ/ଏମ୍ସରେ ୨ଜଣ, ଡିଏଫ୍‌ଏସ୍/ଏସ୍‌ବିଆଇରେ ୮, ଇଏସ୍ଆଇସିରେ ୯, ବିଏସ୍ଏଫ୍‌ରେ ୧୦, ଏସ୍‌ଏସ୍‌ବିରେ ୧୭, ଆଇଟିବିପିରେ ୨୭, ସିଆଇଏସ୍ଏଫ୍‌ରେ ୩୧, ଏଆର୍‌ରେ ୪୨ ଏବଂ ପିଆର୍‌ପିଏଫ୍‌ରେ ୨୦୨ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ଆଭାସି ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏସ୍‌ଏଲ୍‌ବିସି କନ୍‌ଭେନରର ମୁଖ୍ୟ ଜିଏମ୍ ଗୌତମ ପାତ୍ର, ଇଏସଆଇସି ଯୁଗ୍ମ ନିର୍ଦ୍ଦେଶକ ମହେନ୍ଦ୍ର ଭୋଇ, ଏମ୍ସ ଭୁବନେଶ୍ୱରର ଡିନ୍ (ରିସର୍ଚ୍ଚ) ପ୍ରଫେସର ଡ. ସତ୍ୟଜିତ ମିଶ୍ର, ଏଫ୍‌ସିଏଲ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଅଙ୍କୁର ଭାଟସ, ସିଆରପିଏଫର ଡେପୁଟି ଇନ୍‌ସପେକ୍ଟର ଜେନେରାଲ ଭାରତ ଭୂଷଣ ସେଠୀ, ଆଇଟିବିପି ୪୧ ବିଏନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ବିଏସଏଫ ଅଧିକାରୀ ସୁମନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ରେଡିଂଟନ ଫାଉଣ୍ଡେଶନର 'ଏଆଇ ଲର୍ନିଂ ସେଣ୍ଟର' ଉଦ୍‌ଘାଟିତ



ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

'ରେଡିଂଟନ ଫାଉଣ୍ଡେଶନ' ପକ୍ଷରୁ ଶୁକ୍ରବାର ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି (ଗିଫ୍ଟ) ପରିସରରେ ଏକ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମାଇକ୍ରୋସଫ୍ଟ ଏବଂ ହାଇଦ୍ରାବାଦର 'ନିର୍ମାଣ ସଂଗଠନ'ର ସହଯୋଗରେ ଏହି ଐତିହାସିକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଆସନ୍ତା ବର୍ଷ ମଧ୍ୟରେ ଏହା ୪୦ ହଜାର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିବା ସହ ୨,୦୦୦ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ସେମାନଙ୍କ ବ୍ୟବସାୟରେ ଏଆଇ ବ୍ୟବହାର କରିବା ପାଇଁ ସହାୟତା ପ୍ରଦାନ କରିବ। ଛାତ୍ରୀଛାତ୍ରମାନେ ଏଠାରେ ଜେନେରେଟିଭ ଏଆଇ, ପାଇଥନ ଏବଂ ମେଶିନ ଲର୍ନିଂ ଭଳି ବିଷୟରେ ୧୫୦ ଘଣ୍ଟାରୁ ଅଧିକ ବ୍ୟବହାରିକ ତାଲିମ ପାଇବେ। ଉଦ୍‌ଘାଟନୀ ଉତ୍ସବରେ ରେଡିଂଟନ ଫାଉଣ୍ଡେଶନର ଗ୍ଲୋବାଲ ଚିଫ୍ ସଷ୍ଟେନେବିଲିଟି ଅଫିସର ଭେଙ୍କଟେଶ ରାଜେଶ୍ୱରନ, ସିଏସ୍ଆର୍ ମୁଖ୍ୟ ହେମନ୍ତ ଲୋହିଆ ଏବଂ ପ୍ରକଳ୍ପ ମୁଖ୍ୟ ମଣିକନ୍ଦନ ରେଙ୍ଗାରାଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲାବ୍ ଛାତ୍ରୀଛାତ୍ରମାନଙ୍କୁ ଏଆଇ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବାସ୍ତବ ଅଭିଜ୍ଞତା ପ୍ରଦାନ କରିବ, ଯାହା ସେମାନଙ୍କର ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବ ବୋଲି ଗିଫ୍ଟ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ପତିତପାବନ ପଣ୍ଡା କହିଛନ୍ତି । ଭେଙ୍କଟେଶ କହିଛନ୍ତି, ଏହି ପଦକ୍ଷେପ ଅବହେଳିତ ଯୁବ ପ୍ରତିଭାମାନଙ୍କୁ ଆଧୁନିକ ବଜାର ପାଇଁ ପ୍ରସ୍ତୁତ କରିବ। ନିର୍ମାଣ ସଂଗଠନର ସିଇଓ ମୟୂର ପାଟନାଲା ଏହାକୁ ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ପ୍ରଥମ ବ୍ୟାଚ୍ ପାଇଁ ନାମଲେଖା ଆସନ୍ତା ମାସରୁ ଆରମ୍ଭ ହେବ। ଏହି କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିଷ୍ଠାତାମାନଙ୍କୁ ସେମାନଙ୍କର ବ୍ୟବସାୟକୁ ଉନ୍ନତ କରିବା ପାଇଁ ଏଆଇର ବ୍ୟବହାର କରିବାରେ ସାହାଯ୍ୟ କରିବ। କାରଣ ଏହିପରି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ମଧ୍ୟରେ ପ୍ରଯୁକ୍ତିବିଦ୍ୟାର ଗ୍ରହଣୀୟତା ବହୁତ କମ୍ ରହିଛି। ଆମେ ଏହାକୁ ପରିବର୍ତ୍ତନ କରିବାକୁ ଆଶା କରୁଛୁ ବୋଲି ରେଙ୍ଗାରାଜନ କହିଛନ୍ତି।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ଆର୍ଟିଷ୍ଟ୍ରି ଶୋ'



## ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ହୋଇଛି। ଶନିବାର ଶହୀଦନଗରସ୍ଥିତ ଷ୍ଟୋରରେ ଅଭିନେତ୍ରୀ ପୁନମ ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଫେବୃଆରୀ ୧ ପର୍ଯ୍ୟନ୍ତ ଏହି ଶୋ' ଚାଲିବ। ପାରମ୍ପରିକ ଏବଂ ଆଧୁନିକ ଶୈଳୀର ହସ୍ତକଳାଯୁକ୍ତ ସ୍ୱତନ୍ତ୍ର ଗହଣା ଉପଲବ୍ଧ କରାଯାଇଛି। ଏହି ଅବସରରେ ପ୍ରଦର୍ଶିତ ହୋଇଥିବା ପ୍ରତ୍ୟେକଟି ଗହଣାରେ ଭାରତୀୟ କଳାର ଝଲକ ଦେଖିବାକୁ ମିଳୁଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାଇନ୍ ଡାଇମଣ୍ଡ ଜୁଏଲେରି, ଏଥନିକ୍ସ ହ୍ୟାଣ୍ଡିକ୍ରାଫ୍ଟଡ୍ ଜୁଏଲେରି, ଏରା ଅନ୍‌କଟ୍ ଡାଇମଣ୍ଡ , ପ୍ରସିଆ ଜେମ୍‌ଷ୍ଟୋନ୍ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଆଦି ରହିଛି। ଏହି ଅଭିଯାନ ଅଧୀନରେ ସୁନା ଓ ଷ୍ଟଡେଡ୍ ଉତ୍ପାଦର ଗଢ଼ା ମଜୁରି ଉପରେ ଗ୍ରାହକ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହାସହ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମଦ କହିଛନ୍ତି, ଭୁବନେଶ୍ୱର ଶୋ'ରୁମ୍‌ରେ ଆର୍ଟିଷ୍ଟ୍ରି ଶୋ' ମାଧ୍ୟମରେ ଗ୍ରାହକଙ୍କୁ ଚାହିଦା ମୁତାବକ ଶୁଦ୍ଧ ଏବଂ ଉତ୍ତମ ଗୁଣବତ୍ତାଯୁକ୍ତ ଗହଣା ଉଚିତ ଦାମରେ ଯୋଗାଇଦେବା ଲକ୍ଷ୍ୟ ରହିଛି।

# ମହିଳା ଦୃଷ୍ଟିବାଧିତ ଦଳକୁ ଶୁଭେଚ୍ଛା ଜଣାଇଲେ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଖେଳ ପଡ଼ିଆଠାରେ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟି-୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଓଡ଼ିଶା ଚାମ୍ପିୟନ ଟ୍ରଫି ହାସଲ କରିଛି। ଫାଇନାଲରେ ଓଡ଼ିଶା ୩୨ ରନ୍‌ରେ ମଧ୍ୟପ୍ରଦେଶକୁ ହରାଇ ବିଜେତା ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱଜିତ୍ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେଶନ ସିଏସ୍ଆର ମୁଖ୍ୟ ରିଷି ପଠାନିଆ, ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ବୁମେ ଗୌଡ, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ବିକାଶ ଅଧିକ୍ଷା ମେଜର ଡ. କଳ୍ପନା ଦାସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପଶାସନ ସଚିବ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ମହମ୍ମଦ ଜାଫର ଇକ୍‌ବାଲ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘଦିନରୁ ମହିଳା କ୍ରିକେଟ ପ୍ରତିଯୋଗୀମାନଙ୍କୁ ହାଇଟେକ୍ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହ ଆଗାମୀ ଦିନରେ ଏହା ଜାରି ରଖିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପାଣିଗ୍ରାହୀ କହିଛନ୍ତି।


### ଶତାୟୁ ଭବ
### ୧୬ତମ ଜନ୍ମଦିନ ଶୁଭେଚ୍ଛା



**ସୁୟାଂଶୁ ସ୍ୱତିକ (ରୋହନ)**
କାଳଶୁଖା, କାରକା, ଧର୍ମଶାଳା
ଆଜି ତୁମର ୧୬ତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥ ସୁଖ, ଶାନ୍ତି ଓ ଶତାୟୁ ଭରି ଦିଅନ୍ତୁ ଏତିକି ଆମର ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବଡ଼ବାପା- ସୁଶାନ୍ତ ସାହୁ, ଶ୍ରୀକାନ୍ତ, ବାପା- ଶଶିକାନ୍ତ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୧୯୨

### ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ଦେବାଂଶ ଦାଶ (ଇଶାନ)**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ତୋ ଜୀବନର ଚଲାପଥ ଖୁସିରେ ଭରିଯାଉ, ତୋ ମୁହଁରେ ସବୁବେଳେ ହସ ଥାଉ। ହୃଦୟରୁ ଆମେ ଏହି ପ୍ରାର୍ଥନା କରୁ ଯେ ଜୀବନର ପ୍ରତ୍ୟେକ ଦିନ ତୋର ଖୁସିରେ ଭରିରହୁ। ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମା', ଆଈ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ଇଭାନ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ଯାଶିକା, ଯେଶିଲ, ସାୟାନ।
ଧ-୭୬୦୯୦

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ମୟଙ୍କ କେଶବ ବେହେରା**
ମହଲା ସାହି, ବାଳକାଟି
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତୋର ଚଲାପଥ କୁସୁମିତ କରନ୍ତୁ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ, ଏତିକି ଆମମାନଙ୍କ ପ୍ରାର୍ଥନା ।
ଶୁଭେଚ୍ଛା ଓ ଆଶୀର୍ବାଦ ସହ
ବନ୍ଧୁ ଓ ପରିବାରବର୍ଗ ।
ଧ-୩୧୯୩



# Classified Everyday
0674-2580101, 9692975378


MATRIMONIAL

**GROOM WANTED**

45 ବର୍ଷ Govt. Hospitalରେ Head ନର୍ସ ଭାବେ କାର୍ଯ୍ୟରତ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 8455853154. D-3196


REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

Own Gharabari Residential Plot 3100sqft. with Compoundwall & Electricity at Brahmanjharilo, 7km from Phulnakhara, Cuttack & 12km from Bhubaneswar. Total Rs.41Lakhs (Including Registr ation charges). 7809525452. D-208


CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059 / 7656969134. D-3166

Wellness relax body massage & jointpain treatment by trend therapist. 6372110065. D-76951

**AFFIDAVIT**

By virtue of an affidavit sworn before Notary Public, Chikiti, dated 20.01.2026, I, G. KUTULI, Address: Village- Dalapalanka, P.O.- Ramachandrapur, P.S.- K Nuagam, District- Ganjam (Odisha), PIN- 761010 declare that I have changed my name from GHUSURI DURYODHAN to G. KUTULI. Henceforth, I shall be known as G. KUTULI for all purposes. D-3195

By virtue of an affidavit sworn before Executive Magistrate, Bargarh, dated 22.01.2026, I, Samiksha Nayak, Address: House No. 1, Balaji City, Bargarh, PIN- 768028 declare that I have changed the name of my son from Baby one of Samiksha Nayak to Sayujya Baral. Henceforth, he shall be known as Sayujya Baral for all purposes.
Samiksha Nayak
D-3188

By virtue of an affidavit sworn before Notary Public, Bhubaneswar, dated 20.01.2026, I, Soubhagya Jena, Address: Plot- 706, GGP Colony, Rasulgarh, Bhubaneswar, Khordha declare that I have changed the name of my daughter from Vaishnavi Chandrika to Vaishnavi Jena. Henceforth, she shall be known as Vaishnavi Jena for all purposes.
Soubhagya Jena
D-3189

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ ପ୍ରଭାତୀ ରାଣୀ ଗିରି, ସ୍ୱର୍ଗତ ଗୋପେନ୍ଦ୍ର ନନ୍ଦନ ଭଞ୍ଜଙ୍କ ପତ୍ନୀ, ଗ୍ରାମ- ହରିପୁର-୧, ପୋଷ୍ଟ- ଗୁଣାଇବସାଣ, ଥାନା- ଭୋଗରାଇ, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା, ପିନ୍- ୭୫୬୦୩୬ର ବାସିନ୍ଦା ଅଟେ। ମୁଁ ଆଗାମୀ ସମସ୍ତ କାର୍ଯ୍ୟ ପାଇଁ ନିଜର ନାମ ପରିବର୍ତ୍ତନ କରି ପ୍ରଭାତୀ ରାଣୀ ଭଞ୍ଜ ରଖିଅଛି। ଏଥିପାଇଁ ମୁଁ ତା୨୦।୦୧।୨୦୨୬ ରିଖରେ ଭୋଗରାଇର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଶପଥପାଠ (Affidavit) ଦାଖଲ କରିଛି । ଧ-୩୧୯୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ସିଜିୟୁ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ୨ଦିନିଆ କର୍ମଶାଳା



ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ନୂଆଦିଲ୍ଲୀର ଅଖିଳ ଭାରତ ପ୍ରାଯୌକ୍ତିକ ଶିକ୍ଷା ପରିଷଦ(ଏଆଇସିଟିଇ) ପକ୍ଷରୁ ଭିଏଏନ୍ଆଇ ଯୋଜନା ଅଧୀନରେ ସି.ଭି.ରମଣ ଗ୍ଲୋବାଲ୍ ୟୁନିଭର୍ସିଟି(ସିଜିୟୁ)ର ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ 'ରେଫ୍ରିଜେରେଶନ, ଏୟାରକଣ୍ଡିଂଶନିଂ ଓ ଭେଣ୍ଟିଲେଶନ କଣ୍ଟ୍ରୋଲ' ଶୀର୍ଷକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ଦାମୋଦର ଆଚାର୍ଯ୍ୟ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଗୁଡ଼ା ଦେବୀ, ବରିଷ୍ଠ ପରାମର୍ଶଦାତା ପ୍ରଫେସର ଗଣପତି ପଣ୍ଡା, ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ ଓ ପ୍ରଫେସର ନିତାଇ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଆଇଟି ରାଉରକେଲାର ପ୍ରଫେସର ମନୋଜ କୁମାର ମହାରଣା, ସିଜିୟୁର ଅଧ୍ୟାପକ ଡ. ଶଚିନ୍ଦ୍ର କୁମାର ରାଉତ, ପାପୁଆ ନ୍ୟୁଗିନି ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର କମଳାକାନ୍ତ ମୁଦୁଲି ଏବଂ ଜ୍ୟୋତିରଞ୍ଜନ ମିଶ୍ର ଓ ସଞ୍ଜିତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଯନ୍ତ୍ରବିଜ୍ଞାନ ଅଭିଯନ୍ତ୍ରଣ ବିଭାଗର ମୁଖ୍ୟ ପ୍ରଫେସର ତାରାପ୍ରସାଦ ମହାପାତ୍ର କାର୍ଯ୍ୟଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିକାଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ ଭିକାରୀ ଚରଣ ଜେନା
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ଉଦୟରାଗ : ୦୧.୦୧.୧୯୩୬
ଅସ୍ତରାଗ : ୦୪.୦୨.୨୦୨୫
ଏକ ବର୍ଷର ଶୂନ୍ୟତା ଆମ ସ୍ମୃତିକୁ ଝାପସା କରି ପାରିନି । ଏବେ ବି ଆମ ହୃଦୟରେ ବାସ କରୁଛ ତୁମେ; ଏକ ଲେଲିହାନ ଦୀପଶିଖା ହୋଇ.....
ଶୋକସନ୍ତପ୍ତ: ସୁବାସ-ନମିତା, ପ୍ରକାଶ-ଜଟି, ସନ୍ତୋଷ-ମାମି (ପୁତ୍ର-ପୁତ୍ରବଧୂ), ବୁଟି-ଗୌର, ବିଦ୍ୟୁତ-ନିର, କୁଇନା-ଦିଲ୍ଲୀପ, ସିଲୁ-ସନ୍ତୋଷ (କନ୍ୟା-ଜାମାତା), ଦାରା-ବନୀ (ନାତି-ନାତୁଣୀବୋହୂ), ଚୁମ୍କି-ରାଜା, ସୋନା-ସମ୍ବିତ (ନାତୁଣୀ-ନାତୁଣୀ ଜ୍ୱାଇଁ), କୁନ୍ନ, ଚିଣ୍ଟୁ, ପାପୁଲୁ, ବାବୁ (ନାତି), ପାପୁନା, କିଟୁ (ନାତୁଣୀ), ବୈଭବୀ, ସମୀକ୍ଷା (ଅଣନାତୁଣୀ) ଓ ଆୟାଂଶ (ଅଣନାତି)
ଧ-୨୩୧୯

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୫ ଜାନୁଆରୀ, ୨୦୨୬ Bhubaneswar, Sunday, 25 January, 2026

# ଆଜି ରାଞ୍ଚି ବନାମ ହାଇଦ୍ରାବାଦ



ରାଞ୍ଚି ରୟାଲ୍ସ ଅଧିନାୟକ ଟମ୍ ବୁନ୍।

## ହକି ଇଣ୍ଡିଆ ଲିଗ୍ କ୍ୱାଲିଫାୟର-୨

**ଭୁବନେଶ୍ୱର, ୨୪।୧(ତପନ ସ୍ୱାଇଁ)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର କ୍ୱାଲିଫାୟର-୨ ମ୍ୟାଚ୍ ରବିବାର ଅନୁଷ୍ଠିତ ହେବ। ଏଥିରେ ସାମ୍ନାସାମ୍ନି ହେବେ ରାଞ୍ଚି ରୟାଲ୍ସ ଓ ହାଇଦ୍ରାବାଦ ତୋଫାନ୍ସ। ସଂଘର୍ଷପୂର୍ଣ୍ଣ କ୍ୱାଲିଫାୟର-୧ରେ ରାଞ୍ଚି ରୟାଲ୍ସ ୧-୨ ଗୋଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ନିକଟରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ ତୋଫାନ୍ସ ଏଲିମିନେଟର ମ୍ୟାଚ୍‌ରେ ଏଚ୍‌ଆଇଏଲ୍ ଜିସି(ଗଭର୍ଣ୍ଣିଂ କାଉନ୍ସିଲ)କୁ ୨-୦ରେ ହରାଇ ଆଗକୁ ବଢ଼ିଛି। କ୍ୱାଲିଫାୟର-୨ର ବିଜେତା ସୋମବାର ହେବାକୁଥିବା ଫାଇନାଲରେ କଳିଙ୍ଗ ଲାନ୍ସର୍ସଙ୍କୁ ଭେଟିବ। ପରାଜିତ ଦଳ ଏଚ୍‌ଆଇଏଲ୍ ଜିସି ସହ ତୃତୀୟ-ଚତୁର୍ଥ ସ୍ଥାନ ଲାଗି ମ୍ୟାଚ୍ ଖେଳିବ।

ଫାଇନାଲରେ ପ୍ରବେଶ ଲାଗି ଅନ୍ତିମ ସୁଯୋଗ ହୋଇଥିବାରୁ ଉଭୟ ରାଞ୍ଚି ଓ ହାଇଦ୍ରାବାଦ ଦଳ ପାଇଁ ଆଗାମୀ ମ୍ୟାଚ୍ କର ଅବା ମର ସ୍ଥିତି ସୃଷ୍ଟି କରିବ। ହାଇଦ୍ରାବାଦ ଦଳ ଏଲିମିନେଟରରେ ପାଇଥିବା ମୋମେଣ୍ଟମ୍‌କୁ ବଜାୟ ରଖିବାକୁ ଚାହିଁବ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଆସିଥିବା ରାଞ୍ଚି ରୟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ ଆଶାରେ ରହିବ। ‘‘ଆମେ ଆକ୍ରମଣାତ୍ମକ ହକିରେ ବିଶ୍ୱାସ କରୁ ଏବଂ ଏଲିମିନେଟରରେ ତାହା ହିଁ କରିଥିଲୁ। କ୍ୱାଲିଫାୟର-୨ରେ ମଧ୍ୟ ସେହି ରଣନୀତି ବଜାୟ ରଖିବୁ। ଗତ କିଛି ମ୍ୟାଚ୍‌କୁ ଦେଖିଲେ କର ଅବା ମର ସ୍ଥିତିରେ କିପରି ଖେଳିବାକୁ ହୁଏ ସେଥିସହ ଆମେ ଅଭ୍ୟସ୍ତ ହୋଇଯାଇଛୁ। ତେଣୁ ଚାପକୁ ଆମେ ହାତେଇବାକୁ ପ୍ରସ୍ତୁତ। ଭଲ ଆରମ୍ଭ ସହ ରଣନୀତି ଅନୁସାରେ ଖେଳିବା ଆମ ଲକ୍ଷ୍ୟ ରହିବ। ଯଥାଶୀଘ୍ର ଗୋଲ ସ୍କୋର କରି ଆତ୍ମବିଶ୍ୱାସ ଦୃଢ଼ କରିବାକୁ ଆମେ ଚେଷ୍ଟା କରିବୁ’’ ବୋଲି ତୋଫାନ୍ସ ଅଧିନାୟକ ସୁମିତ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ରୟାଲ୍ସ ଅଧିନାୟକ ଟମ୍ ବୁନ୍ କହିଛନ୍ତି, ‘‘ଲାନ୍ସର୍ସ ବିପକ୍ଷ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଏହାକୁ ପଛରେ ଛାଡ଼ି ଆମେ ଏବେ ଆଗାମୀ ମ୍ୟାଚ୍ ଉପରେ ଫୋକସ କରୁଛୁ। ଆମ ନିକଟରେ ଆଉ ଏକ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବାକୁ ଚାହିଁବୁ। ହାଇଦ୍ରାବାଦ ତୋଫାନ୍ସ ଏକ ଭଲ ଦଳ। ତେବେ ଆମେ ନିଜ ରଣନୀତି ଏବଂ କ୍ୱାଲିଟି ଉପରେ ବିଶ୍ୱାସ କରୁ।’’

## ଓଡ଼ିଶା-ସର୍ଭିସେସ୍ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୨୪।୧(ତପନ ସ୍ୱାଇଁ):** ଆସାମର ଧାକୁଆଖାନା ଫୁଟ୍‌ବଲ ଷ୍ଟାଡିୟମରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡରେ ଶନିବାର ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଭାବେ ଡ୍ର ରହିଛି। ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୭ ତାରିଖରେ କେରଳ ବିପକ୍ଷରେ ଖେଳିବ।

# ଆଇପିଏଲ୍ ପାଇଁ ଟ୍ରେନିଂ ଆରମ୍ଭ କଲେ ଧୋନୀ

**ରାଞ୍ଚି, ୨୪।୧(ପି.ଟି.)** ପୂର୍ବତନ ଭାରତ ଓ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏଠାରେ ତାଙ୍କର ଟ୍ରେନିଂ ଆରମ୍ଭ କରିଛନ୍ତି। ସେ ଆଇପିଏଲ୍ ୨୦୨୬ ପାଇଁ ତାଙ୍କ ପ୍ରସ୍ତୁତି ଆରମ୍ଭ କରିଥିବା ଅନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ ତରଫରୁ ସୋସିଆଲ ମିଡିଆରେ ଧୋନୀଙ୍କ ଏକ ଶର୍ଟ କ୍ଲିପ୍ ଶେୟାର କରାଯାଇଛି। ଏଥିରେ ଧୋନୀ ଏକ ନେଟ୍ ସେସନ ପାଇଁ ପ୍ୟାଡ୍‌ଅପ୍ ହେଉଥିବାର ଏକ ଦୃଶ୍ୟ ରହିଛି, ଯାହାର କ୍ୟାପ୍‌ଶନ ରହିଛି ‘ଲୁକ୍ ହୁ ଇଜ୍ ବ୍ୟାକ୍।’ ପୋଷ୍ଟ କରାଯାଇଥିବା ଭିଡିଓଟିର ଏକ କ୍ୟାପ୍‌ଶନ ରହିଛି, ଯାହା ‘‘ପ୍ରାଇଡ୍ ଅଫ୍ ଜେଏସ୍‌ସିଏ ମହେନ୍ଦ୍ର ସିଂ ଧୋନୀ।’’ ଆଇପିଏଲ୍ ୨୦୨୬ ପାଇଁ ସମୟ ମାର୍ଚ୍ଚ ୨୬ରୁ ମେ’ ୩୧ ରଖାଯାଇଛି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବା ପରେ ମଧ୍ୟ ଧୋନୀ ନିୟମିତ ଆଇପିଏଲ୍‌ରେ ଖେଳିଆସୁଛନ୍ତି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୫/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 25/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 63 | ମୂଲ୍ୟ₹୭/-




# ରୁଷିଆ ତେଲ କମାଇଲା ଭାରତ, ଆମେରିକା ଦେଇପାରେ ରିହାତି

**ୟୁକ୍ରେନ୍ ଯୁଦ୍ଧ ପରଠୁ ଭାରତ ରୁଷିଆଠାରୁ ଅଶୋଧିତ ତୈଳ କ୍ରୟ କରିଚାଲିଥିଲା, ଯାହାକୁ ନେଇ ଆମେରିକା ନୂଆଦିଲ୍ଲୀ ଉପରେ କ୍ଷୁବ୍ଧ ହୋଇଥିଲା। ଏବେ ରୁଷିଆଠାରୁ ଭାରତ ତୈଳ ହ୍ରାସ କରିଥିବାରୁ ଭାରତକୁ ଆମେରିକା ରିହାତି ଦେଇପାରେ ବୋଲି ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଥିବା ସୂଚନା ମିଳିଛି।**

ନ୍ୟୁୟର୍କ,୨୪।୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୫ ଅଗଷ୍ଟରେ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ ଲଗାଇବା ପରେ ରୁଷୀୟ ତୈଳ କ୍ରୟ ବାବଦକୁ ୨୫% ଅତିରିକ୍ତ ଦଣ୍ଡାତ୍ମକ ଟିକସ କଷିଥିଲେ। ଫଳରେ ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଶୁଳ୍କ କଷାଯାଉଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ତେବେ କିଛିମାସ ହେଲା ଭାରତ ରୁଷିଆଠାରୁ କ୍ରୁଡ୍ ଅଏଲ୍ କିଣିବା ପରିମାଣ ହ୍ରାସ କରିଦେଇଛି। ଏଥିଯୋଗୁ ଟ୍ରମ୍ପ ପ୍ରଶାସନ ୨୫% ଦଣ୍ଡାତ୍ମକ ଟାରିଫ୍ ହଟାଇବା ନେଇ ବିଚାର କରୁଛି। ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ଶୁକ୍ରବାର ଗଣମାଧ୍ୟମକୁ ଏହି ସଙ୍କେତ ଦେଇଛନ୍ତି।

ଆମେରିକୀୟ ନ୍ୟୁଜ୍ ଆଉଟ୍‌ଲେଟ୍ ପଲିଟିକୋକୁ ସାକ୍ଷାତ୍କାର ଦେଇ ବେସେଣ୍ଟ କହିଛନ୍ତି, ରୁଷୀୟ ତୈଳ କ୍ରୟ ହ୍ରାସ ନେଇ ଭାରତର ପଦକ୍ଷେପ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଏହାଦ୍ୱାରା ଭାରତୀୟ ସାମଗ୍ରୀଗୁଡ଼ିକ ଉପରୁ ଅନ୍ୟୂନ ୨୫% ଟାରିଫ୍ ହ୍ରାସ କରାଯାଇପାରେ। ବେସେଣ୍ଟ ଆହୁରି କହିଛନ୍ତି, ଭାରତ ଉପରେ ଆମର ୨୫% ଟାରିଫ୍ ଏକ ବଡ଼ ସଫଳତା। ଏହି ଟାରିଫ୍ ଯୋଗୁ ଭାରତ ରୁଷିଆଠାରୁ ତୈଳ କିଣିବା କମ୍ କରିଦେଇଛି। ଉକ୍ତ ଟାରିଫ୍ ଏବେ ମଧ୍ୟ ଜାରି ରହିଛି। ତେବେ ଏହାକୁ ହଟାଇବା ନେଇ ଏକ ପଥ ଉନ୍ମୁକ୍ତ ହୋଇଛି।

ୟୁରୋପୀୟ ସଂଘ (ଇୟୁ) ଭାରତ ଉପରେ ଉଚ୍ଚ ଟାରିଫ୍ କଷିବାରୁ ନିବୃତ୍ତ ରହିଛି। କାରଣ ନୂଆଦିଲ୍ଲୀ ସହ ଇୟୁ ଏକ ବଡ଼ ବାଣିଜ୍ୟିକ ଡିଲ୍ କରିବାକୁ ଚାହୁଁଛି। ଭାରତରୁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ରିଫାଇନ୍‌ଡ ଏନର୍ଜି କିଣିବା ବୋକାମି ବୋଲି ସେ କହିଛନ୍ତି। ବେସେଣ୍ଟ ଗତ ସପ୍ତାହରେ ଡାଭୋସ୍‌ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲୁଇଏଫ୍) ବାର୍ଷିକ ସମ୍ମିଳନୀ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ କହିଥିଲେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ରୁଷୀୟ ତୈଳ ପରିମାଣ ଆଖିଦୃଶିଆ ଭାବେ ହ୍ରାସ କରିଦେଇଛି। ୟୁକ୍ରେନ୍ ସଂଘର୍ଷ ଆରମ୍ଭ ହେବା ପରେ ଭାରତ ରୁଷିଆଠାରୁ ତୈଳ କିଣିବା ଆରମ୍ଭ କରିଥିଲା। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ଭାରତ ଉପରେ ☞ପୃଷ୍ଠା–୬

# ଭିତ୍ତିଭୂମିରେ ଓଡ଼ିଶାର ପ୍ରଗତି ଘଟିଛି

## ନୀତି ଆୟୋଗ ଉପାଧ୍ୟକ୍ଷଙ୍କୁ ଭେଟିବା ଅବସରରେ କହିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ରାଜ୍ୟରେ ଭିତ୍ତିଭୂମି ଓ ଯୋଗାଯୋଗ କ୍ଷେତ୍ରରେ ବିଶେଷ କରି ସଡ଼କ, ଜଳସେଚନ, ବିଦ୍ୟୁତ୍ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଲୋକସେବା ଭବନରେ ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ଏବଂ ସଦସ୍ୟ ଡ. ଅରବିନ୍ଦ ଭିର୍‌ମାନୀଙ୍କ ସହ ଅନୁଷ୍ଠିତ ବୈଠକ ବେଳେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ପ୍ରଗତି ଶିଳ୍ପ ବିସ୍ତାର ଓ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଏମଏସଏମଇଙ୍କୁ ସଶକ୍ତ କରିବା, ଉତ୍ପାଦନ କ୍ଲଷ୍ଟର ଗଠନ, ନିବେଶ ଆକର୍ଷଣ ଏବଂ ସ୍ଥାନୀୟ ଅର୍ଥନୀତି ସହ ଜଡ଼ିତ ଦକ୍ଷତା ବିକାଶ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିସିପିପିଇଆର) ବିକାଶ ପାଇଁ ନୀତି ଆୟୋଗଙ୍କ ସହଯୋଗ ଲୋଡ଼ିଛନ୍ତି। ☞ପୃଷ୍ଠା–୬


ଲୋକସେବା ଭବନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ




# ୨୭ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ଆସନ୍ତା ୨୭ ତାରିଖରେ ସାରା ଦେଶରେ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଛି ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ। ଏହି ଆନ୍ଦୋଳନରେ ସରକାରୀ, ବେସରକାରୀ, ବିଦେଶୀ, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କର ପ୍ରାୟ ୮ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସାମିଲ ହେବାକୁ ଥିବାରୁ ବ୍ୟାଙ୍କିଂ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ବ୍ୟାଙ୍କ କର୍ମଚାରୀମାନେ ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଦାବି କରି ଆସୁଛନ୍ତି। ଭାରତୀୟ ବ୍ୟାଙ୍କ ସଂଘର ଏହି ପ୍ରସ୍ତାବ ଗତ ଦୁଇବର୍ଷ ଧରି ସରକାରଙ୍କ ନିକଟରେ ବିଚାରାଧୀନ ଥିଲେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବାରୁ ଧର୍ମଘଟ ଡାକରା ଦିଆଯାଇଛି।

୨୦୨୩ରେ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ ଓ ଭାରତୀୟ ବ୍ୟାଙ୍କ ସଂଘ ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ନେଇ ଦାବି ଉଠାଇଥିଲା। ପରେ ୮ ମାର୍ଚ୍ଚ ୨୦୨୪ ସରକାରଙ୍କ ନିକଟରେ ଉକ୍ତ ଦାବି ପୂରଣ ପାଇଁ ପ୍ରସ୍ତାବର ପୁନରାବୃତ୍ତି କରାଯାଇଥିଲା। ଏହି ପ୍ରସ୍ତାବରେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ସମୟର ୪୦ ମିନିଟ ବୃଦ୍ଧି ଏବଂ ସମସ୍ତ ଶନିବାରକୁ ଛୁଟି ଘୋଷଣା କରିବାକୁ କୁହାଯାଇଛି। ଏହି ଦାବି ପୂରଣ ହୋଇ ନ ଥିବାରୁ ଜାନୁଆରୀ ୨୭ରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ହୋଇଛି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିଅନ୍ସ ନେତୃତ୍ୱରେ ହେବାକୁ ଥିବା ☞ପୃଷ୍ଠା–୬



# ଦେଶର ଭବିଷ୍ୟତଙ୍କୁ 'ଗନ୍ଧର୍ବ' ସାହା

ବଲାଙ୍ଗୀର,୨୪।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷକରି ଶିକ୍ଷାର ବିକାଶ ପାଇଁ ଦେଶରେ ଶିକ୍ଷା ଅଧିକାର ଆଇନକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି। ୬ ରୁ ୧୪ ବର୍ଷ ବୟସର ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବାକୁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ବଲାଙ୍ଗୀର ଜିଲା ଲୋୟର ସୁକ୍‌ତେଲ ବୁଡ଼ି ଅଞ୍ଚଳରେ ଠିକ୍ ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଆଦିବାସୀ ବହୁଳ କୁମିଆପାଲି ଗାଁରେ ଶିଶୁମାନଙ୍କ ମୌଳିକ ଶିକ୍ଷା ଅଧିକାର ଆଇନର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ବିସ୍ଥାପନ ସମସ୍ୟା ଯୋଗୁ ପ୍ରାୟ ୩ବର୍ଷ ତଳୁ ଏହି ଗାଁର ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ଫଳରେ ଏହି ଗାଁର ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରାଥମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ପିଲାମାନେ ପାଠପଢ଼ାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଜିଲା ପ୍ରଶାସନ କି ଜିଲା ଶିକ୍ଷା ବିଭାଗ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ଏଭଳି ସମୟରେ ଗାଁର ଅବସରପ୍ରାପ୍ତ ବିଦ୍ୟାଳୟ ପିଅନ ଗନ୍ଧର୍ବ ବରିହା


କୁମିଆପାଲିର ବିଦ୍ୟାଳୟ ଯାଉ ନ ଥିବା କୁନି ପିଲାମାନେ।

ନିଜେ ଏବେ ପାଠପଢ଼ାରୁ ବଞ୍ଚିତ କୁନି ପିଲାଙ୍କୁ ଟିଉଶନ ଜରିଆରେ ଶିକ୍ଷାଦାନ କରୁଛନ୍ତି। ସରକାରୀ ବ୍ୟବସ୍ଥା ଫେଲ୍ ମାରିବା ପରେ ଜଣେ ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପିଅନଙ୍କ ଏଭଳି ପ୍ରୟାସ ଚର୍ଚ୍ଚାର ବିଷୟ ହୋଇଛି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଅସମ୍ପୂର୍ଣ୍ଣ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିପାଇଁ ୨୦୨୩ ମସିହାରେ ବଳପୂର୍ବକ ପ୍ରକଳ୍ପ ପ୍ରଭାବିତ ବୁଡ଼ି ଅଞ୍ଚଳ ଗାଁ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା। କୁମିଆପାଲି ଗାଁର କେତେକ ପରିବାର ବିସ୍ଥାପିତ ହୋଇଥିଲେ ମଧ୍ୟ ଗାଁର ୭୦ରୁ ଉର୍ଦ୍ଧ୍ୱ ପରିବାର ସେମାନଙ୍କ ବିଭିନ୍ନ ଦାବିପୂରଣ ନ ହେବା ଯାଏଁ ଗାଁ ଛାଡ଼ିବେ ନାହିଁ ବୋଲି ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହା ପରେ ଜିଲା ପ୍ରଶାସନ ସେମାନଙ୍କୁ ସେଠାରୁ ବିସ୍ଥାପନ କରିନାହିଁ। ତେବେ ଗାଁରେ ୧୯୬୧ ମସିହାରେ ସ୍ଥାପିତ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କିନ୍ତୁ ବନ୍ଦ କରିଦିଆଯାଇଛି। ଫଳରେ ପ୍ରାୟ ୩ବର୍ଷ ହେବ ଗାଁର କୁନି ଛାତ୍ରୀଛାତ୍ରଙ୍କ ପାଠପଢ଼ା ଏକପ୍ରକାର ବନ୍ଦ ହୋଇଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ପିଲା


କୁମିଆପାଲିର ଅବସରପ୍ରାପ୍ତ ପିଅନ ଗନ୍ଧର୍ବ ବରିହା।

- ୩ ବର୍ଷ ହେଲା ୩୫ରୁ ଉର୍ଦ୍ଧ୍ୱ ସ୍କୁଲ ପିଲାଙ୍କ ପାଠପଢ଼ା ବନ୍ଦ
- ବିସ୍ଥାପନ ନାଁରେ ଗାଁ ସ୍କୁଲ ବନ୍ଦ ପଡ଼ିଛି
- ଅବସରପ୍ରାପ୍ତ ପିଅନ କରୁଛନ୍ତି ସ୍ୱେଚ୍ଛାକୃତ ଶିକ୍ଷାଦାନ

ନିକଟସ୍ଥ କପିଳବାହାଲ ଗାଁ ସ୍କୁଲରେ ନାମ ଲେଖାଇଛନ୍ତି। ତେବେ ନିଛାଟିଆ ରାସ୍ତା ଏବଂ ଅନ୍ୟାନ୍ୟ କାରଣରୁ ସେମାନେ ବିଦ୍ୟାଳୟ ଯାଉନାହାନ୍ତି। ଗାଁର ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ବନ୍ଦ ହୋଇଯାଇଛି। ଛାତ୍ରୀ ଅଙ୍କିତା ବରିହା (୧୦) କହିଛନ୍ତି, ଗାଁରେ ବିଦ୍ୟାଳୟ ବନ୍ଦ ହେବା ପରଠାରୁ ସେ ବିଦ୍ୟାଳୟ ଯାଇନାହାନ୍ତି। ଗାଁରେ ଟିଉଶନ ହେଉଛନ୍ତି। ଛାତ୍ର କରନ ବରିହା (୧୧) କହିଛନ୍ତି, ପ୍ରାୟ ୩ ବର୍ଷ ହେବ ବିଦ୍ୟାଳୟ ବନ୍ଦ ହେଲାଣି। ସେ ଏବଂ ତାଙ୍କ ସାଙ୍ଗମାନେ ପଢ଼ିବା ଛାଡ଼ି ଖେଳିବାରେ ବେଶି ସମୟ କାଟୁଛନ୍ତି। ପାଠ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ବିଦ୍ୟାଳୟ ନ ଥିବାରୁ ପାଠପଢ଼ା ବନ୍ଦ ହୋଇଛି।

ପିଲାଙ୍କ ଏଭଳି ଅବସ୍ଥା ଦେଖି ଗାଁନିବାସୀ ତଥା ନିକଟସ୍ଥ ରେଙ୍ଗାଲି ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପିଅନ ଗନ୍ଧର୍ବ ବରିହା ତାଙ୍କ ଘରେ ପ୍ରାୟ ୧୮ ପିଲାଙ୍କୁ ଟିଉଶନ କରୁଛନ୍ତି। ଏଥିପାଇଁ ସେ ଟିଉଶନ ଫି ଦାବି କରନ୍ତି ନାହିଁ। ଯିଏ ଯାହା ଖୁସିରେ ଦିଅନ୍ତି ନିଅନ୍ତି। ଏହି ପିଲାଙ୍କ ପାଇଁ ସେ ଏବେ ସାହାଭରସା ସାଜିଛନ୍ତି। ଗନ୍ଧର୍ବ କହିଛନ୍ତି, ଏଇ ଗାଁ ପିଲାମାନଙ୍କ ଭିତରେ ଅନେକ ପ୍ରତିଭା ଭରି ରହିଛି। ଉପଯୁକ୍ତ ସୁଯୋଗ ଏବଂ ଗାଁରେ ବିଦ୍ୟାଳୟ ନ ଥିବାରୁ ସେମାନଙ୍କ ଅବସ୍ଥା ନ କହିବା ଭଲ। ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଗଲାଣି। ଯେତେ ଶୀଘ୍ର ଗାଁରେ ବିଦ୍ୟାଳୟ ଖୋଲିବ ସମସ୍ତଙ୍କର ମଙ୍ଗଳ ହେବ। ଗାଁର ଅଭିଭାବକ ନେପୁର ବରିହା ଏବଂ ଲବଙ୍ଗ ବରିହା କହିଛନ୍ତି, ନୂଆ କଲୋନି କରି ସେଠାରେ ଶୀଘ୍ର ବିଦ୍ୟାଳୟ, ଅଙ୍ଗନୱାଡି, ପାନୀୟ ଜଳ ସୁବିଧା କରାଯାଉ। ଏହି ସମୟ ମଧ୍ୟରେ ଗାଁରେ ପିଲାଙ୍କ ବ୍ୟବସ୍ଥା କରାଯାଉ।

# ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ



ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ କମିଟିର ବାର୍ଷିକ ସମାବେଶରେ ଉପସ୍ଥିତ ଅତିଥି।

ଖପ୍ରାଖୋଲ,୨୪।୧ (ଅଭୟ ତ୍ରିପାଠୀ)

**ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ କମିଟିର ବାର୍ଷିକ ସମାବେଶ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଧଣ୍ଡାମୁଣ୍ଡା ସାପ୍ତାହିକ ବଜାର ପଡ଼ିଆରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ କମିଟିର ବାର୍ଷିକ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ସେଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କରଠାରୁ ମଶାଲ ଶୋଭାଯାତ୍ରା ବାହାରି ସମାବେଶ ସ୍ଥଳରେ ପହଞ୍ଚିଥିଲା। ପରେ ସାପ୍ତାହିକ ବଜାର ପଡ଼ିଆରେ କ୍ଷମାନିଧି ଭୋଇଙ୍କ ଅଧ୍ୟକ୍ଷତାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୋବିନ୍ଦ ମହାରଣା, ସମ୍ମାନିତ ଅତିଥି ଭାବେ ଥବୀର ମେହେର, ଡ. ଅଶୋକ ଭୋଇ, କ୍ଷେତ୍ରି ଲୁହାର, ଅନୁପ ସାହୁ, ନୀଳମାଧବ ପାଣିଗ୍ରାହୀ, ଶେଷଦେବ ସିଂ, ପୂର୍ଣ୍ଣମାସୀ ବରିହା, ରଘୁନାଥ ସିଂ ବରିହା, ବିପ୍ର ବିଶି, ଟିକେଶ୍ୱର ଧରୁଆ, ପଞ୍ଚମ ପ୍ରଧାନ, ଶଶିକାନ୍ତ ଧରୁଆ, ସୁବାସ ଧରୁଆ, ଟେକେନ୍ଦ୍ର ଜାଲ୍, ସନ୍ଦୀପ ବାଗ୍, ଉପଦେଷ୍ଟା ସୁଶୀଲ ନାଏକ ଯୋଗଦେଇଥିଲେ। ଅତିଥିମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଆକ୍ସନ କମିଟି ଲଢ଼େଇ ଜାରି ରଖିବ ବୋଲି କହିଥିଲେ। ରାଜ କୁମାର ସେଠ ମଞ୍ଚ ପରିଚାଳନା କରିଥିଲେ। ଏହି ସମାବେଶରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ଦେଓଗାଁ,୨୪।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବୁଦେଲଗୁମା ପ୍ରାଥମିକ ବିଦ୍ୟାଳୟ ପଛପଟ ବଡକଁଟା ମୁଗକ୍ଷେତରୁ ୫ଦିନ ତଳୁ ନିଖୋଜ ହୋଇଥିବା ଜନୈକ ବୃଦ୍ଧଙ୍କ ଗଳିତ ମୃତଦେହ ଶନିବାର ଦେଓଗାଁ ପୋଲିସ ଜବତ କରିଛି। ସେ ହେଲେ ତୁଷୁରା ଥାନା ଅନ୍ତର୍ଗତ ଗୁଡଖାପଲା ସଞ୍ଜୟପଡାର ଶ୍ୟାମସୁନ୍ଦର ରଣା (୭୫)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସୁନୀତା ଠେମରିଆ ସୂଚନା ଦେଇଛନ୍ତି। ଶ୍ୟାମସୁନ୍ଦର ୫ଦିନ ତଳେ ଘରୁ କୁଆଡେ ଚାଲିଯାଇଥିବା ନେଇ ତାଙ୍କପୁଅ ତୁଷୁରା ଥାନାରେ ଅଭିଯୋଗ କରିଥିଲେ। ଶନିବାର ସକାଳ ପ୍ରାୟ ୮ଟାରେ ଜମିମାଲିକ ଚାଷକରିଥିବା ମୁଗକୁ ଦେଖିଯିବାବେଳକୁ ଗଳିତ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଠେମରିଆ ଓ ରଞ୍ଜିତ ପଧାନଙ୍କ ସମେତ ଏସ୍‌ଆଇ ଦିପକ ଡୁଙ୍ଗଡୁଙ୍ଗ, ମନୋଜ କୁମାର ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ।


ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଳ ଅର୍ପଣ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜଳର ସଦ୍‌ଉପଯୋଗ ଉପରେ ଗୁରୁତ୍ୱାରୋପ

ଲୋଇସିଂହା,୨୪।୧ (ସୁଶାନ୍ତ ବାରିକ)

**ଜଳ ଅର୍ପଣ ଦିବସ**

ବଲାଙ୍ଗୀର ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଳ ଅର୍ପଣ ଦିବସ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଗନ କିଷାନ ଅଧ୍ୟକ୍ଷତା କରି ଜଳର ଆବଶ୍ୟକତା ଓ ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଜିଲା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବିଡିଓ ଅକ୍ଷୟପାଣି ଉଦ୍ଧୁ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ସ୍ଥାନୀୟ ସରପଞ୍ଚ ବିଜୁଳି ପଧାନ, ଏମ୍‌ପି ପ୍ରତିନିଧି ବାଳକୃଷ୍ଣ ଧରୁଆ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡିଲେଶ୍ୱରୀ କୁଅଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ମୁଖ୍ୟଅତିଥି କହିଥିଲେ, ପୃଥିବୀର ସ୍ଥଳ ଭାଗରେ ୭୦ ଭାଗ ଜଳ ରହିଛି। ସେଥିରୁ ୩ ପ୍ରତିଶତ ମଧୁର ଜଳ ଏବଂ ୦.୩ ପ୍ରତିଶତ ପାଣି ପିଇବା ଉପଯୋଗୀ। ଜଳ ସଂରକ୍ଷଣ ଓ ସ୍ୱଚ୍ଛଜଳ ରଖିବା ଭବିଷ୍ୟତ ପିଢି ପାଇଁ ବଡ ଆହ୍ୱାନ ସୃଷ୍ଟି କରିଛି। ଜଳଜୀବନ ମିଶନ ହରଘର ନଳ ଯୋଜନାରେ ଗାଁକୁ ଗାଁ ପାନୀୟ ଜଳ ଯୋଗାଣ ହେଉଛି। କିନ୍ତୁ ଅନେକ ସ୍ଥାନରେ ଏହାର ଅପଚୟ ବୃଦ୍ଧି ପାଉଛି। ସଚେତନ ହୋଇ ଏହାର ଉପଯୁକ୍ତ ବ୍ୟବହାର କରିବାକୁ ମନ୍ତ୍ରୀ ମହାଲିଙ୍ଗ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତେବେ ପିଇବା ପାଣିକୁ ନେଇ ହେବ ବୋଲି ଲୋକେ ଭବିଷ୍ୟତବାଣୀ କଲେଣି। ଜଳ ସଂରକ୍ଷଣର ଆବଶ୍ୟକତା ଏବଂ ଘରେ ଘରେ ସଚେତନ ହୋଇ ଜଳର ସଦ୍‌ଉପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିବା ସେ କହିଥିଲେ। ସ୍ଥାନୀୟ ସରପଞ୍ଚ ପଧାନ, ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଉଦ୍ୟମ କ୍ରମେ ପଞ୍ଚାୟତର ସମସ୍ତ ଗ୍ରାମକୁ ସୁକତେଲ ନଦୀରୁ ପାଇପ ଜଳ ଯୋଗାଣ ହେଉଛି। କେତେଜଣ ଜଳ ଯୋଗାଣ ପାଣି ବ୍ୟାପକ ଭାବେ ଅପଚୟ କରିବା ସହିତ ଗୋରୁ, ଗାଡିମୋଟର ଧୋଉଥିବାର ଦେଖିବାକୁ ମିଳୁଛି। ଏସବୁରୁ ନିବୃତ୍ତ ରହି ଜଳ ଅପବ୍ୟବହାରକୁ ରୋକିବାକୁ ପଞ୍ଚାୟତବାସୀଙ୍କୁ ନିବେଦନ କରିଥିଲେ। ଏହାଛଡ଼ା ସରପଞ୍ଚ ପଧାନ କହିଥିଲେ, ଅଞ୍ଚଳକୁ ସରକାର ପିଇବା ପାଣିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚାଷ ଜମିକୁ ଜଳସେଚନରୁ ବାଦ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବା ଦିଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତି ପ୍ରକାଶ ସାହୁ ସଂଯୋଜନା କରିଥିବାବେଳେ ନିର୍ବାହୀ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ଚୂଡ଼ାନ୍ତ

ଦେଓଗାଁ,୨୪।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଜରାସିଂହାର ସର୍ବପୁରାତନ ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବିଲି ଉତ୍ସବ ଆୟୋଜନ ପାଇଁ ଶୁକ୍ରବାର ହାଇସ୍କୁଲ ସଭାକକ୍ଷରେ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ଲାଟିନମ୍ ଜୁବିଲି ପରିଚାଳନା କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟାସଦସ୍ୟ, ପୁରାତନ ଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଡମ୍ବରପୂର୍ଣ୍ଣ ଭାବେ କରିବା ପାଇଁ ମତବ୍ୟକ୍ତ କରିଥିଲେ। ପ୍ଲାଟିନମ୍ ଜୁବିଲି ଉତ୍ସବ ଆସନ୍ତା ୨୭ରୁ ଆରମ୍ଭ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ କିଛି ଅସୁବିଧା ଯୋଗୁ ସର୍ବସମ୍ମତିକ୍ରମେ ଏହି ଉତ୍ସବ ଆସନ୍ତା ଫେବୃୟାରୀ ୫ରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କମିଟି ସଭାପତି ମେହେର ସୂଚନା ଦେଇଥିଲେ। ଏହି ଉତ୍ସବର ପ୍ରତ୍ୟେକ ଦିବସରେ ରାଜ୍ୟ ତଥା ରାଜ୍ୟ ବାହାରର ପାରମ୍ପରିକ ସାଂସ୍କୃତିକ ଦଳ ସମେତ ଅତିଥିଭାବେ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଖଇର କାଠ ବୋଝେଇ ଟ୍ରକ୍ ଜବତ


ଜବତ ଖଇର କାଠ ବୋଝେଇ ଟ୍ରକ୍ ସହ ବନ ବିଭାଗ କର୍ମଚାରୀ।

କଣ୍ଟାବାଞ୍ଜି,୨୪।୧ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ତେନ୍ତୁଳିଖୁଣ୍ଟି ଗ୍ରାମ ନିକଟରେ ଶନିବାର ସନ୍ଧ୍ୟା ୫ଟା ୩୦ରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଖଇର କାଠ ବୋଝେଇ ଟ୍ରକ୍ ଜବତ କରାଯାଇଛି। ଟ୍ରକ୍ ନଂ. ସିଜି ୦୭ସିକେ ୮୯୫୪ରେ କାଠ ଚୋରା ଚାଲାଣ କରାଯାଉଥିଲା। ଏହି ଚଢାଉବେଳେ ଫରେଷ୍ଟର ସୁନିଲ ମହାନ୍ତି, ସୁଶିଲ ପୁଟା, ଆଦିତ୍ୟ ସାମଲ, ଫରେଷ୍ଟ ଗାର୍ଡ ମିଥୁନ ଗୌଡ, ସୁମନ୍ତ ଦୀପ ସହ ପାରା ପ୍ରୋଟେକ୍ସନ ଫୋର୍ସ ସାମିଲ ଥିଲେ।

# ଜାତୀୟ ବାଳିକା ଦିବସ ପାଳିତ



ଲୋଇସିଂହା,୨୪।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପିଏମ୍‌ଶ୍ରୀ ହରିହର ନୋଡାଲ ହାଇସ୍କୁଲରେ ଜାତୀୟ ବାଳିକା ଦିବସ ଶନିବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡିଲେଶ୍ୱରୀ କୁଅଁରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନରେଶ ଦ୍ୱାରି, ଡ. ପ୍ରଶାନ୍ତ କୁମାର ଭୋଇ, କୃଷ୍ଣପ୍ରସାଦ ପାଣିଗ୍ରାହୀ, କରୁଣାକର କର୍ତ୍ତ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ମଞ୍ଚାସୀନ ହୋଇଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ଜାତୀୟ ବାଳିକା ଦିବସ ପାଳନ ସମ୍ପର୍କରେ ଓ ବର୍ତ୍ତମାନ ସମୟରେ ସମସ୍ତ କ୍ଷେତ୍ରରେ କିପରି ଛାତ୍ରୀମାନେ ଆଗରେ ରହୁଛନ୍ତି ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ବକ୍ତୃତା, ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଚ୍ଚିଦାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ସୁଭାଷ ପରବ ପାଳିତ

ବଲାଙ୍ଗୀର,୨୪।୧ (ବୀରେନ୍ଦ୍ର କୁମାର ଝାଙ୍କର)

**ତ୍ରୈମାସିକ 'ସୁଭାଷ ଚିନ୍ତନ'ର ନୂଆ ସଂଖ୍ୟା ଉନ୍ମୋଚିତ**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଶୁକ୍ରବାର ବଲାଙ୍ଗୀର ଶିଶୁ ଉଦ୍ୟାନ ସମ୍ମୁଖ ନେତାଜୀ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠାନର ୩୪ତମ ପ୍ରତିଷ୍ଠା ଦିବସ ଏବଂ 'ସୁଭାଷ ପରବ' ସମାରୋହ ପାଳନ କରାଯାଇଥିଲା। ସଭାରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସମ୍ମାନିତ ବକ୍ତା ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ ଯୋଗଦେଇ ନେତାଜୀଙ୍କ ବଳିଦାନ ଏବଂ ସ୍ୱାଧୀନତା ସଂଗ୍ରାମର ଅଲିଭା କାହାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ସାମାଜିକ କର୍ମୀ ଅଶୋକ ମିଶ୍ର ନେତାଜୀଙ୍କ ପ୍ରତି ହୋଇଥିବା ଐତିହାସିକ ପ୍ରତାରଣା ବିଷୟରେ ଆଲୋଚନା କରିଥିଲେ। ଆବାହକ ବୀରେନ୍ଦ୍ର କୁମାର ବନଛୋର ସ୍ୱାଗତ ଭାଷଣ ଏବଂ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥି ଏବଂ ସମବେତ ଜନତା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରିଷଦର ତ୍ରୈମାସିକ ମୁଖପତ୍ର 'ସୁଭାଷ ଚିନ୍ତନ'ର ଚତୁର୍ଥ ବର୍ଷ ପ୍ରଥମ ସଂଖ୍ୟାକୁ ଉନ୍ମୋଚନ କରାଯାଇଥିଲା। ସଭାରେ ପରିଷଦର ପ୍ରାକ୍ତନ ସଦସ୍ୟ ସ୍ୱର୍ଗତ ସଞ୍ଜୟ ଶେଖର ଭୋଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଏବଂ ଜନସାଧାରଣ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ କବିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଆୟୋଜିତ 'ସୁଭାଷ ପରବ' ସଭାରେ ମଞ୍ଚାସୀନ ଅତିଥି।

# ମୁରିବାହାଲ ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା

ମୁରିବାହାଲ,୨୪।୧ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଜୁନିୟର କଲେଜର ୩୫ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର କଲେଜ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୪ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ମୋଟ ୮୪ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଛାତ୍ରୀ ଓ ଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଛି। ଜୁନିୟର କଲେଜ ତରଫରୁ ଗତ ୨୨ ତାରିଖଠାରୁ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆଠାରେ ଉଭୟ ବାଳିକା ବାଳକଙ୍କୁ ନେଇ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ରୀଡାରେ ଦୌଡ଼, ସଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ଯାଭେଲୀନ ଥ୍ରୋ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଟ୍ରିପଲ ଜମ୍ପ, କବାଡି, ଭଲିବଲ ଓ କ୍ରିକେଟ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ବାର୍ଷିକ କ୍ରୀଡ଼ା ସହ ଯୁକ୍ତ ୨ବର୍ଷ ଛାତ୍ରୀ ଓ ଛାତ୍ରଙ୍କୁ ମଧ୍ୟ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଲେଜ



ମୁରିବାହାଲ ଜୁନିୟର କଲେଜର ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି।

**ବାଳିକା ବାଳକ ବିଭାଗରେ ୮୪ ପ୍ରତିଯୋଗୀ ପୁରସ୍କୃତ**

ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି କ୍ରୀଡା ଦ୍ୱାରା ଶରୀର ବିକାଶ ହେବା ସହ ଛାତ୍ରୀଛାତ୍ର ଜୀବନରେ ସହନଶିଳତା, ଧୈର୍ଯ୍ୟ ଯୋଗୁ ନିଜର ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠି, ସରପଞ୍ଚ ସଂଘର ବ୍ଲକ ସଭାପତି ବିଶ୍ୱବିହାରୀ ଯୋଶୀ, ଡା. ଭଗବାନ ମହାନ୍ତି, ଇଂରାଜୀ ବିଭାଗର ଅଧ୍ୟାପକ ହୃଦାନନ୍ଦ ପୁହାଣ ପ୍ରମୁଖ ମଞ୍ଚାସୀନ ରହି କ୍ରୀଡା ଓ କଲେଜର ବିକାଶ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଳିକା ବିଭାଗରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରେମସିଲା ଧରୁଆ ଓ ବାଳକ ବିଭାଗରେ ଲିଲୁ କୁଅରଙ୍କୁ ଚାମ୍ପିୟନ ଭାବରେ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଙ୍କୁ ଶାନ୍ତରାମ ପଧାନ ଓ ପୂଜାରାଣୀ ରଥ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ରାଧେଶ୍ୟାମ ବଘାରଙ୍କର ନେତୃତ୍ୱରେ ଖେଳ ହୋଇଥିଲା। ଭାବନି ପୋଢ଼, ଲିଲି ପଧାନ, ଶିବାନୀ ପଧାନ, ସୁପ୍ରିୟା ନାୟକ, ଶଙ୍କର ଦେହୁରୀ, ନରେଶ ଶତନାମୀ, ନାରାୟଣ ଭୋଇ, ସଞ୍ଜୟ ବାଗ, ଅଭିମନ୍ୟୁ ଛୁରା ପ୍ରମୁଖ ସହଯୋଗ କରିଥିବାବେଳେ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବଲପୁରୀ ଅରକେଷ୍ଟ୍ରା ଅନୁଷ୍ଠିତ ହୋଇଥିଲା।



ଅତିଥି ଏବଂ ଆୟୋଜକଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

# ଚିତ୍ରାଙ୍କନରେ ୧୯ ପ୍ରତିଯୋଗୀ

**ବରଗଡ,୨୪।୧(ପ୍ରେମାନନ୍ଦ ଖମାରୀ)**

ପ୍ରତିବର୍ଷ ଜାନୁଆରୀ ୨୫ ତାରିଖକୁ ରାଷ୍ଟ୍ରୀୟ ମତଦାତା ଦିବସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ମତଦାନକୁ ନେଇ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଶନିବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁଲ୍ତାସ୍ଥିତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ସଞ୍ଜୟ ଖମାରୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୯ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀ ଗୀତିକା ସୁନା ପ୍ରଥମ, ପ୍ରିୟଦର୍ଶିନୀ ଦେହେରୀ ଦ୍ୱିତୀୟ ଏବଂ ରୋହିଣୀ ପଧାନ ଓ ସିଦ୍ଧି ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ କଳା ଶିକ୍ଷକ ଅମୂଲ୍ୟ ଭୋଇ ଯୋଗ ଦେଇଥିଲେ। ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ ସହଯୋଗ କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀମାନେ।

# ଜନଗଣନାବେଳେ ମାତୃଭାଷା ସମ୍ବଲପୁରୀ ଲେଖିବାକୁ ଆହ୍ୱାନ

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ଚଳିତବର୍ଷ ଜନଗଣନା ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡିଶା ତଥା ନିକଟବର୍ତ୍ତୀ ଅଞ୍ଚଳର ଅଧିବାସୀ ଜନଗଣନା ସମୟରେ ଉଦ୍ଦିଷ୍ଟ କାଗଜପତ୍ରରେ ନିଜ ମାତୃଭାଷା ସମ୍ବଲପୁରୀ ବୋଲି ଉଲ୍ଲେଖ କରିବାକୁ ହେବ। ଏହାଦ୍ୱାରା ସରକାରଙ୍କ ନିକଟରେ ନିର୍ଭୁଲ ଓ ନିର୍ଦ୍ଦିଷ୍ଟ ତଥ୍ୟ ପହଞ୍ଚିପାରିବ । ସମ୍ବଲପୁରୀ ଭାଷା ସାମ୍ବିଧାନିକ ମାନ୍ୟତା ପାଇବା ଦିଗ ଉନ୍ମୁକ୍ତ ହେବା ସହିତ ଦେଢ଼ କୋଟି ଲୋକଙ୍କ ଆଶା ଆକାଂକ୍ଷା ପୂରଣ ହେବ ବୋଲି ଶୁକ୍ରବାର ବିଜେପୁର ନିକଟସ୍ଥ ପଡ଼ା ଗ୍ରାମରେ ଆୟୋଜିତ ଜାତୀୟ ସମ୍ବଲପୁରୀ ଭେଟ୍‌ଘାଟରେ ମତପ୍ରକାଶ ପାଇଛି। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ମନୋହର ସାଂସ୍କୃତିକ ସଂସଦର ୩୫ତମ ବଛରକିଆ ଉଛବ ଏବଂ ୫୭ତମ ଜାତୀୟ ସମ୍ବଲପୁରୀ ଭେଟଘାଟ, ପଡ଼ା ଗ୍ରାମର ପ୍ରକାଶ ସାଂସ୍କୃତିକ ସଂସଦର ଆୟୋଜନକ୍ରମେ ଅନୁଷ୍ଠିତ ହୋଇଥିଲା। ସଙ୍ଗଠକ ଅଶୋକ କୁମାର ପୂଜାହାରୀଙ୍କ ସଭାପତିତ୍ୱ ଓ ଛନ୍ଦ କବି ସୁରେଶ ଚନ୍ଦ୍ର ଭୋଇଙ୍କ ସଞ୍ଚାଳନରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କବି ସମ୍ମିଳନୀ ହୋଇଥିଲା। ଏଥିରେ କବି ନିରଞ୍ଜନ ପଣ୍ଡା, ଗୌରଚରଣ ପ୍ରଧାନ, ମୋହନ ସିଂ କହ୍ନେଇ, ବିଶିକେଶନ

**ଜାତୀୟ ସମ୍ବଲପୁରୀ ଭେଟ୍‌ଘାଟ୍ ସମାରୋହ**

ମେହେର, ସଙ୍ଗଠକ ରମେଶ ମହାପାତ୍ର, ହରିଲାଲ ସାହୁ, ସରପଞ୍ଚ ଶୋଭା ମେହେର ଅତିଥି ଭାବେ ଯୋଗ ଦେଇଥିଲେ। କବି କିଶୋର ପାତ୍ର ସ୍ୱାଗତ ସଙ୍ଗୀତ ଗାନ, ଦିଲ୍ଲୀପ କୁମାର ଦେବତା ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଅଧ୍ୟାପକ ସୁକୁମାର ଭୋଇ ଓ ଡଃ ନାରାୟଣ ଭୋଇ କବିତା ସଂଯୋଜନା କରିଥିଲେ। ଭାଷା ଗବେଷକ ତଥା ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଜୟନ୍ତୀ ପାଳନ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ପ୍ରଦୀପ ପଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉମେଶ ପ୍ରଧାନ ସଂଯୋଜନା କରିଥିବା ବେଳେ ପଦ୍ମଶ୍ରୀ ଗୁରୁ ଭାଗବତ ପଧାନ, ଉପଦେଷ୍ଟା ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୁଭାଷ ଚନ୍ଦ୍ର ଭୁଏଙ୍କ ଏକପଦୀ କବିତା ସଂକଳନ ଭାବ ଅମୃତ ଏବଂ ଚିତ୍ରଶିଳ୍ପୀ ଗୌରଚରଣ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବୀର ମନୋହର ସିଂଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଥିଲା। ତୃତୀୟ ଅଧିବେଶନରେ ପଦ୍ମପୁର 'ଲୁ' ଅନୁଷ୍ଠାନର ନାଟକ 'ଅନ୍ଧାରକୁଁ ଉକିଆ ତକ୍' ଏବଂ ଭେଡେନ ରାମଲୀଳା ପରିବାର ଦ୍ୱାରା ପ୍ରସ୍ତୁତ ନାଟକ 'ବୀର ମନୋହର ସିଂ' ପରିବେଷିତ ହୋଇଥିଲା। ସମ୍ବଲପୁରୀ ଗୁଛା ତରଫରୁ ମାନସ ଦାଶ ବହି ପସରା ପ୍ରଦର୍ଶନ କରିଥିଲେ। ପଡ଼ା ଗ୍ରାମର ସୁରେଶ ଚନ୍ଦ୍ର ଭୋଇ, ପ୍ରମୋଦ ପଧାନ, ସଦାନନ୍ଦ ପଧାନ, ଡଃ ଭୋଳାନାଥ ମେହେର, ସୁରେନ୍ଦ୍ର ଦାଶ, ଅକ୍ଷୟ ଦାଶ, ଟିକେଲାଲ ପଧାନ, ସୁମନ୍ତ ପଧାନ, ଛାୟାକାନ୍ତ ଦେବତା, ଅମୀୟ ପ୍ରସାଦ ଭୋଇ, ଅନନ୍ତ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସଙ୍ଗଠକ ଲଳିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରପାଲି ସରକାରୀ ବାଳିକା ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବରପାଲି,୨୪।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକର ସରକାରୀ ବାଳିକା ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରଫେସର ଡ଼. ଶୁକମୁନି ମେହେର ମୁଖ୍ୟ ବକ୍ତା, ବରପାଲି ବିଇଓ ମୁକୁନ୍ଦ ମହରା ଓ ସରକାରୀ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନୋଜ ସେଠୀ ସମ୍ମାନିତ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନାରାୟଣ ଭୁଏ ସଭାପତିତ୍ୱ କରିଥିବାବେଳେ ଶିକ୍ଷୟିତ୍ରୀ ସୁସ୍ମିତା ପୁରୋହିତ ମଞ୍ଚ ସଞ୍ଚାଳନ କରିଥିଲେ। ପରିଚାଳନା କମିଟି ଚେୟାରମ୍ୟାନ ଲଳିତ ମେହେର ଓ ଆଲୁମିନି ସଭାପତି ମାନିନୀ ମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ବିଭୂତି ଭୂଷଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଜେପୁର ବିଧାୟକ ସନତ ଗଡତିଆ ମୁଖ୍ୟ ଅତିଥି, ବରପାଲି ବ୍ଲକ ଚେୟାରମ୍ୟାନ ରୀନା ଥଇତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମନୋଜ ବଢେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଗଙ୍ଗାଧର ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବାରିକ, ତେଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତିଭା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଶ୍ରୀରାମ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ପୂଜା ମହୋତ୍ସବ

**ବାଉଁଶୁଣୀ,୨୪।୧(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଛକରେ ନବନିର୍ମିତ ଶ୍ରୀରାମ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ପୂଜା ମହୋତ୍ସବ ସମ୍ପନ୍ନ ହୋଇଛି। ପ୍ରତିଷ୍ଠା ଉତ୍ସବରେ ବୃନ୍ଦାବନ ମେହେର ସସ୍ତ୍ରୀକ ମୁଖ୍ୟ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଲଛମନ ଦାଶ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସମସ୍ତ ବୈଦିକ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ରାମଚରିତ ସପ୍ତାହ ପାରାୟଣରେ ହଳଧର ଦନାୟକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ମହୋତ୍ସବରେ ଶ୍ରୀରାମଚରିତ ପାରାୟଣ ସାଙ୍ଗକୁ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସାମୂହିକ ହନୁମାନ ଚାଳିଶା ପାଠ, ଘୃତଯଜ୍ଞ ଏବଂ ସାଧୁ ସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡମ୍ବରୁଗଡ ମହନ୍ତ ଏବଂ ସୋନପୁର ଗୋପାଳଜୀ ମଠର ମହନ୍ତ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ମନ୍ଦିର ପ୍ରତିଷ୍ଠା ପରେ ପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



ପ୍ରତିଷ୍ଠା ହୋଇଥିବା ବିଗ୍ରହ।



ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜି ଉପରେ ସଚେତନତା ସୃଷ୍ଟି କରାଯାଉଛି।

# ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜିକୁ ଗୁରୁତ୍ୱ

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ବୈଷ୍ଣୋଦେବୀ ମନ୍ଦିର ପୀଠ ତୁରୁଙ୍ଗାରେ ଶନିବାର ପ୍ଲାଷ୍ଟିକମୁକ୍ତ ବଣଭୋଜି ଆୟୋଜନ ଉପରେ ଏକ ସଭା ହୋଇଥିଲା। ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂହ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ବନ ସଂରକ୍ଷକ ଡଃ ହରମୋହନ ରଥ, ବରଗଡ଼ ସେକ୍ସନ ଫରେଷ୍ଟର ସୁଦୀପ୍ତ କୁମାର ରଥ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଡ଼ୋଲାମଣି ଶତପଥୀ, ଆଞ୍ଚଳିକ ହାଇସ୍କୁଲ ଶ୍ରୀହରି ନଗରର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି, ପ୍ରକୃତି ବନ୍ଧୁ ନୀଳକଣ୍ଠ ସା, ପ୍ରକୃତି ପ୍ରେମୀ ମୀନକେତନ ସାହୁ, ସ୍ୱେଚ୍ଛାସେବୀ ପୁରନ୍ଦର ଭୋସାଗର, ପୂର୍ବତନ ସରପଞ୍ଚ ପୁରନ୍ଦର ସେଠ୍, ପ୍ରଶ୍ମ ଭୁଏ, ବରଗଡ଼ ବନାଞ୍ଚଳର ସମସ୍ତ ପଦାଧିକାରୀ, ଏସ୍‌ଏଚ୍‌ଜି ମହିଳା, ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଭାରେ ପ୍ଲାଷ୍ଟିକମୁକ୍ତ ଅଭିଯାନର ଏକ ପଦଯାତ୍ରା ବଣଭୋଜିସ୍ଥଳୀକୁ ଯାଇ ପ୍ଲାଷ୍ଟିକ ଅଳିଆ ଆବର୍ଜନା ସଫା କରିବା ସହିତ ଏକକ ବ୍ୟବହାର ପ୍ଲାଷ୍ଟିକ ଦ୍ୱାରା ପରିବେଶରେ ହେଉଥିବା କ୍ଷତି ବିଷୟରେ ଆଲୋଚନା କରାଯାଇଥିଲା। ପ୍ଲାଷ୍ଟିକ ଦ୍ୱାରା ପ୍ରକୃତି ଉପରେ କିପରି କୁପ୍ରଭାବ ପଡୁଛି, ସେହି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବା ସହିତ ପ୍ଲାଷ୍ଟିକର ପୁନଃଚକ୍ରଣ, ପୁନଃ ବ୍ୟବହାର ଇତ୍ୟାଦି ବିଷୟରେ ସମସ୍ତେ ମତ ରଖିଥିଲେ। ବରଗଡ଼ ସେକ୍ସନ ଫରେଷ୍ଟର ସୁଦୀପ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଭେଡେନ,୨୪।୧(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ ବାନିପାଲି ଗ୍ରାମରେ ଚାଲିଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ହନୁମାନ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ବଂଶୀଧର ଆଚାର୍ଯ୍ୟ ମନ୍ତ୍ରପାଠ, ହୋମଯଜ୍ଞ ସମ୍ପାଦନ କରିଥିଲେ। ଲଳିତ ନାଏକ, ଦୀଗ ଭୋଇ, ଜୟଲାଲ ବାଗ୍, ସୁରେନ ଷାଣ୍ଢ, ସଂକୀର୍ତ୍ତନ ଷାଣ୍ଢ, ସୁଦାମ ଷାଣ୍ଢ, କୈବର୍ତ୍ତ ପୋଢ, ବିମଳେଶ୍ୱର ପୋଢ଼, ଲୋକନାଥ ବର୍ଗେ, ସୁଧୀର ଷାଣ୍ଡ, ସାନନ୍ଦ ମାଝୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଂକ୍ରୀଡାର ପାରାୟଣ, ତୋରାର କୃଷ୍ଣଗୁରୁ, କୁଟରୁପାଳି ଓ ବଡ଼କର୍ଲେ ସଂକୀର୍ତ୍ତନ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଦର୍ଶକମାନଙ୍କ ପାଇଁ ଅନ୍ନକୋଟ ବ୍ୟବସ୍ଥା କରାଯାଇଥିଲା।

# ପ୍ରଭୁଦତ୍ତ ଦଲାଲ ନୂତନ ନୋଟାରି ନିଯୁକ୍ତ

**ବୌଦ୍ଧ,୨୪।୧ (ଅଜିତ କୁମାର ବାରିକ)**



ବୌଦ୍ଧରେ ନୂତନ ନୋଟାରି ଭାବେ ଯୁବ ଆଇନଜୀବୀ ପ୍ରଭୁଦତ୍ତ ଦଲାଲଙ୍କୁ ପ୍ରଥମ ଥର ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ କରାଯାଇଛି। ଗତ ତା.୬।୧।୨୬ରିଖରେ ତାଙ୍କୁ ନିଯୁକ୍ତି ମିଳିବା ପରେ ଦଲାଲ ନୋଟାରି ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ପୂର୍ବରୁ ବୌଦ୍ଧ ସଦର ମହକୁମାରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଦୁଇଜଣ ନୋଟାରି ନିଯୁକ୍ତ ହୋଇ କାର୍ଯ୍ୟ ଜାରି ରଖିଥିଲେ। ତେବେ କେନ୍ଦ୍ର ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଜିଲାସ୍ତରରେ ଏହା ପ୍ରଥମ ନିଯୁକ୍ତି ବୋଲି ଜଣାପଡିଛି। ନୂତନ ନିଯୁକ୍ତି ପରେ ଯୁବ ଆଇନଜୀବୀ ଦଲାଲଙ୍କୁ ଆଇନଜୀବୀଙ୍କ ସମେତ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତି। ସେ ନିଷ୍ଠାର ସହିତ ନିଜ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଦଲାଲ ପ୍ରକାଶ କରିଛନ୍ତି।

# ଲାଦରପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଅତାବିରା, ୨୪।୧(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଲାଦରପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସତ୍ୟନାରାୟଣ ପୂଜାର୍ଚ୍ଚନା ସହ ବାର୍ଷିକୋତ୍ସବ ସଂକଳ୍ପ-୨୦୨୬ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ପିଏମ୍‌ଶ୍ରୀ ସେବାଶ୍ରମ ଲାଦରପାଲିର ମୁଖ୍ୟ ସେବିକା ନମିତା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନମ୍ରତା ମାନବର ଶ୍ରେଷ୍ଠ ଭୂଷଣ ବୋଲି ମତ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ବିଶ୍ୱଜିନୀ ମହାନନ୍ଦ, ଶିକ୍ଷାପ୍ରେମୀ ଶେଷଦେବ ବାଦୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାନୁଷ୍ଠାନର ନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଗତ ଶିକ୍ଷାବର୍ଷର ମାଟ୍ରିକ ଟପ୍ପର ଗାୟତ୍ରୀ ମାଝୀ ଓ ସସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ ତଥା କମିଟି ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଖେଳ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଶିବିରରେ ୨୬ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ନିଷ୍ଠା ପରିବାର ପକ୍ଷରୁ ଶୁକ୍ରବାର ସରସ୍ୱତୀ ପୂଜା, ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଯୁବ ରେଡ୍‌କ୍ରସ୍‌ର ବରଗଡ଼ ଜିଲା ସଂଯୋଜକ ପରମାନନ୍ଦ ରଥ ମୁଖ୍ୟ ଅତିଥି, ସରୋଜ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ।



ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୨୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସିଦ୍ଧାର୍ଥ ବାରିକଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ନୟାଗଡ଼

**ବୌଦ୍ଧ,୨୪।୧(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତର ପରଗଳପୁର ଡସଲାଠାରେ ଅଷ୍ଟମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ଚକାଡୋଳା ଫୁଟବଲ କ୍ଲବ ନୟାଗଡ ଓ ବୁଦ୍ଧଦେବ ଫୁଟବଲ କ୍ଲବ ପରଗଳପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବୌଦ୍ଧଗଡ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟ ଅତିଥି, ରବିନ୍ଦ୍ର ପାତ୍ର, ଦିଲୀପ ପ୍ରଧାନ, ନରେଶ ସେଠି, ସୁଜିତ ସେଠି, ବାସୁଦେବ ପ୍ରଧାନ, ସନ୍ତୋଷ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ରେ ନୟାଗଡ ଦଳ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରୀ ଚନ୍ଦନ ମହାରଣା ପରିଚାଳନା କରିଥିଲେ।



ମ୍ୟାଚ୍‌ରେ ଉପସ୍ଥିତ ଖେଳାଳି ଓ ଅତିଥି ।

# ତିଲେଶ୍ୱର କପ୍: ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ବିଜୟୀ

**ହରଭଙ୍ଗା,୨୪।୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ବଜାର ଆସୋସିଏଶନ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୨୨ତମ ତିଲେଶ୍ୱର କପ୍ ଫୁଟବଲ ମହାକୁମ୍ଭର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ଓ ରାମଧୂନ ସୋନପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ସୁନ୍ଦରଗଡ ୩ଟି ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଚାରିଛକ କେନ୍ଦୁଲିଫର୍ ସୂର୍ଯ୍ୟକାନ୍ତ ନାଏକ, କନ୍ଧମାଳ ଏମ୍‌ପି ପ୍ରତିନିଧି ସୁବାଷ ପ୍ରଧାନ, ରାଧାନଗର ସରପଞ୍ଚ ଗଣେଶ ବେହେରା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ସାଗର ବେହେରା, ଶିବ ଦେହୁରୀ, ଗରିବ ବେହେରା ଓ ଚତୁର୍ଥ ରେଫରୀ ସୁଜିତ ରାଜହଂସ ଖେଳ ପରିଚାଳନା କରିଥିଲେ। ସିମୁନ ନାଏକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁଜିତ ବେହେରା ଓ ସୁନୀଲ କର୍ଣ୍ଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ଖେଳ ଆଫ୍ରିକା-୧୧ ଓ ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ପଡିଆରେ ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି ।





ଶନିବାର ଆର୍‌ଏସ୍‌ପି ପକ୍ଷରୁ ଆୟୋଜିତ ହାଫ୍ ମାରାଥନ୍‌ରେ ଅଂଶଗ୍ରହଣକାରୀଙ୍କୁ ସ୍ୱେଚ୍ଛାସେବୀମାନେ ଥଣ୍ଡା ପାନୀୟ ବିତରଣ କରୁଛନ୍ତି (ବାମ)। ଇସ୍ପାତ ଷ୍ଟାଡିୟମରେ ମାରାଥନ୍ ଅଂଶଗ୍ରହଣକାରୀଙ୍କ ଭିଡ଼ (ମଝି)। ମାରାଥନ୍‌ରେ ଦିବ୍ୟାଙ୍ଗମାନେ ଅଂଶଗ୍ରହଣ କରିଛନ୍ତି।

**ରାଉରକେଲା ହାଫ୍ ମାରାଥନ୍**



ଅତିଥିମାନେ ପତାକା ଦେଖାଇ ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।




ମାରାଥନ୍‌ରେ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ପାଇଁ ରାଉରକେଲା ସହରର ବିଭିନ୍ନ ଛକରେ ଫନ୍ କର୍ନର ।

# ଦୌଡ଼ିଲେ ଜାତୀୟ କ୍ରୀଡ଼ାବିତ୍

ରାଉରକେଲା,୨୪।୧(ବିପ୍ଳବ ରଞ୍ଜନ ଦାଶ)

ସେଲ୍ ସ୍ଥାପନା ଦିବସ ପାଳନ ଅବସରରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଶନିବାର ଆୟୋଜିତ ରାଉରକେଲା ହାଫ୍ ମାରାଥନ୍‌ର ଉଦ୍‌ଘାଟନୀ ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ମାରାଥନ ପ୍ରାତଃ ୫ଟା ୩୦ରେ ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ୧୨୫୧ ଜାତୀୟ ଦୌଡାଳିଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ଏଆଇଏମ୍‌ଏସ୍ (ଅନ୍ତର୍ଜାତୀୟ ମାରାଥନ୍ ଓ ଦୂରତା ଦୌଡ଼ ସଂଘ) ପ୍ରମାଣୀକୃତ ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ମାରାଥନ୍‌ର ଫ୍ଲାଗ୍ ଅଫ୍ ଉତ୍ସବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପୂର୍ବତନ ଡିଆଇସି ଅତନୁ ଭୌମିକ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର, ରାଉରକେଲା ଏସପି ନିତେଶ ୱାଧୱାନୀ, ରାଉରକେଲା ଏଡିଏମ୍ ସୁଶ୍ରୀ ଦୀନା ଦସ୍ତଗୀର, ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଉମା ମହେଶ୍ୱର ରାଓଙ୍କ ସମେତ ଆର୍‌ଏସ୍‌ପିର ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ଦୀପିକା ମହିଳା ସଂହତିର ପରିଚାଳନା ପରିଷଦର ସଦସ୍ୟା, ଟ୍ରେଡ ୟୁନିୟନ, ଅଧିକାରୀ ସଂଘର ପ୍ରତିନିଧି ତଥା କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ। ଏହି ମାରାଥନରେ ଅର୍ଜୁନ ପୁରସ୍କାରପ୍ରାପ୍ତ ସୁନୀଲ ପାତ୍ର, ରୋମେନ ଘୋଷ, ଅନ୍ତର୍ଜାତୀୟ ମାରାଥନ ବିଜେତା ଡ. ସୁନିତା ଗୋଦାରା, ଅର୍ଜୁନ ପୁରସ୍କାରପ୍ରାପ୍ତ ରଚିତା ମିସ୍ତ୍ରୀ, ହକି ତାରକା ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ବୀରେନ୍ଦ୍ର ଲାକ୍ରାଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଅତିଥିମାନେ ପ୍ରଥମେ ୨୧.୧ କିଲୋମିଟର ପୁରୁଷ ବର୍ଗକୁ ପତାକା ଦେଖାଇ ଏହି ମେଗା ଇଭେଣ୍ଟର ଶୁଭାରମ୍ଭ କରିଥିଲେ। ପରେ ବିଭିନ୍ନ ବୟସ ବର୍ଗର ପୁରୁଷ ଏବଂ ମହିଳାମାନଙ୍କ ପାଇଁ ୨୧.୧ କିଲୋମିଟର, ୧୦ କିଲୋମିଟର ଏବଂ ୫ କିଲୋମିଟର ଦୌଡ଼ ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ପାଇଁ ୨ କିଲୋମିଟର ଦୌଡ଼ ହୋଇଥିଲା। ରାଉରକେଲା ରିଂ ରୋଡ୍ ମାରାଥନ ପାଇଁ ଚମତ୍କାର ପରିବେଶ ପ୍ରଦାନ କରିଥିଲା। ମାରାଥନ ମାର୍ଗରେ ଫନ ସେଣ୍ଟରମାନ ସ୍ଥାପନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ସୁରକ୍ଷା ଏବଂ ସର୍ବୋତ୍ତମ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ରାସ୍ତାରେ ହାଇଡ୍ରେଶନ୍ ଏବଂ ଚିକିତ୍ସା ସହାୟତା ପଏଣ୍ଟ ସମେତ ବିସ୍ତୃତ ବ୍ୟବସ୍ଥା ଉପଲବ୍ଧ କରାଯାଇଥିଲା। ମାରାଥନର ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ମୋଟ ୭,୭୦,୮୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ଼ିଆଇସି କହିଥିଲେ, ହାଫ୍ ମାରାଥନ କାର୍ଯ୍ୟକ୍ରମ ରାଉରକେଲା ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ଚିହ୍ନିତ ହୋଇଛି। ମାରାଥନରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଅଂଶଗ୍ରହଣକାରୀଙ୍କ ପାଇଁ ସର୍ବାଧିକ ପୁରସ୍କାର ରାଶି ରହିଛି।

ଉଲ୍ଲେଖନୀୟ, ଏହି ମାରାଥନ୍ ପାଇଁ ମୋଟ୍ ୫୮୫୯ ଜଣ ପଞ୍ଜୀକରଣ କରିଥିଲେ। ସିଏସ୍‌ଆର ଗ୍ରାମଗୁଡ଼ିକର ଯୁବବର୍ଗଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବ ରାତିରୁ ଅଣାଯାଇ ଷ୍ଟାଡିୟମରେ ରଖାଯାଇ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କୁ କାର୍ଯ୍ୟକ୍ରମ ପାଇଁ ବସ୍‌ରେ ଅଣାଯାଇଥିଲା। ଦୌଡ଼ ପୂର୍ବରୁ ଅଂଶଗ୍ରହଣକାରୀମାନଙ୍କୁ ଡ. ଗୋଦାରା ଏବଂ ସୁଶ୍ରୀ ଅନୁପ୍ରିୟା ସିହ୍ନାଙ୍କ ମାର୍ଗଦର୍ଶନରେ ୱାର୍ମ ଅପ୍ କରାଯାଇଥିଲା। ଆର୍‌ଏସ୍‌ପିର ନିଜସ୍ୱ ମ୍ୟୁଜିକ୍ ବ୍ୟାଣ୍ଡ 'ନିନାଦ'ର ଲାଇଭ୍ ମ୍ୟୁଜିକ୍ ଉତ୍ସବ ପରିବେଶକୁ ତାଜା କରିଥିଲା।

### ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କଲେ ଛାତ୍ରୀଛାତ୍ର

ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ୍‌ର ହାଫ୍ ମାରାଥନ୍ ଦୌଡ଼ ଶୁଭାରମ୍ଭ ହୋଇଥିବା ବେଳେ ତାହା ସେକ୍ଟର-୨, ସେକ୍ଟର-୨୦, ସେକ୍ଟର ୭/୧୭ ଛକ ଦେଇ ଅତିକ୍ରମ କରିଥିଲା। ପ୍ରବଳ ଥଣ୍ଡାରେ ଅଂଶଗ୍ରହଣକାରୀମାନଙ୍କ ମନରେ ଉଷ୍ମତା ଭରି ଦେବାକୁ ଇସ୍ପାତ କାରଖାନା ପକ୍ଷରୁ ବିଭିନ୍ନ ଛକରେ ଫନ୍ କର୍ନର ତିଆରି କରାଯାଇଥିଲା। ସେଥିରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଛକମାନଙ୍କରେ କାରଖାନା ପକ୍ଷରୁ ପାନୀୟ ବ୍ୟବସ୍ଥା କରାଯାଇଥିଲା। ବଲିଉଡ୍ ଓ କ୍ରୀଡ଼ା ସଙ୍ଗୀତର ତାଳେ ତାଳେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।

### ଦୌଡ଼ରେ ଦିବ୍ୟାଙ୍ଗଙ୍କ ଅଂଶଗ୍ରହଣ

ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇଥିବା ମାରାଥନ୍ ଦୌଡ଼ରେ ବିଭିନ୍ନ ବର୍ଗର ଲୋକଙ୍କ ସମେତ ଦିବ୍ୟାଙ୍ଗମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଶାରୀରିକ ପ୍ରତିବନ୍ଧକ ସତ୍ତ୍ୱେ ବହୁ ସଂଖ୍ୟାରେ ଦିବ୍ୟାଙ୍ଗ ହ୍ୱିଲଚେୟାରରେ ଏହି ଦୌଡ଼ରେ ଭାଗ ନେଇଥିଲେ। ଅତିଥିମାନେ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ପୁରସ୍କୃତ କରିଥିଲେ।

## ସ୍ଥାନାନ୍ତର ହେଲା କ୍ଷତିଗ୍ରସ୍ତ ବିମାନ

**ରାଉରକେଲା ବିମାନ ଦୁର୍ଘଟଣା**



କ୍ରେନ୍ ସାହାଯ୍ୟରେ ବିମାନକୁ ଉଠାଯାଉଛି।

ରାଉରକେଲା,୨୪।୧(ସଙ୍ଗୀତା ଜେନା)

ପ୍ରାୟ ୧୫ ଦିନ ତଳେ ରାଉରକେଲା ଜଲଦା କଂସର ଅଞ୍ଚଳରେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଆସୁଥିବା ୯ ଆସନ ବିଶିଷ୍ଟ ସେସନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ପ୍ରାୟ ୫ଦିନ ହେଲା ଏହାର ୱିଙ୍ଗ୍ ଓ ଅନ୍ୟ ଅଂଶଗୁଡ଼ିକୁ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ଏଜେନ୍ସି ଦ୍ୱାରା କଟାଯାଉଥିବା ବେଳେ ଶନିବାର ପୂର୍ବାହ୍ନରେ ଏଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ଏହି ଅଂଶଗୁଡ଼ିକ କ୍ରେନ ଦ୍ୱାରା ଉଠାଇ ଭାରିଯାନ ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଦୁର୍ଘଟଣାରେ ଚାଳକଙ୍କ ସମେତ ମୋଟ ୬ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ପରେ ଚାଳକ ଦ୍ୱୟ ସୁସ୍ଥ ହୋଇ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ଶ୍ୱଶୁର ଘର ଲୋକଙ୍କୁ ୬ ମାସ ଜେଲଦଣ୍ଡ

**ଯୌତୁକଜନିତ ମୃତ୍ୟୁ ମାମଲା**

ରାଉରକେଲା,୨୪।୧(ସଙ୍ଗୀତା ଜେନା)

ରାଉରକେଲା ଉଦିତନଗନଗର ଥାନା ଅଞ୍ଚଳରେ ୨୦୧୭ରେ ହୋଇଥିବା ଏକ ଯୌତୁକଜନିତ ମୃତ୍ୟୁ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ମହିଳାଙ୍କ ମୃତ୍ୟୁ ମାମଲାରେ ଶ୍ୱଶୁର ଘର ଲୋକେ ପ୍ରମାଣ ଅଭାବରୁ ଦୋଷୀ ସାବ୍ୟସ୍ତ ହୋଇ ନ ଥିବାବେଳେ ଯୌତୁକ ପାଇଁ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଖୁଡ଼ିଙ୍କୁ ୬ମାସ ଜେଲ ଦଣ୍ଡାଦେଶ ଓ ୫ହଜାର ଟଙ୍କା ଜରିମାନା କରିଛନ୍ତି ଅଦାଲତ। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୩ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୭ରେ ନମିତା ବଗର୍ତ୍ତୀଙ୍କ ସହ ଉଦିତନଗର ନିବାସୀ ଆଲୋକ ଗୌଡ଼ଙ୍କ ହିନ୍ଦୁ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ସମୟରେ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ନମିତାଙ୍କ ଶ୍ୱଶୁର ଘର ଲୋକେ ଏଥିରେ ସନ୍ତୁଷ୍ଟ ନ ଥିଲେ। ସେମାନେ ଅଧିକ ଯାନିଯୌତୁକ ଦାବି କରୁଥିଲେ। ଦାବି ମୁତାବକ ୨ ଲକ୍ଷ ନଗଦ ଓ ମୋଟରସାଇକେଲ ମଗାଯାଇଥିଲା। ଆର୍ଥିକ ଅନଟନ ଥିବାରୁ ନମିତାଙ୍କ ମାତାପିତା ମୋଟରସାଇକେଲ ଦେଇଥିଲେ କିନ୍ତୁ ୨ ଲକ୍ଷ ଟଙ୍କା ଦେବାକୁ ଅସମର୍ଥ ହୋଇଥିଲେ। ଫଳରେ ୨୦୨୫ ଅକ୍ଟୋବର ମାସରେ ନମିତା ଫ୍ୟାନରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ଏ ନେଇ ମୃତାଙ୍କ ପରିବାରବର୍ଗ ଉଦିତନଗର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୩୧/୧୭) ରୁଜୁ କରି ଚାର୍ଜସିଟ୍ ଦାଖଲ କରିଥିଲା। ତେବେ ଶନିବାର ଏହାର ରାୟପ୍ରକାଶ ପାଇଛି। ଏଡିଜେ-୧ ମୁକ୍ତିରଞ୍ଜନ ଶତପଥୀ ୧୬ ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଆଧାର କରି ମୃତା ମହିଳାଙ୍କ ସ୍ୱାମୀ ଆଲୋକ, ଶ୍ୱଶୁର ରାଜକୁମାର ଗୌଡ଼, ଶାଶୁ ସୁକାନ୍ତି ଗୌଡ଼, ଖୁଡି ବବିତା ଗୌଡ଼ଙ୍କୁ ୬ ମାସ ଜେଲଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ପିପି କହ୍ନେଇଲାଲ ପ୍ରଧାନ, ଏପିପି ଅମ୍ବିକା ପ୍ରସାଦ ସିଂହ, ରବି ମିଶ୍ର ପ୍ରମୁଖ ମାମଲା ପରିଚାଳନା କରିଥିଲେ।

## ମାଓବାଦୀଙ୍କ ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୨୪।୧(ସଙ୍ଗୀତା ଜେନା)

**ସରଣ୍ଡାରେ ସୁରକ୍ଷାବଳ-ମାଓବାଦୀ ଗୁଳି ବିନିମୟ ଘଟଣା**

ଗତ ୨୨ତାରିଖରେ ଓଡ଼ିଶା ସୀମାନ୍ତ ଝାଡଖଣ୍ଡର ସରଣ୍ଡା ଜଙ୍ଗଲରେ ମାଓବାଦୀ ଦମନ ଅଭିଯାନ 'ଅପରେଶନ ମେଘାବୁରୁ'ରେ ନିହତ ମାଓବାଦୀଙ୍କ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ନିହତମାନଙ୍କ ମଧ୍ୟରେ ମୋଷ୍ଟ ୱାଣ୍ଟେଡ଼ ଶୀର୍ଷ ମାଓବାଦୀ ନେତା ଅନଲଦା ଓରଫ୍ ପାତିରାମ ମାଝୀଙ୍କ ସମେତ ୧୫ ଜଣଙ୍କ ମୃତଦେହ ଉକ୍ତ ଦିନ ଚିହ୍ନଟ ହୋଇଥିବାବେଳେ ସମାନ ଅପେରେଶନରେ ଆହୁରି ୨ ଜଣଙ୍କ ନାମ ଯୋଡି ହୋଇଛି। ମୋଟ ୧୭ଜଣ ନିହତ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ଘଟଣାଦିନ ମୋଟ ୧୫ ଜଣଙ୍କ ମଧ୍ୟରୁ ୧୧ ଜଣ ଚିହ୍ନଟ ହୋଇଥିବା ବେଳେ ୪ ଜଣଙ୍କୁ ଯାଞ୍ଚ କରାଯାଇଥିଲା। ଅପରେଶନ ଜାରି ରହିଥିଲା। ପରେ ମୃତ୍ୟୁ ସଂଖ୍ୟା ଓ ଚୂଡ଼ାନ୍ତ ଚିହ୍ନଟ ତାଲିକା ପ୍ରକାଶ ପାଇଥିଲା। ଏ ନେଇ ଶନିବାର ଅପରାହ୍ନ ୨ଟା ୩୦ରେ ଝାଡଖଣ୍ଡ ପଶ୍ଚିମ ସିଂହଭୂମ ଚାଇଁବାସାସ୍ଥିତ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଝାଡ଼ଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ତଦାଶା ମିଶ୍ର, ଆଇଜି (ଅପରେଶନ୍) ମାଇକେଲ ରାଜ. ଏସ୍, ଆଇଜି (ସିଆରପିଏଫ୍) ସାକେତ ସିଂ ଏହି ସୂଚନା ପ୍ରଦାନ କରିଛନ୍ତି।

## ଅଧ୍ୟାପକଙ୍କ ନିରନ୍ତର ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ

ରାଉରକେଲା,୨୪।୧(ଦିନେଶ ମିଶ୍ର)

**ବିପିୟୁଟିରେ ଜାତୀୟ କର୍ମଶାଳା ଉଦ୍‌ଯାପିତ**

ଛେଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ 'ଏନ୍‌ଇପି-୨୦୨୦' ଅଭିମୁଖୀକରଣ ଓ ସଚେତନତା ଶୀର୍ଷକ ଏକ ୮ ଦିନିଆ ଜାତୀୟ ଆଭାସୀ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଇପି-୨୦୨୦ର ସଫଳତା ଶିକ୍ଷାବିତ୍‌ମାନଙ୍କ ଉପରେ ନିର୍ଭର କରେ। ଯେଉଁମାନେ ଏହାର ଦୂରଦୃଷ୍ଟିକୁ ଶୈକ୍ଷିକ କାର୍ଯ୍ୟରେ ପରିଣତ କରିବେ ବୋଲି ରଥ ତାଙ୍କ ବକ୍ତବ୍ୟରେ କହିଥିଲେ। ପାଠ୍ୟକ୍ରମର ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧ୍ୟାପକମାନଙ୍କ ନିରନ୍ତର ଦକ୍ଷତା ବୃଦ୍ଧି ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏନ୍‌ଏମ୍‌ଟିଟିସି ବିପିୟୁଟିର ପ୍ରୋଗାମ୍ ଡାଇରେକ୍ଟର ପ୍ରଫେସର ଅଶ୍ୱିନୀ କୁମାର ସାହୁ ଓ ସଂଯୋଜକ ଡକ୍ଟର ଡି. ଚନ୍ଦ୍ରଶେଖର ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ମାଲବ୍ୟ ମିଶନ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର(ଏମ୍‌ଏମ୍‌ଟିଟିସି) ଜରିଆରେ ଆୟୋଜିତ ଶିକ୍ଷାନୀତି (ଏନଇପି-୨୦୨୦)ର ପରିବର୍ତ୍ତନଶୀଳ ସଂସ୍କାର ବିଷୟରେ ଅଧ୍ୟାପକ ଓ ଗବେଷକମାନଙ୍କୁ ଅବଗତ କରାଯାଇଥିଲା। ଏହି କର୍ମଶାଳାରେ ୧୬ଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ମାଧ୍ୟମରେ ସାରା ଭାରତରୁ ମୋଟ ୨୪୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇ ବହୁମୁଖୀ ଶିକ୍ଷା, ଭାରତୀୟ ଜ୍ଞାନକୌଶଳ ସମନ୍ୱୟ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିସହ ଆଧୁନିକ ଶିକ୍ଷାଦାନ ପଦ୍ଧତି, ମୂଲ୍ୟାଙ୍କନ ସଂସ୍କାର ଓ ଛାତ୍ରକୈନ୍ଦ୍ରିକ ଶିକ୍ଷା ପରିବେଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥଲା। ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ ବାଙ୍ଗାଲୋର, ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ଭିସୁଟ୍, ବୁର୍ଲା, ବିପିୟୁଟି, ରାଉରକେଲ ଓ ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସ୍ୱାଧୀନତା ଓ ଦକ୍ଷତାଭିତ୍ତିକ ତଥା ଅନ୍ତର୍ଭୁକ୍ତୀକରଣ ଶିକ୍ଷା ତାଞ୍ଚା ଉପରେ ନିଜର ମତ ପ୍ରଦାନ କରିଥିଲେ।

## ନରେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ରାୟଙ୍କୁ ବାଗ୍‌ଦେବୀ ସମ୍ମାନ

**ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକ ମହୋତ୍ସବ**

ରାଉରକେଲା,୨୪।୧(ସଙ୍ଗୀତା ଜେନା)

ପଶ୍ଚିମ ଓଡିଶାର ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ ଶିଳ୍ପୀ ସମାଜର ୩୩ତମ ବାର୍ଷିକ ମହୋତ୍ସବ ରାଉରକେଲା ସେକ୍ଟର-୨୦ ଡି ବ୍ଲକ୍‌ରେ ଥିବା ସୋମନାଥ ମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ସାନ୍ଧ୍ୟ ଅଧିବେଶନରେ ଇସ୍ପାତ କାରଖାନାର ପ୍ରୋଜେକ୍ଟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ୍ ପାଲ୍ ଚୌଧୁରୀ, ଆଭ୍ୟନ୍ତରୀଣ ସମୀକ୍ଷା ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଗିରିଜା ଶଙ୍କର ଦାସ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ନୃତ୍ୟ ସଙ୍ଗୀତ ଦେଶ କାଳରୁ ଉର୍ଦ୍ଧ୍ୱରେ ରହି ମଣିଷ ସମାଜକୁ ଯୋଡ଼ିଥାଏ ବୋଲି ଚୌଧୁରୀ ପ୍ରକାଶ କରିଥିଲେ। ସେହିପରି ପଶ୍ଚିମ ଓଡିଶାର ସାଂସ୍କୃତିକ ମାନଚିତ୍ରରେ ସଙ୍ଗୀତ ଶିଳ୍ପୀ ସମାଜ ଏକ ବିରଳ ଅନୁଷ୍ଠାନ ଭାବେ ଅବତୀର୍ଣ୍ଣ ହୋଇଛି ବୋଲି ଦାସ କହିଥିଲେ। କଳା ସଂସ୍କୃତି କ୍ଷେତ୍ରରେ ଅବଦାନ ପାଇଁ ଅଷ୍ଟ୍ରେଲିଆର ମେଲବୋର୍ନରୁ ଆସିଥିବା ଓଡ଼ିଶୀ ସଙ୍ଗୀତଜ୍ଞ କୃଷ୍ଣଚନ୍ଦ୍ର ରାୟ ଏବଂ ବଂଶୀ ବାଦକ ନରେନ୍ଦ୍ର କୁମାର ନାୟକଙ୍କୁ ବାଗ୍‌ଦେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଗୁରୁ ଶରତ ଧଳ, ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ମଞ୍ଚ ପରିଚାଳନା ଓ ମାନପତ୍ର ପାଠ କରିଥିଲେ। ୧୫୦ରୁ ଅଧିକ ଶିଳ୍ପୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।

# ପୁସ୍ତକ ପଠନ ଆଗକୁ ବଢ଼ିବାର ପ୍ରେରଣା ଦିଏ



୨୬ତମ ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

**୨୬ତମ ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଘାଟିତ**

ସମ୍ବଲପୁର,୨୪।୧(ଭବାନୀ ଶଙ୍କର ଭୋଇ)

୨୬ତମ ସମ୍ବଲପୁର ପୁସ୍ତକ ମେଳା ଶନିବାର ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ସ୍ୱୟଂଶାସିତ ସଂସ୍ଥା ନ୍ୟାଶନାଲ ବୁକ ଟ୍ରଷ୍ଟ ଆନୁକୂଲ୍ୟ, ସେତୁ ଓ ଜିଲା ପ୍ରଶାସନ ସହଯୋଗରେ ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆରେ ଏହି ପୁସ୍ତକମେଳାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶେଷ ଅତିଥିଭାବେ ରାଜ୍ୟ ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବ ବ୍ୟାପାର ଓ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ନ୍ୟାଶନାଲ ବୁକ ଟ୍ରଷ୍ଟ(ଏନ୍‌ବିଟି) ଅଧ୍ୟକ୍ଷ ପ୍ରଫେସର ମିଳିନ୍ଦ ସୁଧାକର ମରାଠେ, ନିର୍ଦ୍ଦେଶକ କର୍ଣ୍ଣେଲ ଯୁବରାଜ ମଲିକ, ସେତୁ ସଭାପତି ଡ. ମୀନକେତନ ପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, ପୁସ୍ତକ ମେଳା କେବଳ ଏକ ଆୟୋଜନ ନୁହେଁ, ଏହା ଏକ ବିଚାରର ଉତ୍ସବ। ବହି ପଢିଲେ ଜ୍ଞାନ ବଢେ ଓ ଆଗକୁ ବଢିବାକୁ ପ୍ରେରଣା ଦିଏ। ସେ ତାଙ୍କ ବକ୍ତବ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଉଦନ୍ତ ସାଏ ସର୍ବାଧିକ କାରାଦଣ୍ଡ ଭୋଗିଥିବା କହିବା ସହ ସମ୍ବଲପୁରକୁ ସଂଗ୍ରାମୀ ମାଟି ଭାବେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୀରମାଟି ଖିଣ୍ଡାକୁ ଯାଇ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ବିଷୟରେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ। କୁଦୋପାଲି ସଂଗ୍ରାମର କଥାକୁ ବିଭିନ୍ନ ଭାଷାରେ ପ୍ରକାଶିତ କରିଥିବାରୁ ଏନବିଟିକୁ ସେ ଧନ୍ୟବାଦ ଦେଇଥିଲେ। ଏହାସହ ଏନବିଟି ଓ ସେତୁ ଆଗାମୀ ଦିନରେ ସମ୍ବଲପୁର ପୁସ୍ତକ ମେଳାକୁ ରାଜ୍ୟର ସର୍ବବୃହତ ପୁସ୍ତକମେଳା ଭାବେ ପ୍ରତିଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ।

ଏନବିଟି ଅଧ୍ୟକ୍ଷ ପ୍ରଫେସର ମରାଠେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ବଲପୁରର କୁଦୋପାଲି ସଂଗ୍ରାମ ପୁସ୍ତକ ଓଡ଼ିଆ ସମେତ ଦେଶର ୧୨ଟି ଭାଷାରେ ପ୍ରକାଶିତ ହେବାସହ ସ୍ପାନିସ ଭାଷାରେ ଅନୁବାଦିତ ହୋଇ ସାରା ବିଶ୍ୱବାସୀଙ୍କ ଠାରେ ପହଞ୍ଚିପାରିଛି। ଏନବିଟି ନିର୍ଦ୍ଦେଶକ କର୍ଣ୍ଣେଲ ଯୁବରାଜ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁଦୋପାଲି ସଂଗ୍ରାମ ଉପରେ ଏକ ଭିଡିଓ ପ୍ରଦର୍ଶିତ କରାଯିବା ସହ ଲେଖକ ଦୀପକ ପଣ୍ଡା, ଧର୍ମେନ୍ଦ୍ର ମିଶ୍ର ଓ ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ପୁସ୍ତକ ଆନନ୍ଦ ମଠର ଓଡ଼ିଆ ଭାଷାନ୍ତର ପୁସ୍ତକ, ହିଷ୍ଟ୍ରି ଅଫ ସମ୍ବଲପୁରଙ୍କ ଇଂରାଜୀ ପୁସ୍ତକ, ବୀର ସୁରେନ୍ଦ୍ର ସାଏ, ମା' ସମଲେଶ୍ୱରୀ, ସବମରଜିଡ ଟେମ୍ପଲସ ଅଫ ସମ୍ବଲପୁର ଇଂରାଜୀ ପୁସ୍ତକ, ସତ୍ୟ ନାରାୟଣ ବହିଦାର ଗ୍ରନ୍ଥାବଳୀ ଓ ଘନଶ୍ୟାମ ଗ୍ରନ୍ଥାବଳୀକୁ ଲୋକାର୍ପିତ କରାଯାଇଥିଲା। ଏହି ପୁସ୍ତକ ମେଳାରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ୨୫୦ ରୁ ଅଧିକ ଷ୍ଟଲ ରହିଛି । ସେଠାରେ ଶିଶୁ-ସାହିତ୍ୟଠାରୁ ଆରମ୍ଭ କରି କଥାସାହିତ୍ୟ, ଶୈକ୍ଷିକ, ଗବେଷଣାତ୍ମକ ପୁସ୍ତକ ଏବଂ ଲୋକପ୍ରିୟ ପାଠ୍ୟ ସାମଗ୍ରୀ ସମେତ ବିଭିନ୍ନ ପୁସ୍ତକ ପ୍ରଦର୍ଶିତ ହେଉଛି । ଏହି ମେଳାର ଏକ ପ୍ରମୁଖ ଆକର୍ଷଣ ହେଉଛି ଶିଶୁ-ମଣ୍ଡପ। ନ୍ୟାଶନାଲ ବୁକ ଟ୍ରଷ୍ଟର ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ) ଦ୍ୱାରା ସଂରକ୍ଷିତ ଏବଂ ପରିଚାଳିତ ଶିଶୁ କକ୍ଷ ବିଶେଷକରି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଡିଜାଇନ କରାଯାଇଥିବା ପାରସ୍ପରିକ, ଶିକ୍ଷାଗତ ଏବଂ ସୃଜନଶୀଳ କାର୍ଯ୍ୟକଳାପର ଆକର୍ଷଣୀୟ ଆୟୋଜନ କରାଯାଉଛି। କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ, ଚିତ୍ରାଙ୍କନ ଏବଂ ସ୍ଲୋଗାନ-ଲେଖା, ପୁସ୍ତକ କଭର ଏବଂ ପୋଷ୍ଟର ଡିଜାଇନ କର୍ମଶାଳା, ପିଲାମାନଙ୍କ ପାଇଁ ଯୋଗ, ବିଜ୍ଞାନ ସହିତ ମଜା, ମଣ୍ଡଳ କଳା, ପଟ୍ଟଚିତ୍ର ଚିତ୍ରକଳା, କଳା କର୍ମଶାଳା ଆଦି ରହିଛି। ନଅଦିନିଆ ପୁସ୍ତକମେଳାର ପ୍ରଥମ ଦିନରେ ଶିଶୁ-ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଡୁଙ୍ଗୁରିପାଲିରେ ଉଜ୍ଜ୍ୱଳ ବଜାଜ ଶୋରୁମ ଉଦ୍‌ଘାଟିତ


ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଏଫ୍‌ସିଆଇ ଛକରେ ବଜାଜ ଅଟୋ କମ୍ପାନୀର ଉଜ୍ଜ୍ୱଳ ବଜାଜ ବାଇକ ଶୋରୁମ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଗ୍ରାହକମାନେ ।

ସମ୍ବଲପୁର,୨୪।୧(ବି.ଶଙ୍କର)

ବଜାଜ ଅଟୋ କମ୍ପାନୀର ଉଜ୍ଜ୍ୱଳ ବଜାଜ ବାଇକ ଶୋରୁମ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରସ୍ଥିତ ଏଫସିଆଇ ଛକରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଡୁଙ୍ଗୁଲିପାଲି ଥାନାଧିକାରୀ ରୋଜାଲିନ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ଶୋରୁମର ଶୁଭାରମ୍ଭ କରିଥିଲେ। ଉଜ୍ଜ୍ୱଳ ବଜାଜ ବାଇକ ଶୋରୁମ ସ୍ୱତ୍ତ୍ୱାଧିକାରୀ ଦିନେଶ କୁମାର ଶର୍ମା ଗ୍ରାହକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଅନ୍ୟତମ ସତ୍ତ୍ୱାଧିକାରୀ ଦୀପକ କୁମାର ଶର୍ମା କହିଥିଲେ, ଅଞ୍ଚଳବାସୀଙ୍କୁ ସୁବିଧାରେ ବଜାର କମ୍ପାନୀର ବିଭିନ୍ନ ପ୍ରକାର ବାଇକ ଯୋଗାଇ ଦିଆଯିବ। ସେମାନଙ୍କୁ ଅନ୍ୟ ସହର ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବାଇକ ବିକ୍ରୟ ସହ ସର୍ଭିସକୁ ମଧ୍ୟ ଉଜ୍ଜ୍ୱଳ ବଜାଜ ସର୍ବଦା ଗୁରୁତ୍ୱ ଦେଇ ଆସିଛି । ଏହାକୁ ଦୃଷ୍ଟି ରଖି ଡୁଙ୍ଗୁରିପାଲିରେ କମ୍ପାନୀର ଅତ୍ୟାଧୁନିକ ସର୍ଭିସ ସେଣ୍ଟର ମଧ୍ୟ ଉପଲବ୍ଧ ରହିଛି ବୋଲି ସୂଚିତ କରିଥିଲେ।

## ସିକେ ନାଇଡୁ ଟ୍ରଫି: ଓଡ଼ିଶା ୪/୪୩୯

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨୩ବର୍ଷରୁ କମ ସର୍ବଭାରତୀୟ କର୍ଣ୍ଣଲ ସିକେ ନାଇଡୁ ଟ୍ରଫି କ୍ରିକେଟରେ ଦୃଢ଼ ସ୍ଥିତିରେ ରହିଛି ଓଡ଼ିଶା ଦଳ। ଶନିବାର ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ଦଳ ୪ ଉଇକେଟ ବିନିମୟରେ ୪୩୯ ରନ କରିଛି। ଆଉଟ ହୋଇଥିବା ୪ ବ୍ୟାଟରଙ୍କ ମଧ୍ୟରୁ ଶ୍ରେୟାଂଶ ଭରଦ୍ୱାଜ ୧୨୧, ସୁଜଲ ସିଂ ୧୫୬, ଅଧିନାୟକ ଓମ ମୁଣ୍ଡେ ୬୭ ରନ କରିଥିଲେ। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ଓ ସାଇଦୀପ ମହାପାତ୍ର ଯଥାକ୍ରମେ ୨୦ ଓ ୫ ରନ କରି ନଟ୍‌ଆଉଟ ରହିଛନ୍ତି। ହରିଆନା ଦଳ ପକ୍ଷରୁ ପରମ ଚଣ୍ଡିଲା, ସାମନ୍ତ ଖାଲର ଓ ଆଶୀର୍ବାଦ ଶର୍ମା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି। ଶୁକ୍ରବାର ଏଡିଟ ଗ୍ରୁପ ବି'ର ଏକ ଲିଗ୍ ମ୍ୟାଚରେ ଟସ୍ ଜିଣି ହରିଆନା ପ୍ରଥମେ ବ୍ୟାଟିଂ କରି ୨୭୬ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଓଡ଼ିଶା ପକ୍ଷରୁ ଦୀନେଶ ମାଝୀ ଓ ଅଧିନାୟକ ଓମ ମୁଣ୍ଡେ ବ୍ୟାଟିଂ ଆରମ୍ଭ କରି ଦିନର ଖେଳ ଶେଷ ସୁଦ୍ଧା ୫୨ ରନ କରି ଅପରାଜିତ ରହିଥିଲେ। ଶନିବାର ଉଭୟେ ଖେଳ ଆରମ୍ଭ କରିଥିଲେ। ହେଲେ ଦଳର ସ୍କୋର ୧୦୬ରେ ପହଞ୍ଚି ଥିବାବେଳେ ଦୀନେଶ ମାଝୀ ୪୪ ରନ କରି ଉଇକେଟ ହରାଇଥିଲେ। ଏହାପରେ ଅଧିନାୟକ ମୁଣ୍ଡେ ୬୭ ରନ କରି ଆଉଟ ହୋଇଥିଲେ। ପରେ ବ୍ୟାଟିଂ କରିବାକୁ ଆସି ଶ୍ରେୟାଂଶ ଭରଦ୍ୱାଜ ଓ ସୁଜଲ ସିଂ ଦୃଢ ବ୍ୟାଟିଂ କରି ଓଡ଼ିଶାକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇ ଆଉଟ ହୋଇଥିଲେ।

## ଅତ୍ୟାଧୁନିକ ଜ୍ଞାନକୌଶଳ ମଣିଷକୁ ଶୀର୍ଷରେ ପହଞ୍ଚାଇଛି



ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

**କଲେଜ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ**

କୁଚିଣ୍ଡା,୨୪।୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଶନିବାର ବିଜ୍ଞାନ ବିଭାଗ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ରାଉରକେଲା ଏନଆଇଟି ଆସିଷ୍ଟାଣ୍ଟ ପ୍ରଫେସର ରୁଦ୍ରନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଜ୍ଞାନର ଆବଶ୍ୟକତା ଓ ବିଜ୍ଞାନର ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗୁ ମଣିଷ ଆଜି ଶୀର୍ଷରେ ପାହଞ୍ଚିପାରିଛି ବୋଲି କହିଥିଲେ। ତେଣୁ ଅଧିକ ତଥ୍ୟଭିତ୍ତିକ ଜ୍ଞାନ ଆହରଣ କରି ଆଗକୁ ବଢିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ବିଭାଗ ଉପସଭାପତି ଅଧ୍ୟାପିକା ମଞ୍ଜୁଶ୍ରୀ ଦାଶ, ଅଧ୍ୟାପକ ଦେବଦତ୍ତ ଭୋଇ,ଝରଣାମୟୀ ସୁନା, ସତ୍ୟମ ପଟେଲ, ରିତୁପ୍ରିୟା ନାଏକ, ଯତିନ୍ଦ୍ର ଦାଣ୍ଡିଆ, ରୋମି ପଟେଲ, ଛାତ୍ର ପ୍ରତିନିଧିଭାବେ ଉତ୍କଳସ୍ମୃତି ବିଶ୍ୱାଳ ପ୍ରମୁଖ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ନିର୍ମଳ ଉର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖୁର୍ସିଦହାରା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଅଧିବକ୍ତା ପରିଷଦ ସମାବେଶ

ସମ୍ବଲପୁର,୨୪।୧(ଭବାନୀ ଶଙ୍କର ଭୋଇ)

ଅଧିବକ୍ତା ପରିଷଦ ସମ୍ବଲପୁର ପକ୍ଷରୁ ଶନିବାର ସନ୍ଧ୍ୟାରେ ସାମ୍ବାଦିକ ଭବନଠାରେ ଅଧିବକ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ପରିସ୍ଥିତିରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶର ଆବଶ୍ୟକତାକୁ ନେଇ ଏହି ସମାବେଶ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପଶ୍ଚିମର ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅଧିବକ୍ତା ପ୍ରଦୀପ ବହିଦାର, ମୁଖ୍ୟବକ୍ତାଭାବେ ସ୍ୱତନ୍ତ୍ର ନିଶାଦ୍ରବ୍ୟ ସରକାରୀ ଅଧିବକ୍ତା ସତ୍ୟନାରାୟଣ ପଣ୍ଡା ଯୋଗଦେଇଥିଲେ। ଯୁବ ଆଇନଜୀବୀମାନଙ୍କର ବର୍ତ୍ତମାନ ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସମାବେଶରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଧିବକ୍ତା ପରିଷଦ ସମ୍ବଲପୁର ସଭାପତି ଦିଲୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ଶେଷରେ ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିଲ୍ଲୀରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ସମ୍ବଲପୁର,୨୪।୧(ବି.ଶଙ୍କର)

ଦିଲ୍ଲୀ ଜୁହାର ପରିବାର ପକ୍ଷରୁ ମହାନ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ବାର୍ଷିକୀ ଶୁକ୍ରବାର ଶୌର୍ଯ୍ୟ ଓ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଡ. ପିକେ ସାହୁ, ବାରଣାସୀ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠର ପୂର୍ବତନ ଡିନ ମାନବେନ୍ଦ୍ର କିଶୋର ଦାସ ଓ ବରିଷ୍ଠ ଖବରଦାତା ଡ. ଭବାନୀ ଦୀକ୍ଷିତ ସମ୍ମାନିତ ଅତିଥି, ନିଗମାନନ୍ଦ ପୃଷ୍ଟି ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ଅତିଥି ଓ ବକ୍ତାମାନେ ସୁରେନ୍ଦ୍ର ସାଏଙ୍କ ଜୀବନ ଓ ସଂଗ୍ରାମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କର ସଂଗ୍ରାମ ଓ ତାଙ୍କର ସହଯୋଗୀମାନଙ୍କର ସମ୍ପର୍କରେ ଅଧିକ ଗବେଷଣା ହେବାର ଆବଶ୍ୟକତା ରହିଛି ଏବଂ ରାଜଧାନୀ ଦିଲ୍ଲୀରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଜୁହାର ପରିବାରର ସଦସ୍ୟ ଓମ ପ୍ରକାଶ ରାଉତ ଓ ସର୍ବେଶ୍ୱର ପଧାନ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ଓ କୋଷାଧ୍ୟକ୍ଷ ଅନୁପମ ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଭଦ୍ରା ଶକ୍ତି ବାଉଁଶ ଦ୍ରବ୍ୟ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟିତ


ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଲାଉମାଲଠାରେ ସୁଭଦ୍ରା ଶକ୍ତି ବାଉଁଶ ଦ୍ରବ୍ୟ ପ୍ରସ୍ତୁତି କେନ୍ଦ୍ରର ଉଦ୍‌ଘାଟନ ଉତ୍ସବରେ ଅତିଥି, ଆୟୋଜକ, ମହିଳାମାନେ ।

ସମ୍ବଲପୁର,୨୪।୧(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତର ଲାଉମାଲଠାରେ ସୁଭଦ୍ରା ଶକ୍ତି ବାଉଁଶ ଦ୍ରବ୍ୟ ପ୍ରସ୍ତୁତି କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଛି। ଉଦଘାଟନୀ ଉତ୍ସବରେ ସମ୍ବଲପୁର ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ ଓଏଲଏମ ଅରବିନ୍ଦ ନାୟକ, ମ୍ୟାନେଜର ଓଏଲମ ଜାପା ମାଳି ସମ୍ମାନୀତ ଅତିଥିଭାବେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲା ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମର ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସିଭିଲ ମୁଖ୍ୟ ରଞ୍ଜିତ ନାୟକ, ମନୋଜ ଶର୍ମା, ନିଲ ମାଧବ ମିଶ୍ର ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର ମୁଖ୍ୟ ରବି ନିୱାସ ଓ ଉପପ୍ରବନ୍ଧକ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଆଦିତ୍ୟ ଆଲୁମିନିୟମ ଲପଙ୍ଗା ସ୍ଥିତ ପ୍ଲାଣ୍ଟର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯକ୍ରମରେ ମହିଳାଙ୍କୁ ସଶକ୍ତିକରଣ ଓ ସ୍ୱରୋଜଗାରକ୍ଷମ କରାଇବା ପାଇଁ ପ୍ରକଳ୍ପ ଶକ୍ତିର ପରିକଳ୍ପନା କରାଯାଇଛି। ଏଥିରେ ଲାଉମାଳ ଗ୍ରାମର ପ୍ରାୟ ୩୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଆର୍ଥିକ ବର୍ଷ ୨୦୨୪ -୨୦୨୫ରେ ତାଲିମ ଗ୍ରହଣ କରିବା ପରେ ଆର୍ଥିକ ବର୍ଷ ୨୦୨୫-୨୦୨୬ରେ ସେମାନେ ଉତ୍ପାଦନ କ୍ଷମ ହୋଇଥିଲେ। ଏବଂ ମାସକୁ ପ୍ରାୟ ୧୦ହଜାର ଟଙ୍କା ରୋଜଗାର କରିପାରିଥିଲେ। ସେମାନଙ୍କର ଏହି ପ୍ରୟାସକୁ ସ୍ୱାଗତ ଜଣାଇ ଗ୍ରାମବାସୀଙ୍କର ଅନୁରୋଧ କ୍ରମେ ଏକ ସାମୂହିକ ଗୃହକୁ ପୁନରୁଦ୍ଧାର କରାଯାଇ ସୁଭଦ୍ରା ଶକ୍ତି କେନ୍ଦ୍ର ଭାବେ ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ ସେଠାରେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଅନେକ ନୂତନ ବାଉଁଶ ତିଆରି କାମ ଏକ ସଂସ୍ଥା ଦ୍ୱାର ପରିଚାଳିତ କରାଯିବ। ଏଭଳି ଜୀବନ ଜୀବିକାକୁ ଲକ୍ଷ୍ୟ ରଖି ଆଦିତ୍ୟ ଆଲୁମିନିୟମ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ସର୍ବଦା ଚେଷ୍ଟା କରିବ ବୋଲି ଅଧିକାରୀମାନେ କହିଛନ୍ତି।

## ଜୟନ୍ତପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଡିଆବାହାଲ,୨୪।୧(ରାଧାମୋହନ ଷଡ଼ଙ୍ଗୀ)

ଶିକ୍ଷାଦାନ ସ୍କୁଲର ଦାୟିତ୍ୱ। ଅଧ୍ୟୟନ ଜରୁରୀ। କିନ୍ତୁ ଶିକ୍ଷା ସହିତ ପ୍ରତିଭା ପୂଜା ଓ ପ୍ରତିଭା ଅନ୍ୱେଷଣ ବିଦ୍ୟାଳୟର ମହତ୍ତ୍ୱ ବଢାଇଥାଏ। ଶନିବାର ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଜୟନ୍ତପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବକ୍ତାମାନେ ଏହିଭଳି ମତ ରଖିଛନ୍ତି। ପ୍ରଧାନଶିକ୍ଷକ ଲୋକନାଥ ଜୟପୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କବରାପାଲି ୟୁଜିଏମଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲୀଳାବତୀ ଷଡ଼ଙ୍ଗୀ ମୁଖ୍ୟଅତିଥି, କବରାପାଲି ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଗୀତିକାର କାଳିଚରଣ ପାଣିଗ୍ରାହୀ, ଜୟନ୍ତପୁର ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ, ସମାଜସେବୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ, ବାହାମ ସିଆରସିସି ଶ୍ୟାମ ବାଗ, କବରାପାଲି ସିଆରସିସି ବାବୁଲା ବାଗ, ସ୍କୁଲ କମିଟି ସଭାପତି ଧରଣୀ ଷଣ୍ଢ, ସନାତନପାଲି ସେବାଶ୍ରମର ଅଶୋକ କୁମାର ଶତପଥୀ ଓ ଭୋଇପାଲି ସେବାଶ୍ରମର ନବୀନଚନ୍ଦ୍ର କିଶାନ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମୀରା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କଲ୍ୟାଣୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ୧୯୪୯ ମସିହାରେ ପ୍ରତିଷ୍ଠିତ ହୋଇଥିବା ସ୍କୁଲ ପାଇଁ ୧ ଏକର ୧୬ ଡିସମିଲ ଜମିଦାନ କରିଥିବା ସ୍ୱର୍ଗତ ଜନ୍ମଜୟ ଗୁରୁଙ୍କ ପରିବାର ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧ୍ୟାହ୍ନରେ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ନୈତିକ ଶିକ୍ଷାର ଅଭାବ ଚିନ୍ତାଜନକ ଅବସ୍ଥାରେ ପହଞ୍ଚିଛି

ନାକଟିଦେଉଳ,୨୪।୧(ବୈକୁଣ୍ଠନାଥ ସାହୁ)

ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷାର ଅଭାବ ଦେଖାଦେଇଛି। ଏହି ଅବସ୍ଥା ଏବେ ସମାଜରେ ଚିନ୍ତାଜନକ ପରିସ୍ଥିତିରେ ପହଞ୍ଚିଛି। ଛାତ୍ରୀଛାତ୍ରମାନେ ଭିତରେ ଆତ୍ମ ବିଶ୍ୱାସ ରଖି ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ଅଗ୍ରସର ହୁଅନ୍ତୁ। ଶନିବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତାଭାବେ ଯୁଯୁମୁରା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବକାନ୍ତ ପରିଡା, କିସିଣ୍ଡା ସରପଞ୍ଚ ରୀନାରାଣୀ ନାଏକ, ସମିତି ସଭ୍ୟା ଯାଜ୍ଞସେନୀ କୁଅଁର, ମଧୁବନ ସାହିତ୍ୟ ସଂସଦ


ଅତିଥି, ଶିକ୍ଷୟିତ୍ରୀଙ୍କ ସହ କୃତୀ ପ୍ରତିଯୋଗୀମାନେ।

**କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ସଭାପତି ରଘୁନାଥ ପ୍ରଧାନ, କିସିଣ୍ଡା ସିଆରସିସି କେଦାର ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ଅତୁଲ୍ୟ ପ୍ରସାଦ ରାଉଳ, ଅବସରପ୍ରାପ୍ତ ଶିକ୍ଷକ ଦର୍ଶନୀ ଷଣ୍ଢ ଏବଂ ଦିବାକର ଭୋଇ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସକାରାତ୍ମକ ଚିନ୍ତାଧାରା ଏବଂ ଜିଜ୍ଞାସୁ ମନୋବୃତ୍ତି ନେଇ ଆଗକୁ ଅଗ୍ରସର ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ସେମାନଙ୍କ ମଧ୍ୟରେ ନୀତିଶିକ୍ଷା ଓ ଗୁରୁଙ୍କୁ ପ୍ରଶ୍ନ ପଚାରିବାର ଅଭ୍ୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀଭାବେ ୧୦ ମ ଶ୍ରେଣୀର ମମତା ଦେହୁରୀ ଏବଂ ବିଭିନ୍ନ ପ୍ରତିଯୋଗିତାର ବାଳିକା ବର୍ଗରେ ଚାମ୍ପିୟନ ହୋଇଥିବା ୧୦ ମ ଶ୍ରେଣୀର ପ୍ରଜ୍ଞାପାରମିତା ସାହୁ, ତୃପ୍ତି ମଞ୍ଜରୀ ମାଝୀ ଏବଂ ପିଙ୍କି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବର୍ଗରେ ୯ମ ଶ୍ରେଣୀ ଛାତ୍ର କୈଳାସ ଚନ୍ଦ୍ର ବେହେରା ଏବଂ ପପୁନ ପ୍ରଧାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଧନଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଯାଦବ ସମାଜର ଜୋନସ୍ତରୀୟ ସମ୍ମିଳନୀ



କୋକସରା,୨୪।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): ଆମପାଣି ଜୋନସ୍ତରୀୟ ଯାଦବ ସମାଜର ସମ୍ମିଳନୀ ଶନିବାର କୋକସରା ବ୍ଲକ ବଡକେନ୍ଦୁଗୁଡା ଝାରବନ୍ଧସ୍ଥିତ ପ୍ରାଚୀନ ଶ୍ରୀ କାଳେଶ୍ୱର ଶୈବପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଜୋନସ୍ତରୀୟ ସଭାପତି ଆନନ୍ଦ ଗୋପାଳଙ୍କ ସଭାପତିତ୍ୱରେ ସମ୍ମିଳନୀ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ମୌଷଧି ବାଗ, ବ୍ଲକ ଯାଦବ ସମିତି ସଭାପତି ଦ୍ୱାରିକାନାଥ ବାଗ ଯୋଗଦେଇ ସମାଜର ସାମ୍ବିଧାନିକ ନୀତିନିୟମ ବିଷୟରେ ଆଲୋକପାତ କରିଥିଲେ। ବ୍ଲକ ଯାଦବ ସମାଜ ସମ୍ପାଦକ ବିଦ୍ୟାଧର ଗହୀର, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, ମୋଟେର ଜୋନ ଉପସଭାପତି ଲିଙ୍ଗରାଜ ବେହେରା, ଯୁଗ୍ମ ସମ୍ପାଦକ ଲଛମନ ନାୟକ, ମୋଟେର ଜୋନ ସହ ସମ୍ପାଦକ ମନିଜର ପୋଡ ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ରମରେ ଅତିଥିମାନେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରାଡଙ୍ଗା ଆଞ୍ଚଳିକ ସମ୍ପାଦକ ପ୍ରଶନ୍ନ ବାରିକ, ବଡ଼ପୋଡ଼ାଗୁଡ଼ା ଆଞ୍ଚଳିକ ସଭାପତି ଘାସିରାମ ନାଏକ, କାଉଡୋଳା ସଭାପତି ଅର୍ଜୁନ ଭାଟି, ସମ୍ପାଦକ ଗଣପତି ହଂସଙ୍କ ସମେତ ଆମପାଣି ଜୋନର ୭ ଆଞ୍ଚଳିକ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗୌରାଙ୍ଗ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ପଦ୍ମବନ ବେମାଲ ପରିଚାଳନା କରିଥିଲେ। ଆମପାଣି ଜୋନ କର୍ମଚାରୀ ସଂଘ ସଭାପତି ମାରଗୁଣିଆ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଲ୍‌ରେ ସ୍ଥାନାଭାବରୁ ମଣ୍ଡିରେ ବାଧକ ଧାନ ଉଠାଣ

ଭବାନୀପାଟଣା, ୨୪।୧ (ଉତ୍ତମ କୁମାର ଦାଶ)

**ହରିୟାଣା ଓ ପଞ୍ଜାବ ପାଇଁ ସରକାରଙ୍କ ଯେଉଁ ନୀତି ଓଡ଼ିଶାରେ କାହିଁକି ଭିନ୍ନ**

ଚଳିତ ଖରିଫରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ହୀନସ୍ଥା ହେଉଛି। ଟୋକନ ଠିକ୍ ମିଳୁନାହିଁ। ଯେଉଁ ଟୋକନ ଆସୁଛି ତାହାର ସମୟ ଅବଧିକୁ ଜାଣିଶୁଣି ବୃଦ୍ଧି କରାଯାଉଛି। ମିଲର୍ସ ଆସୋସିଏଶନର ରାଜ୍ୟ ସଭାପତି ମହେଶ ବଂଶଲ କହିଛନ୍ତି, ଧାନ ମଣ୍ଡିରୁ ଆଣି ମିଲରେ ଗଦାକରି ରଖିବା ପାଇଁ ସ୍ଥାନାଭାବ ଏକପ୍ରକାର ଉତ୍କଟ ସମସ୍ୟା ସୃଷ୍ଟି କରୁଛି। ଏଫ୍‌ସିଆଇ ଠିକଭାବେ ଚାଉଳ ଗ୍ରହଣ କରିବା ଏବଂ ବାହାରକୁ ପଠାଇବା ପ୍ରକ୍ରିୟା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ମିଲରେ ପୂର୍ବବର୍ଷର ଚାଉଳ ମହଜୁଦ ରହିଛି। ବର୍ତ୍ତମାନ ଧାନ ରଖିବା ସମ୍ଭବ ହେଉନାହିଁ। ହରିୟାଣା ଓ ପଞ୍ଜାବରେ କେନ୍ଦ୍ର ସରକାର ଉତ୍ପାଦିତ ଫସଲର ବିକ୍ରିବଟା ତଥା ଏଫ୍‌ସିଆଇକୁ ଯେଉଁ ଦୃଷ୍ଟିରେ ଦେଖି ମାତ୍ର ୩ମାସରେ ସବୁ କାର୍ଯ୍ୟ କରୁଛନ୍ତି, ଆମ ରାଜ୍ୟ ପାଇଁ କାହିଁକି ଏତେ ଅବହେଳା ବୋଲି ରାଜ୍ୟ ସଭାପତି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରେ ସେ ମଧ୍ୟ ମିଲରେ ଧାନ ଷ୍ଟୋରେଜ କରିବାରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଜିଲାପାଳଙ୍କୁ ଚିଠି କରି ଜଣାଇ ଦିଆଯାଇଛି। ସ୍ୱତନ୍ତ୍ର ସ୍ଥାନରେ ଧାନ ରଖାଯିବା ପାଇଁ ବ୍ୟବସ୍ଥା ଜରୁରୀ ବୋଲି ଜିଲାପାଳଙ୍କ ଦୃଷ୍ଟିକୁ ନିଆଯାଇଥିବା ବିଷୟ ସିଏସ୍‌ଓ ମିଶ୍ର ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯେଉଁ ମିଲର୍ସ ବିଲ ଦାଖଲ କରିଛନ୍ତି ତାଙ୍କ ପ୍ରାପ୍ୟ ତଦନ୍ତ କରି ଯୋଗାଇ ଦିଆଯାଉଛି। ବିଭିନ୍ନ ସମୟରେ ମଣ୍ଡିରେ ଗାଡି ପହଞ୍ଚିପାରୁ ନ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହା ପଛର କାରଣ ମିଲରେ ସ୍ଥାନ ଅଭାବ। ରାଜ୍ୟ ସରକାର ଓ ସ୍ଥାନୀୟ ଯୋଗାଣ ବିଭାଗ ସମସ୍ତେ ଜାଣି ସୁଦ୍ଧା ଘଟଣାକୁ ଭିନ୍ନ ବାଟରେ ନେଉଛନ୍ତି। ଦ୍ୱିତୀୟରେ ମିଲର୍ସମାନେ ନିଜ ମିଲରେ ଧାନ ଗଚ୍ଛିତ ରଖିବା ବାବଦରେ ଯେଉଁ ପ୍ରାପ୍ୟ ପାଇବା କଥା ତାହା ବକେୟା ରଖିବା ଦ୍ୱାରା ମିଲର୍ସଙ୍କ ପକ୍ଷରୁ ସ୍ୱର ତୀବ୍ର ହୋଇଥିଲା। ଶେଷରେ ଏବେ ଧାନ ଷ୍ଟୋରେଜ ପାଇଁ ବିଲ ଦାଖଲ ପରେ ଟଙ୍କା ଦିଆଯାଉଛି। କିନ୍ତୁ ଜିଲାର ସମସ୍ତ ମିଲର୍ସ ଟଙ୍କା ପାଇନାହାନ୍ତି। ୨୦୨୩-୨୪ରୁ ଏହି ଟଙ୍କା ଯୋଗାଣ ବିଭାଗ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଚାଲିଛନ୍ତି। ଏଯାବତ ମଣ୍ଡିରୁ ଧାନ ଆଣି ମିଲରେ ରଖିବା ପ୍ରାପ୍ୟ ଆନୁମାନିକ ୫କୋଟିରୁ ଊର୍ଦ୍ଧ୍ୱ ବୋଲି ସଭାପତି ବଂଶଲ କହିଛନ୍ତି।

# କଚରାଗଦା ଉପରେ କଂକ୍ରିଟ ରାସ୍ତା

ଭବାନୀପାଟଣା, ୨୪।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠ ଭଙ୍ଗାବାରି ରାସ୍ତା ନିର୍ମାଣ ହେଉଥିବାବେଳେ କଚରାଗଦାରେ ନିମ୍ନମାନର ରାସ୍ତା ଯୋଗୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହର ନିକଟ ଭଙ୍ଗାବାରିଠାରେ ଥିବା ପୌରପାଳିକା ଭିତରେ ରାସ୍ତା ନିର୍ମାଣ କରାଯାଇଛି। ଠିକ୍ ଭାବରେ ସଫା ନ କରି, ମାଟି ନ ଖୋଳି କଚରାଗଦା ଉପରେ ସିମେଣ୍ଟ କଂକ୍ରିଷ୍ଟ ରାସ୍ତା ନିର୍ମାଣ ହୋଇଛି। ଅତି ତରବରିଆ ଭାବରେ ଟେଣ୍ଡର କରା ନ ଯାଇ ରାସ୍ତା ନିର୍ମାଣ ହେଉଥିବାରୁ ଏହାର ମାନକୁ ନେଇ ପ୍ରଶ୍ନ ଉଠୁଛି। ଏପରି କି ଏହି ରାସ୍ତା ନିର୍ମାଣ ପରେ ପାଣି କ୍ୟୁରିଂ ମଧ୍ୟ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ କରାଯାଇଥିବା ଏହି କଂକ୍ରିଟ ରାସ୍ତାର ଟେଣ୍ଡର କରାଯାଇ ନାହିଁ। ୧୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେଲେ କୋଟେସନ କରିବା, ୫୦ ହଜାରରୁ ଊର୍ଦ୍ଧ୍ୱ ହେଲେ ପେପର ଟେଣ୍ଡର ହେବା ଓ ୧ ଲକ୍ଷ ୯୯ ହଜାରୁ ଊର୍ଦ୍ଧ୍ୱ ଟଙ୍କାର ହେଲେ ଇ-ଟେଣ୍ଡର ବ୍ୟବସ୍ଥାର ପ୍ରାବଧାନ ଥିବାବେଳେ ଏହି କାମରେ ଏହାର ଉଲ୍ଲଂଘନ ହୋଇଥିବାରୁ ଏହା ତଦନ୍ତସାପେକ୍ଷ। ଏ ନେଇ ଭବାନୀପାଟଣା ପୌରପାଳିକା କନିଷ୍ଠଯନ୍ତ୍ରୀ ରାଧାମୋହନ ରାୟଙ୍କୁ ପଚାରିବାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏଷ୍ଟିମେଟ ହୋଇ ବିଭାଗୀୟ କାର୍ଯ୍ୟ ହୋଇଛି। ଏହି କାମରେ କୋଣସି ଅନିୟମିତତା ହୋଇନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଗଲେ ଏହାର ରହସ୍ୟ ଉନ୍ମୋଚିତ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ନିର୍ମାଣ ହେଉଥିବା ରାସ୍ତା।

- **ବିନା ଟେଣ୍ଡରରେ ପୌରପାଳିକାର ରାସ୍ତା ନିର୍ମାଣ**
- **ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ**

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଲାଞ୍ଜିଗଡ଼,୨୪।୧ (ରମେଶ ଚନ୍ଦ୍ର ନାୟକ): ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଦିପ କୁମାର ଘଢେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୁପ ସିଂ ରାଉତ ମୁଖ୍ୟବକ୍ତା ଓ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତି ସଭ୍ୟ ଅଜିତ କୁମାର ପ୍ରଧାନୀ, ବସନ୍ତପଡା ସରପଞ୍ଚ ଚାଞ୍ଚେର ମାଝୀ, ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝୀ, ଲାଞ୍ଜିଗଡ ଜୋନ ୧ ଜିଲା ପରିଷଦ ସଭ୍ୟା ଅଞ୍ଜଳି ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଜ୍ଞାନ ରଞ୍ଜନ ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସଭାପତି ଘଢେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଟାଟା ସିଏରାର ବଜାର ପ୍ରବେଶ




ଭୁବନେଶ୍ୱର, ୨୪।୧ (ଅନୁରାଧା ମହାରଣା)

ଟାଟା କମ୍ପାନୀର ସ୍ଥାନୀୟ ଶୋ'ରୁମ୍ ଲଙ୍କେଶରୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ ତୀର୍ଥରାଜ ସାହୁ ଏବଂ ମୁଖ୍ୟ ଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଗାଡ଼ିର ଅନାବରଣ କରିଥିଲେ। ଟାଟା ସିଏରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ୪ ହୁଇଲ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। ଏହି ଗାଡ଼ିରେ ପାନୋରାମିକ୍ ସନ୍ ରୁଫ୍, ୬୨୨ ଲିଟର ବୁଟ୍ ସ୍ପେସ୍, ୧୯ ଇଞ୍ଚ ବିଶିଷ୍ଟ ଆଲଏ ହୁଇଲ, ବେଷ୍ଟ ହେଡ୍ ରୁମ୍, ସୋଲ୍ଡର ରୁମ୍, ଲିଗ୍ ରୁମ୍ ଭଳି ୩୦ ଟି ନୂଆ ଫିଚର ରହିଛି। ଏହି ଗାଡ଼ିଟି ୧.୫ ଲିଟର ଗ୍ୟାସୋଲିନ୍ ଏବଂ ଡିଜେଲ ଇଞ୍ଜିନ ସହ ଉଭୟ ମାନୁଆଲ ଏବଂ ଅଟୋମେଟିକ୍ ଟ୍ରାନ୍ସମିଶନରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଉକ୍ତ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚକୁ ମଧ୍ୟ ଅତିଥିମାନେ ଅନାବରଣ କରିଥିଲେ। ୨୦୨୪ରେ ସର୍ବାଧିକ ବିକ୍ରି ହୋଇଥିବା ଏହି ଗାଡ଼ିରେ ସମସ୍ତ ନୂଆ ଫିଚର ସବୁ ରହିଛି।

# ମଦ ବ୍ୟବସାୟୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୪।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ସିଭିଲ ଜଜ୍/ଜେଏମ୍‌ଏଫ୍‌ସି ବିଚାରପତି ଦିପେନ୍ଦ୍ର ସିଂହ ରାଠୋର ଶନିବାର ଏକ ମଦ ଜବତ ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜୁନାଗଡ଼ ଥାନା ଦାସିଗାଁର ଗଜାନନ ଲହଜଲଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୨୪ ମସିହାରେ ଅଭିଯୁକ୍ତ ଲହଜଲଙ୍କଠାରୁ ସ୍ଥାନୀୟ ଅବକାରୀ ବିଭାଗ ୩୬ ଲିଟର ବିଦେଶୀ ମଦ ଜବତ କରି ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅବକାରୀ ନିରୀକ୍ଷକ ହେମକାନ୍ତ ସୁନା ମାମଲାର ତଦନ୍ତ କରିଥିବାବେଳେ କୋର୍ଟରେ ମାମଲାକୁ ପୂର୍ବତନ ସରକାରୀ ଆଇନଜୀବୀ ଦିଗମ୍ବର ନାଏକ ପରିଚାଳନା କରିଥିଲେ। ଏହି ସମୟରେ ବର୍ତ୍ତମାନର ସରକାରୀ ଆଇନଜୀବୀ ଟଙ୍କଧର ନାଏକ ମଧ୍ୟ ଉପସ୍ଥିତ ଥିଲେ।





Safeguarding Seas for a Viksit Samriddha Bharat



JOIN AS SHORT SERVICE COMMISSION OFFICERS FOR VARIOUS ENTRIES
COURSE COMMENCING - JAN 2027 (ST 27)

Online applications are invited from unmarried men & women candidates for Short Service Commission Course in Executive, Education and Technical Branches at Indian Naval Academy (INA), Ezhimala, Kerala.

| Branch/Cadre | Vacancies* | Gender |
|---|---|---|
| Executive Branch {GS (X) / Hydro Cadre} | 76 (including 06 Hydro) | Men and Women (maximum of 10 Vacancies in GS (X) and 01 Vacancy in Hydro for women) |
| Pilot | 25 | Men and Women (maximum of 03 vacancies for women) |
| Naval Air Operations Officer (Observers) | 20 | Men and Women (maximum of 03 vacancies for women) |
| Air Traffic Controller (ATC) | 18 | Men and Women |
| Logistics | 10 | Men and Women (maximum of 01 vacancy for women) |
| Education | 15 | Men and Women |
| Engineering Branch {General Service (GS)} | 42 | Men and Women (maximum of 07 vacancies for women) |
| Submarine Tech Engineering | 08 | Only for Men |
| Electrical Branch {General Service (GS)} | 38 | Men and Women (maximum of 07 vacancies for women) |
| Submarine Tech Electrical | 08 | Only for Men |

*These vacancies are tentative and may be changed depending on availability of training slots.

DATE OF OPENING - 24 JAN 2026/ LAST DATE FOR ONLINE APPLICATION - 24 FEB 2026

For eligibility criteria and details visit www.joinindiannavy.gov.in
Employment News Dated 24th January 2025



Scan this QR Code to Apply Online



CBC 10701/13/0019/2526

## ସଂକ୍ଷେପରେ

### କଂଗ୍ରେସ ନେତା ରାଜେଶ ମିଶ୍ରଙ୍କ ବିୟୋଗରେ ଶୋକସଭା

**ତରଭା,୨୪।୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ଯୁବନେତା ରାଜେଶ କୁମାର ମିଶ୍ରଙ୍କ ବିୟୋଗରେ ତରଭା କଂଗ୍ରେସ କମିଟି ତରଫରୁ ଏକ ଶୋକସଭା ସ୍ଥାନୀୟ ଶିବୁ ରାଇସ ମିଲଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି କାର୍ତ୍ତିକ ନାଗ, ନଗର ସଭାପତି ପ୍ରବୀଣ ସାହୁ ଓ ବରିଷ୍ଠ ନେତା ଶିବକୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋକସଭାରେ ବରିଷ୍ଠ ନେତା ପବିତ୍ର ପ୍ରଧାନ, ସୁବର୍ଣ୍ଣପୁର ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ମକୁନ୍ଦ ବିଶାଳ, ରାଜେନ୍ଦ୍ର ଝାଙ୍କର, ପରମେଶ୍ୱର ବାଘ, ଯୁବ ନେତା ଗଣେଶ ଗୁରୁ ପଥ୍ୱୀରାଜ ବାଘ, ଜିତେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ।

### ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ

**ଅମରପାଲି,୨୪।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ମଣ୍ଡଳ ଅନ୍ତର୍ଗତ ଅଡାଲ ଗ୍ରାମରେ ଶନିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାମ ସଙ୍କୀର୍ତ୍ତନ୍ୟରେ ନଗର ପରିକ୍ରମା ପରେ ହନୁମାନ ବାଟିକାଠାରେ ସାମୂହିକ ହନୁମାନ ଚାଳିଶା ପାଠ, ବୌଦ୍ଧିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଣ୍ଡହତା ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମରୁ ଶତାଧିକ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ। ଏଥିରେ ମୁର୍ଚ୍ଛୁନ୍ନୀର ହରିହର ମଠର ମଠାଧୀଶ ହର ନାରାୟଣ ଶ୍ରୀଚୈତନ୍ୟ ମହାରାଜ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ଓଡ଼ିଶା ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ ଉପସ୍ଥିତ ଥିଲେ। ଜିଲା ସଂଘ ଚାଳକ ଡା.ଦିଲୀପ କୁମାର ତ୍ରିପାଠୀ, ସଞ୍ଚାଳନ ସଭାପତି କ୍ଷେତ୍ରବାସୀ ସାହୁ, ମାତୃଶକ୍ତି ପଦ୍ମାଳୟା ଦାସ ହିନ୍ଦୁତ୍ୱ ଉପରେ ବିବରଣୀ ଦେଇଥିଲେ। ଭୂଷଣ ପଧାନ, ଅଖଣ୍ଡ ପଧାନ, ମଧୁସୂଦନ କର୍ଣ୍ଣ, ରୁଦ୍ରାକ୍ଷ ପଧାନ, ପ୍ରମୋଦ ପଣ୍ଡା, ସତ୍ୟ ପଧାନ, ସୁବାଷ ପଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଓଡ଼ିଆ ସାହିତ୍ୟକୁ ସୋନପୁର ରାଜ ଦରବାରର ଅବଦାନ ଅତୁଳନୀୟ




ସମ୍ମାନରେ ମଞ୍ଚାସୀନ ଅତିଥି ଓ ଆଲୋଚକବୃନ୍ଦ।

**ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶରର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ 'ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧିରେ ସୋନପୁର ରାଜ ଦରବାରର ଭୂମିକା' ଶୀର୍ଷକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ସୌରଭ ରଞ୍ଜନ ଖମାରୀ ସମ୍ମାନର ଆଭିମୁଖ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ଉପଜିଲାପାଳ ଡକ୍ଟର ସୌମ୍ୟରୂପା ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଷୟ ବିଶେଷଜ୍ଞଭାବେ ବିଶିଷ୍ଟ ଐତିହାସିକ ଓ ଗବେଷକ ସୁଦାମ ନାଏକ ଓ ଅଧ୍ୟାପିକା ଇତିଶ୍ରୀ ଦାସ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ସୋନପୁର ରାଜଦରବାର ଅବଦାନ ସମ୍ପର୍କରେ ଆଲୋଚନା କରିବାକୁ ଯାଇ କାବ୍ୟ, ନାଟକ, ଇତିହାସ ରଚନା ଏବଂ ପ୍ରକାଶନ କ୍ଷେତ୍ରରେ ସୋନପୁର ରାଜଦରବାର ଦାନ ଅତୁଳନୀୟ ଥିଲା। ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ଖୋଲିବା ନିମନ୍ତେ ସୋନପୁର ରାଜା ବୀରମିତ୍ର ସିଂହଦେଓଙ୍କ ଅବଦାନକୁ ବକ୍ତାମାନେ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତା ଯଥା– ପ୍ରବନ୍ଧ, ବକ୍ତୃତା ଓ ଶୁଦ୍ଧ ଲିଖନରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଠଚକ୍ର ସମ୍ପାଦିକା ରୁବି ବେହେରା ସଭା ସଂଯୋଜନା କରିଥିଲାବେଳେ ଅଧ୍ୟାପକ ଡ଼କ୍ଟର ମୀନକେତନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମାନରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର କାର୍ଯ୍ୟକର୍ତ୍ତା, ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସମ୍ମାନକୁ ସଫଳ କରିଥିଲେ।

# ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ: ସମସିଙ୍ଗା ସେମିରେ

**ଅମରପାଲି,୨୪।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହାଇସ୍କୁଲ ପଡିଆରେ ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କପର ଚତୁର୍ଥ ଦିବସରେ କେନଝିରିଆପାଲିକୁ ହରାଇ ସାମସିଙ୍ଗା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ପ୍ରଥମ ମ୍ୟାଚ କେନଝିରିଆପାଲି ଓ ବୀରସିଂହପୁର ମଧ୍ୟରେ ହୋଇଥିଲା। କେନଝିରିଆପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୩ ଉଇକେଟ ହରାଇ ୧୪୧ରନ କରିଥିଲା। ଜବାବରେ ବୀରସିଂହପୁର ଦଳ ୮ ଓଭର ୫ଉଇକେଟ ହରାଇ ୭୧ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସାମସିଙ୍ଗା ଓ ତ୍ରିବଣପୁର ମଧ୍ୟରେ ହୋଇଥିଲା। ତ୍ରିବଣପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ଉଇକେଟ ହରାଇ ୯୪ରନ କରିଥିଲ। ଜବାବରେ ସାମସିଙ୍ଗା ୪.୫ଓଭରରେ ୨ଉଇକେଟ ହରାଇ ୯୫ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା କେନଝିରିଆପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ସାମସିଙ୍ଗା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କେନଝିରିଆପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୪ଉଇକେଟ ହରାଇ ୩୮ ରନ କରିଥିଲା। ଜବାବରେ ସାମସିଙ୍ଗା ୩. ୪ ଓଭରରେ ୨ ଉଇକେଟ ହରାଇ ୪୦ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନଝିରିଆପାଲି ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଋଷଭ ପ୍ରଧାନ ଓ କ୍ରିଡ଼ାବିତ ବୀରେନ୍ଦ୍ର ପଧାନ ଅତିଥିଭାବେ ଯୋଗଦେଇ ସାମସିଙ୍ଗା ଦଳର ଉତ୍ତମ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।



ଅତିଥିଙ୍କ ସହିତ ବିଜୟୀ ସାମସିଙ୍ଗା ଦଳର ଖେଳାଳି।

# କୁମୁଦ ରଞ୍ଜନ ସଭାପତି, ରଞ୍ଜିତ ସମ୍ପାଦକ

**ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)**

### ହାବିଲଦାର-କନଷ୍ଟେବଲ ସଂଘ ଜିଲା ଶାଖା ନିର୍ବାଚନ





ଓଡ଼ିଶା ପୋଲିସ ହାବିଲଦାର–କନାଷ୍ଟବଲ ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମତଦାନ ହୋଇଥିବା ବେଳେ ଶନିବାର ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଆସନ୍ତା ୨ବର୍ଷ ପାଇଁ ସଭାପତିଭାବେ କୁମୁଦ ରଞ୍ଜନ ମେହେର, ଉପସଭାପତି ଦୟାନିଧି ସାହୁ, ସମ୍ପାଦକ ରଞ୍ଜିତ ପଧାନ, ସହ ସମ୍ପାଦକ ହାବିଲଦାର କବି ମିଶ୍ର, ହାବିଲଦାର କାର୍ତ୍ତିକେଶ୍ୱର ରାଉତ ଓ କୋଷାଧ୍ୟକ୍ଷ ଭାବେ ଯଦୁନାଥ ଦାଣ୍ଡିଆ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ପରିଷଦ ସଭ୍ୟଭାବେ ହାବିଲଦାର ଆନନ୍ଦ କୁମାର ଧରୁଆ, ହାବିଲଦାର ଉମାଶଙ୍କର ବିଭାର, କନେଷ୍ଟବଲ ଦୁର୍ଯ୍ୟୋଧନ କାଲସାଏ, ସହାୟକ ଡ୍ରାଇଭର ସଞ୍ଜିତ କୁମାର ସାହୁ ଓ ସୂର୍ଯ୍ୟ କୁମାର ସାହୁ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଡିଏସ୍‌ପି ଚନ୍ଦ୍ର ଶେଖର କହିଛନ୍ତି। ଏହି ନିର୍ବାଚନକୁ ମିଶାଇ କୁମୁଦ ୪ ଥର ଜିଲା ଶାଖା ସଭାପତି ଓ ରଞ୍ଜିତ ୨ ଥର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଜିଲାର ୯ଟି ଥାନା ଓ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ମତଦାନ ଅନୁଷ୍ଠିତ ହୋଇଥିଲା। ସଂଘ ଜିଲା ଶାଖାର ମୋଟ ୩୧୪ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୩୧୩ କନେଷ୍ଟବଲ ଓ ହାବିଲଦାର ମତଦାନ କରିଥିଲେ।

# ବରିଷ୍ଠ ଆଇନଜୀବୀ ଗୌରିଶ୍ୟାମ ପଣ୍ଡାଙ୍କ ପରଲୋକ

**ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)**

ବରିଷ୍ଠ ଆଇନଜୀବୀ, ସମାଜସେବୀ ତଥା ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ଗୌରିଶ୍ୟାମ ପଣ୍ଡା(୭୩)ଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଜଣେ ଦକ୍ଷ ଆଇନଜୀବୀ, ଜାତୀୟସ୍ତରରେ ଖାଉଟି ସୁରକ୍ଷା ଆନ୍ଦୋଳନର ପ୍ରବକ୍ତା ଓ ଦିବ୍ୟାଙ୍ଗଙ୍କ ପାଇଁ କାମ କରୁଥିବା ପ୍ରତିଷ୍ଠିତ ସମାଜସେବୀ ଭାବେ ସେ ସୁବର୍ଣ୍ଣପୁର ଜିଲା ଓ ଜିଲା ବାହାରେ ବେଶ ପରିଚିତ ଥିଲେ। ସୁବର୍ଣ୍ଣପୁର ସହର ଘୋଡାଘାଟପଡା ଅଞ୍ଚଳର ଗୌରିଶ୍ୟାମ ଜିଲା ଓକିଲ ସଂଘର ୨ଥର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଖାଉଟି ସୁରକ୍ଷା ଆନ୍ଦୋଳନ ସହ ଜଡିତ ରହିବା ସହ ୧୯୯୪ରେ ରେଆର ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଭିନ୍ନକ୍ଷମମାନଙ୍କ ଅଧିକାର ପାଇଁ ସେ ଅନବରତ ପ୍ରୟାସ କରୁଥିଲେ। ସେ ଅନେକ ସାମାଜିକ ଅନୁଷ୍ଠାନ ସହିତ ନିଜକୁ ଜଡିତ କରିଥିଲେ। ରାଷ୍ଟ୍ରିୟ ବୌଦ୍ଧିକ ଭିନ୍ନକ୍ଷମ ଅଭିଭାବକ ସଂଘର ଉପଦେଷ୍ଟା ଥିଲେ। ସେହିପରି ରାଜ୍ୟ ବୌଦ୍ଧିକ ଭିନ୍ନକ୍ଷମ ଅଭିଭାବକ ସଂଘ ସଭାପତି, ସୁବର୍ଣ୍ଣପୁର ଜିଲା ଅଭିଭାବକ ସଂଘ ସଭାପତି ଓ ଜିଲା ରେଡକ୍ରସ ସୋସାଇଟ ଉପସଭାପତିଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସ୍ତ୍ରୀ, ଦୁଇ ପୁଅ, ଗୋଟିଏ ଝିଅ, ନାତୁଣୀନାତି ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ରବିବାର ମୃତଦେହ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।



ଗୌରିଶ୍ୟାମ ପଣ୍ଡା।




# ବୃଦ୍ଧାଙ୍କ ମୃତଦେହ ଜବତ

ହେମଗିର,୨୪।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ରଙ୍ଗିଆଡିପାର ଏକ କୁଡ଼ିଆରୁ ହେମଗିର ପୋଲିସ ଶନିବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ସେ ହେଲେ ସୁମିତ୍ରା ବାଗ୍ (୭୦)। ଖବର ପାଇ ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ସେ ନିଆଁରେ ଜଳି ପୋଡ଼ିଯାଇଥିବା ଜଣାପଡ଼ିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏନେଇ ହେମଗିର ଥାନାରେ କେସ୍ ନଂ.୬/୧୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଫେବୃଆରୀ ୧୨ରୁ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

ସୁନ୍ଦରଗଡ଼,୨୪।୧(ଜୟ ନାରାୟଣ ମେଣ୍ଟୁଲି)

ଫେବୃଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସୁନ୍ଦରଗଡ଼ ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୨୬ତମ ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଶନିବାର ଓଡ଼ିଶା ତୀରନ୍ଦାଜ୍ ସଂଘର କର୍ମକର୍ତ୍ତା ଓ ସୁନ୍ଦରଗଡ଼ ଜିଲା ତୀରନ୍ଦାଜ୍ ସଂଘର କର୍ମକର୍ତ୍ତାମାନେ ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ସୁନ୍ଦରଗଡ଼ ଜିଲା ତୀରନ୍ଦାଜ୍ ସଂଘ ଏହି ପ୍ରତିଯୋଗିତା ଆୟୋଜନ କରିବ।


ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ଶନିବାର ତୀରନ୍ଦାଜ ସଂଘର କର୍ମକର୍ତ୍ତା ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ତୀରନ୍ଦାଜ୍ ସଂଘ ପକ୍ଷରୁ ସମ୍ପାଦକ ବଟକିଶୋର ମିଶ୍ର, ଯୁଗ୍ମ ସମ୍ପାଦକ ତେଜ କୁମାର ଖେସ୍, ଅଭୟ ପଟ୍ଟନାୟକ ଓ ଯଶୋବନ୍ତ ନାଏକ ତଥା ରାଜ୍ୟ ତୀରନ୍ଦାଜ୍ ସଂଘ ପକ୍ଷରୁ ରାଜ୍ୟ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, ଦୀପକ ଚୌଧୁରୀ ଓ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରତିଯୋଗିତା କିପରି ସୁଚାରୁରୂପେ ସମ୍ପାଦନ ହେବ ସେଥିପାଇଁ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରକାଶଥାଉ କି, ଏହି ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ବାଳିକା ଓ ବାଳକ ତୀରନ୍ଦାଜ୍ ଅଂଶଗ୍ରହଣ କରିବେ।

# ନୂତନ ଟାଟା ସିଏରାର ବଜାର ପ୍ରବେଶ




ଭୁବନେଶ୍ୱର, ୨୪।୧(ଅନୁରାଧା ମହାରଣା)

ଟାଟା କମ୍ପାନୀର ସ୍ଥାନୀୟ ଶୋ'ରୁମ୍ ଲଙ୍କେଶରୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ ତୀର୍ଥରାଜ ସାହୁ ଏବଂ ମୁଖ୍ୟ ଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଗାଡ଼ିର ଅନାବରଣ କରିଥିଲେ। ଟାଟା ସିଏରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ୪ ହୁଇଲ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। ଏହି ଗାଡ଼ିରେ ପାନୋରାମିକ୍ ସନ୍ ରୁଫ୍, ୬୨୨ ଲିଟର ବୁଟ୍ ସ୍ପେସ୍, ୧୯ ଇଞ୍ଚ ବିଶିଷ୍ଟ ଆଲଏ ହୁଇଲ, ବେଷ୍ଟ ହେଡ୍ ରୁମ୍, ସୋଲ୍ଡର ରୁମ୍, ଲିଗ୍ ରୁମ୍ ଭଳି ୩୦ ଟି ନୂଆ ଫିଚର ରହିଛି। ଏହି ଗାଡ଼ିଟି ୧.୫ ଲିଟର ଗ୍ୟାସୋଲିନ୍ ଏବଂ ଡିଜେଲ ଇଞ୍ଜିନ ସହ ଉଭୟ ମାନୁଆଲ ଏବଂ ଅଟୋମେଟିକ୍ ଟ୍ରାନ୍ସମିଶନରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଉକ୍ତ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚକୁ ମଧ୍ୟ ଅତିଥିମାନେ ଅନାବରଣ କରିଥିଲେ। ୨୦୨୪ରେ ସର୍ବାଧିକ ବିକ୍ରି ହୋଇଥିବା ଏହି ଗାଡ଼ିରେ ସମସ୍ତ ନୂଆ ଫିଚର ସବୁ ରହିଛି।

# ନର୍ସିଂ କଲେଜର ପ୍ରତିଷ୍ଠା ଦିବସ

ବଡ଼ଗାଁ,୨୪।୧(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜର ଦ୍ୱି ଦିବସୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫୁଡ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ପୁରାତନ ସମୟର ଖାଦ୍ୟ ଏହି ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫୁଡ ଫେଷ୍ଟିଭାଲକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପାରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ଜେନା, ସିଟି କଲେଜର ଚେୟାରମେନ ମେହେମୁଡ ଅହମଦ, ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ରର ପ୍ରିନ୍ସପାଲ ସାଗରିକା ନାଏକ, ବିଧାୟକ ପ୍ରତିନିଧି ବାବୁଲି କର୍ସେଲ, ଇସ୍ପାତ ନର୍ସିଂ କଲେଜର ଚେୟାରମେନ ବିମଳ ଘୋଷଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଦିବ୍ୟ ଲୋଚନ ମିଶ୍ର ପୂଜା କାର୍ଯ୍ୟ ଓ ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରାତିରେ ଆୟୋଜିତ ସଭାରେ ଲାୟନ୍ସ ମମତା ଗୌତମ, ସତିଶ ଗୌତମ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ଭାବେ ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ନର୍ସିଂ କଲେଜର ନିର୍ଦ୍ଦେଶକ ସୁବ୍ରତ ବିଶାଳ, କେଶବ ସାହୁ, ପ୍ରିନ୍ସପାଲ ସାମାପିକା ରାଉତ ଯୋଗଦେଇଥିଲେ। ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ନର୍ସିଂ କଲେଜର ଚେୟାରମେନ ଡକ୍ଟର ଅରୁଣ କୁମାର ନାୟକ ପରିଚାଳନା କରିଥିଲେ। ଏଥିରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ରାଉରକେଲା ସରକାରୀ ଆଇଟିଆଇର ପ୍ରିନ୍ସପାଲ ଉତ୍ତମ କୁମାର୍ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟାପକ ଧୁଲେଶ୍ୱର ସାହୁ ଯୋଗଦେଇଥିଲେ।

# ଭୂତତ୍ତ୍ୱ ବିଭାଗର ଆଲୁମ୍‌ନି ମିଟ୍



ଭୂତତ୍ତ୍ୱ ବିଭାଗର ଆଲୁମ୍‌ନି ମିଟ୍-୨୦୨୬ରେ ଯୋଗଦେଇଥିବା ଅଧ୍ୟାପିକା ଅଧ୍ୟାପକ, ପୁରାତନ ଓ ନୂତନ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୨୪।୧
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ପକ୍ଷରୁ ଆଲୁମ୍‌ନି ମିଟ୍ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଭୂତତ୍ତ୍ୱ ବିଭାଗର ମୁଖ୍ୟ ଶିବ ପ୍ରସାଦ ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଆଲୁମ୍‌ନି ଆସୋସିଏଶନର ଅଧ୍ୟକ୍ଷ ଡ. ଆଶୁତୋଷ ନାଏକଙ୍କ ସହିତ ବିଭାଗର ପୁରାତନ ଛାତ୍ରୀଛାତ୍ର ଅର୍ଜୁନ ଚୌଧୁରୀ, ପଦ୍ମଲୋଚନ ସରାଫ୍, ଡ. ସୁପ୍ରିୟା ପ୍ରିୟଦର୍ଶିନୀ ନାଏକ, ସୃଜନୀ ପଣ୍ଡାଙ୍କ ସହିତ ଅନ୍ୟାନ୍ୟ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସଭାରେ ବିଭାଗର ବିକାଶମୂଳକ କାର୍ଯ୍ୟ, ଲ୍ୟାବ୍ ଉନ୍ନତି, ଶିକ୍ଷାଗତ ପ୍ରଣାଳୀରେ ସୁଦୃଢ଼ତା ସହିତ ପୁରାତନ ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସହ କିପରି ଯୋଡ଼ି ରଖାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଆଲୁମ୍‌ନି ମିଟ୍ ମାଧ୍ୟମରେ ପୁରାତନ ଓ ନୂତନ ପିଢ଼ି ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବା ସହିତ ଭୂତତ୍ତ୍ୱ ବିଭାଗର ସମଗ୍ର ଉନ୍ନତି ପାଇଁ ଏକ ନୂଆ ଦିଗ ମିଳିଥିବା ଅନୁଭୂତ ହୋଇଥିଲା।

# ଦମ୍ପତିଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବାଲିଶଙ୍କରା,୨୪।୧(ହୃଦାନନ୍ଦ ବାରିକ)

ତଳସରା ଥାନା ଅଧୀନ ବନ୍‌ଡେଗା ଗ୍ରାମରେ ଶୁକ୍ରବାର ରାତିରେ ଜମି ବିବାଦକୁ କେନ୍ଦ୍ରକରି ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡି ସମାସୁଦ୍ଦିନ। ତଳସରା ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ବନ୍‌ଡେଗା ଗ୍ରାମର ମହମ୍ମଦ ଆଲମ(୬୨)ଙ୍କ ଘରକୁ ଗତ ୧୦ ତାରିଖରେ ସମାସୁଦ୍ଦିନଙ୍କ ସହ ଅନ୍ୟମାନେ ଆସି ଗାଳିଗୁଲଜ ସହ ମାର୍‌ପିଟ କରିଥିଲେ। ମହମ୍ମଦ ଆଲମ ଓ ତାଙ୍କ ସ୍ତ୍ରୀ ଆକ୍ରମଣରେ ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ମହିଳାମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କୁ ଛୁରି ଦେଖାଇ ହତ୍ୟା ଧମକ ଦିଆଯାଇଥିଲା। ଏ ନେଇ ମହମ୍ମଦ ଥାନାରେ ଅଭିଯୋଗ କରିଥିଲେ।




Safeguarding Seas for a Viksit Samriddha Bharat






JOIN AS SHORT SERVICE COMMISSION OFFICERS FOR VARIOUS ENTRIES
COURSE COMMENCING - JAN 2027 (ST 27)

Online applications are invited from unmarried men & women candidates for Short Service Commission Course in Executive, Education and Technical Branches at Indian Naval Academy (INA), Ezhimala, Kerala.

| Branch/Cadre | Vacancies* | Gender |
|---|---|---|
| Executive Branch {GS (X) / Hydro Cadre} | 76 (including 06 Hydro) | Men and Women (maximum of 10 Vacancies in GS (X) and 01 Vacancy in Hydro for women) |
| Pilot | 25 | Men and Women (maximum of 03 vacancies for women) |
| Naval Air Operations Officer (Observers) | 20 | Men and Women (maximum of 03 vacancies for women) |
| Air Traffic Controller (ATC) | 18 | Men and Women |
| Logistics | 10 | Men and Women (maximum of 01 vacancy for women) |
| Education | 15 | Men and Women |
| Engineering Branch {General Service (GS)} | 42 | Men and Women (maximum of 07 vacancies for women) |
| Submarine Tech Engineering | 08 | Only for Men |
| Electrical Branch {General Service (GS)} | 38 | Men and Women (maximum of 07 vacancies for women) |
| Submarine Tech Electrical | 08 | Only for Men |

*These vacancies are tentative and may be changed depending on availability of training slots.

DATE OF OPENING - 24 JAN 2026/ LAST DATE FOR ONLINE APPLICATION - 24 FEB 2026

For eligibility criteria and details visit www.joinindiannavy.gov.in
Employment News Dated 24th January 2025






Scan this QR Code to Apply Online

CBC 10701/13/0019/2526

# ୮୪ ଘର ଆଗ୍ରିଆ ସମାଜ ମହାସଭା

କୁଚିଣ୍ଡା,୨୪।୧(ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା ଏନଏସି ଘୋଷା (ଜାମମାଲଗୁଡା)ଠାରେ ଅବିଭକ୍ତ ସମ୍ବଲପୁର ଜିଲା ୮୪ଘର ଆଗ୍ରିଆ ସମାଜର ଚତୁର୍ଦ୍ଦଶ ମହାସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର କମିଟି ସଭାପତି ଡ଼ା. ଶରତ ଚନ୍ଦ୍ର ଗୌନ୍ତିଆଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମାଜର ସଙ୍ଗଠନ, ସାମାଜିକ ନିୟମାବଳୀ, ଶିକ୍ଷାର ବିକାଶ ସହ ଅର୍ଥନୈତିକ ବିକାଶ ଦିଗରେ ଆଲୋଚନା ହୋଇଥିଲା। ମହିଳା ସଭାନେତ୍ରୀ ଆରତୀ ନାୟକ, ଉପସଭାପତି ବିପିନ ନାୟକ, ସମ୍ପାଦକ କୁଳମଣି ପଟେଲ, ସହସମ୍ପାଦକ ବସନ୍ତ ପଟେଲ, କୋଷାଧକ୍ଷ ଚିନ୍ତାମଣି ପଟେଲ, ଟେକଚାନ୍ଦ ପଟେଲ, ସୁଦିପ୍ତ ପଟେଲ, ସୁବୋଧ ନାଏକ, ଚିନ୍ତାମଣି ପଟେଲଙ୍କ ସମେତ ଅଭ୍ୟର୍ଥନା କମିଟି ଏବଂ କେନ୍ଦ୍ର କମିଟି ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଯୋଗଦେଇଥିଲେ। ସାମାଜିକ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଡାଇବେଟିସ ରୋଗ ବିଶେଷଜ୍ଞ ଡ଼ା.ଅଂଶୁମାନ ନାୟକଙ୍କୁ ଆଗ୍ରିଆ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ା ପାଠ୍ୟକ୍ରମ ଏକ ଅଂଶ

## କୁଲୁଣ୍ଡି ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ

ସମ୍ବଲପୁର,୨୪।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କୁଲୁଣ୍ଡି ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ପରିସରରେ ଶନିବାର ପ୍ରାୟ ୧୦ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଅତ୍ୟାଧୁନିକ ଇନଡୋର ଷ୍ଟାଡିୟମ ଏବଂ କର୍ମଚାରୀ ଆବାସର ଶୁଭ ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥିଭବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଷ୍ଟାଡିୟମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ମନ୍ତ୍ରୀ ପ୍ରଧାନ ଇନଡୋର ହଲରେ ବ୍ୟାଡମିଣ୍ଟନ ଖେଳି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ସେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ପ୍ରଧାନ ନୂତନ ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ାକୁ ପାଠ୍ୟକ୍ରମର ଏକ ଅଂଶ ଭାବେ ଗ୍ରହଣ କରାଯାଇଥିବା କହିଥିଲେ। ଏହି ଅବସରରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୁଲୁଣ୍ଡି ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଇନଡୋର ଷ୍ଟାଡିୟମ ଉଦ୍‌ଘାଟନ କରୁଛନ୍ତି।

କ୍ରୀଡା ଶିକ୍ଷାର ମହତ୍ତ୍ୱ ଦିନକୁ ଦିନ ବୃଦ୍ଧି ପାଉଥିବା କହିଥିଲେ। ଅନ୍ୟତମ ଅତିଥି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଲୋକାର୍ପିତ ଏହି ଇନଡୋର ଷ୍ଟାଡିୟମ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବ ଏବଂ ନୂତନ କର୍ମଚାରୀ ଆବାସ ଦ୍ୱାରା ଶିକ୍ଷାଦାନ କାର୍ଯ୍ୟ ଅଧିକ ସୁବ୍ୟବସ୍ଥିତ ହୋଇପାରିବ ବୋଲି କହିଥିଲେ। ଅତିଥିମାନେ କଲେଜ ପରିସରରେ ଆୟୋଜିତ ଏକ ପ୍ରଦର୍ଶନୀ ଭଲିବଲ ମ୍ୟାଚ ଉପଭୋଗ କରିବା ସହ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କୁଲୁଣ୍ଡିସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ରହିଥିବା ସମସ୍ୟା ଏବଂ ଭବିଷ୍ୟତ ଯୋଜନା ଉପରେ ଏକ ସମୀକ୍ଷା ବୈଠକ ହୋଇଥିଲା। କୁଲୁଣ୍ଡି କଲେଜର ସାମର୍ଥ୍ୟ ୫୦୦ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନେଇ ଯୁବ କ୍ରୀଡା ବ୍ୟାପାର ମନ୍ତ୍ରୀ ସୂରଜ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଟ୍ରେନିଂ ସହ କୋଚିଂର ବିକାଶମୂଳକ କାର୍ଯ୍ୟକ୍ରମ କରାଯିବ। ଭିତ୍ତିଭୂମିର ବିକାଶ କରାଯାଇ ଏହାକୁ ସ୍ପୋର୍ଟସ ଏବଂ ଏକାଡେମିକର ଏକ ବଡ ହବ ଭାବେ ବିକଶିତ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଏସପି ମୁକେଶ ଭାମୁ ଉପସ୍ଥିତ ଥିଲେ।

# ରାଜ୍ୟର ପ୍ରଥମ ବୋଇଂ ଷ୍ଟେମ୍‌ଲାବ୍ ଉଦ୍‌ଘାଟିତ

ସମ୍ବଲପୁର,୨୪।୧(ଭବାନୀ ଶଙ୍କର ଭୋଇ)

ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଶନିବାର ରାଜ୍ୟର ପ୍ରଥମ ବୋଇଂ ଷ୍ଟେମ୍‌ଲାବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅତିଥିଭାବେ ଯୋଗଦେଇଥିଲେ।

ମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ଚନ୍ଦ୍ରଶେଖର ବେହେରା ସ୍କୁଲରେ ଓଡ଼ିଶାର ପ୍ରଥମ ବୋଇଂ ଷ୍ଟେମଲାବ ଉଦ୍‌ଘାଟନ ହେବା ଗୌରବର ବିଷୟ ବୋଲି କହିଥିଲେ। ଆଗାମୀ ଦିନରେ ଜିଲାରେ ଆହୁରି ୨ଟି ଷ୍ଟେମ ଲାବ ପ୍ରତିଷ୍ଠା ହେବ। ସମ୍ବଲପୁର ଜିଲା ସ୍କୁଲରେ ଷ୍ଟେମ୍ ସହ ଏରୋସ୍ପେସ୍ ସମ୍ବନ୍ଧୀୟ ସବୁ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ପାଇଲଟ ହେବା ପାଇଁ ଟ୍ରେନିଂ ପାଇଁ ପ୍ରଶିକ୍ଷଣ ଦିଆଯିବ। ଓଡ଼ିଶା ସରକାର ୪୦ ଲକ୍ଷ ଟଙ୍କା ଦେବେ ଏବଂ ବୋଇଂ କମ୍ପାନୀ ୪୦ ଲକ୍ଷ ଟଙ୍କା ଦେବେ। ଦେଶରେ ଝିଅ ପାଇଲଟ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ବୋଇଂ କମ୍ପାନୀକୁ ଦାୟିତ୍ୱ ଦେଇଛନ୍ତି। ଭାରତରେ ୨୫୦୦ ସିଭିଲ ସେକ୍ଟର ଏରୋପ୍ଲେନ ଅଛି। ଆଗାମୀ ୧୦ ବର୍ଷରେ ଏହା ବଢ଼ି ୧୫ହଜାର ହେବ। ସେଥିପାଇଁ ପାଇଲଟ, ଇଞ୍ଜିନିୟର, ଡିଜାଇନ ଦରକାର। ଏହାକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ଏରୋପ୍ଲେନ ତିଆରି କରିବା ସହିତ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିକୁ ଭାରତରେ ବଡ଼ କରାଯିବ। ନୂଆ ଶିକ୍ଷାନୀତି ଅନୁସାରେ ଆଗାମୀ ବର୍ଷଠାରୁ ନୂଆ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଥିଲେ। ଏହି ଅବସରରେ ସ୍କୁଲ ମୁଖପତ୍ର ବୈଜୟନ୍ତୀର ଶୁଭ ଉନ୍ମୋଚନ କରାଯାଇଥିଲା।

# ପାଠ ସହ ସବୁକ୍ଷେତ୍ରରେ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରନ୍ତୁ

## କ୍ଲଷ୍ଟରସ୍ତରୀୟ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ଭାଷଣ, ନାଚ,ଗୀତ ପ୍ରତିଯୋଗିତା

ଝାରସୁଗୁଡ଼ା,୨୪।୧(ଆଶିଷରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ମରାକୁଟା ଗ୍ରାମରେ ସରସ୍ୱତୀ ପୂଜା ଉପଲକ୍ଷେ ସରସ୍ୱତୀ କ୍ଲବ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ କ୍ଲଷ୍ଟରସ୍ତରୀୟ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ଭାଷଣ, ନାଚ, ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ମରାକୁଟା ସରପଞ୍ଚ ଲିଲି ତନ୍ତୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ମରାକୁଟା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ



କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ସରସ୍ୱତୀ କ୍ଲବର କର୍ମକର୍ତ୍ତା।

କୁମାର ଦିକ୍ଷିତ ଏବଂ ପୂର୍ଣ୍ଣପ୍ରଭା କରାଳି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ ବେସନ, ଉପେନ ଜୟପୁରିଆ ଏବଂ ଯୋଗେଶ ବେସନ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ତ୍ରିପାଠୀ ପାଠପଢ଼ା ସହିତ ଅନ୍ୟାନ୍ୟ ବିଷୟରେ ମଧ ସମସ୍ତ ଛାତ୍ରୀଛାତ୍ର ଆଗକୁ ବଢ଼ିବା ଏବଂ ଭଲ ପ୍ରଦର୍ଶନ କରିବା ପାଇଁ କହିଥିଲେ। ସରସ୍ୱତୀ କ୍ଲବ ସଭାପତି ଦୀନବନ୍ଧୁ ବେସନ ଛାତ୍ରୀଛାତ୍ରଙ୍କୁ ସମାଜରେ ଏକ ସଂସ୍କାରୀ ମଣିଷ ହେବା ପାଇଁ ପ୍ରୟାସ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ କ୍ଲବର ସଦସ୍ୟ ଚମ୍ପକ ବାଦୀ, ଭୁବନ ବାଦୀ, ଜଗଦୀଶ ବେସନ ଏବଂ ବିଭିନ୍ନ ସଦସ୍ୟ ଉପସ୍ଥିତ ହୋଇଥିଲେ। ଶେଷରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ନୂତନ ଟାଟା ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର, ୨୪।୧(ଅନୁରାଧା ମହାରଣା)

ଟାଟା କମ୍ପାନୀର ସ୍ଥାନୀୟ ଶୋ'ରୁମ୍ ଲଙ୍କେଶରୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ ତୀର୍ଥରାଜ ସାହୁ ଏବଂ ମୁଖ୍ୟ ଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଗାଡ଼ିର ଅନାବରଣ କରିଥିଲେ। ଟାଟା ସିଏରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ୪ ହୁଇଲ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩





ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। ଏହି ଗାଡ଼ିରେ ପାନୋରାମିକ୍ ସନ୍ ରୁଫ୍, ୬୨୨ ଲିଟର ବୁଟ୍ ସ୍ପେସ୍, ୧୯ ଇଞ୍ଚ ବିଶିଷ୍ଟ ଆଲଏ ହୁଇଲ, ବେଷ୍ଟ ହେଡ୍ ରୁମ୍, ସୋଲ୍ଡର ରୁମ୍, ଲିଗ୍ ରୁମ୍ ଭଳି ୩୦ ଟି ନୂଆ ଫିଚର ରହିଛି। ଏହି ଗାଡ଼ିଟି ୧.୫ ଲିଟର ଗ୍ୟାସୋଲିନ୍ ଏବଂ ଡିଜେଲ ଇଞ୍ଜିନ ସହ ଉଭୟ ମାନୁଆଲ ଏବଂ ଅଟୋମେଟିକ୍ ଟ୍ରାନ୍ସମିଶନରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଉକ୍ତ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚକୁ ମଧ୍ୟ ଅତିଥିମାନେ ଅନାବରଣ କରିଥିଲେ। ୨୦୨୪ରେ ସର୍ବାଧିକ ବିକ୍ରି ହୋଇଥିବା ଏହି ଗାଡ଼ିରେ ସମସ୍ତ ନୂଆ ଫିଚର ସବୁ ରହିଛି।




| Branch/Cadre | Vacancies* | Gender |
|---|---|---|
| Executive Branch {GS (X) / Hydro Cadre} | 76 (including 06 Hydro) | Men and Women (maximum of 10 Vacancies in GS (X) and 01 Vacancy in Hydro for women) |
| Pilot | 25 | Men and Women (maximum of 03 vacancies for women) |
| Naval Air Operations Officer (Observers) | 20 | Men and Women (maximum of 03 vacancies for women) |
| Air Traffic Controller (ATC) | 18 | Men and Women |
| Logistics | 10 | Men and Women (maximum of 01 vacancy for women) |
| Education | 15 | Men and Women |
| Engineering Branch {General Service (GS)} | 42 | Men and Women (maximum of 07 vacancies for women) |
| Submarine Tech Engineering | 08 | Only for Men |
| Electrical Branch {General Service (GS)} | 38 | Men and Women (maximum of 07 vacancies for women) |
| Submarine Tech Electrical | 08 | Only for Men |

# ସେବାରେ ଆନନ୍ଦ

କେତେବେଳେ ଅସହାୟଙ୍କୁ ସହଯୋଗର ହାତ ବଢ଼ାଇବା ଲାଗି ତ ଆଉ କେବେ ବିଭିନ୍ନ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ସେମାନେ ସର୍ବଦା ତତ୍ପର। ଏଭଳି ସମାଜଧର୍ମୀ କାମ ପାଇଁ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା କେତେଜଣ ଯୁବତୀଯୁବକଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା ...

## ରାଜ୍ୟ ମଦମୁକ୍ତ ନ ହେବା ଯାଏ ପିନ୍ଧିବିନି ଚପଲ:

**ଢେ**ଙ୍କାନାଳ ଜିଲା ଓଡାପଡା ବ୍ଲକ ବଳରାମପୁର ଗ୍ରାମର ସୁଷମା ଓ ପିତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଧଳଙ୍କର ପୁଅ ଜୟନ୍ତ କୁମାର। ଜଣେ ପ୍ରମୁଖ ଯୁବ ସମାଜସେବୀ ଭାବରେ ଜିଲାରେ ତାଙ୍କର ଏକ ନିଆରା ପରିଚୟ ରହିଛି। ଗ୍ରାମ ସମେତ ଢେଙ୍କାନାଳ ଜିଲା ଏବଂ ନିଜ ରାଜ୍ୟ ମଦମୁକ୍ତ ନ ହେବା ପର୍ଯ୍ୟନ୍ତ ସେ ଚପଲ ପିନ୍ଧିବେନି ବୋଲି ବଜ୍ର ଶପଥ ନେଇଛନ୍ତି। ସେ କୁହନ୍ତି, ୨୦୧୫ ମସିହାରେ ବଳରାମପୁର ଗ୍ରାମରେ ଏକ ମଦ କମ୍ପାନୀ କାର୍ଯ୍ୟ ଆରମ୍ଭ ହେଉଥିଲା। ଏହାକୁ ବନ୍ଦ କରିବା ପାଇଁ ବାରମ୍ବାର ସରକାରୀ ଅଫିସ୍ ଧାଉଁଥିଲି। ସେଠାରେ ମୋତେ ଜଣେ କର୍ମଚାରୀ ହସି ହସି କହିଥିଲେ ତୁମେ ଏଠାକୁ ଆସି ଆସି





ଚପଲ ଛିଣ୍ଡିଗଲେ ବି ମଦ କମ୍ପାନି ବନ୍ଦ ହେବ ନାହିଁ। ସେହିଦିନଠୁ ନିଜ ଅଞ୍ଚଳକୁ ମଦମୁକ୍ତ ନ କରିବା ଯାଏ ଚପଲ ନ ପିନ୍ଧିବାର ନିଷ୍ପତ୍ତି ନେଲି। ଏଥିପାଇଁ ଅନେକଙ୍କ ସହ ସତ୍ରୁତା ସହ ଜୀବନ ପ୍ରତି ବିପଦ ମଧ୍ୟ ବଢ଼ିଲା। ତଥାପି ହାର ନ ମାନି ଗ୍ରାମବାସୀଙ୍କ ସମେତ ବିଶେଷକରି ମହିଳାମାନଙ୍କୁ ଏକାଠି କରି ମଦ କମ୍ପାନୀ ବିରୋଧରେ ସ୍ୱର ଉଠାଇଥିଲି ଏବଂ ସଫଳ ମଧ୍ୟ ହେଲି। ଯଦିଓ ଉକ୍ତ ସ୍ଥାନରେ ମଦ ବ୍ୟବସାୟ ରହିଗଲା ହେଲେ ଏବେବି ରାଜ୍ୟରେ ଅନେକ ଲୋକଙ୍କର ମଦ ପିଇବା ଯୋଗୁ ଜୀବନ ଯାଉଛି। ତେଣୁ ଏଦିଗରେ ଜନସାଧାରଣଙ୍କୁ ସଚେତନ କରିବା ସହ ଅଧିକରୁ ଅଧିକ ସ୍ଥାନକୁ ମଦମୁକ୍ତ କରିବାକୁ ଉଦ୍ୟମ ଚଳାଇଛି।' ତାଙ୍କର ଏହି ମହତ୍ ପ୍ରୟାସ ଦେଖି ଅନେକେ ସହଯୋଗର ହାତ ମଧ୍ୟ ବଢାଇଛନ୍ତି। ଥରେ ଜାଗାବାଡି ବିବାଦକୁ ନେଇ ଗ୍ରାମରେ କିଛି ମୁଷ୍ଟିମେୟ ଲୋକଙ୍କ ଚକ୍ରାନ୍ତରେ ତାଙ୍କୁ ବାସନ୍ଦ କରାଯାଇଥିଲା ସେ ମାଓବାଦୀ ହେବା ପାଇଁ ଚିନ୍ତା କରିଥିଲେ। ହେଲେ ତତ୍କାଳୀନ ଓଡାପଡା ତହସିଲଦାର ବିନୋଦ ଜେନା ତାଙ୍କୁ ନ ରାଗି ସମାଜସେବାରେ ସଭିଙ୍କ ହୃଦୟ ଜିତିବାକୁ ପ୍ରେରଣା ଦେଇଥିଲେ। ସେବେଠୁ ସେ ଲୋକଙ୍କ ଦୁଃଖରେ ଦୁଃଖୀ ହୋଇ ସମସ୍ତଙ୍କୁ ସହଯୋଗର ହାତ ବଢାଇଥିଲେ ଓ ଗ୍ରାମବାସୀଙ୍କ ମନ ଜିଣିଥିଲେ ଏବଂ ତାଙ୍କ ଉପରୁ ବାସନ୍ଦ ଉଠିଥିଲା। ସେବେଠୁ ଅନ୍ୟର ବିପଦ ଆପଦରେ ରାତିଦିନ ଏକାକରି ଦିଅନ୍ତି ଜୟନ୍ତ। ସେଥିପାଇଁ ସେ ବହୁ ଅନୁଷ୍ଠାନ ତରଫରୁ ପ୍ରଶଂସିତ ଓ ପୁରସ୍କୃତ ମଧ୍ୟ ହୋଇଛନ୍ତି। ସେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଏହାର ସଂରକ୍ଷଣ ଦିଗରେ ବିଶେଷ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଖରାଦିନେ ଜଙ୍ଗଲରେ ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର ବ୍ୟବସ୍ଥା କରିବା ଭଳି ବିଭିନ୍ନ ପଦକ୍ଷେପ ନେଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ରାତିରେ ଉପବାସରେ ନ ଶୁଅନ୍ତୁ ଅସହାୟ ଲୋକେ



ରୋଜଗାର ଅର୍ଥ କେବଳ ନିଜ ପାଇଁ ଖର୍ଚ୍ଚ ନ କରି ଯଦି ସେଥିରୁ କିଛି ଅସହାୟଙ୍କ କାମରେ ଆସିପାରେ, ତେବେ ଶ୍ରମ ସାର୍ଥକ ହୋଇଯାଏ ବୋଲି ସେ ହୃଦୟଙ୍ଗମ କରିଛନ୍ତି। ଯେଉଁଥିପାଇଁ ପ୍ରତିଦିନ ସେ ରାତିରେ ବୁଲି ବୁଲି ଲୋକଙ୍କୁ ଏକ ଟଙ୍କାରେ ଚା, ବିସ୍କୁଟ୍ ଏବଂ ମଶାଧୂପ ଯୋଗାଇ ଦେବାର ଏକ ନିଆରା ପଦକ୍ଷେପ ନେଇଛନ୍ତି। ସେ ହେଉଛନ୍ତି କେନ୍ଦ୍ରାପଡ଼ା, ଆଳିର ଗୋବିନ୍ଦପୁର ଗ୍ରାମର ତନୁଜା ଏବଂ ପବିତ୍ର ସାମଲଙ୍କ ପୁଅ ପ୍ରିୟ ରଞ୍ଜନ। ବର୍ତ୍ତମାନ ଝାଡ଼ପଡ଼ା ଜଗନ୍ନାଥ ନଗର ଅଞ୍ଚଳରେ ଯୁବ ସମାଜସେବୀ ପ୍ରେମ ଭାଇ ଭାବେ ସେ ବେଶ୍ ପରିଚିତ। ସେ କୁହନ୍ତି, ଇଞ୍ଜିନିୟରିଂ ପଢ଼ିବା ପରେ ମନମୁତାବକ ଚାକିରି ନ ପାଇବାରୁ ଭୁବନେଶ୍ୱରରେ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲି ଏବଂ ଏକ ଗାର୍ମେଣ୍ଟ ଦୋକାନ ଆରମ୍ଭ କଲି। ରାତିରେ ଘରକୁ ଫେରିବା ବେଳେ ଅନେକ ଲୋକଙ୍କୁ ଭୋକରେ ରହୁଥିବାର ଦେଖୁଥିଲି। ଧନୀ ଲୋକମାନେ ଦାମୀ ସିଗାରେଟ୍ ଟାଣି ଟଙ୍କାକୁ ଧୂଆଁରେ ଉଡ଼ାଇ ଦେଉଥିବା ବେଳେ ଅନେକ ଲୋକ ୧୦ଟଙ୍କା ଖର୍ଚ୍ଚକରି ଚା' କପେ ପିଇବାକୁ ପାଉ ନ ଥିବା ଦେଖି ମନ ବ୍ୟାକୁଳ ହୋଇ ଉଠୁଥିଲା। ତେଣୁ ସେମାନଙ୍କୁ ମାତ୍ର ଏକ ଟଙ୍କାରେ ଚା, ବିସ୍କୁଟ୍ ଯୋଗାଇ ଦେବାର ଆଇଡିଆ ଆସିଥିଲା। ଏଣୁ ପ୍ରତିଦିନ ରାତିରେ ୪୦-୫୦ ଜଣଙ୍କୁ ଏହା ଯୋଗାଇଦେଲି। ବ୍ୟବସାୟ ପାଇଁ ଅଧିକ ଲୋନ ଥିବାରୁ ପ୍ରଥମେ ପ୍ରଥମେ ଏକଥା ଘରେ ଜଣାଇ ନ ଥିଲି। ଏଥିପାଇଁ ଖର୍ଚ୍ଚ ବଢୁଥିଲେ ବି ଲୋକଙ୍କ ମୁହଁରେ ଖୁସି ମୋତେ ଆନନ୍ଦ ଦେଉଥିଲା। ଏକଥା ଜାଣିବା ପରେ ଯଦିଓ ଘରେ ବିରୋଧ କରିଥିଲେ, ହେଲେ ପରେ ଏହାଦ୍ୱାରା ଲୋକେ ଉପକୃତ ହେଉଥିବା ଜାଣି ମାଆ ନିଜେ ମୋତେ ରାତିରେ ଚା' କରି ଦେଲେ। ବର୍ତ୍ତମାନ ପ୍ରତିଦିନ ରାତିରେ ପ୍ରାୟ ୩୦୦-୪୦୦ ଜଣଙ୍କୁ ଏକ ଟଙ୍କାରେ ଚା, ବିସ୍କୁଟ୍ ଏବଂ ମଶାଧୂପ ଯୋଗାଇ ଦେଉଛି। ତେବେ ଡାକ୍ତରଖାନାରେ ରୋଗୀଙ୍କ ପାଖରେ ରହୁଥିବା ଆଟେଣ୍ଡାଣ୍ଟ, ବସ୍, ଟ୍ରକ ଡ୍ରାଇଭର, ଡେଲିଭରୀ ବଏ, ରିକ୍ସାବାଲାଙ୍କ ଭଳି ଯେଉଁମାନଙ୍କୁ ବାସ୍ତବରେ ଏହାର ଆବଶ୍ୟକତା ରହିଛି, ସେମାନଙ୍କୁ ହିଁ ଏହା ଯୋଗାଇ ଦେଉଛି। ମାତ୍ର କେଇ ଟଙ୍କା ଯୋଗୁ କେହି ଯେମିତି ଉପବାସରେ ନ ଶୁହନ୍ତୁ, ତାହା ମୋର ଏକମାତ୍ର ଉଦ୍ଦେଶ୍ୟ। କେବଳ ଏତିକି ନୁହେଁ, ପ୍ରତିଦିନ ଏକ ଲିଟର ପେଟ୍ରୋଲ ଏବଂ ଏକ ଲିଟର ଡିଜେଲ୍ ମଧ୍ୟ ପାଖରେ ରଖିଥାଏ। ତେଲ ସରିଯିବା ପରେ ରାତିରେ ଗାଡ଼ି ଗଡ଼େଇ ଗଡ଼େଇ ଯାଉଥିବା ଲୋକଙ୍କୁ ଏକ ଟଙ୍କାରେ ଏକ ଲିଟର ପେଟ୍ରୋଲ, ଡିଜେଲ୍ ଯୋଗାଇ ଦେଇଥାଏ। ଏଥିରେ ଖୁସି ହୋଇ କେହି ଅଧିକ ଟଙ୍କା ଯାଚିଲେ ତାହାକୁ ନ ନେଇ ସେହି ଟଙ୍କାରେ କୌଣସି ଅସହାୟଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦିଏ। ପ୍ରତିଦିନ ଏକ ଟଙ୍କା ଲେଖାଏଁ ହିସାବରେ ଯେତିକି ଟଙ୍କା ମିଳିଥାଏ, ତାକୁ ଲୋଭ ନ କରି ଜଗନ୍ନାଥଙ୍କ ହୁଣ୍ଡିରେ ପକାଇଦିଏ। କାରଣ ମହାପ୍ରଭୁଙ୍କ ଆଶୀର୍ବାଦରୁ ନିଜେ ରୋଜଗାର କରି ପରିବାର ଚଳାଇ ପାରିବା ସହ ଅନ୍ୟମାନଙ୍କୁ କିଛି ସାହାଯ୍ୟ କରିବାରେ ଯେଉଁ ଆତ୍ମସନ୍ତୋଷ ମିଳୁଛି ତାହା ଅବର୍ଣ୍ଣନୀୟ।



## ସଚେତନ କରାଇବା ଲକ୍ଷ୍ୟ



**ସ**ମସ୍ତ ସାମାଜିକ ପ୍ରତିବନ୍ଧକ ଓ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି, ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଢେଙ୍କାନାଳ ଜିଲା କାବେରା ପଞ୍ଚାୟତ ଦଧିସିଂଗା ଗ୍ରାମର ରଞ୍ଜିତା ଏବଂ ବିଷ୍ଣୁ ଚରଣ ସାହୁଙ୍କ ଝିଅ ଅଙ୍କିତା। ନିଜସ୍ୱ ତଥା ସଂଗୃହୀତ ପାଣ୍ଠି ସହାୟତାରେ ମହିଳାଙ୍କୁ ଋତୁସ୍ରାବ ସମୟରେ ସାନିଟାରୀ ନାପ୍‌କିନ୍ ବଣ୍ଟନ କରିବା ସହ ଏ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା ସୁରକ୍ଷା ଦୃଷ୍ଟିରୁ କେତେ ଆବଶ୍ୟକ ସେ ଦିଗରେ ସଚେତନତା ସୃଷ୍ଟି କରି, ରାଜ୍ୟରେ 'ପ୍ୟାଡ ଓମେନ୍' ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେ କୁହନ୍ତି, ''ମହିଳାଙ୍କ ପାଇଁ ଋତୁସ୍ରାବ ଏକ ଚିନ୍ତାର ବିଷୟ। ଖାସ୍‌କରି କିଶୋରୀମାନେ ଏ ସମୟରେ ସ୍ୱଚ୍ଛତାକୁ ନେଇ ବେଶ୍ ଅସହଜ ମନେକରନ୍ତି। ଆଜି ବି ଗ୍ରାମାଞ୍ଚଳରେ ଯୁବତୀ ଓ ମହିଳାମାନେ ଋତୁସ୍ରାବ ସମୟରେ ସାନିଟାରୀ ନାପକିନ୍ ବଦଳରେ କପଡ଼ା ବ୍ୟବହାର କରିଥା'ନ୍ତି। ଯଦ୍ୱାରା ସେମାନେ ନାନା ରୋଗରେ ଆକ୍ରାନ୍ତ ହୁଅନ୍ତି। ଆଉ ଏଭଳି ସମସ୍ୟା ସହ ଯୁଝୁଥିବା ଯୁବତୀ ଓ ମହିଳାଙ୍କୁ ଏ ଦିଗରେ ସଚେତନ କରାଇବା ମୋର ଏକମାତ୍ର ଲକ୍ଷ୍ୟ। ତେଣୁ ପ୍ରଥମେ ଢେଙ୍କାନାଳର କୋଲା ଗାଁକୁ ଯାଇ ସରପଞ୍ଚଙ୍କ ସହ କଥା ହୋଇ ସେଠାକାର ମହିଳାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବାକୁ ଚାହିଁଲି। ଏକ ସଭାର ଆୟୋଜନ ମଧ୍ୟ ହେଲା। କିନ୍ତୁ ମୁଁ ଋତୁସ୍ରାବ ଓ ସ୍ୱଚ୍ଛତାକୁ ନେଇ କହିବା ଆରମ୍ଭ କରିବା ମାତ୍ରେ ଝିଅବୋହୂଙ୍କୁ ସାଙ୍ଗରେ ନେଇ ପହଞ୍ଚିଥିବା କିଛି ମହିଳା ସଭାସ୍ଥଳ ଛାଡ଼ିଚାଲିଗଲେ। ତେଣୁ ଆଦିବାସୀ ପରିବାର ପାଇଁ କାମ କରିବା ସତରେ ଅଙ୍କିତାଙ୍କ ପାଇଁ ସହଜ ନ ଥିଲା। ହେଲେ ଆଶା ନ ହରାଇ ସବୁବେଳେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକଲି ଏବଂ ସଫଳ ମଧ୍ୟ ହେଲି। ବର୍ତ୍ତମାନ ଢେଙ୍କାନାଳ ସମେତ କୋରାପୁଟ, ଯାଜପୁର, ସମ୍ବଲପୁର, ଅନୁଗୋଳ, ଖୋର୍ଦ୍ଧା, କଟକ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, ନୟାଗଡ଼, ପୁରୀ ଆଦି ଜିଲାର ବିଭିନ୍ନ ସ୍ଥାନରେ ଯୁବତୀ ଓ ମହିଳାମାନଙ୍କୁ ନାପକିନ୍ ଯୋଗାଇ ଦେଉଛି। ଏହା ମୋ ମାସିକ ଘର ଖର୍ଚ୍ଚର ଏକ ଅଂଶ। କିଛି ପଦକ୍ଷେପ ନେବାର ଅର୍ଥ ମାସେ କି ବର୍ଷକ ପାଇଁ ନୁହେଁ। ଏହା ଜୀବନଯାକର ପ୍ରତିଶ୍ରୁତି। ମୋ ପରିବାର ଏବଂ କେତେଜଣ ବନ୍ଧୁ ମଧ୍ୟ ଏଥିପାଇଁ ମୋତେ ସାହାଯ୍ୟ କରୁଥିବାରୁ ମୋତେ ଖୁବ୍ ଖୁସି ଲାଗୁଛି।'' ବର୍ତ୍ତମାନ ସୁଦ୍ଧା ଅଙ୍କିତା ଶହେରୁ ଊର୍ଦ୍ଧ୍ୱ ଗାଁରେ ୭୫ ହଜାରରୁ ଅଧିକ ନାପକିନ୍ ବଣ୍ଟନ କରିସାରିଛନ୍ତି। ତାଙ୍କର ଏଭଳି ସେବା ମନୋବୃତ୍ତି ପାଇଁ ସେ ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି। ଭବିଷ୍ୟତରେ ନାରୀ ସଶକ୍ତୀକରଣ କ୍ଷେତ୍ରରେ ସେ ଅଧିକରୁ ଅଧିକ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।



– **ପୌର୍ଣ୍ଣମାସୀ**
ସହାୟତା– **ରତନ ନାୟାର**

# ଗଣତନ୍ତ୍ର ଦିବସ, କିଛି କଥା

## ଜାଣନ୍ତୁ ଦୁନିଆ

**ଆସନ୍ତାକାଲି ଆମ ଦେଶ ଏହାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି। ତେବେ ଏହି ଦିବସ କେବେଠାରୁ, କିପରି ଆରମ୍ଭ ହେଲା ଏବଂ କାହିଁକି ପାଳନ କରାଯାଉଛି ଜାଣିବା ଏ ସମ୍ପର୍କରେ କିଛି କଥା...**



➤ ୧୯୩୦ ମସିହା ଜାନୁଆରୀ ୨୬ରେ ଭାରତୀୟ କଂଗ୍ରେସ ଇଂରେଜମାନଙ୍କଠାରୁ ଭାରତକୁ ଅଲଗା କରି ପୂର୍ଣ୍ଣ ସ୍ୱରାଜ କରିବାର ନିଷ୍ପତ୍ତି ନେଇଥିଲେ। ସେବେଠୁ ୧୭ ବର୍ଷ ପର୍ଯ୍ୟନ୍ତ ଏହିଦିନକୁ ସ୍ୱତନ୍ତ୍ରତା ଦିବସ ଭାବେ ପାଳନ କରାଯାଉଥିଲା। କିନ୍ତୁ ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତା ହାସଲ କରିବା ପରେ ଜାନୁଆରୀ ୨୬ ବଦଳରେ ଏହିଦିନକୁ ସ୍ୱାଧୀନତା ଦିବସ ଭାବେ ପାଳନ କରାଗଲା। ହେଲେ ସେପର୍ଯ୍ୟନ୍ତ ଭାରତ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇ ନ ଥିଲା। ଡ. ବି.ଆର୍. ଆମ୍ବେଡକରଙ୍କ ନେତୃତ୍ୱରେ ୨ ବର୍ଷ ୧୧ମାସ ୧୮ ଦିନ ଧରି ଭାରତୀୟ ସମ୍ବିଧାନ ଲେଖା ସରିବା ପରେ ୧୯୫୦ ମସିହା ଜାନୁଆରୀ ୨୬ରେ ଭାରତର ପ୍ରଥମଥର ସମ୍ବିଧାନ ପ୍ରଣୟନ କରାଗଲା ଏବଂ ପୂର୍ଣ୍ଣ ଗଣତନ୍ତ୍ର ରାଷ୍ଟ୍ର ଭାବେ ଘୋଷଣା କରାଗଲା। ସେବେଠୁ ପ୍ରତିବର୍ଷ ଏହିଦିନ ଗଣତନ୍ତ୍ର ଦିବସ ବା ସାଧାରଣତନ୍ତ୍ର ଦିବସକୁ ରାଷ୍ଟ୍ରୀୟ ପର୍ବ ଭାବେ ପାଳନ କରାଯାଉଛି।

➤ ପ୍ରଥମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଡ. ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ସର୍ବପ୍ରଥମେ ଦିଲ୍ଲୀ ରାଜପଥରେ ପତାକା ଉତ୍ତୋଳନ କରିଥିଲେ। ପରେ ଜାତୀୟ ସଂଗୀତ ଗାନ, ପରେଡ ସହ ୨୧ ତୋପ ସଲାମି ଦିଆଯାଇଥିଲା।

➤ ପ୍ରଥମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

➤ ୧୯୫୦ରୁ ୧୯୫୪ ପର୍ଯ୍ୟନ୍ତ ଇରୱିନ୍ ଷ୍ଟାଡିୟମ (ଯାହାକି ବର୍ତ୍ତମାନ ନ୍ୟାଶନାଲ୍ ଷ୍ଟାଡିୟମ ନାମରେ ପରିଚିତ), ଲାଲ୍‌କିଲା ଏବଂ ରାମଲୀଳା ମଇଦାନରେ ଗଣତନ୍ତ୍ର ଦିବସ ପାଳନ କରାଯାଉଥିଲା।

➤ ୧୯୫୫ରୁ ଦିଲ୍ଲୀ ରାଜପଥଠାରେ ଏହି ଜାତୀୟ ଉତ୍ସବ ପ୍ରତିବର୍ଷ ପାଳନ କରାଯାଉଛି। ପ୍ରଥମଥର ରାଜପଥରେ ଆୟୋଜିତ ଏହି ଉତ୍ସବରେ ପାକିସ୍ତାନର ପ୍ରଥମ ଗଭର୍ନର ଜେନେରାଲ୍ ମାଲିକ ଗୁଲାମ ମହମ୍ମଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

➤ ଗଣତନ୍ତ୍ର ଦିବସ ସମାରୋହରେ ପ୍ରଥମେ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥାଏ।



ଏହାପରେ ଜାତୀୟ ସଂଗୀତ ଗାନ, ପରେଡ୍ ଏବଂ ୨୧ ତୋପ ସଲାମି ଦିଆଯାଇଥାଏ। ୧୯୫୦ ମସିହାରୁ ପ୍ରତିବର୍ଷ ଏହିଦିନ କୌଣସି ବିଦେଶୀ ରାଷ୍ଟ୍ରାଧ୍ୟକ୍ଷଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥାଏ।

➤ ଗଣତନ୍ତ୍ର ଦିବସ ପରେଡ୍ ସମୟରେ 'ଏବାଇଡ୍ ୱିଥ୍ ମି' ନାମକ ଏକ ଇଶାଇ ଭଜନ ବଜାଯାଇଥାଏ, ଯାହାକୁ ଶୁଣିବାକୁ ମହାତ୍ମା ଗାନ୍ଧୀ ଖୁବ୍ ପସନ୍ଦ କରୁଥିଲେ।

➤ ଏହିଦିନ ପରମବୀର ଚକ୍ର, ମହାବୀର ଚକ୍ର ଭଳି ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧– କମଳା ହାଇଡ୍ରୋଇଲେକ୍‌ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୨– ନ୍ୟାଶନାଲ୍ ଅଲିମ୍ପିକ୍ ଏଜୁକେଶନ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ ............ ପକ୍ଷରୁ ଆରମ୍ଭ କରାଯାଇଛି ?
୩– ଦି ଭ୍ୟାଲି ଅଫ୍ ଫ୍ଲାୱାର୍ସ ନ୍ୟାଶନାଲ୍ ପାର୍କ ............ ରାଜ୍ୟରେ ଅବସ୍ଥିତ ?
୪– 'ସତ୍ୟମେବ ଜୟତେ' ..........ଉପନିଷଦରୁ ଉଦ୍ଧୃତ ?
୫– I4Cର ଫୁଲ୍‌ଫର୍ମ ............... ?

## ଗତ ଥରର ଉତ୍ତର

୧ ତାମିଲନାଡୁ
୨ ଭୁଟାନ୍
୩ ମିନିଷ୍ଟ୍ରି ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି
୪ ନ୍ୟାଶନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ
୫ କର୍ଣ୍ଣାଟକ

## ଉତ୍ତରଦାତା



ପ୍ରଳୟ ବିଶ୍ୱାଳ, ଜଗତ୍‌ସିଂହପୁର



ଦିନେଶ କୁମାର ନାୟକ, ଖୋର୍ଦ୍ଧା



ଶେଖ୍ ୟାକୁବ୍ ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ମୁଦ୍ରା (ଭାରତୀୟ ଟଙ୍କାରେ)–୨୦୨୬

୧. କୁଏତ୍‌ର ଦିନାର୍ ........................ ୨୯୩.୪୬ ଟଙ୍କା
୨. ବାହାରେନି ଦିନାର ........................ ୨୩୯.୨୮ ଟଙ୍କା
୩. ଓମାନି ରିଆଲ୍ ........................ ୨୩୪.୫୪ ଟଙ୍କା
୪. ଜୋର୍ଡାନିଆନ୍ ଦିନାର୍ ........................ ୧୨୭.୧୯ ଟଙ୍କା
୫. ଜିବ୍ରାଲ୍‌ଟାର୍ ପାଉଣ୍ଡ ........................ ୧୨୧.୩୧ ଟଙ୍କା
୬. ବ୍ରିଟିଶ୍ ପାଉଣ୍ଡ ........................ ୧୨୧.୩୧ ଟଙ୍କା
୭. ସ୍ୱିସ୍ ଫ୍ରାଙ୍କ୍ ........................ ୧୧୩. ୭୪ ଟଙ୍କା
୮. କେମ୍ୟାନ୍ ଆଇସ୍‌ଲାଣ୍ଡ ଡଲାର ........................ ୧୦୮.୨୨ ଟଙ୍କା
୯. ୟୁରୋ ........................ ୧୦୫.୭୩ ଟଙ୍କା
୧୦. ୟୁନାଇଟେଡ୍ ଷ୍ଟେଟ୍ସ ଡଲାର ........................ ୯୨ ଟଙ୍କା

## ୟୁଥ୍ ଆଲର୍ଟ

# ୱାକ୍ସିଂ କରାଉଥିଲେ...

**ବର୍ତ୍ତମାନ ଅନେକ ଯୁବତୀଯୁବକ ଆଟ୍ରାକ୍ଟିଭ୍ ଲୁକ୍ ପାଇବା ପାଇଁ ନା କେବଳ ଭଳିକି ଭଳି ଆଉଟ୍‌ଫିଟ୍ ବାଛୁଛନ୍ତି ନା ବ୍ୟୁଟିପାର୍ଲରର ଯାଇ ଫେସିଆଲ୍ କରାଉଛନ୍ତି ବରଂ ତ୍ୱଚାକୁ ଚିକ୍କଣ ଓ ସୁନ୍ଦର କରିବା ଲାଗି ୱାକ୍ସିଂ କରାଇବାକୁ ବି ପଛାଉନାହାନ୍ତି। ହେଲେ ଆପଣ ଜାଣନ୍ତି କି, କେବେକେବେ ଏଥିପାଇଁ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ବି ଦେଖାଯାଇଥାଏ। ତେଣୁ ୱାକ୍ସିଂ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ...**



➔ ଆମ ଶରୀରର ଉପର ଚର୍ମ ବା ଏପିଡର୍ମାଲ୍ ଲେୟାର ବହୁତ ପତଳା ଏବଂ ସମ୍ବେଦନଶୀଳ। ତେଣୁ ସୌନ୍ଦର୍ଯ୍ୟ ବୃଦ୍ଧି ଆଳରେ ୱାକ୍ସିଂ କରିବା ବା ତ୍ୱଚାକୁ ସୁରକ୍ଷା ଦେବା ଲାଗି ଥିବା ଲୋମକୁ ଉପାଡ଼ିଦେବା ଦ୍ୱାରା ଏହାର କୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଯଥାସମ୍ଭବ ଏଥିରୁ ଦୂରେଇ ରୁହନ୍ତୁ।

➔ ବିଶେଷକରି କେମିକାଲ୍‌ଯୁକ୍ତ ୱାକ୍ସିଂ କ୍ରିମ୍‌ରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ। ଏହାଦ୍ୱାରା ଆଲର୍ଜି ହୋଇ ଲାଲ୍‌ପଡ଼ିବା, ଫଳିଯିବା, କୁଣ୍ଡେଇହେବା, ଜଳାପୋଡ଼ା ହେବା ଭଳି ସମସ୍ୟା ଉପୁଜିଥାଏ। ତେଣୁ କେମିକାଲ ଫ୍ରି ହର୍ବାଲ ପ୍ରଡକ୍ଟ ବ୍ୟବହାର କରନ୍ତୁ। ଯଦି ୱାକ୍ସିଂ କରିବା ପରେ ଉକ୍ତ ସ୍ଥାନ ଲାଲ୍ ପଡ଼ିଯାଏ, ତେବେ ଏହାକୁ ରୋକିବା ଲାଗି ଆଲୋଭେରା ଜେଲ୍ ଲଗେଇପାରିବେ। ଏହାଦ୍ୱାରା ଆପଣ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଇପାରିବେ।

➔ ୱାକ୍ସିଂ କରିବା ପରେ ଆଦୌ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ ନାହିଁ। ପରେ ବି ବାହାରକୁ ଯିବା ବେଳେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ ଏବଂ ଯଥାସମ୍ଭବ ମୁହଁ, ହାତ ଆଦି ଏକ୍ସପୋଜ୍ ପାର୍ଟକୁ ଘୋଡ଼ାଇ ରଖିବାକୁ ଚେଷ୍ଟା କରନ୍ତୁ।

➔ ୱାକ୍ସିଂ କରିବା ପରେ କେବେକେବେ ତ୍ୱଚା କୁଣ୍ଡେଇ ହୁଏ। କେବେକେବେ ଜଳାପୋଡ଼ା ବି ହୋଇଥାଏ। ଏପରି ହେଲେ ତୁରନ୍ତ ଥଣ୍ଡା ପାଣିରେ ଧୋଇଦେବା ଭଲ। ନଚେତ୍ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖିଲେ କିମ୍ବା ଉକ୍ତ ସ୍ଥାନରେ ମଶ୍ଚରାଇଜର୍ ଲଗାଇଲେ କଷ୍ଟ କମ୍ ହୋଇଥାଏ। ହେଲେ ଯଦି ଏହା ୨୪ ଘଣ୍ଟାରୁ ଅଧିକ ସମୟ ଧରି ହୁଏ, ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ମେଡିସିନ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଅଏଣ୍ଟମେଣ୍ଟ ଆଦି ଲଗେଇପାରିବେ।

# ଲୋନ୍ କରାଇଦେବାକୁ କହି ୩ କୋଟି ଠକେଇ

ଉଦଳା,(ସନ୍ତୋଷ କୁମାର ବାଞ୍ଛିନୀ)/ ଭୁବନେଶ୍ୱର,୨୪।୧(ତ୍ରିନାଥ ମହାନ୍ତି)

**ଭୁବନେଶ୍ୱରରୁ ମହିଳାଙ୍କୁ ଗିରଫ କଲା କପ୍ତିପଦା ପୋଲିସ**

- ଠକେଇ ଟଙ୍କାରେ ଦାମୀ ଗାଡ଼ି, ଅୟସ ଜୀବନ ବିତାଉଥିଲେ
- ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳକୁ ଲମ୍ବିଛି ଠକେଇ ନେଟ୍‌ୱର୍କ

ନିଜକୁ ଶ୍ରମ ବିଭାଗର ଅଧିକାରିଣୀ ପରିଚୟ ଦେଇ ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ଋଣ କରାଇଦେବାକୁ କହି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲା ଓ ଉପାନ୍ତ ଅଞ୍ଚଳରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ମୟୂରଭଞ୍ଜ ଜିଲା କପ୍ତିପଦା ଥାନାରେ ଅଭିଯୋଗ ପରେ ମହିଳା ଜଣକ ଫେରାର ହୋଇଯାଇଥିଲେ। ବହୁ ଲୁଚକାଳି ପରେ ଶେଷରେ ପୋଲିସ ଅଭିଯୁକ୍ତା ମହିଳାଙ୍କୁ ଭୁବନେଶ୍ୱର ହଂସପାଳରୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ବଲାଣି ଥାନାଞ୍ଚଳର ବିନୋଦିନୀ ନାୟକ(୪୦)। ତାଙ୍କୁ କପ୍ତିପଦା ପୋଲିସ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି।

କପ୍ତିପଦା ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି କହିଛନ୍ତି, ୬ ମାସ ପୂର୍ବରୁ ବିନୋଦିନୀ ନିଜର କେତେଜଣ ସହଯୋଗୀଙ୍କ ସହାୟତାରେ କପ୍ତିପଦା ଥାନା ଅଧୀନ କଅଁରପୁର ଅଞ୍ଚଳରେ ଏକ ବୈଠକ କରାଇଥିଲେ। ସେଠାରେ ସେ ନିଜକୁ ଭୁବନେଶ୍ୱରର ଶ୍ରମ ବିଭାଗର ଅଧିକାରୀ ପରିଚୟ ଦେବା ସହ ଉପସ୍ଥିତ ସମସ୍ତଙ୍କୁ ଋଣ କରାଇଦେବେ ବୋଲି କହିଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ନିକଟରୁ ସେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ହେଲେ ଟଙ୍କା ନେବାର ୬ମାସ ବିତିଯାଇଥିଲେ ମଧ୍ୟ ଋଣ କରାଇ ଦେଇ ନ ଥିଲେ କି ଲୋକଙ୍କ ଟଙ୍କା ଫେରାଇ



ନ ଥିଲେ। ଠକେଇର ଶିକାର ହୋଇଥିବା ପରାସିବାଡ଼ି ଗ୍ରାମର ସନ୍ତୋଷ କୁମାର ପତି ବାରମ୍ବାର ତାଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଶେଷରେ ସେ ଏନେଇ ମାସକ ତଳେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୦୮/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଜଣାପଡିଥିଲା ଯେ, ୨୦୨୫ ମାର୍ଚ୍ଚରେ ତାଙ୍କ ନାମରେ ଭୁବନେଶ୍ୱର ଖାରବେଳନଗର ଥାନା, ଅଗଷ୍ଟରେ ବାଲିପାଟଣା, ଡିସେମ୍ବରରେ ମୟୂରଭଞ୍ଜ ଉଦଳା ଥାନା, ଚଳିତମାସରେ ବାରିପଦାର ଭଞ୍ଜପୁର ଏବଂ କପ୍ତିପଦା ଥାନାରେ ଅଭିଯୋଗ ହୋଇଥିଲା। ଉଦଳାରୁ ୩୦ ଲକ୍ଷ ଟଙ୍କା, ବାରିପଦାରୁ ୧୦ ଲକ୍ଷ, ମୟୂରଭଞ୍ଜରୁ ୬୦ ଲକ୍ଷ ଏବଂ ଭୁବନେଶ୍ୱରରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିଲେ। ୩୦ ଲକ୍ଷ ଟଙ୍କା ଲୋନ୍ କରାଇ ଦେବା ପାଇଁ ବିନୋଦିନୀ ସାଢେ ୩ଲକ୍ଷ ଟଙ୍କା ନେଉଥିବା ବେଳେ ୧୦ ଲକ୍ଷ ପାଇଁ ଦେଢ ଲକ୍ଷ ଓ ୫୦ ଲକ୍ଷ ଲୋନ୍ କରାଇ ଦେବାକୁ କହି ୬ଲକ୍ଷ ଟଙ୍କା ନେଉଥିଲେ। ଏଭଳି ସେ ମୟୂରଭଞ୍ଜର ବ୍ରହ୍ମପୁର ଥାନା, ଉଦଳା ଥାନା, ଭଞ୍ଜପୁର ଥାନା, ଭୁବନେଶ୍ୱରର ବାଲିପାଟଣା ଓ ଖାରବେଳନଗର ଥାନା ଅଞ୍ଚଳରେ ବହୁ ଲୋକଙ୍କୁ ଠକିଛନ୍ତି। ଏହିସବୁ ଥାନାରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଉକ୍ତ ଠକେଇ ଟଙ୍କାରେ ସେ ଦାମୀ ଗାଡ଼ି ଚଢ଼ିବା ସହ ଅୟସ ଜୀବନ ବିତାଉଥିଲେ। ଏହି ଠକେଇ ପାଇଁ ସେ ୩୦ରୁ ଊର୍ଦ୍ଧ୍ୱ ସିମ୍ ବ୍ୟବହାର କରିଥିବାବେଳେ ଗିରଫଦାରିରୁ ବର୍ତ୍ତିବା ପାଇଁ ଘର ଓ ସିମ୍ ବଦଳାଉଥିଲେ। ସେ ହ୍ୱାଟ୍ସଆପ୍‌ରେ ଲୋକଙ୍କ ସହ କଥା ହେଉଥିବାରୁ ତାଙ୍କୁ ଧରିବାକୁ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ପୋଲିସ ଗୋଇନ୍ଦା ଖବର ରଖିବା ସହ କେନ୍ଦୁଝର ବଲାଣି ଥାନା ଅଞ୍ଚଳରେ ଥିବା ତାଙ୍କ ଘର ଆଗରେ ସାଦା ପୋଷାକରେ ଜଗି ରହିଥିଲେ। ଶେଷରେ ସେ ଭୁବନେଶ୍ୱର ହଂସପାଳରେ ଘର ଭଡ଼ା ନେଇ ରହୁଥିବା ଜଣାପଡିବା ପରେ କପ୍ତିପଦା ପୋଲିସ ଏଠାକୁ ଆସି ଡେରା ପକାଇଥିଲା। ସେ ଘରୁ ବାହାରି ବଜାରକୁ ଯିବା ସମୟରେ ପୋଲିସ ତାଙ୍କୁ ଧରିଥିଲା। ପୋଲିସକୁ ଦେଖି ସେ ନିଜକୁ ଶ୍ରମ ଅଧିକାରୀ କହିବା ସହ ଚାକିରି ନେବାକୁ ଧମକ ଦେଇଥିଲେ। ପରେ ସେ ନିଜର ଅସଲ ପରିଚୟ ଦେବା ସହ ଠକେଇ ନେଇ ମୁହଁ ଖୋଲିଥିଲେ।

# ସଞ୍ଜୟଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜଗତ୍‌ସିଂହପୁର, ୨୪।୧ (ପ୍ରମୋଦ କୁମାର ନାୟକ)

**ନାବାଳିକାଙ୍କୁ ବଳାତ୍କାର ମାମଲା**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୪ରେ ଜଣେ ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଧମକ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଗାର୍ଗି ପଟ୍ଟନାୟକ ଅଭିଯୁକ୍ତ ବାଲିକୁଦା ଥାନା ଅପଣ୍ଡରା ଗ୍ରାମର ସଞ୍ଜୟ ଭୋଇଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମାଝୀ କହିଛନ୍ତି, ପୀଡ଼ିତା ୧୫ ବର୍ଷ ବୟସର ହୋଇଥିବା ବେଳେ ୨୦୨୪ ଜୁଲାଇ ୬ ସନ୍ଧ୍ୟାରେ ଅମାନୁଷିକ କାର୍ଯ୍ୟ ହୋଇଥିଲା। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକା ଘର ପାଖ ବିଲକୁ ଶୌଚ ହେବାକୁ ଯାଇଥିବାବେଳେ ତାଙ୍କୁ ସଞ୍ଜୟ ମାଡି ବସିଥିଲେ। ନାବାଳିକା ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାସତ୍ତ୍ୱେ ସଞ୍ଜୟ ପୀଡ଼ିତାଙ୍କ ପାଟି ବନ୍ଦ କରି ତାଙ୍କୁ ବଳାତ୍କାର କରିଥିଲେ। ଗଲାବେଳେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବାଲିକୁଦା ଥାନାରେ ଅଭିଯୋଗ ହେଲାପରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ମାଝୀ କହିଛନ୍ତି।

# ଗୋମାଫିଆଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

କେନ୍ଦୁଝର,୨୪।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଗୋ-ରକ୍ଷକ ଅଭିଯାନ ଜାରି**

**୨ ଗୋମାଫିଆଙ୍କ ଘରେ ଚଢ଼ାଉ, ୨ ଲକ୍ଷ ଟଙ୍କା ଜବତ**

କେନ୍ଦୁଝର ପୋଲିସ ଗୋ-ରକ୍ଷକ ଅଭିଯାନରେ ଗୋମାଫିଆଙ୍କ ଉପରେ ଚଢ଼ାଉ ଜାରି ରହିଛି। ଶନିବାର ସଦର ପୋଲିସ ଦୁଃଖିଆ ଛକ ଓ ରାଙ୍କୀରେ ୨ ଗୋ-ମାଫିଆଙ୍କ ଘରେ ଚଢ଼ାଉ କରି ସେମାନଙ୍କ ଘରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଛି। ମାତ୍ର ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଛନ୍ତି। ଏଥିସହ ପୂର୍ବରୁ କେନ୍ଦୁଝର ସମେତ ୫ ଜିଲାର ୪୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ନଗଦ ଟଙ୍କା, ସୁନାଗହଣା, ବ୍ୟାଙ୍କ ଜମାଖାତା, ଘରବାଡି କାଗଜପତ୍ର ଆଦି ପୋଲିସ ଜବତ କରିଥିଲା। ଶନିବାର ଉକ୍ତ ମାଫିଆଙ୍କ ମଧ୍ୟରୁ ତେଲକୋଇ ଥାନା ଅଞ୍ଚଳର ଗୋମାଫିଆ ପ୍ରଦ୍ୟୁମ୍ନ ମିଶ୍ର ଓ ପରିବାର ଲୋକଙ୍କ ବିଭିନ୍ନ ବ୍ୟାଙ୍କରେ ଥିବା ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଥିବା ପୋଲିସ କହିଛି।

ପୋଲିସ ସୂଚନା ମୁତାବକ, ତେଲକୋଇ ଥାନା ଅଞ୍ଚଳର ଗୋମାଫିଆ ପ୍ରଦ୍ୟୁମ୍ନ ମିଶ୍ର, ତାଙ୍କ ସାନଭାଇ ପ୍ରତାପ ମିଶ୍ର, ପୁଅ ରାକେଶ ମିଶ୍ରଙ୍କ ୫ଟି ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ଏଥିରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ତେଲକୋଇ ଶାଖାରେ ୩ଟି ଓ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, ତେଲକୋଇ ଶାଖାର ୩ଟି ଆକାଉଣ୍ଟ ରହିଛି। ପ୍ରଦ୍ୟୁମ୍ନ ମିଶ୍ର, ତାଙ୍କ ଭାଇ ଓ ପୁଅଙ୍କ ଆକାଉଣ୍ଟରେ ଥିବା ପାଖାପାଖି ୩.୮୦ କୋଟି ଟଙ୍କାକୁ ଆଇନ ବ୍ୟବସ୍ଥା ମଧ୍ୟରେ ଫ୍ରିଜ୍ କରିଦିଆଯାଇଥିବା ଥାନା ଅଧିକାରୀ ଅଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ସେହିପରି ଅନ୍ୟାନ୍ୟ ମାଫିଆଙ୍କ ସମୁଦାୟ ଶତାଧିକ ବ୍ୟାଙ୍କକୁ ପୋଲିସ ଫ୍ରିଜ୍ କରିଥିବା ଜଣାପଡ଼ିଛି। ଏଥିସହ କେନ୍ଦୁଝର ସଦର ପୋଲିସ ଦୁଃଖିଆ ଛକ ରାଙ୍କୀରେ ସେକ୍ ନସିରୁଦ୍ଦିନ ଓ ତପନ ବାରିକଙ୍କ ଘର ଉପରେ ଚଢ଼ାଉ କରିଛି। ସେମାନଙ୍କୁ ଘରୁ ନଗଦ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ସୂଚନା ଦେଇଛନ୍ତି।

**ବଡ଼ବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ଘଟଣା**

# ଝାଡ଼ଖଣ୍ଡରୁ ୨ ସହଯୋଗୀ ଗିରଫ

ବଡ଼ବିଲ,୨୪।୧ (ଜୟନ୍ତୀ ରଣା)

**୨୮୮ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର, ୨ ସ୍କର୍ପିଓ, ୪ ମୋବାଇଲ ଜବତ**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଷ୍ଟ୍ରଙ୍ଗ୍ ରୁମ୍‌ରୁ ଲୁଟ୍ ଘଟଣାରେ ଝାଡ଼ଖଣ୍ଡର ଧାନବାଦରୁ ୨ ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍କର୍ପିଓ ଚାଳକ ଧାନବାଦ ଥାନା ଚାସନାଲା ଗ୍ରାମରେ ରହୁଥିବା ବିହାରର ଜାମୁଇ ଅଞ୍ଚଳର ରାଜା କୁମାର ସିଂହ, ଲୁଟ୍ ସ୍ୱର୍ଣ୍ଣ ଅଳଙ୍କାର କ୍ରୟ କରିଥିବା ଜୁଏଲେରି ମାଲିକ ଧାନବାଦସ୍ଥିତ ନିରସା ଅଞ୍ଚଳର କୁନାଲ ରାଜ ବର୍ମା। ସେମାନଙ୍କ ନିକଟରୁ ସ୍ୱର୍ଣ୍ଣ ଅଳଙ୍କାର, ସ୍କର୍ପିଓ ଏବଂ ମୋବାଇଲ ଜବତ ହୋଇଛି। ଏ ନେଇ ଧାନବାଦ ପୋଲିସ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବଡ଼ବିଲ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରେ ଗତ ସୋମବାର ୬ ଦୁର୍ବୃତ୍ତ ମୁଖା ଓ ହେଲ୍‌ମେଟ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ବନ୍ଧୁକ ମୁନରେ କର୍ମଚାରୀଙ୍କୁ ଭୟଭୀତ କରି ଷ୍ଟ୍ରଙ୍ଗ୍ ରୁମ୍‌ରେ ଥିବା ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା, ୧୫୫ଟି ପ୍ୟାକେଟରେ ଥିବା ମୋଟ ୬ କିଲୋଗ୍ରାମ ୪ ଶହ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର (ଯାହାର ଆନୁମାନିକ ମୂଲ୍ୟ ୯ କୋଟି ୪୦ ଲକ୍ଷ ୮୦ ହଜାର ଟଙ୍କା ହେବ) ଲୁଟିନେଇଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ କେନ୍ଦୁଝର ଏସ୍‌ପି କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ରାଜ୍ୟ ସମେତ ମୟୂରଭଞ୍ଜ ଓ ଝାରସୁଗୁଡ଼ାକୁ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ ଜାରି ରଖିଥିଲା। ଏକ ଟିମ୍ ଝାଡ଼ଖଣ୍ଡର ଧାନବାଦ ପୋଲିସ ସହାୟତାରେ ଶନିବାର ନିରସା ଓ ସିନ୍ଦ୍ରି ଥାନା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କ ୨ ସହଯୋଗୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ୨୮୮ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର, ୨ ଟି ସ୍କର୍ପିଓ ଏବଂ ୪ଟି ମୋବାଇଲ ଜବତ କରିବାକୁ ସକ୍ଷମ ହୋଇଛି।

ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ଦୁର୍ବୃତ୍ତ ଡିସେମ୍ବର ୨୯ରେ ଏକ ସ୍କର୍ପିଓ ଯୋଗେ ବଡ଼ବିଲକୁ ଆସି ମାଷ୍ଟର ପ୍ଲାନ୍ କରିଥିଲେ। ପରେ ଲୁଟ ଘଟଣା ଘିଆଇ ୬ ଜଣ ଦୁର୍ବୃତ୍ତ ୩ ବାଇକ୍ ଯୋଗେ ଫେରାର ହେଉଥିବାବେଳେ ଝାଡ଼ଖଣ୍ଡର ନୁଆମୁଣ୍ଡରେ ବାଇକ୍ ପଙ୍କଚର ହୋଇଯାଇଥିଲା। ପୂର୍ବ ଯୋଜନା ଅନୁଯାୟୀ ବାଇକ୍ ଛାଡ଼ି ନୂଆମୁଣ୍ଡିରୁ ସ୍କର୍ପିଓରେ ସେମାନେ ଫେରାର ହୋଇଯାଇଥିଲେ। ପୋଲିସ ସ୍କର୍ପିଓ ଚାଳକ ରାଜା ସିଂହଙ୍କୁ ଧରି ପଚରାଉଚରା ସମୟରେ କିଛି ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଧାନବାଦର ଏକ ଜୁଏଲେରି ଦୋକାନରେ ବିକ୍ରି କରିଥିବା କହିଥିଲେ। ପୋଲିସ ଉକ୍ତ ଜୁଏଲେରି ଦୋକାନରେ ଚଢ଼ାଉକରି ପ୍ରାୟ ୨୮୮ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର ଜବତ କରିବା ସହ ଜୁଏଲେରି ମାଲିକ କୁନାଲ ରାଜ ବର୍ମାଙ୍କୁ ଗିରଫ କରିଛି। ଧାନବାଦ ପୋଲିସ ସହାୟତାରେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ବଡ଼ବିଲକୁ ଅଣାଯାଉଛି। ବଡ଼ବିଲ ପହଞ୍ଚିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପିଙ୍ଗୁଆ ସୂଚନା ଦେଇଥିଲେ।



# ବାଇକ୍ ଦୁର୍ଘଟଣା: ୨ ଯୁବକଙ୍କ ମୃତ୍ୟୁ

**କୋକସରା,୨୪।୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ଥାନା ସୁନାମାଳ ଗାଁ ଭାଲୁପଡ଼ା ନିକଟରେ ଶୁକ୍ରବାର ରାତିରେ ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସେମାନେ ହେଲେ ବରାଡଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରୀ ଗ୍ରାମର ଅବକାରୀ କର୍ମଚାରୀ ଅମରେନ୍ଦ୍ର ମାଝି (୨୯) ଓ ସୁବାସ ନାଏକ (୨୫)। ଉଭୟ ବାଇକ୍ ଯୋଗେ ଶୁକ୍ରବାର ରାତିରେ ସୁନାମାଳ ଗ୍ରାମରୁ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଗାଁକୁ ଫେରୁଥିଲେ। ଭାଲୁପଡା ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚୂରମାର ହୋଇଥିବା ବେଳେ ସେମାନେ ଚାଷ ଜମିରେ ଛିଟିକି ପଡିଥିଲେ। ବିଳମ୍ବିତ ରାତି ହୋଇଥିବାରୁ ଏ ବିଷୟରେ କେହି ସୂଚନା ପାଇ ନ ଥିଲେ। ଶନିବାର ସକାଳୁ ସ୍ଥାନୀୟ ଲୋକେ ଦେଖି କୋକସରା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରାଥମିକ ତଦନ୍ତ ପରେ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ।

# ଭାରତର ସ୍ଥାନୀୟ ବିକାଶକୁ ବିଶ୍ୱ ପ୍ରଶଂସା କରିଆସୁଛି: ସୁମନ ବେରି



ଜାତୀୟ ଆଲୋଚନାଚକ୍ରରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରିଙ୍କ ସହ ଅନ୍ୟ ଅତିଥିମାନେ।

## କିସ୍‌ରେ ଜାତୀୟ ଆଲୋଚନାଚକ୍ର

**ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)**

ସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଏକ ଗତିଶୀଳ ମଡେଲ ଭାବେ ଉଭା ହୋଇଛି। ଭାରତର ବିଭିନ୍ନ ରାଜ୍ୟ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷାକରି ସ୍ଥାନୀୟ ସମସ୍ୟାର ମୁକାବିଲା କରୁଛନ୍ତି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ ଭାରତର ସ୍ଥାନୀୟ ବିକାଶକୁ ବିଶ୍ୱ ପ୍ରଶଂସା କରିଆସୁଛି ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି କହିଛନ୍ତି। ଶନିବାର କିସ୍‌ଠାରେ 'ସ୍ଥାୟୀ ବିକାଶ ଲକ୍ଷ୍ୟ ଓ କିସ୍: ପରିବର୍ତ୍ତନକାରୀ ଶିକ୍ଷା, ସ୍ୱେଚ୍ଛାସେବା ଓ ସମାଜକୈନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ ଭାରତର ସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କିସ୍ ଛାତ୍ରୀଛାତ୍ରଙ୍କ ସହ ଏକ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ଯୋଗଦେଇ ବିକଶିତ ଭାରତ ପରିପ୍ରେକ୍ଷୀରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେରଖି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟତମ ଅତିଥି ଭାବେ ନୀତି ଆୟୋଗ ସଦସ୍ୟ ଅରବିନ୍ଦ ଭିର୍ମାନୀ ଯୋଗଦେଇ କହିଲେ, ବିକଶିତ ଭାରତ ଗଠନରେ ତିନୋଟି ପ୍ରମୁଖ ଉପାଦାନ ଜରୁରୀ। ସେଗୁଡ଼ିକ ହେଲା ମୌଳିକ ଶିକ୍ଷା, ଦକ୍ଷତା ବିକାଶ ଏବଂ ନିଯୁକ୍ତି। ଏଗୁଡ଼ିକ ପ୍ରତ୍ୟେକେ ପରସ୍ପର ସହ ଜଡ଼ିତ। ମୌଳିକ ଶିକ୍ଷା କେବଳ ଅନ୍ତର୍ଭୁକ୍ତି ପାଇଁ ନୁହେଁ, ବରଂ ଦକ୍ଷତା ହାସଲ ଓ ନିଯୁକ୍ତି ସୁଯୋଗ ଲାଗି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ପ୍ରଭାକର ସାହୁ କହିଲେ, ଆମ ପାଖରେ ଥିବା ଅନୁକୂଳ ଜନସଂଖ୍ୟା ବିକଶିତ ଭାରତ ପାଇଁ ମୂଳଦୁଆ ପ୍ରସ୍ତୁତ କରେ ଏବଂ କିସ୍ ପ୍ରଭାବଶାଳୀ ଭାବରେ ଏହି ଲକ୍ଷ୍ୟରେ ଯୋଗଦାନ ଦେଉଛି। ସ୍ଥାୟୀ ବିକାଶ ଲକ୍ଷ୍ୟରେ ଗୁଣାତ୍ମକ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଓ ଦକ୍ଷତା ବିକାଶ ଆଦି ଅନ୍ତର୍ଭୁକ୍ତ। କିଟ୍ ଓ କିସ୍ ସକ୍ରିୟ ଭାବେ ଏହି ଉଦ୍ଦେଶ୍ୟଗୁଡ଼ିକ ଅନୁସରଣ କରିଆସୁଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁଏନ୍‌ଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ୟୁଏନ୍‌ଏଫ୍‌ପିଏ ଓଡ଼ିଶା ମୁଖ୍ୟ ଡ. ମହମ୍ମଦ ନଦିମ ନୁର୍, ଫ୍ରାନ୍ସର ଇଣ୍ଟରନ୍ୟାଶନାଲ ଏକ୍‌ଜିକ୍ୟୁଟିଭ ସ୍କୁଲ୍‌ର ସହପ୍ରତିଷ୍ଠାତା ତଥା ସଭାପତି ଡ. ସୌଲା କିରିଆକୋସ, ପୂର୍ବତନ ଜାତିସଂଘ ପ୍ରାକ୍ଟିଶନର ଆରୁଷି ରାୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ପ୍ରମୁଖ ଜାତିସଂଘ ବିକାଶ ଲକ୍ଷ୍ୟ ଓ ସ୍ଥାନୀୟ ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର

**ଉଦଳା,୨୪।୧(ସନ୍ତୋଷ କୁମାର ବାଛିନୀ)**



ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଯୁବତୀ।

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ କଇଁସାରି ବାବୁସାହିର ଜଣେ ଯୁବତୀ ଶନିବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ରାଇମାତ ସୋରେନ। ସୂଚନା ଅନୁଯାୟୀ, ରାଇମାତ କାଠ ଆଣିବାକୁ ଘର ପାଖ ଗ୍ରାମ୍ୟ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ୨ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ସେ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଭାଲୁ ଆକ୍ରମଣରେ ସେ ଗୁରୁତର ହୋଇଥିବା ବେଳେ ତାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଗଲା

**ଟାଙ୍ଗୀ/ନିରାକାରପୁର, ୨୪।୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**



ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଶନିବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଏହି ବନାଞ୍ଚଳ ଅଧୀନ ଓଳସିଂହ ପଞ୍ଚାୟତ ଅନ୍ତର୍ଗତ ଗୟାବନ୍ଧ ଉପରସାହିର ସଂସାରୀ ଭୁଜବଳ(୪୦)।

ସୂଚନା ମୁତାବକ, ଶନିବାର ଭୋରୁ ସଂସାରୀ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ତେବେ କୁହୁଡ଼ି ଯୋଗୁ ସେ ହାତୀଟିକୁ ଦେଖିପାରି ନ ଥିଲେ। ହଠାତ୍ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଦଳି ଦେଇଥିଲା। ଅନ୍ୟପଟେ ସଂସାରୀ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜି ଖୋଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ସଂସାରୀଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ମୃତକଙ୍କ ପୁଅ ଲିପୁଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ମାମଲା (ନଂ.୧/୨୬) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଟାଙ୍ଗୀ ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ଆସନ୍ତା ମଙ୍ଗଳବାର ବନ ବିଭାଗ ପକ୍ଷରୁ ଶୁଦ୍ଧିକ୍ରିୟା ନିମନ୍ତେ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅବଶିଷ୍ଟ ୯ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇ କହିଛନ୍ତି।

# ସ୍ଥାୟୀ ଓ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ




ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ କେବଳ ସାଂସ୍କୃତିକ ଭାବ ଆଦାନ ପ୍ରଦାନ କିମ୍ବା ମନୋରଞ୍ଜନର କ୍ଷେତ୍ର ନୁହେଁ। ଦେଶର ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ପର୍ଯ୍ୟଟନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ଦେଶର ସାଂସ୍କୃତିକ ଐତିହ୍ୟର ମୂକସାକ୍ଷୀ। ତେଣୁ ଦେଶର ଅର୍ଥ ବ୍ୟବସ୍ଥାରେ ପର୍ଯ୍ୟଟନର ମହତ୍ତ୍ୱ ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ଲୋକଙ୍କ ମନରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୨୫କୁ ରାଷ୍ଟ୍ରୀୟ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ସ୍ଥାୟୀ ଓ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ'। ଦେଶର ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଐତିହାସିକ ପୃଷ୍ଠଭୂମିକୁ ପୁନର୍ଜୀବିତ ଉଦ୍ଦେଶ୍ୟରେ ଏହି ଦିବସଟି ଭାରତ ସରକାରଙ୍କ ଦ୍ୱାରା ଆୟୋଜନ ହେଉଛି। ଟୁରିଜମ୍ ଟ୍ରାଫିକ୍ କମିଟିର ସ୍ମୃତିରେ ୧୯୪୮ ଜାନୁଆରୀ ୨୫ରେ ରାଷ୍ଟ୍ରୀୟ ପର୍ଯ୍ୟଟନ ଦିବସର ସ୍ଥାପନା ହୋଇଥିଲା। ତେବେ ୧୯୬୭ରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଗଠନ ପରେ ଏହି ଦିବସକୁ ଔପଚାରିକ ଭାବେ ମାନ୍ୟତା ମିଳିଥିଲା।

# ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଲେ କଂଗ୍ରେସ ନେତା

**ନବରଙ୍ଗପୁର,୨୪।୧(ସଦାଶିବ ପ୍ରହରାଜ)**



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଶନିବାର ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ କିନ୍ତୁ ତାଙ୍କୁ ନିଜ ବ୍ଲକ ଚନ୍ଦାହାଣ୍ଡିରେ କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଏମ୍‌ପି ମାଝୀଙ୍କ ଦ୍ୱାରା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ସିନାପାଲି-ଦଣ୍ଡାମୁଣ୍ଡା ଭଣ୍ଡାର ନଦୀ ସେତୁର ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା। ଉଦ୍‌ଘାଟନ ପୂର୍ବରୁ ଏହାର ଫଳକକୁ କଂଗ୍ରେସ ନେତା ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଚନ୍ଦାହାଣ୍ଡ ମଣ୍ଡିରୁ ଧାନ ନ ଉଠିବାକୁ ନେଇ ଏମ୍‌ପିଙ୍କ ଉଦଘାଟନ କାର୍ଯ୍ୟକ୍ରମକୁ ବିରୋଧ କରି ବରିଷ୍ଠ କଂଗ୍ରେସ ନେତା କ୍ଷେମରାଜ ବାଘଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ କୃଷ୍ଣ ବାଘ, ପିଙ୍କୁ ସେର, ଶଙ୍କର ସେଠୀ ପ୍ରମୁଖ ଦଳୀୟ କର୍ମୀ ଉକ୍ତ ଫଳକ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚନ୍ଦାହାଣ୍ଡିରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି। ଏମ୍‌ପି ଚନ୍ଦାହାଣ୍ଡିର ମୌଳିକ ସମସ୍ୟା ପ୍ରତି ଯେତେଦିନ ପର୍ଯ୍ୟନ୍ତ ବିମୁଖ ରହିବେ ସେତେଦିନ ଯାଏ ବିରୋଧ ଜୋରଦାର କରାଯିବ ବୋଲି ବାଘ ପ୍ରକାଶ କରିଛନ୍ତି। ଏନେଇ ଏମ୍‌ପିଙ୍କ ବଳଭଦ୍ର ମାଝୀଙ୍କୁ ପଚାରିବାରୁ ଚନ୍ଦାହାଣ୍ଡିର ବିକାଶ ସହି ନପାରି କେତେଜଣ ବ୍ୟକ୍ତି ଏଭଳି କାଣ୍ଡ କରିଥିବା ସେ କହିଛନ୍ତି।

# ନୂଆପଡ଼ାରେ ପୁଣି ବାଘ ଆତଙ୍କ: ୪ ଛେଳି ମାରିଖାଇଲା

**ନୂଆପଡ଼ା,୨୪।୧(ମକାରୁ ବେମାଲ)**



ବାଘ ମାରିଥିବା ୨ ଛେଳିଙ୍କ ମୃତଦେହ।

ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଶୁକ୍ରବାର ରାତିରେ ଏକ କଲରାପତରିଆ ବାଘ ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ସେକ୍ସନ ବୂଲାଭାଟ ପଞ୍ଚାୟତ ଭାଲୁପାଣି ଗାଁର ପିତ ମାଝିଙ୍କ ଗୁହାଳରେ ପଶି ୪ ଛେଳିକୁ ମାରି ଖାଇଛି। ସୂଚନା ଅନୁସାରେ ପିତ ପାଳିଥିବା ଛେଳିଗୁଡିକୁ ଜଙ୍ଗଲରୁ ଚରାଇ ଆଣି ସନ୍ଧ୍ୟାରେ ଗୁହାଳରେ ବାନ୍ଧି ରଖିଥିଲେ। ରାତିରେ ପରିବାର ଲୋକେ ଖାଇ ଶୋଇ ପଡିବା ପରେ ପ୍ରାୟ ୧୨ଟା ସମୟରେ ନିକଟସ୍ଥ ରାଣୀମାଇ ଜଙ୍ଗଲରୁ ଏକ କଲରାପତରିଆ ବାଘ ଆସି ଗୁହାଳରେ ପଶିଥିଲା। ଏହି ସମୟରେ ଛେଳିଗୁଡିକ ଚିତ୍କାର କରିବାରୁ ପରିବାର ଲୋକେ ଉଠି ଗୁହାଳରେ ୪ ଛେଳିକୁ ବାଘ ମାରିଥିବା ଦେଖିଥିଲେ। ବାଘ ମାରିଥିବା ଛେଳି ମଧ୍ୟରୁ ୨ଟି ଗୁହାଳ ଭିତରେ ପଡିଥିବା ବେଳେ ଗୋଟିଏ ବାହାରେ ପଡିଥିଲା। ଅନ୍ୟ ଏକ ଛେଳିକୁ ଜଙ୍ଗଲ ଭିତରକୁ ଟାଣି ନେଇ ଖାଇଥିବା ଦେଖାଯାଇଥିଲା। ରାତିରେ ପରିବାର ଲୋକ ସମେତ ଗାଁ ଲୋକେ ଜଙ୍ଗଲକୁ ଟେକି ନେଇଥିବା ଛେଳିକୁ ଖୋଜିବା ପାଇଁ ଯାଇଥିବା ସମୟରେ ଗୋଟିଏ ବାଘକୁ ଦେଖିଥିଲେ। ସେମାନଙ୍କ କହିବା କଥା ଗୋଟିଏ ନୁହେଁ ଦୁଇଟି ବାଘ ଅଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଜଙ୍ଗଲ ତଳି ଗାଁକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି। କୌଣସି ଜରୁରୀ କାମ ନ ଥିଲେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମରେ ବାହାରକୁ ଗଲେ ଦଳବଦ୍ଧ ହୋଇ ହାତରେ ଠେଙ୍ଗାବାଡି ଧରି ଯାଆନ୍ତୁ ବୋଲି ଲୋକଙ୍କୁ ବୁଝାଉଛନ୍ତି। ଧରମବନ୍ଧା ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀ ଭାଲୁପାଣି ଗାଁକୁ ଯାଇ ବାଘ ଖାଇଥିବା ମୃତ ଛେଳିଙ୍କ ବ୍ୟବଚ୍ଛେଦ କରି ମାଟିରେ ପୋତି ଦେଇଛନ୍ତି। ପିତ ଛେଳିମେଣ୍ଢା ପାଳି ପରିବାର ଚଳାଉଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।




## ପ୍ରଥମ ପୃଷ୍ଠାରୁ...

### ରୁଷିଆ ତେଲ...

୨୫% ଟାରିଫ୍ ଲଗାଇଥିଲେ। ଏହି କାରଣରୁ ଭାରତ ତୈଳ କିଣିବା କମାଇଛି ବୋଲି ବେସେଣ୍ଟ ଦାବି କରିଥିଲେ। ନିକଟରେ ପ୍ରକାଶିତ କେତେକ ରିପୋର୍ଟ ଅନୁସାରେ ଭାରତର କିଛି ଘରୋଇ କମ୍ପାନୀ ରୁଷୀୟ ତୈଳ କ୍ରୟ ହ୍ରାସ କରିଛନ୍ତି। ତେବେ ରୁଷିଆଠାରୁ ଅବାଧରେ ତୈଳ କିଣିବା ଜାରି ରଖିଛି ବୋଲି ନୂଆଦିଲ୍ଲୀ କହିଆସୁଛି। ମସ୍କୋ ଉପରେ ଚାପ ବୃଦ୍ଧି ଉଦ୍ଦେଶ୍ୟରେ ଟ୍ରମ୍ପ ପ୍ରଶାସନ ଭାରତ ସମେତ ଅନ୍ୟ ଦେଶଗୁଡ଼ିକୁ ରୁଷିଆ ସହ ତୈଳ ସମ୍ପର୍କ କମାଇବାକୁ ପରାମର୍ଶ ଦେଉଛି। କିନ୍ତୁ ଭାରତ କୌଣସି ପ୍ରକାର ଚାପରେ ଥିବା ବିଷୟକୁ ଖଣ୍ଡନ କରିଛି। ଏପରି କି ଆମେରିକାର ଟାରିଫ୍ କାର୍ଯ୍ୟାନୁଷ୍ଠାନକୁ ଅନୁଚିତ ଓ ଅଯୌକ୍ତିକ ବୋଲି ଅଭିହିତ କରିଛି। ଭାରତର ଶକ୍ତି ନୀତି ଦେଶର ଜାତୀୟ ସ୍ୱାର୍ଥ ଅନୁସାରେ ନିର୍ଦ୍ଧାରିତ ହୋଇଥିବା ନୂଆଦିଲ୍ଲୀ କହିଛି।

ଉଲ୍ଲେଖଯୋଗ୍ୟ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୨୦୨୨ ଫେବୃଆରୀରେ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋ ଉପରେ କଟକଣା ଲଗାଇଥିଲେ। ତେବେ ବିଶ୍ୱର ତୃତୀୟ ତୈଳ ଆମଦାନୀକାରୀ ଦେଶ ଭାରତ ରୁଷିଆଠାରୁ ତୈଳ କ୍ରୟ ବଢ଼ାଇଦେଇଥିଲା। ସେହି ଅଶୋଧିତ ତୈଳକୁ ଶୋଧିତକରି ଭାରତ ଅନ୍ୟ ଦେଶଗୁଡ଼ିକୁ ବିକ୍ରି କରୁଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ରୂପେ ଅଭିହିତ କରି ତୈଳ କ୍ରୟ ବନ୍ଦ କିମ୍ବା ହ୍ରାସ କରିବାକୁ ଭାରତକୁ ପରାମର୍ଶ ଦେଇଥିଲେ। କିନ୍ତୁ ଭାରତ ତାଙ୍କ କଥା ନ ଶୁଣିବାରୁ ଟ୍ରମ୍ପ ଅତିରିକ୍ତ ୨୫% ଟାରିଫ୍ କଷିଥିଲେ। ଉକ୍ତ ଟାରିଫ୍ ଯୋଗୁ ଭାରତୀୟ ଅର୍ଥନୀତି ବହୁଳ ପ୍ରଭାବିତ ହୋଇଛି।

### ଭିତ୍ତିଭୂମିରେ ଓଡ଼ିଶାର...

ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପଗୁଡ଼ିକୁ ନୀତି ଆୟୋଗ ଉପାଧ୍ୟକ୍ଷ ପ୍ରଶଂସା କରିଛନ୍ତି। ବେରୀ ଭୁବନେଶ୍ୱରକୁ ଦେଶର ଆଦର୍ଶ ନଗର ଭାବେ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଗ୍ଲୋବାଲ ବେଷ୍ଟ ପ୍ରାକ୍ଟିସ ଗ୍ରହଣ କରି, 'ଟେକ୍ସାସ ମଡେଲ' ଭଳି ସମନ୍ୱିତ ନଗର ଯୋଜନା ପ୍ରୟୋଗ କରି ଭୁବନେଶ୍ୱରକୁ ଦେଶର ବେଞ୍ଚମାର୍କ ସିଟି କରିବାକୁ ସୁପାରିସ କରିଥିଲେ। ସେ ଓଡ଼ିଶାର ଗ୍ରୀନ ଏନର୍ଜି ଟ୍ରାନ୍ସଫର୍ମେସନ, ଡାଟା-ଡ୍ରିଭେନ ଗଭର୍ନାନ୍ସ, ସ୍କିଲିଂ ଇକୋସିଷ୍ଟମ ସୁଧାର, ଆଦିବାସୀ ସଶକ୍ତୀକରଣ ଓ ଫ୍ରଣ୍ଟିୟର ଟେକ ଲ୍ୟାବ ଅଧୀନରେ ଲିଭିଂ ଲ୍ୟାବ ଭଳି ଉଦ୍ୟମଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ। ଡ. ଅରବିନ୍ଦ ଭିରମାନୀ ମଧ୍ୟ ରାଜ୍ୟର ଅଗ୍ରଗାମୀ ନୀତି ଓ ସମାବେଶୀ ଓ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥବିଭାଗ ମୁଖ୍ୟ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ଏବଂ ଉନ୍ନୟନ କମିଶନର ଡି.କେ. ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ୨୭ରେ ଦେଶବ୍ୟାପୀ...

ଏହି ଆନ୍ଦୋଳନରେ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀଙ୍କ ୯ଟି ପ୍ରମୁଖ ସଂଗଠନର ଏକ ମିଳିତ ମଞ୍ଚ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ, ନ୍ୟାଶନାଲ କନ୍‌ଫେଡେରେଶନ ଅଫ୍ ବ୍ୟାଙ୍କ ଏମ୍ପ୍ଲଇଜ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ, ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ୍ ଇଣ୍ଡିଆ, ଇଣ୍ଡିଆନ ନ୍ୟାଶନାଲ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ, ଇଣ୍ଡିଆନ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ କଂଗ୍ରେସ, ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କର୍ସ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ଅଫିସର୍ସ ରହିଛି

# ସିବିଏସ୍‌ଇ ସ୍କୁଲରେ ମାନସିକ ସ୍ୱାସ୍ଥ୍ୟ, କ୍ୟାରିୟର କାଉନ୍‌ସେଲର ନିଯୁକ୍ତି ବାଧ୍ୟତାମୂଳକ

**ଭୁବନେଶ୍ୱର,୨୪।୧(ସୁଚିସ୍ମିତା ସାହୁ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଅଧୀନ ବିଦ୍ୟାଳୟଗୁଡ଼ିକରେ ଏଣିକି ସ୍ୱାସ୍ଥ୍ୟ ଓ କ୍ୟାରିୟର କାଉନ୍‌ସେଲର ନିଯୁକ୍ତ ହେବେ। ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ସହିତ ସେମାନଙ୍କର ଠିକ କ୍ୟାରିୟର ପାଇଁ ମାର୍ଗଦର୍ଶନ ଦେବେ। ଏନେଇ ସିବିଏସ୍‌ଇ ପକ୍ଷରୁ ସୋସିଓ ଇମୋଶନାଲ ଆଣ୍ଡ କ୍ୟାରିୟର କାଉନ୍‌ସେଲର ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଇଛି।

ରାଜସ୍ଥାନ କୋଟାସ୍ଥିତ ଜାତୀୟ ଶିକ୍ଷା ବୋର୍ଡର ଓକିଲ ସୁଜିତ ସ୍ୱାମୀ ଏବଂ କେତେଜଣ ମନସ୍ତତ୍ତ୍ୱ ବିଶେଷଜ୍ଞ ଏସଂକ୍ରାନ୍ତରେ ଜୁଲାଇ ୨୦୨୫ରେ ରାଜସ୍ଥାନ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଏର କରିଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଢ଼ୁଥିବା ମାନସିକ ଏବଂ ଶିକ୍ଷାଜନିତ ଚାପ ସହିତ ସେମାନଙ୍କ କ୍ୟାରିୟର ନିମନ୍ତେ ମାର୍ଗଦର୍ଶନର ଅଭାବ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେପ୍ଟେମ୍ବର ୨୦୨୫ରେ ହୋଇଥିବା ଶୁଣାଣିରେ କୋର୍ଟଙ୍କ ରାୟ ପରେ ସିବିଏସ୍‌ଇ ଆଫିଲିଏଶନ ବାଇ-ଲ ୨୦୧୮ର ଧାରା ୨.୪.୧୨କୁ ସଂଶୋଧନ କରିଥିଲା। ସିବିଏସ୍‌ଇ ୧୯ ଜାନୁଆରୀ ୨୦୨୬ରେ ଏକ ସର୍କୁଲାର ଜାରିକରି ନୂଆ ନିୟମ ଘୋଷଣା କରିଛି। ପ୍ରତ୍ୟେକ ୫୦୦ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ କାଉନସେଲିଂ ଏବଂ ୱେଲନେସ୍ ଶିକ୍ଷକ ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଇଛି। କେବଳ ନବମରୁ ଦ୍ୱାଦଶ ଶ୍ରେଣୀରେ ୩୦୦ରୁ ଅଧିକ ବିଦ୍ୟାର୍ଥୀ ଥିବା ସ୍କୁଲଗୁଡ଼ିକରେ ସବୁସମୟରେ ମନସ୍ତତ୍ତ୍ୱ ପରାମର୍ଶଦାତାଙ୍କ ଆବଶ୍ୟକତା ରହିଛି। ଅନ୍ୟ ସମସ୍ତ ଶ୍ରେଣୀ ନିମନ୍ତେ ଅଧା ସମୟ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ଶିକ୍ଷା ବୋର୍ଡ ପକ୍ଷରୁ ପରାମର୍ଶଦାତାଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ସ୍ଥିର କରିଛି। ମାନସିକ ସ୍ୱାସ୍ଥ୍ୟ କାଉନ୍‌ସେଲର ମନୋବିଜ୍ଞାନରେ ସ୍ନାତକ/ସ୍ନାତକୋତ୍ତର କରିଥିବେ। ତା' ସହିତ ସୋସିଆଲ ୱାର୍କରେ ସ୍ନାତକୋତ୍ତର ଡିଗ୍ରୀ ରହିଥିବା ଜରୁରୀ। ସିବିଏସଇ ପକ୍ଷରୁ ୫୦ ଘଣ୍ଟିଆ କ୍ଷମତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଛୋଟ ସ୍କୁଲଗୁଡିକ ପାଇଁ 'କାଉନସେଲିଂ ହବ ଏବଂ ସ୍ପୋକ ସ୍କୁଲ ମଡେଲ' କରାଯାଇଛି। ବଡ଼ 'ହବ' ସ୍କୁଲଗୁଡ଼ିକ ପାଖପାଖି 'ସ୍ପୋକ' ସ୍କୁଲମାନଙ୍କୁ ସହଯୋଗ ଓ ମାର୍ଗଦର୍ଶନ ଦେବେ।

ତେବେ ସିବିଏସଇର ଏହି ନିର୍ଦ୍ଦେଶନାମାକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି। କେବଳ ସିବିଏସଇ ସ୍କୁଲରେ ନୁହେଁ, ସମସ୍ତ ସରକାରୀ ସ୍କୁଲରେ ଏହି ନିୟମକୁ ଲାଗୁ କରାଯାଉ। ଉଭୟ ପିଲା ଓ ଅଭିଭାବକଙ୍କୁ କାଉନସେଲିଂର ଆବଶ୍ୟକତା ରହିଛି। ଅଧିକାଂଶ ସମୟରେ ପିଲାମାନେ ପାରିବାରିକ କଳହ ଯୋଗୁ ଅସନ୍ତୋଷ ରହୁଛନ୍ତି। ପିଲାମାନେ ମଧ୍ୟ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଅଭିଭାବକ ଏବଂ ପିଲାଙ୍କୁ ନେଇ ଆଲୋଚନା କରାଯାଉ। ସବୁ ବିଦ୍ୟାଳୟରେ ସ୍ୱତନ୍ତ୍ର କାଉନସେଲର ରହିବା ନିହାତି ଜରୁରୀ ବୋଲି ବିଜେଇଏମ ପରିଚାଳନା କମିଟିର ପରିଚାଳକ ପ୍ରତାପ ଜେନା କହିଛନ୍ତି।

ଅଭିଭାବକ ଲିଙ୍ଗରାଜ ମିଶ୍ର କହିଛନ୍ତି, ବିଦ୍ୟାଳୟରେ କାଉନ୍‌ସେଲର ରହିବା ଅତ୍ୟନ୍ତ ଜରୁରୀ। ପିଲାମାନେ ପାଠପଢ଼ିବାଠାରୁ ଆରମ୍ଭ କରି ବିଭିନ୍ନ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଙ୍ଗମାନେ ଅଧିକ ମାର୍କ ରଖିଦେଲେ କିମ୍ବା ପରିବାର କଳହ ଯୋଗୁ ସେମାନଙ୍କ ମାନସିକତା ପ୍ରଭାବିତ ହେଉଛି। ପାଠପଢ଼ାରେ ଯେପରି ସେମାନେ ସ୍ଥିର ରହିପାରିବେ ସେଥିପାଇଁ କ୍ୟାରିୟର ପରାମର୍ଶର ଆବଶ୍ୟକତା ରହିଛି।

# ବୋରିଗୁମ୍ମାରେ ବୁଲୁଛି ଭାଲୁ: ଭିଡିଓ ଭାଇରାଲ



ଭିଡିଓରେ କଏଦ ହୋଇଥିବା ଭାଲୁ ବୁଲୁଥିବା ଦୃଶ୍ୟ।

**କୋରାପୁଟ,୨୪।୧(ଅମିତାଭ ବେହେରା)**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ପୋଡ଼ାପଦର ଗାଁରେ ୩ଟି ଭାଲୁ ବୁଲୁଥିବା ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ରହିଛନ୍ତି। ପୋଡ଼ାପଦର ମୁଖ୍ୟ ରାସ୍ତା ଉପରେ ନିର୍ଭୟରେ ୩ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଦିନରେ ନିକଟ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି। ଜଙ୍ଗଲରୁ ଆବଶ୍ୟକ ଖାଦ୍ୟ ନ ପାଇବାରୁ ଭାଲୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ବିସିଂପୁର ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଥିଲା। ଭାଲୁ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ପୁଣି ପୋଡ଼ାପଦର ମୁଖ୍ୟ ରାସ୍ତା ଓ ମନ୍ଦିର ନିକଟରେ ଭାଲୁ ବୁଲୁଥିବାରୁ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରକୁ ଯିବାକୁ ଭୟ କରୁଛନ୍ତି। ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ କୋରାପୁଟ ରେଞ୍ଜର ଏସ୍.କେ.ପାହାଡ ସିଂ ଏହି ଋତୁରେ ଜଙ୍ଗଲରେ ପଶୁ ଖାଇବା ମିଳୁ ନ ଥିବାରୁ ସେମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଉଛି। ଭାଲୁ ଚଳାଚଳ ରାସ୍ତାରେ ସତର୍କ ସୂଚନା ଦିଆଯାଉଛି ବୋଲି କହିଛନ୍ତି।


ଗୁରୁକୁଳ ହରିପୁରଠାରେ ଶନିବାର ତ୍ରିଦିବସୀୟ ବାର୍ଷିକ ମହୋତ୍ସବ ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗୁରୁକୁଳ ହେଉଛି ମଣିଷ ତିଆରି କାରଖାନା: ମନ୍ତ୍ରୀ

## ଗୁରୁକୁଳ ହରିପୁରର ୧୬ତମ ବାର୍ଷିକ ମହୋତ୍ସବ

ନୂଆପଡ଼ା,୨୪।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନୀ ଗାଁ ଗୁରୁକୁଳ ହରିପୁରଠାରେ ଶନିବାର ୧୬ତମ ତ୍ରିଦିବସିୟ ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗୁରୁକୁଳ ପ୍ରତିଷ୍ଠାତା ଡା. ସୁଦର୍ଶନ ଦେବ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟଅତିଥି, ନୂଆପଡା ବିଧାୟକ ଜୟ ଢୋଲକିଆ, କେନ୍ଦ୍ରୀୟ ବିଶ୍ୱ ସଂସ୍କୃତ ବିଦ୍ୟାଳୟ ନୂଆଦିଲ୍ଲୀ ପ୍ରଫେସର ଡ. ସୁନିତା ଜୀ, ପ୍ରଫେସର ଡ. ଚକ୍ରଧର ମେହେର, ସ୍ୱାମୀ ମୁକ୍ତାନନ୍ଦ ଜୀ, ଆଚାର୍ଯ୍ୟ ଓମ୍ ପ୍ରକାଶ ହଂସ, ଆଚାର୍ଯ୍ୟ ସୁରେନ୍ଦ୍ର ବୁଦ୍ଧରାଜ, ସୋନପୁର ଜିଲାରୁ ଆଚାର୍ଯ୍ୟ ଡ. କୈଳାଶ ଚାନ୍ଦ, ସୋଭାପଲିରୁ ଆଚାର୍ଯ୍ୟ ସୋମନାଥ ପାତ୍ର, କୋଲକାତାରୁ ଆଚାର୍ଯ୍ୟ ରାହୁଳ ଦେବ ଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହୋତ୍ସବକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଭାଗ୍ୟରେ ଥିଲେ ଏପରି ଗୁରୁକୁଳ ଆସିବାର ସୁଯୋଗ ମିଳେ। ଏଠାରେ ସମସ୍ତ ପ୍ରକାର ଶିକ୍ଷା ମିଳେ। ଗୁରୁକୁଳ ହେଉଛି ମଣିଷ ତିଆରି କାରଖାନା। ନୂଆପଡା ଉପନିର୍ବାଚନ ସମୟରେ ୧୦ଦିନ ଏଠାରେ ରହି ସମସ୍ତ କାର୍ଯ୍ୟକ୍ରମ ଅନୁସରଣ କରିଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ, ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତିନିଦିନ ଧରି ବ୍ରହ୍ମଚାରୀଙ୍କ ବୌଦ୍ଧିକ, ଆଧାତ୍ମିକ ପ୍ରଦର୍ଶନ, ଲାଠି ଚାଳନା, ଭାଲା, ଚକ୍ଷୁ, ନାଡି ରୋକିବା, ମୁହଁରେ ଲୁହାରଡ ମୋଡିବା, ଧନୁ ଚାଳନା, ମଲ୍ଲଖମ ଆଦି କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମନ୍ତ୍ରୀଙ୍କ କରକମଳରେ ଏକ ବୃହତ୍ ଜେନେରେଟରର ଉଦ୍‌ଘାଟନ କରାଯାଇଥିଲା । ଆଚାର୍ଯ୍ୟ ଦିଲିପ ଜିଜ୍ଞାସୁ ସଭା ପରିଚାଳନା କରିଥିଲେ।

# ବେଆଇନ ମଦ ବିକ୍ରି: ଜଣେ ଗିରଫ

ଗୋଲାମୁଣ୍ଡା, ୨୪।୧(ବଟକୃଷ୍ଣ ପଣ୍ଡା): ଗୋଲାମୁଣ୍ଡା ବ୍ଲକ ଅମଠା ଗାଁରେ ଶନିବାର ଅବକାରୀ ବିଭାଗ ଚଢାଉ କରି ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗାଁର ବରୁଣ ମାଝୀ। ଅଭିଯୁକ୍ତଙ୍କଠାରୁ ୩୧. ୫୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ତରଫରୁ ଅବକାରୀ ଥାନା କେସ ନଂ.୧୮/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଧର୍ମଗଡ଼ ଅବକାରୀ ଅଧିକାରିଣୀ ପ୍ରତିମା ବେହେରା, ଭୁଜବଳ ପଟେଲ, କର୍ଣ୍ଣ ବାଗ, ଯଶୋବନ୍ତି ଭୋଇ ପ୍ରମୁଖ ସାମିଲ ଥିଲେ।

# ୨ବର୍ଷ ପରେ ଖୋଳାହେଲା ଗଭୀର ନଳକୂପ

କେସିଙ୍ଗା,୨୪।୧(ତୁମେଶ୍ୱର ସାହୁ)


ବାଲସି ଗ୍ରାମରେ ଗଭୀର ନଳକୂପ ଖନନ କରାଯାଉଛି।

ଦୀର୍ଘ ଦୁଇବର୍ଷ ପରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲ୍‌ସି ଗ୍ରାମରେ ଗଭୀର ନଳକୂପ ଖନନ ହୋଇଥିବା ଚାଷୀ ମହଲରେ ଖୁସି ପ୍ରକାଶ ପାଇଛି। ସୂଚନା ଅନୁସାରେ, କଳାହାଣ୍ଡି ଜିଲା ଉଠା ଜଳସେଚନ ପ୍ରକଳ୍ପ ଆହ୍ୱାନ କ୍ରମେ ଗ୍ରାମର ପ୍ରାୟ ୨୦ ଜଣ ଚାଷୀ ଗଭୀର ନଳକୂପ ଖନନ ପାଇଁ ୨୦୨୩ରେ ଅନ୍‌ଲାଇନରେ ୪ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କାମ ଆରମ୍ଭ ନ ହେବାରୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସାଂସଦ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ତୁରନ୍ତ ସମାଧାନ ପାଇଁ ତାଗିଦ କରିଥିଲେ। ତଦନୁଯାୟୀ ବିଭାଗୀୟ ଅଧିକାରୀ ଯୁଦ୍ଧକାଳୀନ ଭିତ୍ତିରେ ବୋର୍‌ୱେଲ ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି। ଗଭୀର ନଳକୂପ ଖନନ ପରେ ସୋଲାର ଓ ବିଦ୍ୟୁତ୍ ସଂଯୋଗ ପାଇଁ ମଧ୍ୟ ଟେଣ୍ଡର ହୋଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭଗୀୟ କନିଷ୍ଠ ଯନ୍ତ୍ରୀ ଶାନ୍ତନୁ ମାଝିଙ୍କୁ ପଚାରିବାରୁ ସରକାର ବଦଳିବାରୁ ବିଳମ୍ବ ହେଉଥିଲା ବୋଲି ପ୍ରକାଶ କରିଥିଲେ।

# ସର୍ଦ୍ଦାରଙ୍କୁ ଗିରଫ ପାଇଁ ଦାବିପତ୍ର


ଥାନାକୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା।

## ଦାଦନ ଶ୍ରମିକଙ୍କୁ ପୋଡି ମାରିବା ଉଦ୍ୟମ

ଖଡ଼ିଆଳ,୨୪।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଜୁନାପାଣି ଖଲିଆ ଭଟାର ଶ୍ରମିକ ବିଦ୍ୟାଧର ମାଝିଙ୍କୁ ପୋଡ଼ି ମାରିବା ଉଦ୍ୟମ ଘଟଣାରେ ସମ୍ପୃକ୍ତ ଦାଦନ ସର୍ଦ୍ଦାରଙ୍କୁ ଗିରଫ ପାଇଁ ଶନିବାର କଂଗ୍ରେସ ପକ୍ଷରୁ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ଦାବିପତ୍ର ଦିଆଯାଇଛି। ୮ଦିନ ମଧ୍ୟରେ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତାଣ୍ଡିଙ୍କ ଅଭିଯୋଗ ଅନୁଯାୟୀ ଦାଦନ ସର୍ଦ୍ଦାରଙ୍କ ମାଧ୍ୟମରେ ଶ୍ରମିକ ବିଦ୍ୟାଧର ମାଝି ଇଟା ତିଆରି ପାଇଁ ହାଇଦ୍ରାବାଦ ଯାଇଥିଲେ। ହେଲେ କୌଣସି କାରଣରୁ ଦାଦନ ସର୍ଦ୍ଦାର ତାଙ୍କ ଦେହରେ ତୈଳଜାତୀୟ ପଦାର୍ଥ ଢାଳି ନିଆଁ ଲାଗଇଦେଇଥିଲେ। ଏଥିରେ ତାଙ୍କ ଶରୀରର ୭୦ପ୍ରତିଶତ ପୋଡିଯାଇଛି। ଏବେ ସେ ଗୁରୁତର ଅବସ୍ଥାରେ ଶଯ୍ୟାଶାୟୀ ଅଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ ହୋଇଥିଲେ ମଧ୍ୟ ୭ଦିନ ପରେ ବି ପଦକ୍ଷେପ ନିଆଯାଇ ନାହିଁ। ଦାବିପତ୍ର ପ୍ରଦାନ ସମୟରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀ ରାଜେଶ ବେହେରା, ପଦ୍ମନାଭ ଜଗତ, ହେମନ୍ତ ପୁଞ୍ଜି, ଦେବରାଜ ଶବର, ଭଗବାନ ରାଉତ, ଦେବେନ୍ଦ୍ର ବେହେରା, ବୁଦ୍ଧଦେବ ବେହେରା, ଲିଙ୍ଗରାଜ ଜାଲ, ମାୟାଧର ସୁନାନୀ, କୁନ୍ଦନ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଖଡ଼ିଆଳ ଥାନା ଅଧିକାରୀ ନାଏକଙ୍କୁ ପଚାରିବରୁ ମୁଁ ନୂତନ ଭାବରେ ଆସିଛି। ଏହି କେସ ବାବଦରେ ଏସ୍‌ଡିପିଓଙ୍କ ସହିତ କଥା ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ଅର୍ଚ୍ଚନା ପାଢ଼ୀଙ୍କ ଗୀତରେ ଦର୍ଶକ ଝୁମିଲେ


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପିତ

ବୋଡ଼େନ,୨୪।୧ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ହାଇସ୍କୁଲ ପଡିଆରେ ପାତାଳଗଙ୍ଗା ଲୋକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଂଯୋଜକ ଫାରୁକ ମହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟଅତିଥି, ବଲାଙ୍ଗୀର ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା, ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ବିଶିଷ୍ଟ ଅତିଥି, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ବିଶିଷ୍ଟ ଅତିଥି, ଖଡିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରି ମାଝୀ, ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବୋଡେନ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ସଞ୍ଜୀବ ନାଏକ, ବିଇଓ ରୁଦ୍ରେଶ୍ୱର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଡ. ଅର୍ଚ୍ଚନା ପାଢୀଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଆୟୋଜକ କମିଟି ସଭାପତି ଲମ୍ବୋଧର ନିଆଲ, ଉପସଭାପତି ଯୋଗେନ୍ଦ୍ର ନାଥ ମାଝୀ, ସମ୍ପାଦକ ଗରୁଡଧ୍ୱଜ ଦଣ୍ଡସେନା, ସହ ସମ୍ପାଦକ ରାଜୁ ହେର୍ଣ୍ଣା, କୋଷାଧ୍ୟକ୍ଷ ରୋହିତ ଦଣ୍ଡସେନା, ସହସଂଯୋଜକ ବୈଷ୍ଣବ ଦୁରିଆ, ବେଣୁଧର ଜଗତ, ଜ୍ୟୋତିରାଜ ଦଣ୍ଡସେନା, ଆକାଶ ଅଗ୍ରୱାଲ, ତ୍ରିନାଥ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ରବିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଜୀ ଜୟନ୍ତୀ ପାଳିତ

ରୁପ୍ରାରୋଡ,୨୪।୧(ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ ଗ୍ରାମରେ ମାଇଁ ଭାରତ କଳାହାଣ୍ଡି ଆନୁକୂଲ୍ୟରେ ଓ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସହଯୋଗରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ନର୍ଲା ଜିଲା ପରିଷଦ ଜୋନ ୨ ସଦସ୍ୟ ହରିଶଙ୍କର ମାଝୀ ମୁଖ୍ୟ ଅତିଥି, ପିଏଚ୍‌ଏସ୍ ସରିଆଁ ବିଜ୍ଞାନ ଶିକ୍ଷକ ଗଙ୍ଗା ନାରାୟଣ ଦାସ ମୁଖ୍ୟବକ୍ତା ଓ ପିଏଚ୍‌ଏସ୍ ସରିଆଁର ପ୍ରଧାନ ଶିକ୍ଷକ ସାଧୁରମ ଭୋଇ, କ୍ଲବର ଉପଦେଷ୍ଟା ଜାଗୁଲାଲ ଭୋଇ, ଶରତ ଚନ୍ଦ୍ର ଭୋଇ, ପ୍ରମୋଦ ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। କ୍ଲବର ସଭାପତି ଦୁର୍ବାଦଳ ଭୋଇ ସଭାପତିତ୍ୱ କରିଥିବା ବେଳେ ସଦସ୍ୟ ଅଚ୍ୟୁତାନନ୍ଦ ଭୋଇ ସଭା ପରିଚଳନା କରିଥିଲେ।

# ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ: ବିକାଶ ସ୍କୁଲର ଶ୍ରେୟାଂଶୀ ପ୍ରଧାନ ଜୁରି ମନୋନୀତ



ଭବାନୀପାଟଣା, ୨୪।୧ (ଉତ୍ତମ କୁମାର ଦାଶ): ନୂଆଦିଲ୍ଲୀଠାରେ ଆସନ୍ତା ଜାନୁଆରୀ ୨୮ରୁ ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ସ୍ମାଇଲ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଫର ଚିଲଡ୍ରେନ ଆଣ୍ଡ ୟୁଥ୍‌ର ୧୨ତମ ଫିଲ୍ମ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଶ୍ରେୟାଂଶୀ ପ୍ରଧାନ ଯୁବ ଜୁରି ଭାବରେ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ମହୋତ୍ସବରେ ଦେଶବିଦେଶର ଶିଶୁ ଫିଚର ଫିଲ୍ମ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାସହିତ ବିଭିନ୍ନ ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଭବାନୀପାଟଣା ସହର ଶମ୍ଭୁ ନଗରପଡାର ଶିକ୍ଷକ କୃପାସିନ୍ଧୁ ପ୍ରଧାନଙ୍କ ଝିଅ ଶ୍ରେୟାଂଶୀ ଜୁରି ଭାବେ ମନୋନୀତ ହେବା ପରେ ବିକାଶ ଆବାସିକ ସ୍କୁଲର ନିର୍ଦ୍ଦେଶକ ଶ୍ୟାମ, ରାମ, ଶିକ୍ଷା ପ୍ରଭାରୀ ଶ୍ୟାମଳା, ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ମିଶ୍ର ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ବେହେରାରେ ଯୁବ ମହୋତ୍ସବ

ବେହେରା, ୨୪।୧(ଭୂପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ବିଜୁ କଲ୍ୟାଣ ମଣ୍ଡପଠାରେ ଆର୍‌ସିଡିସି ଆନୁକୂଲ୍ୟରେ ଶନିବାର ଯୁବ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଶିଶୁ ବିକାଶ ପ୍ରକଳ୍ପ କଳାହାଣ୍ଡି ଓ ନୂଆପଡ଼ାର ଯୁବକସଂଘ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ଼ ମୁଖ୍ୟ ଅତିଥି ଓ ଆର୍‌ସିଡିସି ପ୍ରଦୀପ କୁମାର ପାତ୍ର, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବତୀଯୁବକଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଚାଇଲ୍ଡ ଫଣ୍ଡର ଯୁବ ପ୍ରତିଭା ଅଧ୍ୟାପିକା ସରିତା ଭର୍ତ୍ତିଆ ଓ ଧର୍ମଗଡ଼ ଡିଗ୍ରୀ ବାଳିକା ମହାବିଦ୍ୟାଳୟ ଅଧ୍ୟାପିକା କୁମୁଦିନୀ ନାଏକ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.NFR-KUR-LOCO-26

**Seq. No.AA/1 :** ଲଟ୍ ସଂ./ବର୍ଗ : ADVT-LOCO-KUR-ANGL-227-25-1 (Advertising-Loco Exterior), ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ୍ (03 ଗୋଟି) ଗୁଡ଼ିକର ବାହ୍ୟ ବ୍ରାଣ୍ଡିଙ୍ଗ୍।

**Seq. No.AA/2 :** ଲଟ୍ ସଂ./ବର୍ଗ : ADVT-LOCO-KUR-ANGL-226-25-2 (Advertising-Loco Exterior), ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ୍ (05 ଗୋଟି) ଗୁଡ଼ିକର ବାହ୍ୟ ପୃଷ୍ଠଭାଗରେ ବ୍ରାଣ୍ଡିଙ୍ଗ୍।

ଦର ୟୁନିଟ୍: ବାର୍ଷିକ ଲାଇସେନ୍ସିଂ ଶୁଳ୍କ (ଉଭୟ Seq. No ନିମନ୍ତେ), ଟ୍ରିପ୍/ଦିବସ : 1096 (ଉଭୟ Seq. No ନିମନ୍ତେ), ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.10.02.2026ରିଖ 1200 ଘଟିକା (ଉଭୟ Seq. No ନିମନ୍ତେ), ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.10.02.2026ରିଖ 1230 ଘଟିକା (Seq. No.AA/1 ପାଇଁ) ଏବଂ 1240 ଘଟିକା (Seq. No.AA/2 ପାଇଁ), ସର୍ବନିମ୍ନ ବୃଦ୍ଧି (%): 0.2 (ଉଭୟ Seq. No ନିମନ୍ତେ), ଲଟ୍ ସ୍ଥିତି : ଡ୍ରାଫ୍ଟ କାଟଲଗ୍‌ରେ ନୂଆ (ଉଭୟ Seq. No ନିମନ୍ତେ)।

ସମ୍ପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1048/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-LHS-02-KUR-539, ତା.19.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ବିଭିନ୍ନ ଷ୍ଟେସନ/ସେକ୍ସନଗୁଡ଼ିକ ମଧ୍ୟରେ କି.ମି.140/29-31 ସ୍ଥିତ ଜବରଦଖଲ ସ୍ଥାନଗୁଡ଼ିକ ଠାରେ ଏବଂ ବର୍ତ୍ତମାନର କି.ମି.424/14-16 ସ୍ଥିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ସଂ. CT-29, କି.ମି.473/29-31 ସ୍ଥିତ ସଂ. CT-65, କି.ମି.438/14-16 ସ୍ଥିତ ସଂ. JB-12, କି.ମି.449/9-11 ସ୍ଥିତ ସଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ଏବଂ ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 2,14,33,436.10, EMD (ଟଙ୍କାରେ) : 2,57,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.27.01.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-1046/Q/25-26

See Career Appointment on every Wednesday & Saturday

**ଓଡ଼ିଶା ସରକାର** No.T-

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.26.01.2026 ରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-

**Government of Odisha**
**Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-2133

E-Mail : rw.kamakhyanagar@yahoo.co.in

**e-procurement Notice No. 25 / Road Work / 2025-26**

1. Name of the Work : Road Work
2. Total No. of Works : 05 (Two) Nos.
3. Tender Cost : Rs.5.08 to 40.32 lakhs
4. Class of Contractor : D, C & B equivalent
5. Period of Completion : 1 calendar month
6. Availability of Tender online for bidding : 28.01.2026 at 11.00 A.M. to 03.02.2026 up to 5.00 P.M.
7. Last Date & Time of seeking tender clarification : 02.02.2026 upto 5.00 P.M.
8. Date & Time of opening of Bid : 04.02.2026 at 11.00 A.M.

Other details can be seen from the website http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar

OIPR-

**KHORDHA LAW COLLEGE**
ESTD:2016
Recog. By Govt. of Odisha, Affiliated to BCI & MLU

No-12/KLC/2026 Date-24/01/2026

Applications are invited from the eligible candidates having Ph.D./ Net Qualified, for appointment of fulltime **Associate Professor & Assistant Professor and Guest faculties** in English/Pol Science/ History/ Sociology/ Economic/Journalism & Mass Communication/ Psychology/Public Administration. Non-Teaching post- Junior Accountant (1) Qualification: B.com/M.com with min 1year tally experience. Junior Clerk(1), Qualification, Any Graduate with better computer skill and minimum 1 year experience in clerical work. Salary and other perk are negotiable.

Application of candidates should reach Principal, Khordha Law College within 15 days from the date of publication of advertisement notice.

Email Id: khordhalawcollege@gmail.com

Sd./- Principal
KLC, Khordha

GOVERNMENT OF ODISHA No.B-983
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
E-mail ID : eerbngpur@yahoo.com, Tel & Fax - 06858-222833 (O)

**e-Procurement Notice**
**Bid Identification No.S.E (R&B)-24/2025-26/NGP**
**No.194 Date : 15.01.2026**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil Work as mentioned in DTCN
2. No. of Work : 05 Nos.
3. Estimated Cost : Rs.7.50 Lakhs to Rs.46.88 Lakhs
4. Period of Completion : 1 to 4 Calendar of Months
5. Date & Time of Bidding : From 11.00 hours of 27.01.2026 upto 16.00 hours of 05.02.2026
6. Last Date & Time for receipt of Bids in the Portal : 16.00 hours of 05.02.2026
7. Bids received online shall be opened on : 11.00 hours of 06.02.2026
8. Name and Address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer,
Nabarangpur (R&B) Division

OIPR-

**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**
At: Nandankanan, P.O.: Barang, Dist.: Khordha, Odisha, PIN-754005
Tel./FAX: +91 674-2466075, CELL: 09437022023
E-mail: deputydirector.kanan@gmail.com

NANDANKANAN
Web: www.nandankanan.org

**ନୋଟିସ**

**ସାଧାରଣତନ୍ତ୍ର ଦିବସ (୨୬।୦୧।୨୦୨୬) ଉପଲକ୍ଷେ ନନ୍ଦନକାନନ ଖୋଲାରହିବ**

No. 8001/13/2526: ସାଧାରଣତନ୍ତ୍ର ଦିବସ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ତାରିଖ ୨୬।୦୧।୨୦୨୬ (ସୋମବାର) ଦିନ ଖୋଲା ରହିବ କିନ୍ତୁ ୨୭।୦୧।୨୦୨୬ (ମଙ୍ଗଳବାର) ଦିନ ବନ୍ଦ ରହିବ।

OIPR: 8001/8070/1/25-26/0003

ସ୍ୱା./- ଉପ ନିର୍ଦ୍ଦେଶକ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ

**ଓଡ଼ିଶା ସରକାର**
**ତହସିଲ କାର୍ଯ୍ୟାଳୟ, ଖଇରପୁଟ**
**ଘୋଷଣା**

File No. 2012/XVII-14/2025 Dated: 18.10.2025

No. 24001/3/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା – ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଡଙ୍ଗରପାଲି, ଥାନା: ମୁଦୁଲିପଡ଼ା, ତହସିଲ: ଖଇରପୁଟ, ଜିଲ୍ଲା: ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 40 ତା 13.02.2024ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଡଙ୍ଗରପାଲି, ଥାନା: ମୁଦୁଲିପଡ଼ା, ଜିଲ୍ଲା: ମାଲକାନଗିରି ନିମନ୍ତେ, ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି — ତହସିଲ: ଖଇରପୁଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡଙ୍ଗରପାଲି | ଗ୍ରାମାଞ୍ଚଳ | ୧୦ | ୪୭ | ୧.୮୫୮ | ୦.୦୨୯୧ | ଡଙ୍ଗର ଦୁଇ | ସୁନାଧର ଗୌଡ଼, ପିତା: ସନ୍ଧା ଗୌଡ଼, ବା: ଆଉଁଳିପୁଟ ପଡ଼ା ରାଉଁଳିଗୁଡ଼ା |
| ମୋଟ | | | | ୧.୮୫୮ | ୦.୦୨୯୧ | | |

ଅଧିସୂଚନାର ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ଦିନଠାରୁ ଛଅମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-24001/24382/3/25-26/0003

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE,BHUBANESWAR**
Mail id : dseccbbsr@gmail.com

**E-procurement Tender Call Notice No.23 of 2025-26**
**No. 318 (Estg.) Bhubaneswar the 19th January-2026**

**No.34001/4/2526** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for Two number road works to be received in online bidding, double cover system for Improvement work as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 30.01.2026 to 5.00 P.M of 13.02.2026**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 13.02.2026** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd/-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34001/34156/1/25-26/0004

**GOVERNMENT OF ODISHA** No.O-2080
**OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR**

e-PROCUREMENT NOTICE NO. Tender Online 17 JJPT of 2025-26

1. Name of Work : Road Works
2. Total No. of Work : 11 Nos. Road Works
3. Estimated Cost (Approx.) : Rs.10.06 to 33.89 Lakhs
4. Period of Completion : 30 Days
5. Class of contractors : "D, C & B" Class

Other details as follows :

a) Procurement officer : Superintending Engingeer, Rural Works Division, Jajpur
b) Availability of tender online & submission of bid : 27.01.2026 at 10.00 A.M. to 06.02.2026 upto 5.00 P.M.
c) Last date & time of seeking of tender clarification : 05.02.2026 up to 5.00 P.M.
d) Opening of Technical Bid : 07.02.2026 at 11.30 A.M.

Further details can be seen from the Govt. website : www.tendersodisha.gov.in

**Note :- If situation arises the transparent lottery will be held on 12.02.2026, at 11.30 A.M.**

Sd./- Superintending Engineer
Rural Works Division, Jajpur

OIPR-

## ନୂତନ ଟାଟା ସିଏରାର ବଜାର ପ୍ରବେଶ




ଭୁବନେଶ୍ୱର, ୨୪।୧(ଅନୁରାଧା ମହାରଣା) ଟାଟା କମ୍ପାନୀର ସ୍ଥାନୀୟ ଶୋ'ରୁମ୍ ଲଙ୍କେଶ୍ୱରୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ ତୀର୍ଥରାଜ ସାହୁ ଏବଂ ମୁଖ୍ୟ ଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକ ସୁଜୟ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଗାଡ଼ିର ଅନାବରଣ କରିଥିଲେ। ଟାଟା ସିଏରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ୪ ହୁଇଲ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଭର୍ସନରେ ଗାଡ଼ିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। ଏହି ଗାଡ଼ିରେ ପାନୋରାମିକ ସନ୍ ରୁଫ୍, ୬୨୨ ଲିଟର ବୁଟ୍ ସ୍ପେସ୍, ୧୯ ଇଞ୍ଚ ବିଶିଷ୍ଟ ଆଲଏ ହୁଇଲ, ବେଷ୍ଟ ହେଡ୍ ରୁମ୍, ସୋଲ୍ଡର ରୁମ୍, ଲିଗ୍ ରୁମ୍ ଭଳି ୩୦ଟି ଫିଚର ରହିଛି। ଏହି ଗାଡ଼ିଟି ୧.୫ ଲିଟର ଗ୍ୟାସୋଲିନ୍ ଏବଂ ଡିଜେଲ ଇଞ୍ଜିନ ସହ ଉଭୟ ମାନୁଆଲ ଏବଂ ଅଟୋମେଟିକ୍ ଟ୍ରାନ୍ସମିଶନରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଉକ୍ତ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ଟ୍ରୁ ପଞ୍ଚକୁ ମଧ୍ୟ ଅତିଥିମାନେ ଅନାବରଣ କରିଥିଲେ। ୨୦୨୪ରେ ସର୍ବାଧିକ ବିକ୍ରି ହୋଇଥିବା ଏହି ଗାଡ଼ିରେ ସମସ୍ତ ନୂଆ ଫିଚର ସବୁ ରହିଛି।

# ପ୍ରତିଭା ବିକାଶ ପାଇଁ ମଞ୍ଚ ଜରୁରୀ

### ପଞ୍ଚାୟତସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ ମହକ

ଅମରପାଲି,୨୪।୧(ପୀତାମ୍ବର ସାହୁ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ବଧୂ ବାମନ ଯୁବକ ସଂଘ ଆନୁକୂଲ୍ୟରେ ୩୨ତମ ଶିଶୁ ପ୍ରତିଭା ଉତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦତ୍ତ, ବହଳପଦର ଗ୍ରାମ୍ୟ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ପ୍ରଧାନ, ଗ୍ରାମ୍ୟ କମିଟି ସମ୍ପାଦକ ତଥା ଅଧ୍ୟାପକ ବାବୁଲାଲ ପ୍ରଧାନ, ଗୌରିଆ ନାରାୟଣ ଦତ୍ତ, ଶିକ୍ଷକ ପ୍ରଦୀପ ଜଗଦଲା, ୱାର୍ଡସଭ୍ୟ ରମାକାନ୍ତ ଭୁଞ୍ଜା, ସ୍ୱେଚ୍ଛାସେବୀ ହିମାଂଶୁ ସାହୁ, ବାବାଜୀଧର ବେହେରା, ମଞ୍ଜୁ ମହାକୁର ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରତ୍ୟେକ ଶିଶୁମାନଙ୍କ ପାଖରେ ପ୍ରତିଭା ରହିଛି। ଏହାକୁ ଲୋକଲୋଚନକୁ ଆଣିବାକୁ ଅଭିଭାବକ ପ୍ରଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ଏହା ସହିତ ପିଲାଙ୍କ ପ୍ରତିଭାର ବିକାଶ ପାଇଁ ମହକ ଭଳି ମଞ୍ଚର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ବହଳପଦର, ଅମରପାଲି, ଲୁହୁରପଙ୍କ, ବଡ଼ମାଲ, ଗୌଡ଼ଗାଡ଼, ବୀରମହାରାଜପୁର, ରେଢ଼ାଖୋଲ ଆଦି ଅଞ୍ଚଳରୁ ଶିଶୁ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏଥିରେ ଅମରପାଲି ହାଇସ୍କୁଲ ନୃତ୍ୟଶିଳ୍ପୀ ଦଳ ପ୍ରଥମ, ବହଳପଦର ୟୁପି ସ୍କୁଲ ଦଳ ଦ୍ୱିତୀୟ ଓ ଅମରପାଲି ୟୁପି ସ୍କୁଲ ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତି ନୃତ୍ୟଶିଳ୍ପୀଙ୍କୁ ମାନପତ୍ର ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବହଳପଦର ଯୁବକ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡୁଙ୍ଗୁରିପାଲିରେ ଉଜ୍ଜ୍ୱଳ ବଜାଜ ଶୋ'ରୁମ୍ ଉଦ୍‌ଘାଟିତ



ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଏଫ୍‌ସିଆଇ ଛକରେ ବଜାଜ ଅଟୋ କମ୍ପାନୀର ଉଜ୍ଜ୍ୱଳ ବଜାଜ ବାଇକ୍ ଶୋ'ରୁମ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଗ୍ରାହକମାନେ।

ସୋନପୁର,୨୪।୧(ବି.ଶଙ୍କର) ବଜାଜ ଅଟୋ କମ୍ପାନୀର ଉଜ୍ଜ୍ୱଳ ବଜାଜ ବାଇକ ଶୋରୁମ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରସ୍ଥିତ ଏଫ୍‌ସିଆଇ ଛକରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଡୁଙ୍ଗୁରିପାଲି ଥାନାଧିକାରୀ ରୋଜାଲିନ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ଶୋରୁମର ଶୁଭାରମ୍ଭ କରିଥିଲେ। ଉଜ୍ଜ୍ୱଳ ବଜାଜ ବାଇକ ଶୋରୁମ ସ୍ୱତ୍ତ୍ୱାଧିକାରୀ ଦିନେଶ କୁମାର ଶର୍ମା ଗ୍ରାହକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ସ୍ୱତ୍ତ୍ୱାଧିକାରୀ ଦୀପକ କୁମାର ଶର୍ମା କହିଥିଲେ, ଅଞ୍ଚଳବାସୀଙ୍କୁ ସୁବିଧାରେ ବଜାର କମ୍ପାନୀର ବିଭିନ୍ନ ପ୍ରକାର ବାଇକ ଯୋଗାଇ ଦିଆଯିବ। ସେମାନଙ୍କୁ ଅନ୍ୟ ସହର ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବାଇକ ବିକ୍ରୟ ସହ ସର୍ଭିସକୁ ମଧ୍ୟ ଉଜ୍ଜ୍ୱଳ ବଜାଜ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଏହାକୁ ଦୃଷ୍ଟି ରଖି ଡୁଙ୍ଗୁରିପାଲିରେ କମ୍ପାନୀର ଅତ୍ୟାଧୁନିକ ସର୍ଭିସ ସେଣ୍ଟର ମଧ୍ୟ ଉପଲବ୍ଧ ରହିଛି ବୋଲି ସୂଚିତ କରିଥିଲେ।

# କଫ୍ ସିରପ୍ ଜବତ, ୬ ଗିରଫ

ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ) ବରଗଡ଼ ଟାଉନ ଥାନା ପୋଲିସ ଶନିବାର ପୁଣି ବିପୁଳ ପରିମାଣରେ କଫ ସିରପ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବରଗଡ଼ ଟାଉନ ଥାନା ବରଡ଼ୋଲ ଗ୍ରାମର ସତ୍ୟବାନ ପ୍ରଧାନ(୪୨), ବିକ୍ରମ ପ୍ରଧାନ(୩୭), ବରଗଡ଼ ସିମେଣ୍ଟ ଫ୍ୟାକ୍ଟ୍ରି କେନାଲପଡ଼ାର ଦିଲୀପ ବାଦୀ(୨୮), ସମ୍ବଲପୁର ଜିଲା ବୁର୍ଲା ଥାନା ଡ଼ିପାପଡ଼ା ଦିନଦୟାଲ ନଗର ନିବାସୀ ସୁରଜ ନାଗ(୪୦), ଗଞ୍ଜାମ ଜିଲା ଗଞ୍ଜାପୁର ଥାନା କେନ୍ଦୁପଦର ମୂଳ ବାସିନ୍ଦା ତଥା ବର୍ତ୍ତମାନ ସମ୍ବଲପୁର ଜିଲା ବୁର୍ଲା ଥାନା ଗୌଡ଼ପାଲିରେ ରହୁଥିବା ସନ୍ତୋଷ କୁମାର ପଣ୍ଡା(୩୮) ଏବଂ ଅନିଲ ମହାନନ୍ଦ(୨୫)। ସେମାନଙ୍କ ପାଖରୁ ୧୩୦ ବୋତଲ କଫ ସିରପ୍, ୨ଟିପ୍ସ ନିଶା ଟିକିଆ, ଗୋଟିଏ ବାଇକ୍



ଗିରଫ ୬ ଅଭିଯୁକ୍ତ।

(ନଂ.ଓଡ଼ି୧୭ଇ/୭୧୯୦), ଗୋଟିଏ ହୋଣ୍ଡା ଲିଭୋ ବାଇକ୍, ଗୋଟିଏ ଅଟୋ(ନଂ. ଓଡ଼ି୧୫କ୍ୟୁ/୦୩୦୭), ନଗଦ ୧୮୧୦ ଟଙ୍କା ଏବଂ ୫ମୋବାଇଲ ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୦/୨୬) ରୁଜୁ କରି ଅଧିକ ତଦନ୍ତ କରୁଛି। ପ୍ରକାଶଥାଉକି, ବରଗଡ଼ ଟାଉନ ଥାନା ପୋଲିସ ଗତ ୨୧ତାରିଖରେ ବରଗଡ଼-କଟାପାଲି ରାସ୍ତାପାର୍ଶ୍ୱ ବାଞ୍ଜିବାହାଲି କେନାଲ ବ୍ରିଜ ନିକଟରେ ରହିଥିବା ଜିଲା ବାହାର ଏସ୍‌ଡିପିଓ ପାହ୍ୟାରେ କାର୍ଯ୍ୟରତ ଜଣେ ପୋଲିସ ଅଧିକାରୀଙ୍କ ଫାର୍ମ ହାଉସରୁ ୫୦୫୦ ବୋତଲ କଫ୍ ସିରପ୍ ଜବତ କରିଥିଲା। ଏଥିରେ ସେତେବେଳେ ପୋଲିସ ଜଣେ ମହିଳାଙ୍କ ସମେତ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ୨ନାବାଳକଙ୍କୁ ଅଟକ ରଖିଥିଲା।

## ଅଠାବିରା କଲେଜରେ ମତଦାତା ଦିବସ



ଜାତୀୟ ମତଦାତା ଦିବସ ଅବସରରେ ସଂକଳ୍ପ ନେଉଛନ୍ତି।

ଅଠାବିରା,୨୪।୧(ଯୁଧିଷ୍ଠିର ମହାପାତ୍ର) ବରଗଡ଼ ଜିଲା ଅଠାବିରା ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଧାନ ଭୋଟ୍ ଦେବାର ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ସେ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଶିବ ପ୍ରସାଦ ମିଶ୍ର ଏବଂ ଜିଲା ଯୁବ ରେଡ଼କ୍ରସ ଜିଲା ସଂଯୋଜକ ପରମାନନ୍ଦ ରଥ ପ୍ରମୁଖ ଉପସ୍ଥିତ ରହି ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହାସହିତ ସମସ୍ତେ ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାକୁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଅରୁଣ କୁମାର ପ୍ରଧାନ, ବିଜୟ କୁମାର ନାୟକ, ଶିଳ୍ପୀ ସାହୁ, ସରୋଜ ଦାଶ, ଅଧ୍ୟାପିକା ଅପର୍ଣ୍ଣା ସାହୁ, ଅଞ୍ଜିତା ଛୁରିଆ, ରାତି ପ୍ରଧାନ, ତନୁଶ୍ରୀ ପ୍ରଧାନ, ପ୍ରତୀକ୍ଷା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବ ରେଡ଼କ୍ରସ ସଂଯୋଜକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧୫ ମହିଳା ସ୍ୱାସ୍ଥ୍ୟସେବା ପାଇଲେ

ବିନିକା,୨୪।୧(ରାମ ଗୋପାଳ ବାଘ) ସୁବର୍ଣ୍ଣପୁର ଜିଲା ବିନିକା ନୂଆ ବଜାରରେ ଶନିବାର ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ସ୍ମୃତିକମିଟି ଦ୍ୱାରା ମହିଳାମାନଙ୍କ ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିନିକା ମାଟିର ସୁଯୋଗ୍ୟ ସନ୍ତାନ ତଥା ଭିମସାର ବୁର୍ଲା ପ୍ରସୂତି ଓ ସ୍ତ୍ରୀ ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ ପ୍ରତ୍ୟେକ ମାସ ଚତୁର୍ଥ ଶନିବାର ଜନ୍ମ ମାଟି ସଂସାପୁରାକୁ ଆସି ମାଗଣାରେ ଚିକିତ୍ସା କରି ଆସୁଛନ୍ତି। ଏହି ଅବସରରେ ୧୧୫ ଜଣ ମହିଳାଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଲଟି ଅନନ୍ତରାମ ଷାଣ୍ଡ, କମିଟି ଲିଗାଲ ଏଡ ତଥା ବିନିକା ଜେଏମ୍‌ଏଫ୍‌ସି କୋର୍ଟ ସରକାରୀ ଓକିଲ ବୃନ୍ଦାବନ ମିଶ୍ର, ଓକିଲ ବୀରେନ୍ଦ୍ର ପୋଢ଼, ଉପଦେଷ୍ଟା କମିଟିର ସୌମିତ୍ରୀ ପତି, ଅଶୋକ ପାଣ୍ଡେ, ନିଳମଣୀ ସାହୁ, କେଦାର ଗଣ୍ଡ, କେଶବଦେବ ମଣ୍ଡଳ, ଗନ୍ଧର୍ବ ମାହାରା, ଉମେଶ ସାଲମା, ସ୍ମୃତି କମିଟି ସଭାପତି ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ହୋତା, ଉପସଭାପତି ସୁବ୍ରତ ପତି, ସୁମନ୍ତ ଭୋଇ, ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀଙ୍କ ସମେତ ସ୍ମୃତି କମିଟି କର୍ମକର୍ତ୍ତା ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

## କ୍ରିଷ୍ଣା ବିକାଶରେ ପରାକ୍ରମ ଦିବସ

ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ) ବରଗଡ଼ର କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ସରସ୍ୱତୀ ପୂଜା, ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଥିଲା। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡ଼ି. ମୁରଲୀକ୍ରିଷ୍ଣା ଉଭୟ ମହାପୁରୁଷଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିବା ସହିତ ଜାତି ଓ ଦେଶ ପାଇଁ ସେମାନଙ୍କ ବୀରତ୍ୱ ଗାଥାର ଗୁଣଗାନ କରିଥିଲେ। ସମାରୋହରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ମାନ ତୁଲସୀ, ମ୍ୟାନେଜିଂ ଟ୍ରଷ୍ଟି ବିବେକ ଦଶାରୀ, ଡାଇରେକ୍ଟର ଟୁ ଚେୟାରମ୍ୟାନ ଲୋକେଶ ଦଶାରୀ, ଡାଇରେକ୍ଟର ଡ଼ଃ ସମରେନ୍ଦ୍ର ନାଥ ପଣ୍ଡା, ଏକ୍‌ଜିକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ଼ଃ ମନୋଜ କୁମାର ତ୍ରିପାଠୀ, କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ପିପୁଲ୍ସ ଆଣ୍ଡ କଲଚର ହେଡ୍ ଅଶ୍ୱିନୀ କୁମାର ନାୟକ, ସମସ୍ତ ବିଭାଗର ମୁଖ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭାଜପା ନେତ୍ରୀଙ୍କ ଘରୁ ଚୋରି

ଅଠାବିରା,୨୪।୧(ଯୁଧିଷ୍ଠିର ମହାପାତ୍ର) ବରଗଡ଼ ଜିଲା ଭାଜପା ସମ୍ପାଦିକା ଅର୍ଚ୍ଚନା ବାଗଙ୍କ ଅଠାବିରା ଏନ୍‌ଏସି ୱାର୍ଡ ନମ୍ବର-୭ ଖଣ୍ଡିଆଗଡ଼ ଘରୁ ଶୁକ୍ରବାର ରାତିରେ ୩ଲକ୍ଷ ହଜାର ସୁନାଗହଣା ଓ ନଗଦ ୧୫ ହଜାର ଟଙ୍କା ଚୋରି ହୋଇଛି। ଅଠାବିରା ଥାନାଧିକାରୀ ପ୍ରକାଶ କୁମାର କର୍ଣ୍ଣ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଓ ଅନୁସନ୍ଧାନ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ସୂଚନା ଅନୁସାରେ, ଅର୍ଚ୍ଚନା ତାଙ୍କ ମା' ଜନନୀ ବାଗ ଶୁକ୍ରବାର ସରସ୍ୱତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ରାତିରେ ଦୁର୍ବୃତ୍ତମାନେ ଘର ତାଲାଭାଙ୍ଗି ଆଲମିରାରେ ଥିବା ୧୮ଗ୍ରାମର ସୁନା ଚେନ, ମୁଦି, କାନଫୁଲ ଏବଂ ୪୦ଗ୍ରାମ ରୁପାର ପାୟଲ ଚୋରି କରି ନେଇଛନ୍ତି। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଉଭୟ ଘରକୁ ଆସି ଦେଖିବାରୁ ଚୋରି ହୋଇଥିବା ଜାଣି ଅଠାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ନଂ.NFR-KUR-LOCO-26

Seq. No.AA/1 : କାର୍ଯ୍ୟ / ବର୍ଣ୍ଣନା : ADVT-LOCO-KUR-ANGL-227-25-1 (Advertising-Loco Exterior), ବିଜ୍ଞାପନ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ୍ (03 ଗୋଟି) ବାହ୍ୟରେ ବିଜ୍ଞାପନ ...

Seq. No.AA/2 : କାର୍ଯ୍ୟ / ବର୍ଣ୍ଣନା : ADVT-LOCO-KUR-ANGL-226-25-2 (Advertising-Loco Exterior), ବିଜ୍ଞାପନ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ୍ (05 ଗୋଟି) ବାହ୍ୟରେ ବିଜ୍ଞାପନ ...

ଭିତ୍ତି ମୂଲ୍ୟ: ବାର୍ଷିକ ଲାଇସେନ୍ସ ଶୁଳ୍କ (ଉଭୟ Seq. No ନିମନ୍ତେ), ପ୍ରିମିୟମ୍ : 1096 (ଉଭୟ Seq. No ନିମନ୍ତେ), ... ଟା.10.02.2026ରିଖ 1200 ଘଣ୍ଟା (ଉଭୟ Seq. No ନିମନ୍ତେ), ... ଟା.10.02.2026ରିଖ 1230 ଘଣ୍ଟା (Seq. No.AA/1 ପାଇଁ) ଏବଂ 1240 ଘଣ୍ଟା (Seq. No.AA/2 ପାଇଁ), ... (%): 0.2 (ଉଭୟ Seq. No ନିମନ୍ତେ) ...

ୱେବସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1048/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.ST-OT-LHS-02-KUR-539, ତା.19.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ବିଭିନ୍ନ ... କି.ମି.140/29-31 ... କି.ମି.424/14-16 ... କି.ମି.438/14-16 ... କି.ମି.449/9-11 ... ଜଂ. CT-29, କି.ମି.473/29-31 ... ଜଂ. CT-65, ... ଜଂ. JB-12, ... ଜଂ. CT-42 ... (LHS)ର ନିର୍ମାଣ ...

ଟେଣ୍ଡର ମୂଲ୍ୟ(ଟଙ୍କାରେ): 2,14,33,436.10, EMD (ଟଙ୍କାରେ): 2,57,200/-

... ତା.27.01.2026 ... ତା.10.02.2026 ... 1100 ଘଣ୍ଟାରେ।

... www.ireps.gov.in ...

ବରିଷ୍ଠ ମଣ୍ଡଳ ଇଞ୍ଜିନିୟର(କେନ୍ଦ୍ର ସମନ୍ୱୟ)/ ଖୋର୍ଦ୍ଧା ରୋଡ଼

PR-1046/Q/25-26

See Career Appointment on every Wednesday & Saturday

**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**
At: Nandankanan, P.O.: Barang, Dist.: Khordha, Odisha, PIN-754005
Tel./FAX: +91 674-2466075, CELL: 09437022023
E-mail: deputydirector.kanan@gmail.com
NANDANKANAN Web: www.nandankanan.org

**ନୋଟିସ**

ସାଧାରଣତନ୍ତ୍ର ଦିବସ (୨୬।୦୧।୨୦୨୬) ଉପଲକ୍ଷେ ନନ୍ଦନକାନନ ଖୋଲାରହିବ

No. 8001/13/2526: ସାଧାରଣତନ୍ତ୍ର ଦିବସ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ତାରିଖ ୨୬।୦୧।୨୦୨୬ (ସୋମବାର) ଦିନ ଖୋଲା ରହିବ କିନ୍ତୁ ୨୭।୦୧।୨୦୨୬ (ମଙ୍ଗଳବାର) ଦିନ ବନ୍ଦ ରହିବ।

OIPR: 8001/8070/1/25-26/0003 ସ୍ୱା./- ଉପ ନିର୍ଦ୍ଦେଶକ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ

ଓଡ଼ିଶା ସରକାର

**ତହସିଲ କାର୍ଯ୍ୟାଳୟ, ଖଇରପୁଟ**

**ଘୋଷଣା**

File No. 2012/XVII-14/2025 Dated: 18.10.2025

No. 24001/3/2526: ... (RFCTLAR & R Act, 2013) ... (RFCTLAR & R Act, 2013) ... 40 ତା 13.02.2024 ...

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲା: ମାଲକାନଗିରି ତହସିଲ: ଖଇରପୁଟ

| ଗ୍ରାମର ନାମ | ଗ୍ରାମପଞ୍ଚାୟତ | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକର) | କିସମ | ଉତ୍ତର ସୀମା |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜନ୍ତରାଇ | ଗ୍ରାମଞ୍ଚର | ୧୦ | ୪୭ | ୧.୮୪ | ୦.୦୨୧ | ଜନ୍ତରାଇ ଗୁଡ଼ | ... |
| ମୋଟ | | | | ୧.୮୪ | ୦.୦୨୧ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲାପାଳ, ମାଲକାନଗିରି

OIPR-24001/24382/3/25-26/0003

ଓଡ଼ିଶା ସରକାର No.T-
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.26.01.2026 ରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-

**Government of Odisha**
**Office of the Superintending Engineer, Rural Works Division-II, Dhenkanal Kamakhyanagar**
No.O-2133
E-Mail : rw.kamakhyanagar@yahoo.co.in
e-procurement Notice No. 25 / Road Work / 2025-26

| | | |
|---|---|---|
| 1. Name of the Work | : | Road Work |
| 2. Total No. of Works | : | 05 (Two) Nos. |
| 3. Tender Cost | : | Rs.5.08 to 40.32 lakhs |
| 4. Class of Contractor | : | D, C & B equivalent |
| 5. Period of Completion | : | 1 calendar month |
| 6. Availability of Tender online for bidding | : | 28.01.2026 at 11.00 A.M. to 03.02.2026 up to 5.00 P.M. |
| 7. Last Date & Time of seeking tender clarification | : | 02.02.2026 upto 5.00 P.M. |
| 8. Date & Time of opening of Bid | : | 04.02.2026 at 11.00 A.M. |

Other details can be seen from the website http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar

OIPR-

**KHORDHA LAW COLLEGE**
ESTD:2016
Recog. By Govt. of Odisha, Affiliated to BCI & MLU
No-12/KLC/2026 Date-24/01/2026

Applications are invited from the eligible candidates having Ph.D./ Net Qualified, for appointment of fulltime **Associate Professor & Assistant Professor and Guest faculties** in English/Pol Science/ History/ Sociology/ Economic/Journalism & Mass Communication/ Psychology/Public Administration. Non-Teaching post-Junior Accountant (1) Qualification: B.com/M.com with min 1year tally experience. Junior Clerk(1), Qualification, Any Graduate with better computer skill and minimum 1 year experience in clerical work. Salary and other perk are negotiable.

Application of candidates should reach Principal, Khordha Law College within 15 days from the date of publication of advertisement notice.

Email Id: khordhalawcollege@gmail.com

Sd./- Principal
KLC, Khordha

GOVERNMENT OF ODISHA No.B-983
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
E-mail ID : eerbngpur@yahoo.com, Tel & Fax - 06858-222833 (O)

**e-Procurement Notice**
**Bid Identification No.S.E (R&B)-24/2025-26/NGP**
**No.194 Date : 15.01.2026**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | |
|---|---|---|
| 1. Name of the Work | : | Civil Work as mentioned in DTCN |
| 2. No. of Work | : | 05 Nos. |
| 3. Estimated Cost | : | Rs.7.50 Lakhs to Rs.46.88 Lakhs |
| 4. Period of Completion | : | 1 to 4 Calendar of Months |
| 5. Date & Time of Bidding | : | From 11.00 hours of 27.01.2026 upto 16.00 hours of 05.02.2026 |
| 6. Last Date & Time for receipt of Bids in the Portal | : | 16.00 hours of 05.02.2026 |
| 7. Bids received online shall be opened on | : | 11.00 hours of 06.02.2026 |
| 8. Name and Address of the Officer Inviting Bid | : | Superintending Engineer, Nabarangpur (R&B) Division, Nabarangpur |

Further details can be seen from the www.tendersodisha.gov.in.

Sd./- Superintending Engineer,
Nabarangpur (R&B) Division

OIPR-

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE,BHUBANESWAR**
Mail id : dseccbbsr@gmail.com

**E-procurement Tender Call Notice No.23 of 2025-26**
**No. 318 (Estg.) Bhubaneswar the 19th January-2026**

**No.34001/4/2526** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for Two number road works to be received in online bidding, double cover system for Improvement work as detailed in : **https://tendersodisha.gov.in**. The details of bid documents will be available in the above website from **5.00 P.M. of 30.01.2026 to 5.00 P.M of 13.02.2026**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 13.02.2026** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd/-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34001/34156/1/25-26/0004

**GOVERNMENT OF ODISHA** No.O-2080
**OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR**
**e-PROCUREMENT NOTICE NO. Tender Online 17 JJPT of 2025-26**

| | | |
|---|---|---|
| 1. Name of Work | : | Road Works |
| 2. Total No. of Work | : | 11 Nos. Road Works |
| 3. Estimated Cost (Approx.) | : | Rs.10.06 to 33.89 Lakhs |
| 4. Period of Completion | : | 30 Days |
| 5. Class of contractors | : | "D, C & B" Class |

**Other details as follows :**

| | | |
|---|---|---|
| a) Procurement officer | : | Superintending Engineer, Rural Works Division, Jajpur |
| b) Availability of tender online & submission of bid | : | 27.01.2026 at 10.00 A.M. to 06.02.2026 upto 5.00 P.M. |
| c) Last date & time of seeking of tender clarification | : | 05.02.2026 upto 5.00 P.M. |
| d) Opening of Technical Bid | : | 07.02.2026 at 11.30 A.M. |

Further details can be seen from the Govt. website : www.tendersodisha.gov.in
**Note :- If situation arises the transparent lottery will be held on 12.02.2026, at 11.30 A.M.**

Sd./- Superintending Engineer
Rural Works Division, Jajpur

OIPR-

**୬ ବୁଲେଟ୍ ଜବତ, ୧୬ ହଜାର ଜରିମାନା**

**ସୁନ୍ଦରଗଡ (ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଟାଉନଥାନା ପୋଲିସ ପକ୍ଷରୁ ଶନିବାର ସ୍ଥାନୀୟ ମେଡ଼ିକାଲ(ଅଟଳ ଛକ)ଓ ପାଲ ହୋଟେଲ ଛକରେ ଚେକିଂ ସମୟରେ ୬ଟି ବୁଲେଟ ଜବତ ହୋଇଛି। ଦ୍ରୁତ ଗାଡି ଚାଳନା ଓ ଶବ୍ଦ ପ୍ରଦୂଷଣ କରିବା ଯୋଗୁ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ୧୬ହଜାର ଟଙ୍କା ଜରିମାନା ଆଦାୟ କରିଛି।

## ମୋବାଇଲ ଦୋକାନରୁ ଚୋରି

**ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡ଼ାଲଗା ବସ୍‌ଷ୍ଟାଣ୍ଡଠାରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ହରେନ୍ଦ୍ର ନାଏକ ଥାନାରେ ଲିଖିତ ଜଣାଇବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଥାନା ଏଏସ୍‌ଆଇ ଅରୂପାନନ୍ଦ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଚୋରମାନେ ଶୁକ୍ରବାର ବିଳମ୍ବିତ ରାତିରେ ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ଭିତରେ ପଶିଥିଲେ। ଦୋକାନରେ ମରାମତି ପାଇଁ ଥିବା ୧୨ଟି ମୋବାଇଲ, ୫୦ଟି ପୁରୁଣା ମୋବାଇଲ ମଦର ବୋର୍ଡ, ମୋବାଇଲ ଡିସ୍‌ପ୍ଲେ, ଇୟର ଫୋନ୍ ସହିତ ବିଭିନ୍ନ ଯନ୍ତ୍ରାଂଶ, ମୋବାଇଲରେ ବ୍ୟବହୃତ ସାମଗ୍ରୀ ଚୋରିକରିନେଇଛନ୍ତି। ଶନିବାର ସକାଳେ ହରେନ୍ଦ୍ର ଦୋକାନକୁ ଆସି ଚୋରି ହୋଇଥିବା ଜାଣିଥିଲେ। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ମାଲିକଙ୍କଠାରୁ ଜଣାପଡ଼ିଛି।



କନ୍ୟା ଦିବସରେ ଉପସ୍ଥିତ ଛାତ୍ରୀମାନେ।

# ଜାତୀୟ କନ୍ୟା ଦିବସ ପାଳିତ

**କୁତ୍ରା,୨୪।୧(ଦେବାଶିଷ ସାହୁ)**

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କନ୍ୟାଶିଶୁଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାନ ସୁଯୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ କନ୍ୟାଶିଶୁମାନେ ଦେଶର ଭବିଷ୍ୟତ ଏବଂ ସମାଜର ମୂଳାଧାର ବୋଲି କହିଥିଲେ। ସେ କହିଥିଲେ, କନ୍ୟାଙ୍କୁ ଶିକ୍ଷା ଓ ସମାନ ଅବସର ଦିଆଗଲେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଢ଼ିଉଠିବ। ଏହି ଅବସରରେ ଉପସ୍ଥିତ ଶିକ୍ଷକ ଧୃତିସୁନ୍ଦର ସାହୁ, ସ୍ମୃତିସ୍ୱରୂପ ଦାସ, ଅବିନାଶ କର, ସୁଦାମ ମହାନନ୍ଦ, ଲିପିକା କାଲୋ, ରୀତା କଣ୍ଟା ପ୍ରମୁଖ ଉପସ୍ଥିତ ରହି କନ୍ୟାଶିଶୁଙ୍କ ସମ୍ମାନ, ସୁରକ୍ଷା ଓ ସାମାଜିକ ସ୍ୱୀକୃତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ କନ୍ୟାଶିଶୁଙ୍କ ଉନ୍ନତି ପାଇଁ ସଚେତନ ରହିବା ଓ ସମାଜରେ ସମାନତା ରକ୍ଷା କରିବାର ସଙ୍କଳ୍ପ ନେଇଥିଲେ।

## କପରଣ୍ଡା କ୍ୟାଥୋଲିକ୍ ଚର୍ଚ୍ଚର ୧୦୦ ବର୍ଷର ଗୌରବମୟ ଯାତ୍ରା

**ବନ୍ଧମୁଣ୍ଡା,୨୪।୧(ସୁବ୍ରତ ଦେ)**

ବିଶ୍ରା ବ୍ଲକ ଭାଲୁଲତା ପଞ୍ଚାୟତ କପରଣ୍ଡା ଗ୍ରାମସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ସ୍ଥାପନାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଶନିବାର ଏକ ଭବ୍ୟ ଶତାବ୍ଦୀ ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାନସଭା କ୍ଷେତ୍ରର ବିଧାୟକ ରୋହିତ ଜୋସେଫ୍ ତିର୍କୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗୋପାଲ ସିଂ, ସୋମନାଥ ରାହା, ବିଚା ମିଞ୍ଜ, ସୁନୀତା ମିଞ୍ଜ, ନିର୍ମଳା ମିଞ୍ଜ, ପତ୍ରାସ ମିଞ୍ଜ, ବିବେକ ଲାକ୍ରା ଓ କମଳା ଲାକ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମାରୋହରେ ଫାଦର ଜୋସେଫ ପୀୟୂଷ, ଫାଦର ଦୀପସନ ଡୁଙ୍ଗ୍‌ଡୁଙ୍ଗ, ଫାଦର ହରମନ ମିଞ୍ଜ, ଫାଦର ଫ୍ରାନ୍ସିସ୍ ପାରେରା, ଫାଦର ଭାଲେଣ୍ଟାଇନ ସୁରିନ, ଫାଦର ଅଜୟ କେରକେଟ୍ଟା, ଫାଦର କୋମଳ ବାରା ଓ ଡା. ଅନିଲ କେରକେଟା ବିଶେଷ ଅତିଥିଭାବେ ଉପସ୍ଥିତ ଥିଲେ। ଫାଦରମାନେ ତାଙ୍କ ସନ୍ଦେଶରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ପ୍ରେମ, ସେବା ଓ ବଳିଦାନର ପଥ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ସମାରୋହରେ ଶିଶୁ ଓ ଯୁବକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୀତ, ନୃତ୍ୟ ଓ ନାଟ୍ୟ ମାଧ୍ୟମରେ ପ୍ରଭୁ ଯିଶୁଙ୍କ ଜୀବନ ଓ ଶିକ୍ଷାକୁ ଜୀବନ୍ତ ଭାବେ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବନ୍ଧୁ ମିଳନ ଓ ସାମୂହିକ ଭୋଜନ ଆୟୋଜନ ହୋଇଥିଲା। ଏହି ଅବସରରେ ସିଷ୍ଟର ସୁନୀତା ସୋରେଙ୍ଗ, ସିଷ୍ଟର ଫ୍ଲୋରେଣ୍ଟିନା ଖେସ୍, ସିଷ୍ଟର ସୁପ୍ରିୟା କୁଲ୍ଲୁ, ସିଷ୍ଟର ବିମା ସୋୟ, ସିଷ୍ଟର ସୁଜାତା ଲୁଗୁନ, ସିଷ୍ଟର ଅଗଷ୍ଟିନା ଚମ୍ପିଆ, ପ୍ରଭାଲ୍ଲିକା ଓ ସୋନୀ କେରକେଟାଙ୍କ ସହ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏ ଉଦ୍ୟାନ ଉଦ୍‌ଘାଟିତ

**ରାଉରକେଲା,୨୪।୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ସେକ୍ଟର-୨୦ରେ ବୀର ସୁରେନ୍ଦ୍ର ସାଏ ଉଦ୍ୟାନକୁ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ବାର୍ଷିକୀରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଜୋଜୋ, ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି. କାନେକରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍ୟାନ ମଧ୍ୟରେ ସ୍ଥାପିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିକୁ ବର୍ମା ଅନାବରଣ କରିଥିଲେ। ଉକ୍ତ ପାର୍କ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଭାବେ କାର୍ଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହିତ ଏହି ନୂତନ ସୁବିଧା ସର୍ବସାଧାରଣଙ୍କୁ ଆରାମ, ଫିଟନେସ୍ ପାଇଁ ଏକ ଶାନ୍ତ ସବୁଜିମାମୟ ପରିବେଶ ପ୍ରଦାନ କରିବ ବୋଲି ବର୍ମା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ୬,୩୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ବିକଶିତ ଉକ୍ତ ପାର୍କରେ ୪,୯୦୦ ବର୍ଗ ମିଟର ପରିମିତ ଏକ ଘନ ସବୁଜ ଘାସ ଗାଲିଚା ସାଙ୍ଗକୁ ୨୯୦ ମିଟର ଲମ୍ବ ଫିଟନେସ୍ ପାଥ୍ ରହିଛି। ଏହି ପାର୍କକୁ ସୌନ୍ଦର୍ଯ୍ୟ, ଫିଟନେସ୍ ଏବଂ ସାମୁଦାୟିକ ଉପଯୋଗିତା ପାଇଁ ଡିଜାଇନ୍ କରାଯାଇଛି। ବୀର ସୁରେନ୍ଦ୍ର ସାଏ ଉଦ୍ୟାନର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ୧୮ ଫୁଟ୍ ପ୍ରଶସ୍ତ ଏବଂ ୧୨ ଫୁଟ୍ ଉଚ୍ଚତାର ଏକ ପ୍ରମୁଖ ପ୍ରତିମୂର୍ତ୍ତି, ପରିଦର୍ଶକଙ୍କ ଭ୍ରମଣ ସହିତ ପାର୍କିଂ ସୁବିଧା, ଦୁଇ ପାର୍ଶ୍ୱ ପ୍ରବେଶ ଫାଟକ ସହିତ ଏକ ମୁଖ୍ୟ ଫାଟକ, କ୍ରାଉନ୍ ଫାଉଣ୍ଟେନ୍ ପାଇଁ ବ୍ୟାପକ ଆଲୋକ ବ୍ୟବସ୍ଥା ରହିଛି। ପାର୍କ ଦୁଇଟି କ୍ରାଉନ୍ ଫାଉଣ୍ଟେନ, ଗ୍ରୀଲ୍ ଫେନ୍ସ ସହିତ ଏକ ପାଚେରି ଏବଂ ଏକ ଫିଟ୍‌ନେସ୍ ପାଥ୍ ସହିତ ସଜ୍ଜିତ ହୋଇଛି। ଏଥିରେ ଏକ ଆକ୍ୟୁପ୍ରେସର ପାଥ୍ ମଧ୍ୟ ରହିଛି। ଏହି ପାର୍କଟି ମୋଟ ୧.୧୮୬ କୋଟି ଟଙ୍କା ବ୍ୟୟରେ ବିକଶିତ ହୋଇଛି।



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଉଛି।

# ଡୁଙ୍ଗୁରିଡିହି ସ୍କୁଲରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ

**ହେମଗିର,୨୪।୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଡୁଙ୍ଗୁରିଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶନିବାର ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ମା'ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରିବା ପରେ ଛାତ୍ରୀଛାତ୍ରମାନେ ମାତା ପିତାଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ, ସମ୍ମାନୀତ ଅତିଥି ଜିଏମଡିସିର ଜିଏମ କ୍ୟାପଟେନ ରଣବିର ସିଂ, ଅବସର ପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, ପ୍ରକାଶ ବହିଦାର, ଅତିତ ପ୍ରଧାନ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ପଧାନ, ଗୋସାମୀ ଖମାରୀ, ମୀରା ଚୈଧୁରୀ, ଗୋବର୍ଦ୍ଧନ ଭୋଇ, ସୁବୋଧ ନାଏକ, ନରସିଂହ ଚୌହାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଇନଜୋର କିଶାନ, ପବିତ୍ର ପଶାଏତ, ଉସତ ପଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଅବିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସୁବାସ ଧୂଆ ଓ ଗୋବର୍ଦ୍ଧନ ସାହୁ ପୂଜା କାର୍ଯ୍ୟ ତୁଲାଇ ଥିଲେ।



ଛାତ୍ରୀଛାତ୍ରମାନେ ମା' ବାପାଙ୍କୁ ପୂଜା କରୁଛନ୍ତି।

## ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ

**ସୁନ୍ଦରଗଡ଼,୨୪।୧(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ସ୍ଥିତ ଶଙ୍କରା ରିଜର୍ଭ ପଡ଼ିଆରେ ହିନ୍ଦୁ ସମାଜ ଜିଲା ଶାଖା ପକ୍ଷରୁ ଶନିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପର୍ଶୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସ୍ୱାମୀ ତନିଷ୍ଠାନାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଓ ଆର୍‌ଏସ୍‌ଏସ୍‌ର ଅଖିଳ ଭାରତୀୟ ସହପ୍ରଚାର ପ୍ରମୁଖ ପ୍ରଦୀପ ଜୀ ଯୋଶୀ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ଭାରତର ଇତିହାସ ବିଷୟରେ ଅତିଥିମାନେ ନିଜର ଅଭିଭାଷଣ ରଖିଥିଲେ। ଅନେକ ଆକ୍ରମଣ ସତ୍ତ୍ୱେ ହିନ୍ଦୁତ୍ୱ ସୁରକ୍ଷିତ ଭାବେ ଆଗକୁ ଆଗକୁ ବଢ଼ିଚାଲିଛି। ସ୍ୱାଧୀନତାର ୭୫ ବର୍ଷ ପରେ ଆମେ ରାଷ୍ଟ୍ରକୁ ଉନ୍ନତିର ଚରମ ଶିଖରରେ ପହଞ୍ଚାଇବା ପାଇଁ ପ୍ରୟାସରତ। ଭାରତ ଧୀରେ ଧୀରେ ସବୁ କ୍ଷେତ୍ରରେ ବିଶ୍ୱ ସମ୍ମୁଖରେ ନିଜର ପ୍ରାଧାନ୍ୟତା ଜାହିର କରୁଛି ବୋଲି ଅତିଥିମାନେ କହିଥିଲେ। ଡ. ନାରାୟଣ ଚନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ଶଙ୍କରା ବସ୍ତିର ସବୁ ପଡ଼ାରୁ ମହିଳାମାନେ କଳସ ଯାତ୍ରା, ଯଜ୍ଞ ତଥା ବୌଦ୍ଧିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂଘ ସାହିତ୍ୟ, ପଞ୍ଚ ପରିବର୍ତ୍ତନର ବିଶେଷ ପ୍ରଦର୍ଶନୀ ଷ୍ଟଲ୍ ଲଗାଯାଇ ପୁସ୍ତକ ବିକ୍ରି କରାଯାଇଥିଲା।

## ଗୋରୁ ବୋଝେଇ ଭ୍ୟାନ୍ ଜବତ, ଜଣେ ଗିରଫ

**ବନ୍ଧମୁଣ୍ଡା,୨୪।୧(ସୁବ୍ରତ ଦେ):** ବନ୍ଧମୁଣ୍ଡା ପୋଲିସ ଶନିବାର ଗୋଚାଲାଣ ବେଳେ ଚଢ଼ାଉକରି ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଗାଁ ବ୍ଲକ ସୋରଡ଼ା ଗ୍ରାମର ୟାନୁସ୍ ଅନ୍ସାରୀ(୪୨)। ପୋଲିସ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଭ୍ୟାନ୍‌ରେ ୬ଟି ଗୁରୁ ଥିବା ଜଣାପଡ଼ିଛି। ଏହି ସମ୍ପର୍କରେ ବନ୍ଧମୁଣ୍ଡା ଥାନାରେ କେସ୍ ନଂ.୪୮/୨୬ ଅନୁସାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ପଶୁ ନିର୍ମମତା ନିବାରଣ ଆଇନ ୧୯୬୦ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଗୋ ଚୋରାଚାଲାଣ ଦୀର୍ଘଦିନ ଧରି ସଙ୍ଗଠିତ ଭାବେ ଚାଲିଆସୁଥିଲା ବୋଲି ପୋଲିସ ସୂଚନା ଦେଇଛି।


**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.NFR-KUR-LOCO-26

**Seq. No.AA/1 :** ଲଟ୍ ସଂ./ବର୍ଗ : ADVT-LOCO-KUR-ANGL-227-25-1 (Advertising-Loco Exterior), ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ୍ (03 ଗୋଟି) ଗୁଡ଼ିକର ବାହ୍ୟ ବ୍ରାଣ୍ଡିଙ୍ଗ୍।

**Seq. No.AA/2 :** ଲଟ୍ ସଂ./ବର୍ଗ : ADVT-LOCO-KUR-ANGL-226-25-2 (Advertising-Loco Exterior), ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ୍ (05 ଗୋଟି) ଗୁଡ଼ିକର ବାହ୍ୟ ପୃଷ୍ଠଭାଗରେ ବ୍ରାଣ୍ଡିଙ୍ଗ୍।

ଦର ୟୁନିଟ୍: ବାର୍ଷିକ ଲାଇସେନ୍ସିଂ ଶୁଳ୍କ (ଉଭୟ Seq. No ନିମନ୍ତେ), ଟ୍ରିପ୍/ଦିବସ : 1096 (ଉଭୟ Seq. No ନିମନ୍ତେ), ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.10.02.2026ରିଖ 1200 ଘଟିକା (ଉଭୟ Seq. No ନିମନ୍ତେ), ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.10.02.2026ରିଖ 1230 ଘଟିକା (Seq. No.AA/1 ପାଇଁ) ଏବଂ 1240 ଘଟିକା (Seq. No.AA/2 ପାଇଁ), ସର୍ବନିମ୍ନ ବୃଦ୍ଧି (%): 0.2 (ଉଭୟ Seq. No ନିମନ୍ତେ), ଲଟ୍ ସ୍ଥିତି : ଡ୍ରାଫ୍ଟ କାଟଲଗରେ ନୂଆ (ଉଭୟ Seq. No ନିମନ୍ତେ)।

ସମ୍ପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1048/Q/25-26

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-LHS-02-KUR-539, ତା.19.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ବିଭିନ୍ନ ଷ୍ଟେସନ/ସେକ୍ସନଗୁଡ଼ିକ ମଧ୍ୟରେ କି.ମି.140/29-31 ସ୍ଥିତ ଜବରଦଖଲ ସ୍ଥାନଗୁଡ଼ିକ ଠାରେ ଏବଂ ବର୍ତ୍ତମାନର କି.ମି.424/14-16 ସ୍ଥିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ସଂ. CT-29, କି.ମି.473/29-31 ସ୍ଥିତ ସଂ. CT-65, କି.ମି.438/14-16 ସ୍ଥିତ ସଂ. JB-12, କି.ମି.449/9-11 ସ୍ଥିତ ସଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ଏବଂ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 2,14,33,436.10, EMD (ଟଙ୍କାରେ) : 2,57,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.27.01.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-1046/Q/25-26

**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**

At: Nandankanan, P.O.: Barang, Dist.: Khordha, Odisha, PIN-754005

Tel./FAX: +91 674-2466075, CELL: 09437022023

E-mail: deputydirector.kanan@gmail.com

NANDANKANAN Web: www.nandankanan.org

**ନୋଟିସ**

**ସାଧାରଣତନ୍ତ୍ର ଦିବସ (୨୬।୦୧।୨୦୨୬) ଉପଲକ୍ଷେ ନନ୍ଦନକାନନ ଖୋଲାରହିବ**

No. 8001/13/2526: ସାଧାରଣତନ୍ତ୍ର ଦିବସ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ତାରିଖ ୨୬।୦୧।୨୦୨୬ (ସୋମବାର) ଦିନ ଖୋଲା ରହିବ କିନ୍ତୁ ୨୭।୦୧।୨୦୨୬ (ମଙ୍ଗଳବାର) ଦିନ ବନ୍ଦ ରହିବ।

OIPR: 8001/8070/1/25-26/0003

ସ୍ୱା./- ଉପ ନିର୍ଦ୍ଦେଶକ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ

**ଓଡ଼ିଶା ସରକାର**

**ତହସିଲ କାର୍ଯ୍ୟାଳୟ, ଖଇରପୁଟ**

**ଘୋଷଣା**

File No. 2012/XVII-14/2025 Dated: 18.10.2025

No. 24001/3/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା - ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଡଙ୍ଗରପାଲି, ଥାନା: ମୁଦୁଲିପଡ଼ା, ତହସିଲ: ଖଇରପୁଟ, ଜିଲ୍ଲା: ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 40 ତା 13.02.2024ରିଖରେ ପ୍ରକାଶିତ ହୋଇଅଛି। [illegible]

ତଫସିଲ – କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି ତହସିଲ: ଖଇରପୁଟ

| ଗ୍ରାମର ନାମ | ଗ୍ରାମପଞ୍ଚାୟତ | ଥାନା ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକର) | କିସମ | [illegible] |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | |
| ଡଙ୍ଗରପାଲି | [illegible] | ୧୦ | ୪୭ | [illegible] | ୧.୯୪୦ | ୦.୦୨୭୧ | [illegible] | [illegible] |
| ମୋଟ | | | | | ୧.୯୪୦ | ୦.୦୨୭୧ | | |

[illegible]

ରାଜ୍ୟପାଳଙ୍କ ଆଦେଶକ୍ରମେ

OIPR-24001/24382/3/25-26/0003

ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

**ଓଡ଼ିଶା ସରକାର** No.T-

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.26.01.2026 ରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-

**Government of Odisha**

**Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-2133

E-Mail : rw.kamakhyanagar@yahoo.co.in

**e-procurement Notice No. 25 / Road Work / 2025-26**

1. Name of the Work : Road Work
2. Total No. of Works : 05 (Two) Nos.
3. Tender Cost : Rs.5.08 to 40.32 lakhs
4. Class of Contractor : D, C & B equivalent
5. Period of Completion : 1 calendar month
6. Availability of Tender online for bidding : 28.01.2026 at 11.00 A.M. to 03.02.2026 up to 5.00 P.M.
7. Last Date & Time of seeking tender clarification : 02.02.2026 upto 5.00 P.M.
8. Date & Time of opening of Bid : 04.02.2026 at 11.00 A.M.

Other details can be seen from the website http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar

OIPR-

**KHORDHA LAW COLLEGE**

ESTD:2016

Recog. By Govt. of Odisha, Affiliated to BCI & MLU

No-12/KLC/2026 Date-24/01/2026

Applications are invited from the eligible candidates having Ph.D./ Net Qualified, for appointment of fulltime **Associate Professor & Assistant Professor and Guest faculties** in English/Pol Science/ History/ Sociology/ Economic/Journalism & Mass Communication/ Psychology/Public Administration. Non-Teaching post- Junior Accountant (1) Qualification: B.com/M.com with min 1year tally experience. Junior Clerk(1), Qualification, Any Graduate with better computer skill and minimum 1 year experience in clerical work. Salary and other perk are negotiable.

Application of candidates should reach Principal, Khordha Law College within 15 days from the date of publication of advertisement notice.

Email Id: khordhalawcollege@gmail.com

Sd./- Principal
KLC, Khordha

GOVERNMENT OF ODISHA No.B-983

**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**

E-mail ID : eerbngpur@yahoo.com, Tel & Fax - 06858-222833 (O)

**e-Procurement Notice**

**Bid Identification No.S.E (R&B)-24/2025-26/NGP**

**No.194 Date : 15.01.2026**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil Work as mentioned in DTCN
2. No. of Work : 05 Nos.
3. Estimated Cost : Rs.7.50 Lakhs to Rs.46.88 Lakhs
4. Period of Completion : 1 to 4 Calendar of Months
5. Date & Time of Bidding : From 11.00 hours of 27.01.2026 upto 16.00 hours of 05.02.2026
6. Last Date & Time for receipt of Bids in the Portal : 16.00 hours of 05.02.2026
7. Bids received online shall be opened on : 11.00 hours of 06.02.2026
8. Name and Address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer,
Nabarangpur (R&B) Division

OIPR-

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**

Mail id : dseccbbsr@gmail.com

**E-procurement Tender Call Notice No.23 of 2025-26**

No. 318 (Estg.) Bhubaneswar the 19th January-2026

**No.34001/4/2526** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for Two number road works to be received in online bidding, double cover system for Improvement work as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 30.01.2026 to 5.00 P.M of 13.02.2026**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 13.02.2026** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd/-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34001/34156/1/25-26/0004

**GOVERNMENT OF ODISHA** No.O-2080

**OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR**

**e-PROCUREMENT NOTICE NO. Tender Online 17 JJPT of 2025-26**

1. Name of Work : Road Works
2. Total No. of Work : 11 Nos. Road Works
3. Estimated Cost (Approx.) : Rs.10.06 to 33.89 Lakhs
4. Period of Completion : 30 Days
5. Class of contractors : "D, C & B" Class

Other details as follows :

a) Procurement officer : Superintending Enginner, Rural Works Division, Jajpur
b) Availability of tender online & submission of bid : 27.01.2026 at 10.00 A.M. to 06.02.2026 upto 5.00 P.M.
c) Last date & time of seeking of tender clarification : 05.02.2026 up to 5.00 P.M.
d) Opening of Technical Bid : 07.02.2026 at 11.30 A.M.

Further details can be seen from the Govt. website : www.tendersodisha.gov.in

**Note :- If situation arises the transparent lottery will be held on 12.02.2026, at 11.30 A.M.**

Sd./- Superintending Engineer
Rural Works Division, Jajpur

OIPR-

# ଶିକ୍ଷା ବିଭାଗରେ ଚାଲିଛି ଅନିୟମିତତା: ଭିଜିଲାନ୍ସ ତଦନ୍ତ ଦାବି

**■ଶିକ୍ଷା ବିଭାଗରେ ବଦଳି, ଡେପୁଟେଶନ, ନୂତନ ଯୋଗ ଦେଇଥିବା କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ**

**■ଜିଲା ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ସାମିଲ**

ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଚାଲିଥିବା ଅନିୟମିତତା ନେଇ ଭିଜିଲାନ୍ସ ତଦନ୍ତ ଦାବି ଉଠିଛି। ଜିଲା ଶିକ୍ଷା ବିଭାଗରେ ବଦଳି, ଡେପୁଟେଶନ, କିଛି ମାସ ପୂର୍ବରୁ ନୂତନ ଭାବେ ଚାକିରିରେ ଯୋଗ ଦେଇଥିବା କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ନୂତନ ଭାବେ ଚାକିରିରେ ଯୋଗ ଦେଇଥିବା କର୍ମଚାରୀଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନିଆଯାଇଥିବା ଚର୍ଚ୍ଚା ହେଉଛି। ଏଥିରେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀ ମଧ୍ୟ ସାମିଲ ଅଛନ୍ତି। ଆଦାୟ ଅର୍ଥରେ ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଭାଗ ରହୁଥିବା ଚର୍ଚ୍ଚା ହେଉଛି। ଦେବଗଡ଼ରେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ଯେ, ଶିକ୍ଷା ବିଭାଗ ଏକ ଶିକ୍ଷା ମନ୍ଦିର, କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏମିତି ଏକ ମନ୍ଦିରରେ ମଧ୍ୟ ଏପରି ଦୁର୍ନୀତି କାରବାର ହେଉଛି। ଉକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଆହୁରି ଅଭିଯୋଗ ହେଉଛି ଯେ, ଶିକ୍ଷା ବିଭାଗକୁ ଯେକୌଣସି କାମରେ ଗଲେ ବି ଆଗ ଟଙ୍କା ଦରକାର, ନ ହେଲେ କୌଣସି କାମ ହେଉ ନାହିଁ ବୋଲି କେତେଜଣ ଶିକ୍ଷକ ଅଭିଯୋଗ କରିଛନ୍ତି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଚାଲିଥିବା ଅନିୟମିତତା, ଅର୍ଥ କାରବାର ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ରହସ୍ୟର ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ପରମାଣପୁର ଆଦର୍ଶ ସ୍କୁଲ ନିକଟରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜମନକିରା ଥାନା ଟିଟୋବାହାଲ ଗ୍ରାମର ବିଦ୍ୟାଧର ପ୍ରଧାନ। ଏହି ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ସ୍ଥାନୀୟ ଲୋକେ ରାସ୍ତାରେ ମୃତଦେହ ରଖି, ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଯାନବାହନଗୁଡ଼ିକ ଦୀର୍ଘ ସମୟ ଧରି ଛିଡ଼ା ହୋଇରହିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଅଡ଼ି ବସିଥିଲେ। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକର ମାଲିକ ଶବ ସତ୍କାର ପାଇଁ ୩୫ ହଜାର ଟଙ୍କା ଦେବାପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭିମ୍ସାର ପଠାଇଛି। ମିଳିଥିବା ସୂଚନା ଅନୁସାରେ ଶନିବାର ଅପରାହ୍ନରେ ବିଦ୍ୟାଧର ତାଙ୍କ ପିଉସୀ ଘର ପରମାଣପୁରରୁ ବାଇକ୍ ନଂ.ଓଆର୍ ୧୫-ଏନ୍-୪୩୬୫ ରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ପରମାଣପୁର ଆଦର୍ଶ ବିଦ୍ୟାଳୟ ନିକଟରେ ଏକ ଟ୍ରକ୍ ନଂ.ଓଡି-୧୫-ଟି-୦୧୬୬ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌କୁ ସେଠାରେ ଛାଡ଼ି ଚାଳକ ଫେରାର ହୋଇଯାଇଥିଲେ। ରବିବାର ଶବ ସତ୍କାର କରାଯିବ ବୋଲି ପୋଲିସ କହିଛି।

## ଏନ୍‌ଏସ୍‌ଏସ୍ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)

ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ତରୀୟ ତିନିଦିନିଆ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଝାରସୁଗୁଡା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ସଫଳତାର ସହିତ ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବିବେକାନନ୍ଦ ଲୋକସଂସଦ, ଓଡିଶା ଶାଖାର ପ୍ରମୁଖ ସଦସ୍ୟ ଆଚାର୍ଯ୍ୟ ଜଗତକିଶୋର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ମାନବ ସେବାକୁ ଜୀବନର ପରମ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରି ଯୁବ ସ୍ୱେଚ୍ଛାସେବୀମାନଙ୍କୁ ସମାଜସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବ୍ରଜରାଜନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବିଶ୍ୱଜିତ ଖମାରି, ଲକ୍ଷ୍ମୀନାରାୟଣ କଲେଜର ପଦାର୍ଥବିଜ୍ଞାନ ବିଭାଗର ପ୍ରାଧ୍ୟାପକ ବ୍ରଜେଶ ସାହୁ, ଡ. ବୀରେନ୍ଦ୍ର କୁମାର ବେହେରା ଓ ପୂର୍ଣ୍ଣମାମୟୀ ଦାସ ଯୋଗଦେଇଥିଲେ। ଅନ୍ତିମ ଦିବସରେ ସୂଚନା ଅଧିକାର ସମ୍ପର୍କରେ ଅଧ୍ୟାପିକା ଡ. ସୁଚରିତା ଦାଶ ପ୍ରଶିକ୍ଷଣ ଦେଇଥିବାବେଳେ ମେହେବୁବ ମାହେତାବ ସାମାଜିକ ଗଣମାଧ୍ୟମର ବ୍ୟବହାର ଓ ଅପବ୍ୟବହାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏନ୍‌ଏସ୍‌ଏସ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ଼. ଲାଲଧାରୀ ସିଂହ ୩ଦିନ ବ୍ୟାପି ଚାଲିଥିବା ଶିବିରର ପ୍ରତ୍ୟହ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏନଏସଏସ ସମ୍ବଲପୁର ବ୍ୟୁରୋର ସଂଯୋଜକ ଡ. ବେହେରା ଶିବିର ସଫଳତା ଉପରେ ମନ୍ତବ୍ୟ ରଖିଥିଲେ। ଶେଷରେ ଶିବିର ଅବଧିରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ ଜିଲାର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ପୂର୍ଣ୍ଣମାମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏସ୍‌ଟି ଚଢ଼ାଉ: ଗୁଟ୍‌ଖା ପ୍ରସ୍ତୁତିରେ ବ୍ୟବହୃତ ସୁପାରି ଖଣ୍ଡ ଜବତ

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଳିତ ସପ୍ତାହରେ ଓଡ଼ିଶାରେ ତମାଖୁ ଉତ୍ପାଦ ଏବଂ ଗୁଟ୍‌ଖା ଉପରେ ବିଧିବଦ୍ଧ ନୋଟିସ ମାଧ୍ୟମରେ ନିଷେଧାଦେଶ ଜାରି କରାଯାଇଛି। ଏଭଳି ସମୟରେ ଶନିବାର ସମ୍ବଲପୁରରେ ଜିଏସ୍‌ଟି ବିଭାଗ ଚଢାଉ କରି ପ୍ରାୟ ୨ କୋଟି ଟଙ୍କାର ଗୁଟ୍‌ଖା ପ୍ରସ୍ତୁତିରେ ବ୍ୟବହୃତ ସୁପାରି (ଗୁଆ) ଖଣ୍ଡ ଜବତ କରିଛି। ବରେଇପାଲି ଥାନା ଅନ୍ତର୍ଗତ ଏକ ପେଟ୍ରୋଲ ଟାଙ୍କିରେ ଗୁଟ୍‌ଖା ତିଆରିରେ ବ୍ୟବହୃତ ସୁପାରୀ ଗୁଣ୍ଡ ଅପମିଶ୍ରଣ ସମୟରେ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗ ଚଢ଼ାଉ କରି ଟ୍ରକ (ନଂ.ଓଡି-୧୫-ଡବ୍ଲ୍ୟୁ-୧୯୯୪) ସହିତ ଏଥିରେ ବୋଝେଇ ହୋଇଥିବା ୩ଶହ ବସ୍ତା ସୁପାରି ଗୁଣ୍ଡକୁ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ଛତିଶଗଡ଼ର ରାୟପୁରରୁ ସମ୍ବଲପୁରକୁ ଚାଲାଣ ହେଉଥିବା ବିଲ୍‌ରେ ସୁପାରୀ ଗୁଣ୍ଡର ମୂଲ୍ୟ ମାତ୍ର ୪୭ ହଜାର ଉଲ୍ଲେଖ ରହିଛି। ଫଳରେ ବିଲ୍‌ରେ ବ୍ୟାପକ ପରିମାଣର ଜିଏସ୍‌ଟି ଠକେଇ ହୋଇଥିବା ଜଣାପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା, ବରେଇପାଲି ଅଞ୍ଚଳରେ ଏକ ପୁରୁଣା ପରିବହନ ସଂସ୍ଥା ପରିସରରେ ଜବତ ହୋଇଥିବା ସୁପାରୀ ଗୁଣ୍ଡ ବୋଝେଇ ଟ୍ରକ୍‌କୁ ଲୁକ୍କାୟିତ ଅବସ୍ଥାରେ ରଖାଯାଇଛି। ମାତ୍ର ଏ ସମ୍ପର୍କରେ ସିଟି ଜିଏସ୍‌ଟି ବିଭାଗ କୌଣସି ଅଧିକାରୀ କୌଣସି ସୂଚନା ଦେଉନାହାନ୍ତି। ଏପରି କି କୌଣସି ଅଧିକାରୀ ଫୋନକଲ ମଧ୍ୟ ରିସିଭ କରୁନାହାନ୍ତି।

## ରଘୁନାଥପାଲି ପିଏମ୍‌ଶ୍ରୀ ସ୍କୁଲରେ ଜାତୀୟ ବାଳିକା ଦିବସ




ରଘୁନାଥପାଲି ପିଏମ୍‌ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଳିକା ଦିବସ କାର୍ଯ୍ୟକ୍ରମରେ ଅତିଥି।

କୋଲାବିରା,୨୪।୧(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ରଘୁନାଥପାଲି ପିଏମ୍‌ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ଶନିବାର ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସିଏଚ୍‌ଓ ରଞ୍ଜୁଲତା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଲାଞ୍ଚଳ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତ୍ୟେକ କନ୍ୟା ଶିଶୁ ସନ୍ତାନକୁ ସମ୍ମାନ ଓ ସଶକ୍ତିକରଣ କରିବା, କନ୍ୟା ଶିଶୁଙ୍କ ଶିକ୍ଷା ଓ ସ୍ୱପ୍ନକୁ ସମ୍ମାନ ଦେବା, ସମସ୍ତଙ୍କ ପାଇଁ ସମାନତା ଓ ନ୍ୟାୟ ପ୍ରୋତ୍ସାହିତ କରିବା, କନ୍ୟା ଶିଶୁମାନଙ୍କ ପାଇଁ ସୁରକ୍ଷିତ ଓ ପ୍ରୋତ୍ସାହନ ମୂଳକ ପରିବେଶ ସୃଷ୍ଟି କରିବା ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଭୋଲାନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସହକାରୀ ଶିକ୍ଷୟିତ୍ରୀ ସମୀକ୍ଷା ସାହୁ, ପ୍ରକଶିନି ପଟେଲ, ପଦ୍ମିନୀ ଭୁଏ, ମିଲି ବେହେରା ଓ ଶିକ୍ଷକ ଭକ୍ତ ଚରଣ ମାକର ପ୍ରମୁଖ ସହଯୋଗ କରିଥିଲେ।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଲଖନପୁର,୨୪।୧(ଗୌତମ ସାହୁ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ କୁଡାଲୋଇ ଗ୍ରାମ ସ୍ଥିତ ଆଶ୍ରମ ବିଦ୍ୟାଳୟର ୭୯ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡା ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହେମକାନ୍ତ ମାଝୀ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବିରଞ୍ଚି ସାହୁ, ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ସୁରେନ୍ଦ୍ର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ବାରିକ, ଅନୁପମା ମେହେର, ଅରୁଣା ପଟେଲ,ବିଦ୍ୟାଧର ଗଡତିଆ, ଝରଣା ପଟେଲଙ୍କ ସହ ଗ୍ରାମର ବ୍ୟକ୍ତି, କମିଟି ସଭ୍ୟାସଭ୍ୟ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ତୁଳସୀ ମୁଣ୍ଡା, ପଦ୍ମଶ୍ରୀ କମଳା ପୂଝାରୀ ଏବଂ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାଲ୍ୟ ଜୀବନର ସଂଘର୍ଷର କାହାଣୀ ଉପସ୍ଥାପନ କରି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ପ୍ରଦାନ କରାଯାଇଥିଲା।

## ନବ ଦାସଙ୍କ ଶ୍ରାଦ୍ଧ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)



ସ୍ୱାସ୍ଥ୍ୟ ଶିବିରରେ ନାମ ପଞ୍ଜୀକୃତ କରାଯାଉଛି।

ନବ ଦାସ ଫାଉଣ୍ଡେଶନ ତରଫରୁ ଶନିବାର ପୂର୍ବାହ୍ନରେ ବିଶାଳ ସ୍ୱାସ୍ଥ୍ୟଶିବିର ବଡ଼ମାଳ ସ୍ଥିତ ଏକ ଘରୋଇ ହୋଟେଲ ପାଖ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦିପାଳୀ ଦାସ ଓ ପୁଅ ବିଶାଳ ଦାସଙ୍କ ଅଧ୍ୟକ୍ଷତାରେ ଏହି ସ୍ୱାସ୍ଥ୍ୟସେବା ଶିବିର ସଞ୍ଜିବନୀ ହସ୍ପିଟାଲର ସହଯୋଗରେ ଆୟୋଜନ କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରକୁ ନବଙ୍କ ପତ୍ନୀ ମିନତି ଉଦ୍‌ଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିର ସମ୍ପୂର୍ଣ୍ଣ ଭାବେ ମାଗଣା ରହିଥିବା ବେଳେ ଲୋକଙ୍କୁ ଠିକ ଭାବେ ଚିକିତ୍ସିତ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶାଳ ଓ ଦିପାଳୀ କହିଛନ୍ତି। ସେମାନେ ଆହୁରି କହିଥିଲେ, ସେମାନଙ୍କ ବାପାଙ୍କ ଇଚ୍ଛା ରହିଥିଲା ଜିଲାର ସମସ୍ତ ଜନସାଧାରଣ ତଥା ରାଜ୍ୟବାସୀଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା। ଅନୁଷ୍ଠିତ ସ୍ୱାସ୍ଥ୍ୟ ସେବା ଶିବିରରେ ଅସ୍ଥି ଓ ଶଲ୍ୟ, ହୃଦରୋଗ ବିଶେଷଜ୍ଞ, ଚକ୍ଷୁ ରୋଗ ବିଶେଷଜ୍ଞ, ମେଡିସିନ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତୀ ରୋଗ, ଶିଶୁ ରୋଗ ବିଶେଷଜ୍ଞ, ଦନ୍ତ ରୋଗ ବିଶେଷଜ୍ଞ ପ୍ରମୁଖ ଯୋଗ ଦେଇଥିଲେ। ମାଗଣାରେ ଇସିଜି ଓ ରକ୍ତ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ୪୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ହରିଶ ଗଣତ୍ରା, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ଦାମୋଦର ନାଥ, ବାସୁଦେବ ଭଇଂସା, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ତି, ଅଶୋକ ଦାସ,ପୱନ ସିଂହ ଯାଦବ, ପୱନ ଶର୍ମା, ଆଲୋକ ତ୍ରିପାଠୀ, ଚିତ୍ରେଣୀ ପଟେଲ, ନବନିତ କୋର, ଗୀତାଞ୍ଜଳି ପଣ୍ଡା, ମଧୁମିତା ଶୁଭନିଲ, ନେତ୍ରାରାନୀ ସାହା, ମମତା ଦୀପ, ବେବି ବର୍ମା, ଚିରଞ୍ଜିବୀ ପତି, ସୁବାସ କେଡିଆ, ଗଣନାଥ ତ୍ରିପାଠୀ, ଚୂଡ଼ାମଣି ବଢେଇ, ରାଜୀବ ପାଣିଗ୍ରାହୀ, ସମୀର ପ୍ରଧାନ, ପବିତ୍ର ପ୍ରଧାନ, ରାଜେନ୍ଦ୍ର ବାଗ, ଶିବାଶିଷ ପଟ୍ଟନାୟକଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ସହଯୋଗ କରିଛନ୍ତି।


**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.NFR-KUR-LOCO-26

**Seq. No.AA/1 :** ଲଟ୍ ସଂ./ବର୍ଗ : ADVT-LOCO-KUR-ANGL-227-25-1 (Advertising-Loco Exterior), ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲେକୋମୋଟିଭ୍ (03 ଗୋଟି) ଗୁଡ଼ିକର ବାହ୍ୟ ବ୍ରାଣ୍ଡିଙ୍ଗ୍।

**Seq. No.AA/2 :** ଲଟ୍ ସଂ./ବର୍ଗ : ADVT-LOCO-KUR-ANGL-226-25-2 (Advertising-Loco Exterior), ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲେକୋମୋଟିଭ୍ (05 ଗୋଟି) ଗୁଡ଼ିକର ବାହ୍ୟ ପୃଷ୍ଠଭାଗରେ ବ୍ରାଣ୍ଡିଙ୍ଗ୍।

ଦର ୟୁନିଟ୍: ବାର୍ଷିକ ଲାଇସେନ୍ସିଙ୍ଗ୍ ଶୁଳ୍କ (ଉଭୟ Seq. No ନିମନ୍ତେ), ଟ୍ରିପ୍/ଦିବସ : 1096 (ଉଭୟ Seq. No ନିମନ୍ତେ), ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.10.02.2026ରିଖ 1200 ଘଟିକା (ଉଭୟ Seq. No ନିମନ୍ତେ), ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.10.02.2026ରିଖ 1230 ଘଟିକା (Seq. No.AA/1 ପାଇଁ) ଏବଂ 1240 ଘଟିକା (Seq. No.AA/2 ପାଇଁ), ସର୍ବନିମ୍ନ ବୃଦ୍ଧି (%): 0.2 (ଉଭୟ Seq. No ନିମନ୍ତେ), ଲଟ୍ ସ୍ଥିତି : ଡ୍ରାଫ୍ଟ କାଟଲଗ୍‌ରେ ନୂଆ (ଉଭୟ Seq. No ନିମନ୍ତେ)।

ସମ୍ପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1048/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-LHS-02-KUR-539, ତା.19.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ବିଭିନ୍ନ ଷ୍ଟେସନ/ସେକ୍ସନଗୁଡ଼ିକ ମଧ୍ୟରେ କି.ମି.140/29-31 ସ୍ଥିତ ଜବରଦଖଲ ସ୍ଥାନଗୁଡ଼ିକ ଠାରେ ଏବଂ ବର୍ତ୍ତମାନର କି.ମି.424/14-16 ସ୍ଥିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ସଂ. CT-29, କି.ମି.473/29-31 ସ୍ଥିତ ସଂ. CT-65, କି.ମି.438/14-16 ସ୍ଥିତ ସଂ. JB-12, କି.ମି.449/9-11 ସ୍ଥିତ ସଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ଏବଂ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 2,14,33,436.10, EMD (ଟଙ୍କାରେ) : 2,57,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.27.01.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-1046/Q/25-26

See Career Appointment on every Wednesday & Saturday

**OFFICE OF THE DEPUTY DIRECTOR, NANDANKANAN ZOOLOGICAL PARK**

At: Nandankanan, P.O.: Barang, Dist.: Khordha, Odisha, PIN-754005
Tel./FAX: +91 674-2466075, CELL: 09437022023
E-mail: deputydirector.kanan@gmail.com

NANDANKANAN
Web: www.nandankanan.org

**ନୋଟିସ**

**ସାଧାରଣତନ୍ତ୍ର ଦିବସ (୨୬।୦୧।୨୦୨୬) ଉପଲକ୍ଷେ ନନ୍ଦନକାନନ ଖୋଲାରହିବ**

No. 8001/13/2526: ସାଧାରଣତନ୍ତ୍ର ଦିବସ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ତାରିଖ ୨୬।୦୧।୨୦୨୬ (ସୋମବାର) ଦିନ ଖୋଲା ରହିବ କିନ୍ତୁ ୨୭।୦୧।୨୦୨୬ (ମଙ୍ଗଳବାର) ଦିନ ବନ୍ଦ ରହିବ।

OIPR: 8001/8070/1/25-26/0003 — ସ୍ୱା./- ଉପ ନିର୍ଦ୍ଦେଶକ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ

**ଓଡ଼ିଶା ସରକାର**

**ତହସିଲ କାର୍ଯ୍ୟାଳୟ, ଖଇରପୁଟ**

**ଘୋଷଣା**

File No. 2012/XVII-14/2025 — Dated: 18.10.2025

No. 24001/3/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା – ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଡଙ୍ଗରପାଲି, ଥାନା: ମୁଦୁଲିପଡ଼ା, ତହସିଲ: ଖଇରପୁଟ, ଜିଲ୍ଲା: ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 40 ତା 13.02.2024ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଡଙ୍ଗରପାଲି, ଥାନା: ମୁଦୁଲିପଡ଼ା, ଜିଲ୍ଲା: ମାଲକାନଗିରି ନିମନ୍ତେ, ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି — ତହସିଲ: ଖଇରପୁଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡଙ୍ଗରପାଲି | ଗ୍ରାମାଞ୍ଚଳ | ୧୦ | ୪୭ | ୧.୮୫୮ | ୦.୦୨୯୧ | ଡଙ୍ଗର ଦୁଇ | ସୁନାଧର ଗୌଡ଼, ପିତା: ସନ୍ଧ୍ୟା ଗୌଡ଼, ବା: ଆଉଁଲିପୁଟ ପଡ଼ା ରାଉଁଲିଗୁଡ଼ା |
| ମୋଟ | | | | ୧.୮୫୮ | ୦.୦୨୯୧ | | |

ଅଧିସୂଚନାର ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ଦିନଠାରୁ ଛଅମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-24001/24382/3/25-26/0003

**ଓଡ଼ିଶା ସରକାର** — No.T-

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.26.01.2026 ରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-

**Government of Odisha**
**Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-2133
E-Mail : rw.kamakhyanagar@yahoo.co.in

e-procurement Notice No. 25 / Road Work / 2025-26

1. Name of the Work : Road Work
2. Total No. of Works : 05 (Two) Nos.
3. Tender Cost : Rs.5.08 to 40.32 lakhs
4. Class of Contractor : D, C & B equivalent
5. Period of Completion : 1 calendar month
6. Availability of Tender online for bidding : 28.01.2026 at 11.00 A.M. to 03.02.2026 up to 5.00 P.M.
7. Last Date & Time of seeking tender clarification : 02.02.2026 upto 5.00 P.M.
8. Date & Time of opening of Bid : 04.02.2026 at 11.00 A.M.

Other details can be seen from the website http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar

OIPR-

**KHORDHA LAW COLLEGE**
ESTD:2016
Recog. By Govt. of Odisha, Affiliated to BCI & MLU

No-12/KLC/2026 — Date-24/01/2026

Applications are invited from the eligible candidates having Ph.D./ Net Qualified, for appointment of fulltime **Associate Professor & Assistant Professor and Guest faculties** in English/Pol Science/ History/ Sociology/ Economic/Journalism & Mass Communication/ Psychology/Public Administration. Non-Teaching post- Junior Accountant (1) Qualification: B.com/M.com with min 1year tally experience. Junior Clerk(1), Qualification, Any Graduate with better computer skill and minimum 1 year experience in clerical work. Salary and other perk are negotiable.

Application of candidates should reach Principal, Khordha Law College within 15 days from the date of publication of advertisement notice.

Email Id: khordhalawcollege@gmail.com

Sd./- Principal
KLC, Khordha

GOVERNMENT OF ODISHA — No.B-983
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
E-mail ID : eerbngpur@yahoo.com, Tel & Fax - 06858-222833 (O)

e-Procurement Notice
Bid Identification No.S.E (R&B)-24/2025-26/NGP
No.194 Date : 15.01.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil Work as mentioned in DTCN
2. No. of Work : 05 Nos.
3. Estimated Cost : Rs.7.50 Lakhs to Rs.46.88 Lakhs
4. Period of Completion : 1 to 4 Calendar of Months
5. Date & Time of Bidding : From 11.00 hours of 27.01.2026 upto 16.00 hours of 05.02.2026
6. Last Date & Time for receipt of Bids in the Portal : 16.00 hours of 05.02.2026
7. Bids received online shall be opened on : 11.00 hours of 06.02.2026
8. Name and Address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer,
Nabarangpur (R&B) Division

OIPR-

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE,BHUBANESWAR**
Mail id : dseccbbsr@gmail.com

E-procurement Tender Call Notice No.23 of 2025-26
No. 318 (Estg.) Bhubaneswar the 19th January-2026

No.34001/4/2526 : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for Two number road works to be received in online bidding, double cover system for Improvement work as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 30.01.2026 to 5.00 P.M of 13.02.2026**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 13.02.2026** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd/-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34001/34156/1/25-26/0004

**GOVERNMENT OF ODISHA** — No.O-2080
**OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR**

e-PROCUREMENT NOTICE NO. Tender Online 17 JJPT of 2025-26

1. Name of Work : Road Works
2. Total No. of Work : 11 Nos. Road Works
3. Estimated Cost (Approx.) : Rs.10.06 to 33.89 Lakhs
4. Period of Completion : 30 Days
5. Class of contractors : "D, C & B" Class

Other details as follows :
a) Procurement officer : Superintending Engingeer, Rural Works Division, Jajpur
b) Availability of tender online & submission of bid : 27.01.2026 at 10.00 A.M. to 06.02.2026 upto 5.00 P.M.
c) Last date & time of seeking of tender clarification : 05.02.2026 up to 5.00 P.M.
d) Opening of Technical Bid : 07.02.2026 at 11.30 A.M.

Further details can be seen from the Govt. website : www.tendersodisha.gov.in

**Note :- If situation arises the transparent lottery will be held on 12.02.2026, at 11.30 A.M.**

Sd./- Superintending Engineer
Rural Works Division, Jajpur

OIPR-

## ଅଷ୍ଟ୍ରେଲିଆନ ଓପନ ଟେନିସ

# ଚତୁର୍ଥ ରାଉଣ୍ଡରେ ସିନର

ମେଲ୍‌ବୋର୍ନ, ୨୪ା୧(ଏପି)

ଦୁଇଥର ଚାମ୍ପିୟନ ଜାନିକ ସିନର ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସେ ବିଶ୍ୱର ୮୫ ର୍‍ୟାଙ୍କିଂପ୍ରାପ୍ତ ଏଲିଅଟ ସ୍ପିଜିରିଙ୍କୁ ୪-୬, ୬-୩, ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଇଟାଲୀର ଲୁସିଆନୋ ଦାର୍ଦ୍ଦେରୀଙ୍କୁ ଭେଟିବେ, ଯିଏକି ବିଶ୍ୱର ୧୫ ନମ୍ବର ଖେଳାଳି କାରେଦ କାରେନ୍ ଖାଚାନୋଭ୍‌ଙ୍କୁ ୭-୬(୫), ୩-୬, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଇଟାଲୀର ୩ ଖେଳାଳି ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇଛନ୍ତି। ଜହନ୍ କେନ୍ ଆରେନାଠାରେ ବିଶ୍ୱର ୫ ନମ୍ବର ଲୋରେଞ୍ଜୋ ମୁସେଟି ୫-୭, ୬-୪, ୬-୨, ୫-୭, ୬-୨ ସେଟ୍‌ରେ ଟୋମାସ ମ୍ୟାଚାକ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଟୁର୍ନାମେଣ୍ଟର ୭ମ ଦିବସ ସକାଳେ ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଗତଥରର ଚାମ୍ପିୟନ ୯ମ ସିଡ୍ ଆମେରିକାର ମାଡିସନ କିଜ୍ ଓ ଜେସିକା ପେଗୁଲା ସେମାନଙ୍କ ମ୍ୟାଚ୍‌ରେ ବିଜୟଲାଭ କରିଛନ୍ତି। ରଡ୍ ଲାଭର ଆରେନାଠାରେ କିଜ୍ ଓପ୍‌ନିଂ ମ୍ୟାଚ୍‌ରେ କାରୋଲିନା ପ୍ଲିସ୍‌କୋଭାଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଥିବା ବେଳେ ମାର୍ଗାରେଟ୍ କୋର୍ଟ ଆରେନାଠାରେ ପେଗୁଲା ୬-୩, ୬-୨ ସେଟ୍‌ରେ ସେଲେଖମେଟେଭାଙ୍କୁ ହରାଇ ଦେଇଛନ୍ତି। ଖେଳ ବିଶେଷଜ୍ଞଙ୍କ ମତରେ ଚତୁର୍ଥ ରାଉଣ୍ଡରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିପାରନ୍ତି। ଶନିବାର ଏକ ଅଲ୍ ଆମେରିକାନ୍ ମୁକାବିଲା ମଧ୍ୟ ଦେଖିବାକୁ ମିଳିଥିଲା। ଚତୁର୍ଥ ସିଡ୍ ଆମାଣ୍ଡା ଆନିସିମୋଭା ୬-୧, ୬-୪ରେ ପେଟନ ଷ୍ଟିର୍ଅର୍ନସଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇଛନ୍ତି।



ଶନିବାର ତୃତୀୟ ରାଉଣ୍ଡ ମ୍ୟାଚ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଜାନିକ ସିନର।

### ଜୋକୋଭିଚ୍‌ଙ୍କ କୀର୍ତ୍ତିମାନ

ଅଷ୍ଟ୍ରେଲିଆ ଓପନ୍ ଟେନିସ୍‌ରେ ସର୍ବୀୟ ଷ୍ଟାର ଖେଳାଳି ନୋଭାକ୍ ଜୋକୋଭିଚ୍ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଶନିବାର ବୋଟିକ୍ ଭାନ୍ ଡି' ଜାଣ୍ଡସ୍କଲ୍‌ପଙ୍କୁ ୬-୩, ୬-୪, ୭-୬(୪)ରେ ପରାସ୍ତ କରିବା ପରେ ପ୍ରଥମ ଖେଳାଳି ଭାବେ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍‌ରେ ୨୪ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କ ବିଜୟ ପରାଜୟ ରେକର୍ଡ ବର୍ତ୍ତମାନ ୧୦୨-୧୦ରେ ପହଞ୍ଚିଛି। ଏହାଦ୍ୱାରା ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସବୁଠାରୁ ଅଧିକ ମ୍ୟାଚ୍ ଜିତିବାରେ ସେ ରୋଜର ଫେଡେରର୍‌ଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।

### ତୃତୀୟ ରାଉଣ୍ଡ ପୂର୍ବରୁ ଓହରିଲେ ଓସାକା

ନାଓମି ଓସାକା ଅଷ୍ଟ୍ରେଲିଆନ୍ ଓପନ୍ ତୃତୀୟ ରାଉଣ୍ଡ ପୂର୍ବରୁ ଓହରି ଯାଇଛନ୍ତି। ସେ ଶନିବାର ଅଷ୍ଟ୍ରେଲୀୟ କ୍ୱାଲିଫାୟର ମାଡିସନ ଇଂଲିଶଙ୍କୁ ଭେଟିଥାନ୍ତେ। ପେଟରେ ସମସ୍ୟା ଦେଖାଦେବାରୁ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ୪ଥର ଗ୍ରାଣ୍ଡସ୍ଲାମ ବିଜେତା ଏହି ୨୮ ବର୍ଷୀୟା କହିଛନ୍ତି, ଦୀର୍ଘକାଳୀନ ଚିକିତ୍ସା ପାଇଁ ନିଷ୍ପତ୍ତି ନେବା ପୂର୍ବରୁ ତାଙ୍କର ଅଧିକ ଡାକ୍ତରୀ ପରୀକ୍ଷାର ଆବଶ୍ୟକତା ରହିଛି।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

## ତୃତୀୟ ଟି୨୦ ଆଜି

ଗୁଆହାଟୀ, ୨୪ା୧(ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ୍ ରବିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ୨ ମ୍ୟାଚ୍‌ରେ ବିଜୟୀ ହୋଇସାରିଥିବା ଭାରତ ଆସନ୍ତା ମ୍ୟାଚ୍ ଜିତି ୫ ମ୍ୟାଚବିଶିଷ୍ଟ ସିରିଜ୍‌କୁ ଆଗୁଆ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଗତ ମ୍ୟାଚ୍‌ରେ ଈଶାନ କିଶନ ଚମତ୍କାର ବ୍ୟାଟିଂକରି ୩୨ ବଲ୍‌ରୁ ୭୬ ରନ୍ ସଂଗ୍ରହ କରି ମ୍ୟାଚ୍ ବିଜେତା ହୋଇଥିଲେ। ଅନ୍ୟପକ୍ଷରେ ଗତ ୨ ମ୍ୟାଚ୍‌ରେ ଯଥାକ୍ରମେ ୧୦ ଓ ୬ ରନ କରିଥିବା ସଞ୍ଜୁ ସାମ୍‌ସନଙ୍କ ସଂଘର୍ଷ ଅବ୍ୟାହତ ରହିଛି। ତେଣୁ ଅଭିଷେକ ଶର୍ମାଙ୍କ ସହ କିଏ ଇନିଂସ ଓପନ୍ କରିବେ ତାହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। କାରଣ ଟି୨୦ ବିଶ୍ୱକପକୁ ଆଉ ମାତ୍ର ୨ ସପ୍ତାହ ବାକି ରହିଛି। ଏହା ମଧ୍ୟରେ ଭାରତ ଆଉ ୩ଟି ମ୍ୟାଚ୍ ଖେଳିବାକୁ ଅଛି। ଭାରତୀୟ ଟିମ୍ କମ୍ବିନେଶନ ପାଖାପାଖି ବ୍ୟବସ୍ଥିତ ହୋଇଥିବାବେଳେ ଏବେ ଓପ୍‌ନର ସ୍ଲଟ୍ ଉପରେ ନଜର ରହିଛି।

ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ସାମ୍‌ସନଙ୍କୁ ଓପ୍‌ନରଭାବେ ମନୋନୀତ କରାଯାଇଛି। ଗତବର୍ଷ ୫ ମ୍ୟାଚ୍‌ରୁ ସେ ୩ ଶତକ ହାସଲ କରିଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ତେବେ ସେ ଏପର୍ଯ୍ୟନ୍ତ ସୁଯୋଗର ସଦୁପଯୋଗ କରିପାରିନାହାନ୍ତି। ତେଣୁ ଆଗାମୀ ମ୍ୟାଚ୍‌ରେ ଯଦିଓ ଇନିଂସ୍ ଓପନ୍ କରନ୍ତି ତେବେ କର ଅବା ମର ସ୍ଥିତିର ସମ୍ମୁଖୀନ ହେବେ। ଦ୍ରୁତ ବୋଲରଙ୍କ ବିପକ୍ଷରେ ଖେଳିବାରେ ସେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ସେ ୫ଥର ଦ୍ରୁତ ବୋଲରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। କେବଳ ଜୋଫ୍ରା ଆର୍ଚର ତାଙ୍କୁ ୩ ଥର ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟ ପଛରେ ମଧ୍ୟ ତାଙ୍କ ପ୍ରଦର୍ଶନରେ ସ୍ଥିରତା ରହୁନାହିଁ। ଗତ ମ୍ୟାଚ୍‌ରେ ଅର୍ଶଦୀପ ସିଂଙ୍କ ଏକ ୱାଇଡ୍ ୟର୍କର ବଲ୍‌କୁ ସେ ଠିକ୍‌ଭାବେ କଲେକ୍ଟ କରିପାରି ନ ଥିଲେ। ଅନ୍ୟପକ୍ଷରେ ସମାଲୋଚନାର ଶରବ୍ୟ ହୋଇଆସିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗତ ମ୍ୟାଚ୍‌ରେ ୩୭ ବଲ୍‌ରୁ ୮୨ ରନ୍ ସ୍କୋରକରି ସମାଲୋଚକଙ୍କ ମୁହଁ ବନ୍ଦ କରିଛନ୍ତି। ଏହା ପୂର୍ବ ୨୩ଟି ଟି୨୦ ଇନିଂସ୍‌ରେ ସେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଗତ ମ୍ୟାଚରେ ୧୦ ବଲ୍‌ରୁ ୧୦ ରନ୍ କରିଥିବା ସୂର୍ଯ୍ୟକୁମାର ଗିୟର ପରିବର୍ତ୍ତନ କରି ପରବର୍ତ୍ତୀ ୨୭ ବଲ୍‌ରୁ ୭୨ ରନ୍ ସଂଗ୍ରହ କରିବାରୁ ଭାରତ ୨୦୯ ରନ୍‌ର ଟାର୍ଗେଟକୁ ୧୫.୨ ଓଭରରେ ଚେଜ୍ କରିପାରିଥିଲା। ତେବେ ଭାରତ ଏକଦା ୬ ରନ୍‌ରେ ୨ ଉଇକେଟ ହରାଇଥିବାବେଳେ ଈଶାନ କିଶନ ଇନିଂସ୍ ସମ୍ଭାଳି ୨୧ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିଶ୍ରାମ ପାଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରି ବୋଲିଂ ବିଭାଗର ନେତୃତ୍ୱ ନେଇପାରନ୍ତି।

ନ୍ୟୁଜିଲାଣ୍ଡ ପାଇଁ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହଜ ହେବନାହିଁ। ମିଚେଲ ସାଣ୍ଟନରଙ୍କ ଦଳ ରଣକୌଶଳ ପରିବର୍ତ୍ତନ କରି ଫର୍ମରେ ଥିବା ଡାରିଲ ମିଚେଲଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇପାରେ। ଖରାପ ଫିଲ୍ଡିଂ ମଧ୍ୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଆଗାମୀ ମ୍ୟାଚ୍‌ରେ ଏଥିରେ ସୁଧାର ଆଣିବାକୁ ନିଶ୍ଚିତ ଚାହିଁବ ବ୍ଲାକ୍ କ୍ୟାପ୍ ଦଳ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ସେମିରେ ରାମେଶ୍ୱର, ବାରିପଦା ଡିଆର୍‌କେ

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ଭଣ୍ଡାରିପୋଖରୀ, ୨୪ା୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଅଦ୍ୱୈତ ନାୟକ ମେମୋରିଆଲ ୧୯ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟଲାଭ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଓ ବାରିପଦା ଡିଆର୍‌କେ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ଭଦ୍ରକ ୟୁନିକ୍ ୧୧ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ୍ ହରାଇ ୧୯୦ ରନ୍ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ସ୍ୱାନ୍ସ କୁମାର ୬୫ ରନ୍, ସ୍ୱୟଂ ପଣ୍ଡା ୫୬ ଓ ଏମ୍‌ଜି ଗୋପାଇ ୫୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଗୌରବ ସିଂ ଓ ଆଲୋକ ବାରିକ ପ୍ରତ୍ୟେକ ୨ ଉଇକେଟ୍ ହାସଲ କରିଥିଲେ। ଜବାବରେ ଭଦ୍ରକ ୟୁନିକ୍ ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ବିଶ୍ୱ ମୁଦୁଲି ୪୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ବାବୁସାନ ମାଝୀ ୪ ଉଇକେଟ୍ ଓ ବିଶ୍ୱଜିତ ୩ ଉଇକେଟ୍ ହାସଲ କରିଥିଲେ। ସାରଂସ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଦ୍ୱିତୀୟାର୍ଦ୍ଧରେ ଗଜପତି ଆଜାଦ କ୍ରିକେଟ କ୍ଲବ୍ ଏକାଦଶ ଓ ବାରିପଦା ଡିଆର୍‌କେ କ୍ରିକେଟ କ୍ଲବ୍ ଏକାଦଶ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗଜପତି ୧୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୯ ରନ୍ କରିଥିଲା। ଦଳର ବ୍ୟାଟ୍ସମ୍ୟାନ୍ ହିମାଂଶୁ ସାହୁ ୨୮ ରନ୍ ଓ ଆଲୋକ ପ୍ରଧାନ ୧୬ ରନ୍ କରିଥିଲେ। ବିପକ୍ଷ ବୋଲର ପ୍ରୀତିପାଲ ସିଂ ଓ ଲୋକନାଥ ପ୍ରତ୍ୟେକ ୩ ଉଇକେଟ ଓ ମନୁ ରାମ ୨ ଉଇକେଟ ହାସଲ କରିଥିଲେ। ଜବାବରେ ବାରିପଦା ୧୬.୪ ଓଭରରେ ୬ ଉଇକେଟ୍ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ବିଶ୍ୱଜିତ ଜେନା ୩୩ ରନ୍ କରିଥିଲେ। ବିପକ୍ଷ ଦଳ ବୋଲର ବିକାଶ ପରିଡ଼ା ଓ ତାପସ ଲେଙ୍କା ୨ ଉଇକେଟ୍ ଲେଖାଏ ହାସଲ କରିଥିଲେ। ପ୍ରୀତିପାଲ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ରଞ୍ଜନ ମହାନ୍ତି ଓ ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ରାକେଶ ରଞ୍ଜନ ବୋଇତାଇ, ଜୟନ୍ତ ନାୟକ ଓ ପାର୍ଥ ମାଝୀ ସ୍କୋରର ଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ପ୍ରୀତିପାଲ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ସେମିରେ ସୁନ୍ଦରଗଡ଼ ନବଜୀବନ କ୍ଲବ

## ସର୍ବଭାରତୀୟ ଲାଲମନି କ୍ରିକେଟ

ସୋନପୁର, ୨୪ା୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଲାଲମନି ସ୍ମାରକୀ କ୍ରିକେଟର ଷଷ୍ଠ ଦିବସରେ ଶନିବାର ସୁନ୍ଦରଗଡ଼ ନବଜୀବନ କ୍ଲବ ଓ ଝାଡଖଣ୍ଡ ରାଇଜିଙ୍ଗ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୨୬ ରନ କରିଥିଲେ। ଦଳ ପକ୍ଷରୁ ସୌରଭ ଚନ୍ଦା ୪୧ ବଲରେ ୬୬ ରନ, ବିଭାସ ସା ୩୦ ବଲରେ ୬୧ରନ, ଆଦିତ୍ୟ ଆନନ୍ଦ ୨୭ ବଲରେ ୫୨ରନ, ୱାଲଟର ଟପୋ ୧୭ ବଲରେ ୨୪ରନ କରିଥିଲେ। ଝାଡଖଣ୍ଡ ପକ୍ଷରୁ ଆକାଶ ସାହୁ ସର୍ବାଧିକ ୨ ଉଇକେଟ ହାସଲ କରିଥିଲେ। ଅନୁପ ଯାଦବ, ସାହିଲ ଶର୍ମା, କ୍ରିଷ୍ଣା ମାହାତୋ ଓ ରଞ୍ଜିତ ଅଗ୍ରୱାଲ ପ୍ରତ୍ୟେକ ୧ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଝାଡଖଣ୍ଡ ଦଳ ୧୮. ୫ ଓଭରରେ ୧୭୨ ରନ କରି ଅଲ ଆଉଟ ହୋଇଥିଲେ। ଦଳ ପକ୍ଷରୁ ରଣଜିତ ୪୩ ବଲରେ ୮୮ ରନ, ଅରୁଣ ଯାଦବ ୧୯ ବଲରେ ୨୭ ରନ ଓ ଅଜୟ ଭାସ୍କେ ୨୩ ବଲରେ ୨୪ ରନ କରିଥିଲେ। ସୁନ୍ଦରଗଡ ଦଳ ପକ୍ଷରୁ ମହମ୍ମଦ ଡେନିସ ସର୍ବାଧିକ ୫ ଉଇକେଟ, ଅଙ୍କିତ ସିଂ ଓ ଗୌତମ ସୁନା ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ । ମ୍ୟାଚକୁ ଆଇଡିବିଆଇ ବ୍ୟାଙ୍କ ମ୍ୟାନେଜର ଆଶୁତୋଷ ନାୟକ, ବାବୁଲାଲ ମେହେର ଓ ନିର୍ମଳ ନେଗୀ ଉଦ୍‌ଘାଟନ କରିଥିଲେ।

ଟି ୧୦ ମ୍ୟାଚରେ ସୁନ୍ଦରଗଡ଼ ଦଳ ୮ ଓଭରରେ ୯ ଉଇକେଟ ହରାଇ ୭୧ ରନ କରିଥିଲା। ଅମୋଦ ଯାଦବ ୧୦ ବଲରେ ୧୬ ରନ, ଆଦିତ୍ୟ ଆନନ୍ଦ ୬ବଲରେ ୧୨ ରନ କରିଥିଲେ। ଝାଡଖଣ୍ଡ ଦଳ ପକ୍ଷରୁ ଅରୁଣ ଯାଦବ ସର୍ବାଧିକ ୪ ଓ ରଣଜିତ ଅଗ୍ରୱାଲ ୩ ଉଇକେଟ ହାସଲ କରିଥିଲେ । ଜବାବରେ ଝାଡଖଣ୍ଡ ଦଳ ୮ ଓଭରରେ ୪ ଉଇକେଟ ହରାଇ ୭୨ ରନ କରି ମ୍ୟାଚ ବିଜୟୀ ହୋଇଥିଲେ । ରଣଜିତ ୧୭ ବଲରେ ଅପରାଜିତ ୩୩ ରନ, ବିଜୟ ରୋହିତ ୧୧ ବଲରେ ୧୫ ରନ, କ୍ରିଷ୍ଣା ମାହୋତା ୮ ବଲ ରେ ୧୧ ରନ କରିଥିଲେ। ସୁନ୍ଦରଗଡ଼ ପକ୍ଷରୁ ଦେବାଶିଷ ବାଗ ୨ ଉଇକେଟ ହାସଲ କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବା ପରେ ସୁପର ଓଭର ଖେଳାଯାଇଥିଲା। ଏଥିରେ ଝାଡଖଣ୍ଡ ଦଳ ମାତ୍ର ୩ ରନ କରିଥିଲେ। ଏହି ଲକ୍ଷ୍ୟକୁ ସହଜରେ ପୁରା କରି ସୁନ୍ଦରଗଡ ଦଳ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି । ସନ୍ତୋଷ ମେହେର ଓ ପୂର୍ବତନ କ୍ରିକେଟ ଖେଳାଳି କମଳେଶ ଶର୍ମା ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଝାଡଖଣ୍ଡର ଖେଳାଳି ରଣଜିତ ଅଗ୍ରୱାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚକୁ ପୃଥ୍ୱିରାଜ ମିଶ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ । ବିଏସ ରାଓ, ଅଚ୍ୟୁତ ମିଶ୍ର, ପାର୍ଥ ସାରଥୀ ଦାଶ, ପ୍ରକାଶ ପାତ୍ର ଓ ବିନୋଦ ମହାକୁଡ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।



ଝାଡ଼ଖଣ୍ଡର ରଣଜିତ ଅଗ୍ରୱାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଭାରତୀୟ ମହିଳା ଟେଷ୍ଟ ଦଳ ଘୋଷିତ

ନୂଆଦିଲ୍ଲୀ, ୨୪ା୧ (ପି.ଟି.)

ପର୍ଥଠାରେ ମାର୍ଚ୍ଚ ୬ରୁ ୯ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତର ବିଶ୍ୱକପ୍ ବିଜୟୀ ଷ୍ଟାର ଖେଳାଳି ପ୍ରତୀକା ରାୱଲଙ୍କ ସମେତ ବାମହାତି ସ୍ପିନର ବୈଷ୍ଣବୀ ଶର୍ମା ଓ ସିମର କ୍ରାନ୍ତି ଗୌଡ଼୍‌ଙ୍କୁ ପ୍ରଥମ ଥର ଟେଷ୍ଟ ଦଳରେ ସ୍ଥାନ ମିଳିଛି।

**ଭାରତ ମହିଳା ଟେଷ୍ଟ ଦଳ**

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଅମନଜୋତ କୌର, ରିଚା ଘୋଷ (ଉଇକେଟକିପର), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦିପ୍ତୀ ଶର୍ମା, ରେଣୁକା ଠାକୁର, ସ୍ନେହ ରାଣା, କ୍ରାନ୍ତି ଗୌଡ଼, ବୈଷ୍ଣବୀ ଶର୍ମା ଓ ସାୟଲି ସାତ୍‌ଘରେ।

# ଓଡ଼ିଶା ସମ୍ମୁଖରେ ୪୫୫ ବିଜୟ ଲକ୍ଷ୍ୟ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୨୪ା୧(ତପନ ସ୍ୱାଇଁ)

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ସମ୍ମୁଖରେ ତାମିଲନାଡୁ ୪୫୫ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି। ଶନିବାର ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୪୭ ରନ୍ କରିଛି। ସ୍ୱସ୍ତିକ୍ ସାମଲ ୧୦ ଓ ଶାନ୍ତନୁ ମିଶ୍ର ଖାତା ଖୋଲି ନ ପାରି ଆଉଟ୍ ହୋଇଛନ୍ତି। ଅର୍ଥାତ୍ ହାତରେ ୮ ଉଇକେଟ ଥିବାବେଳେ ଓଡ଼ିଶା ରବିବାର ଅନ୍ତିମ ଦିବସରେ ଆହୁରି ୪୦୮ ରନ୍ ଆବଶ୍ୟକ କରୁଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ତାମିଲନାଡୁ ୨୮୬ ଏବଂ ଓଡ଼ିଶା ୧୪୮ ରନ୍ କରିଥିବାବେଳେ ତାମିଲନାଡୁ ଦ୍ୱିତୀୟ ଇନିଂସ୍‌ରେ ୩୧୬ ରନ୍ ସଂଗ୍ରହ କରିଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬/୧ରୁ ତାମିଲନାଡୁ ଖେଳିବା ଆରମ୍ଭ କରିଥିଲା। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଏହି ଦଳ ଓପ୍‌ନର ଏସ୍.ଆର. ଅତୀଶଙ୍କ ୮୮ ଏବଂ ଲୋୟର ଅର୍ଡରରେ ଆର. ସୋନୁ ଯାଦବଙ୍କ ୭୪ ରନ୍ ବଳରେ ଭଲ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଜି. ଅଜିତେଶ ୪୯ ଏବଂ ଅଧିନାୟକ ଆର. ସାଇ କିଶୋର ୪୦ ରନ୍‌ର ଉପଯୋଗୀ ଅବଦାନ ଦେଇଥିଲେ। ସୋନୁ ଓ ସାଇ ୮ମ ଉଇକେଟରେ ୧୦୨ ରନ୍‌ର ଭାଗୀଦାରି ଗଢ଼ିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବାଦଲ ବିଶ୍ୱାଳ ୩ଟି, ସମ୍ବିତ୍ ବରାଳ ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର ଓ ଶାନ୍ତନୁ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅତିକମ୍‌ରେ ମ୍ୟାଚ୍ ଡ୍ର ରଖିବାକୁ ହେଲେ ଓଡ଼ିଶା ବ୍ୟାଟରଙ୍କୁ ସତର୍କତାର ସହ ଅନ୍ତିମ ଦିବସସାରା ବ୍ୟାଟିଂ କରିବାକୁ ପଡ଼ିବ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୪୮। ତାମିଲନାଡୁ ଦ୍ୱିତୀୟ ଇନିଂସ: ୩୧୬ (ଏସ.ଆର. ଅତୀଶ-୮୮, ଆର. ସୋନୁ ଯାଦବ-୭୪, ଜି. ଅଜିତେଶ-୪୯, ଆର.ସାଇ କିଶୋର-୪୦, ବାଦଲ ବିଶ୍ୱାଳ-୩/୫୬, ସମ୍ବିତ୍ ବରାଳ-୨/୬୧, ବିପ୍ଳବ ସାମନ୍ତରାୟ-୨/୨୨, ଦେବବ୍ରତ ପ୍ରଧାନ-୧/୨୪, ଗୋବିନ୍ଦ ପୋଦ୍ଦାର-୧/୬୩, ଶାନ୍ତନୁ ମିଶ୍ର-୧/୩୪)। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୭/୨।

## ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍

# ଅଭିଜିତ୍ ଗୁପ୍ତା ଚାମ୍ପିୟନ



ଚାମ୍ପିୟନ ଅଭିଜିତ ଗୁପ୍ତାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୪ା୧(ତପନ ସ୍ୱାଇଁ)

ସର୍ବଭାରତୀୟ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ୧୦ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଚାମ୍ପିୟନ ହୋଇଛନ୍ତି। ଭିଏତ୍‌ନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ ଡକ୍ ହୁଆ ଓ ଏନ୍‌ଗୁଏନ ଭାନ୍ ହୁଏ ଯଥାକ୍ରମେ ରନରଅପ୍ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରୁଷିଆ ଗ୍ରାଣ୍ଡମାଷ୍ଟର ବୋରିସ୍ ସେଭଚେଙ୍କୋ ଓ ଅନ୍ତର୍ଜାତୀୟ ମାଷ୍ଟର ଡେଭିଡ ଗୋଟେଲାସଭିଲି ଟପ୍-୫ ଫିନିଶ୍ କରିଛନ୍ତି। ଏ ସମସ୍ତ ଖେଳାଳି ୮ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୭ ପଏଣ୍ଟ ପାଇ ସର୍ବାଧିକ ୧୬ଶ ସ୍ଥାନରେ ରହିଛନ୍ତି।

### 'ସି' ବର୍ଗରେ ଓଡ଼ିଶାର ସୂରଜ ରନରଅପ୍

୧୬୦୦ ରେଟିଂକୁ କମ୍ 'ସି' ବର୍ଗରେ ଝାଡ଼ଖଣ୍ଡର ବୈଭବ ସାହା ଚାମ୍ପିୟନ ଏବଂ ଓଡ଼ିଶାର ସୂରଜ କୁମାର ମହାରଣା ରନରଅପ୍ ହୋଇଛନ୍ତି। ୯ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ବୈଭବ ୭ ଓ ସୂରଜ ୭.୫ ପଏଣ୍ଟ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ଦେବୀ ପ୍ରସାଦ ବିଶ୍ୱାଳ ୭.୫ ପଏଣ୍ଟ ପାଇଥିଲେ ମଧ୍ୟ ୯ମ ସ୍ଥାନରେ ରହିଛନ୍ତି।

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ପ୍ରତିଷ୍ଠିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ, ମଦର୍ସ ପବ୍ଲିକ୍ ସ୍କୁଲ ଚେୟାରମ୍ୟାନ୍ ପଲ୍ଲୀ ପଟ୍ଟନାୟକ, ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶା ସମ୍ପାଦକ ଅଭିଷେକ ମିତ୍ର, ରୋଟାରି କ୍ଲବ ଭୁବନେଶ୍ୱର ନୀଳାଦ୍ରିର ସଭାପତି ସୁଜିତ୍ କୁମାର ରାଉତ, ରାକେଶ ଦଳାଇ, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଅନ୍ତର୍ଜାତୀୟ ଆର୍ବିଟର କେପକୁମାର ଏମ୍.ଏସ୍., ମୁଖ୍ୟ ଆର୍ବିଟର ପଲ୍ ଆରୋକିଆରାଜ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସମ୍ପାଦକ କରୁଣାକର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ